ହେବାକୁ ଏକା ପାଉନୁଦ କାହିଁକ ଓଡ଼ିଶାର ସମସ୍ତ ଜିଲାମାନର କଷ୍ଟ ହୋଇ ଅଛି । ବର୍ତ୍ତମାନ କମିଶନର ସାହେବ ପ୍ରଜାଙ୍କର ଯେମନ୍ତ ବନ୍ଧୁ ସେ ପ୍ରକୃତ ଦୁଃଖର କଥା ଅବଗତ ହେଲେ ଅବଶ୍ୟ ପ୍ରତୀକାର କରିବାକୁ ଯତ୍ନବାନ୍ ହେବେ ।

---

ମଣିପୁର ଯୁଦ୍ଧ ବା ବିଦ୍ରୋହ ଘଟିବାପୂର୍ବେ ଭାରତଗବର୍ଣ୍ଣମେଣ୍ଟ ଉକ୍ତ ରାଜ୍ୟସମ୍ବନ୍ଧରେ ଯେଉଁ ବ୍ୟବସ୍ଥା କରିଥିଲେ ବ୍ରିଟିସ ଅର୍ଥାତ୍ ବିଲାତଗବର୍ଣ୍ଣମେଣ୍ଟ ତାହା ଅନୁମୋଦନ କରୁଅଛନ୍ତି ବୋଲି ବିଲାତର ସେକ୍ରେଟରୀ ଭାରତଗବର୍ଣ୍ଣମେଣ୍ଟଙ୍କୁ ଜଣାଇଅଛନ୍ତି । ବିଲାତସେକ୍ରେଟରୀଙ୍କର ଏହି ପତ୍ର ସର୍ବସାଧାରଣଙ୍କ ଗୋଚରାର୍ଥେ ପ୍ରଚାରିତ ହୋଇଅଛି । ତହିଁର ସାରମର୍ମ ଏହି ଯେ ଆସାମର ପ୍ରଧାନ କମିଶନର କୁଇଣ୍ଟନ ସାହେବଙ୍କ ପରାମର୍ଶମତେ ଶୂରଚନ୍ଦ୍ରଙ୍କର ମଣିପୁର ରାଜ୍ୟ ପାଇବାର ପ୍ରାର୍ଥନା ଅଗ୍ରାହ୍ୟ କରିବା, ରାଜା କୁଳଚନ୍ଦ୍ରଙ୍କୁ ମଣିପୁରର ରାଜା ବୋଲି ସ୍ୱୀକାର କରିବା ଏବଂ ଟିକେନ୍ଦ୍ରଜିତଙ୍କୁ ମଣିପୁରରୁ ବାହାର କରିଦେବା ଇତ୍ୟାଦି ବ୍ୟବସ୍ଥା ଯାହା ଇଣ୍ଡିଆଗବର୍ଣ୍ଣମେଣ୍ଟ କରିଅଛନ୍ତି ସେ ସମସ୍ତ ଉତ୍ତମ ହୋଇଅଛି ଏବଂ ଲର୍ଡ଼ ଲାନସ ଡାଉନ ଏପରି ବ୍ୟବସ୍ଥା କରିବାଦ୍ୱାରା ଇଣ୍ଡିଆଗବର୍ଣ୍ଣମେଣ୍ଟର ସ୍ୱତ୍ୱାଧିକାର ସମ୍ମାନ ସହିତ ରକ୍ଷା କରିଅଛନ୍ତି ଏବଂ ଦେଶୀୟରାଜାମାନେ ଆଶ୍ୱସ୍ତ ହୋଇଅଛନ୍ତି । ଏହି ବ୍ୟବସ୍ଥା କାର୍ଯ୍ୟରେ ପରିଣତ କରିବାର ଭାର ପ୍ରଧାନ କମିଶନରଙ୍କୁ ଅର୍ପଣ କରିବା ମଧ୍ୟ ଅନ୍ୟାୟ ହୋଇ ନାହିଁ । ପ୍ରଧାନ କମିଶନର କୁଇଣ୍ଟନ ସାହେବ ସେନାପତି ଟିକେନ୍ଦ୍ରଜିତଙ୍କୁ ଦରବାରରେ ଗିରଫଦାର କରିବାର ଇଚ୍ଛା କରିଥିଲେହେଁ ସେକଥା ଗବର୍ଣ୍ଣରଜେନେରଲଙ୍କୁ ଜଣା ନ ଥିଲା ଏବଂ ଏ କାର୍ଯ୍ୟଦ୍ୱାରା କୌଣସି ପ୍ରକାର ବିଶ୍ୱାସଘାତକତା ହେବ କୁଇଣ୍ଟନ ସାହେବ ଏପରି ମନେ କରି ନ ଥିଲେ ବୋଲି ଯାହା ଇଣ୍ଡିଆଗବର୍ଣ୍ଣମେଣ୍ଟ ଲେଖିଅଛନ୍ତି ବିଲାତସେକ୍ରେଟରୀ ତହିଁରେ ଏକମତ ହୋଇଅଛନ୍ତି । ଯାହା ହେଉ ଦରବାରମାନ ଉତ୍ସବ ଉପଲକ୍ଷରେ କରିବାର ବିଧି ଥିବା ପ୍ରତ୍ୟକ୍ଷେ ସେପ୍ରକାର ଦରବାରରେ ଅମନ୍ତ୍ରଣମତେ ଉପସ୍ଥିତ ହୋଇଥିବା କୌଣସି ବ୍ୟକ୍ତିଙ୍କ ଗିରପ୍ତାର କରିବା ଭଲ ନୁହଇ । ଅତଃପର ଦରବାରକୁ ଆସିଥିବା କୌଣସି ବ୍ୟକ୍ତି ସେଠାରେ ଗିରପ୍ତାର ହୋଇପାରିବ ନାହିଁ ବୋଲି ସେକ୍ରେଟରୀଙ୍କ ଏପରି ଆଦେଶରେ ଭାରତବାସିଙ୍କ ମନ ଦମ୍ ହେବ ସନ୍ଦେହ ନାହିଁ ।

---

## ସ୍ମରଣାର୍ଥ ସଭା ।

ଗତମାସ ତା ୨୭ ରିଖ ଗୁରୁବାର ସାୟଂକାଳରେ କଲିକତା ଟାଉନହଲ ଗୃହରେ ସ୍ୱର୍ଗୀୟ ରାଜା ରାଜେନ୍ଦ୍ରଲାଲ ମିତ୍ର ଏବଂ ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ସ୍ମରଣାର୍ଥ ଏକ ବୃହତ ସଭା ହୋଇଥିଲା । ମାନ୍ୟବର ବଙ୍ଗୀୟ ଲେପ୍ଟନାଣ୍ଟ ସର ଇଲୟୁଟ ବାହାଦୁର ସଭାପତିର ଆସନ ଗ୍ରହଣ କରିଥିଲେ । ସେ ସଭାର କାର୍ଯ୍ୟ ଆରମ୍ଭକରି ଯେଉଁ ବକ୍ତୃତା ପ୍ରଦାନ କଲେ ତହିଁରୁ ଜଣାଗଲା ଯେ ସ୍ୱର୍ଗୀୟ ମହାତ୍ମାମାନଙ୍କ ଗୁଣରେ ସେ ମୋହିତ ହୋଇ ସେମାନଙ୍କ ନାମ ଚିରସ୍ମରଣୀୟ କରିବା ପ୍ରତି ବିଶେଷ ଶ୍ରଦ୍ଧାଳୁ ହୋଇଥିଲେ । ଯେଉଁମାନଙ୍କ ମୃତ୍ୟୁରେ ଦେଶର ଶାସନକର୍ତ୍ତା ପର୍ଯ୍ୟନ୍ତ ଦୁଃଖିତ ସେମାନଙ୍କର ଜନ୍ମ ସାର୍ଥକ ଏବଂ ଯେଉଁ ବିଦେଶୀୟ ଶାସନକର୍ତ୍ତା ଏହିପ୍ରକାର ଗୁଣଗ୍ରାହୀ ସେ ମଧ୍ୟ ଧନ୍ୟ ଅଟନ୍ତି । ସେ କହିଲେ କି ବିଦେଶୀୟମାନେ ଅନେକେ ମନେ କରନ୍ତି କି ଭାରତବର୍ଷ ପ୍ରକୃତ ପାଣ୍ଡିତ୍ୟବିକାଶର ଭୂମି ନୁହଇ ମାତ୍ର ରାଜା ରାଜେନ୍ଦ୍ରଲାଲ ମିତ୍ର ସେମାନଙ୍କର ଭ୍ରମ ଭାଙ୍ଗିଦେଇଅଛନ୍ତି କାରଣ ତାହାଙ୍କ ଯୋଗ୍ୟତା ଇଉରୋପୀୟମାନଙ୍କୁ ସୁଦ୍ଧା ଆଶ୍ଚର୍ଯ୍ୟାନ୍ୱିତ କରିଅଛି । ତାହାଙ୍କ ସ୍ୱଦେଶୀୟମାନେ ତାହାଙ୍କ ଯୋଗ୍ୟତା ଲାଭକରିବା ଚେଷ୍ଟା କଲେ ତାହାଙ୍କର ଯଥୋଚିତ ସମ୍ମାନ ହେବ । ବୟୋବୃଦ୍ଧମାନଙ୍କୁ ଏକଥା କହିବା ଶୋଭନୀୟ ହୋଇ ନ ପାରେ କିନ୍ତୁ ଯୁବାମାନେ ଚେଷ୍ଟିତ ନ ହେବାର କିଛି କାରଣ ନାହିଁ । ରାଜେନ୍ଦ୍ରଲାଲଙ୍କର ବିଦ୍ୟାରେ ଯେପରି ଖ୍ୟାତି ହୋଇଥିଲା ବିଦ୍ୟାସାଗର ସମାଜସଂସ୍କାରକ ବୋଲି ତହିଁ ଅଧିକ ସୁଖ୍ୟାତି ଅର୍ଜିଥିଲେ । ସଂସ୍କାରକର ଜୀବନ ବଡ଼ ଅସୁଖରେ ଯାଏ ଓ ତହିଁର ଫଳ ବହୁକାଳରେ ଫଳଇ ମାତ୍ର ବିଦ୍ୟାସାଗରଙ୍କର ମାନସିକ ବଳ ଓ ଚରିତ୍ର ଏପରି ଦୃଢ଼ ଥିଲା ଯେ ସେ ଆପଣାବାଞ୍ଛିତ ସଂସ୍କାରକାର୍ଯ୍ୟରେ ପରିଣତ କରିବାକୁ ସମର୍ଥ ହୋଇଥିଲେ । ତହିଁରେ ଯେସବୁ ବାଧା ବିଘ୍ନ ଓ କଷ୍ଟ ଘଟିଥିଲା ସେସବୁରେ ଭ୍ରୂକ୍ଷେପ କରି ନାହାନ୍ତି । ସଭାପତିଙ୍କ ବକ୍ତୃତା ଉତ୍ତାରୁ ସର୍,ରୋମର ପିଥାରାମ, ମହାରାଜା ଯୋତୀନ୍ଦ୍ରମୋହନଠାକୁର, ମହାରାଜା ନରେନ୍ଦ୍ରକୃଷ୍ଣ ବାବୁ, ସୁରେନ୍ଦ୍ରନାଥ ବାନୁର୍ଜ୍ୟା, ରାଜା ପ୍ୟାରୀମୋହନମୁଖୁର୍ଯ୍ୟା, ବାବୁ ପ୍ରତାପଚନ୍ଦ୍ର ମଜୁମଦାର, ଡାକ୍ତର ମହେନ୍ଦ୍ରନାଥ ସରକାର ପ୍ରଭୃତି ବକ୍ତୃତା କରି ସଭାର ପ୍ରସ୍ତାବମାନ ଉପସ୍ଥିତ ଓ ସମର୍ଥନ କରି ଥିଲେ । ତହିଁରେ ମୃତ ମହାତ୍ମାମାନଙ୍କ ସ୍ମରଣଚିହ୍ନ ସ୍ଥାପନ ଉଦ୍ଦେଶରେ ସାଧାରଣଦେବାଦ୍ୱାରା ଅର୍ଥସଂଗ୍ରହ କରି ସଭାର ଅଭିପ୍ରାୟ ସିଦ୍ଧ କରିବା କାରଣ ଯୋଡିଏ କମିଟୀ ଗଠିତ ହେବାର ଧାର୍ଯ୍ୟ ହେଲା । ଅର୍ଥର ପରିମାଣ ଦେଖି କମିଟୀ ତହିଁର ବ୍ୟବସ୍ଥା କରିବେ ।

---

## ଦାତବ୍ୟ ଚିକିତ୍ସାଳୟ ।

ବଙ୍ଗପ୍ରଦେଶର ଦାତବ୍ୟ ଚିକିତ୍ସାଳୟମାନଙ୍କର ସନ ୧୮୯୦ ସାଲର କାର୍ଯ୍ୟବିବରଣୀରୁ ପ୍ରକାଶ ଯେ ତହିଁ ପୂର୍ବ ବର୍ଷଠାରୁ ଉକ୍ତ ବର୍ଷର କାର୍ଯ୍ୟ ବୃଦ୍ଧି ହୋଇ ଥିଲା । ଅର୍ଥାତ୍ ସନ ୧୮୮୯ ସାଲରେ ଭିତରରୋଗୀ ୨୮୯୮୧ ଓ ବାହାରରୋଗୀ ୧୧,୭୯,୮୪୩ ରୁ ସନ ୧୮୯୦ ସାଲରେ ଭିତରରୋଗୀ ୨୯୬୬୦ ଓ ବାହାରରୋଗୀ ୧୨,୩୯,୮୬୦ ହୋଇ ଥିଲେ । ଓଡ଼ିଶାରେ ପୁରୀରେ ୭୪ ଜଣ ବୃଦ୍ଧି ଓ କଟକରେ ୧୯୨ ଊଣା ହୋଇ ଥିଲା । ଅନ୍ୟାନ୍ୟ ପ୍ରଦେଶ ସଙ୍ଗେ ତୁଳନା କରି ଦେଖାଯାଏ ଯେ ଉତ୍ତରପଶ୍ଚିମ ଓ ଆସାମଠାରୁ ବଙ୍ଗଳାର ଲୋକ ଅତି ଅଳ୍ପ ପରିମାଣରେ ଦାତବ୍ୟଚିକିତ୍ସାଳୟକୁ ଉପସ୍ଥିତ ହେବାକାରଣ ଅସନ୍ତି । ପ୍ରଥମଲିଖିତ ଦୁଇ ପ୍ରଦେଶରେ ପ୍ରତି ହଜାରରେ ଜ ୫୭ ଣ ଓ ଜ ୪୭ ଣ ଚିକିତ୍ସାଳୟକୁ ଆସୁଥିବା ପ୍ରତ୍ୟକ୍ଷେ ବଙ୍ଗଳାରୁ ଜ ୧୮ ଣରୁ ଅଧିକ ଆସନ୍ତି ନାହିଁ । ମାନ୍ୟବର ଲେପ୍ଟନାଣ୍ଟଙ୍କ ବିବେଚନାରେ ବଙ୍ଗଳାରେ ବେସରକାରୀ ଡାକ୍ତରଙ୍କ ସଂଖ୍ୟା ଅଧିକ ଥିବା ଏବଂ କେବଳ କଣ୍ଟାକଟି ଚିକିତ୍ସା ଛଡ଼ା ଅନ୍ୟାନ୍ୟ ଚିକିତ୍ସାରେ ବୈଦ୍ୟ ଏବଂ ହକିମଙ୍କୁ ଲୋକେ ଅଧିକ ଲୋଡ଼ିବାରୁ ଏପରି ହୋଇ ଅଛି । ମାତ୍ର କଣ୍ଟାକଟି ଚିକିତ୍ସାର ଭଲ ବନ୍ଦୋବସ୍ତ ହେବା ପର୍ଯ୍ୟନ୍ତ ନିଶ୍ଚୟ ମତ ଦିଆ ଯାଇ ନ ପାରେ । ବାସ୍ତବରେ ଏହି ବିଜ୍ଞାପନୀରୁ ପ୍ରକାଶ ଯେ ଗୟା ଓ ରାମପୁର ବୋଆଲିୟାର ସିଭିଲସର୍ଜନମାନେ ଅଧିକ ମନୋଯୋଗ-

Split by PDF Splitter

Digitized by srujanika@gmail.com

Split by PDF Splitter



ସୂଚକ କାର୍ଯ୍ୟ କରବାରୁ ଉକ୍ତ ଦୁଇ ସ୍ଥାନରେ ଅନେକ ରୋଗୀ ଚିକିତ୍ସାଳୟକୁ ଆସିଥିଲେ । ଭଲ ଫଳ ଦେଖିଲେ ଅବଶ୍ୟ ଅନେକ ରୋଗୀ ଆସିବେ ମାତ୍ର ଅନେକ ଚିକିତ୍ସାଳୟରେ ଭଲ ଔଷଧ ନ ଥିବାରୁ ଡାକ୍ତରଖାନା ଇତ୍ୟାଦିରେ ରୋଗିଙ୍କର ଉତ୍ତମ ଫଳ ହୁଅଇ ନାହିଁ । ସୁତରାଂ କଟାକଟି ଚିକିତ୍ସାଦାୟିନୀ ଦାତବ୍ୟ ଚିକିତ୍ସାଳୟର ସାହାଯ୍ୟ ପ୍ରାୟ ଲୋକେ ନେଉନ୍ତି ନାହିଁ । ଯାହା ହେଉ ଚିକିତ୍ସାଳୟର ଆୟ ୪ଲକ୍ଷ ୭୩ ହଜାରରୁ ୫ ଲକ୍ଷ ୭ ହଜାର ପର୍ଯ୍ୟନ୍ତ ଏବଂ ବ୍ୟୟ ୪ ଲକ୍ଷ ୫୭ ହଜାରଠାରୁ ୪ ଲକ୍ଷ ୭୪ ହଜାର ପର୍ଯ୍ୟନ୍ତ ବୃଦ୍ଧି ହୋଇଅଛି । ଅଥଚ ଚିକିତ୍ସାଳୟର ସାହାଯ୍ୟାର୍ଥେ ସରକାର ଯାହା ଦାନ କରନ୍ତି ତାହା ଉତ୍ତର ପଶ୍ଚିମ ପ୍ରଦେଶରେ ମୋଟ ଆୟର ଶତକରା ଟ ୫୧୮ ଙ୍କା ଏବଂ ଆସାମରେ ଶତକରା ଟ ୩୧୮ ଙ୍କା ହେଉଥିବା ସ୍ଥଳେ ବଙ୍ଗଳାରେ ଶତକରା କେବଳ ଟ ୫୮ ଙ୍କା ଅଟଇ । ଦେଶୀୟ ଲୋକଙ୍କ ପ୍ରଦତ୍ତ ଦେବାର ପରିମାଣ ସନ ୧୮୮୯ ସାଲରେ ୧ ଲକ୍ଷ ୧୯ ହଜାର ଟଙ୍କାରୁ ସନ ୧୮୯୦ ସାଲରେ ୧ ଲକ୍ଷ ୪୫ ହଜାର ଟଙ୍କା ହୋଇଥିଲା । ଏଥିରେ ମାନ୍ୟବର ଲେଫ୍ଟେଣ୍ଟ ବଡ଼ ସନ୍ତୋଷ ହୋଇ ଅଛନ୍ତି ଏବଂ ଏଥିରୁ ପ୍ରକାଶ ପାଉଅଛି ଯେ ଦାତବ୍ୟ ଚିକିତ୍ସାଳୟପ୍ରତି ଲୋକଙ୍କର ଆସ୍ଥା ବିଶେଷ ଅଛି । ମିଉନିସିପାଲିଟୀମାନେ ମଧ୍ୟ ଯଥୋଚିତ ସାହାଯ୍ୟ କରୁ ଅଛନ୍ତି । ଆମ୍ଭେମାନେ ଅନୁମାନ କରୁଁ କି ବଙ୍ଗପ୍ରଦେଶର ଭଦ୍ରଲୋକ ଓ ମିଉନିସିପାଲିଟୀମାନେ ଯେପରି ସାହାଯ୍ୟ କରୁଅଛନ୍ତି ଯେବେ ସରକାର ସେହିପରି ସାହାଯ୍ୟ କରନ୍ତେ ତେବେ ଦାତବ୍ୟ ଚିକିତ୍ସାଳୟମାନଙ୍କରେ ଭଲ ଭଲ ଔଷଧ ପ୍ରଚୁର ପରିମାଣରେ ରହନ୍ତା ଏବଂ ତାହା ହେଲେ ଅନେକ ଗରିବ ଲୋକଙ୍କର ଉପକାର ହେବ । ସରକାରଙ୍କ ସାହାଯ୍ୟ ନିତାନ୍ତ ଊଣା ହେବାରୁ ଫଳ ଭଲ ହେଉ ନାହିଁ ।

---

## ମଣିପୁରର ପରିଣାମ ।

ମଣିପୁର ସମ୍ବନ୍ଧରେ ଇଣ୍ଡିଆଗବର୍ଣ୍ଣମେଣ୍ଟଙ୍କର ରେଜୋଲ୍ୟୁସନ୍ ଓ ଘୋଷଣାପତ୍ର ଇଣ୍ଡିଆ ଗେଜେଟରେ ବାହାରି ଅଛି । ରେଜୋଲ୍ୟୁସନ୍ ମଣିପୁରବିଦ୍ରୋହର ଅପରାଧିଙ୍କ ସମ୍ବନ୍ଧରେ ଏବଂ ଘୋଷଣାପତ୍ର ଉକ୍ତ ରାଜ୍ୟର ବନ୍ଦୋବସ୍ତ ସମ୍ବନ୍ଧରେ ଅଟଇ । ଘୋଷଣାପତ୍ରର ମର୍ମ ଏହି କି ମଣିପୁର ରାଜା ଶ୍ରୀମତି ମହାରାଣୀଙ୍କ ବିରୁଦ୍ଧରେ ଅସ୍ତ୍ରଧାରଣ କରିବା ଓ ବିଦ୍ରୋହିଙ୍କଦ୍ୱାରା କେତେକ ଜଣ ରାଜକର୍ମଚାରୀ ବଧ ହେବାରୁ ଗତ ଅପ୍ରେଲ ମାସ ତା ୧୯ ଦିଖର ଘୋଷଣାପତ୍ରଦ୍ୱାରା କୁଳଚନ୍ଦ୍ର ସିଂହଙ୍କର ରାଜକ୍ଷମତା ଲୁପ୍ତ କରି ଉକ୍ତ ରାଜ୍ୟ ଇଂରାଜସେନାପତିଙ୍କ ହସ୍ତରେ ଅର୍ପିତ ହୋଇ ଅଛି । ସୁତରାଂ ମଣିପୁର ଇଂରାଜସାମ୍ରାଜ୍ୟଭୁକ୍ତ ହୋଇ ପାରେ ଓ ମହାରାଣୀ ଯାହା ଇଚ୍ଛା ତାହା କରି ପାରନ୍ତି । କିନ୍ତୁ ବିଦ୍ରୋହିମାନଙ୍କ ଦଳପତିମାନେ ଦଣ୍ଡ ପାଇଥିବାରୁ ମହାରାଣୀ ଦୟାପୂର୍ବକ ଉକ୍ତ ରାଜ୍ୟକୁ ସାମ୍ରାଜ୍ୟଭୁକ୍ତ ନ କରି ଜଣେ ଦେଶୀୟ ରାଜାର ଅଧୀନରେ ରଖିବାର ଆଦେଶ ଦେଇ ଅଛନ୍ତି । ମନ୍ତ୍ରି-ସଭାଧିଷ୍ଠିତ ଭାରତବର୍ଷର ଗବର୍ଣ୍ଣରଜେନେରଲ ବାହାଦୁର ଯେଉଁ ନିୟମରେ ଯାହାକୁ ରାଜାପଦ ପ୍ରଦାନ କରିବେ ସେହି ବ୍ୟକ୍ତି ସେହି ନିୟମରେ ମଣିପୁର ଶାସନ କରିବ । ବର୍ତ୍ତମାନ ଘୋଷଣାଦ୍ୱାରା ଏହିକଥା ସମସ୍ତଙ୍କୁ ଜଣାଇ ଦିଆ ଗଲା । ଯେ ବ୍ୟକ୍ତି ରାଜା ହେବେ ଏବଂ ସେ ଯେଉଁ ନିୟମରେ ଶାସନ କରିବେ ଏ ବିଷୟରେ ଏ ଭଳି ଆଉ ଏକ ଘୋଷଣାପତ୍ର ପ୍ରଚାରିତ ହେବ । ରେଜୋଲ୍ୟୁସନ୍‌ରେ ବିଦ୍ରୋହିଙ୍କ ମଧ୍ୟରୁ ଯେଉଁମାନେ ଯେ ଦଣ୍ଡ ପାଇ ଅଛନ୍ତି ତାହା ଏଥିପୂର୍ବେ ଆମ୍ଭେମାନେ ପ୍ରକାଶ କରି ଥିବାରୁ ଏଠାରେ ପୁନର୍ବାର ଲେଖିବାର ପ୍ରୟୋଜନ ନାହିଁ । କେବଳ ବାରିଷ୍ଟର ମନମୋହନ ଘୋଷ ରାଜା କୁଳଚନ୍ଦ୍ର ଏବଂ ଯୁବରାଜ ଟିକେନ୍ଦ୍ରଜିତଙ୍କ ପକ୍ଷରୁ ଯେସବୁ ଆପତ୍ତି କରି ଥିଲେ ତହିଁର ଖଣ୍ଡନରେ ମହାମାନ୍ୟ ଗବର୍ଣ୍ଣରଜେନେରଲ ବାହାଦୁର ଯାହା କହି ଅଛନ୍ତି ତେତିକ ଲେଖିବାର ଆବଶ୍ୟକ । ଟିକେନ୍ଦ୍ରଜିତଙ୍କ ଲିଖିତ ବର୍ଣ୍ଣନାପତ୍ରର କାଟକୁଟି ଏବଂ ତାହାଙ୍କଠାରୁ ଜବାବ ନେବା ଆପତ୍ତିର ଏହି ଉତ୍ତର ପ୍ରଦତ୍ତ ହୋଇ ଅଛି କି କାଟକୁଟିରେ ତାହାଙ୍କର କିଛି କ୍ଷତି ହୋଇ ନାହିଁ ଏବଂ ତାହାଙ୍କ ଜବାବ ଉପରେ ଗବର୍ଣ୍ଣମେଣ୍ଟ ନିର୍ଭର କରି ନାହାନ୍ତି । ମଣିପୁର ସ୍ୱାଧୀନ ରାଜ୍ୟ ଥିବାର ଆପତ୍ତିସମ୍ବନ୍ଧରେ ଗବର୍ଣ୍ଣମେଣ୍ଟ ଏହି ଅଭିପ୍ରାୟ ପ୍ରକାଶ କରି ଅଛନ୍ତି କି ଏହା ସମ୍ପୂର୍ଣ୍ଣରୂପେ ପ୍ରମାଣିତ ହୋଇ ଅଛି ବୋଲି ସ୍ୱୀକାର କରିବାକୁ ହେବ ଯେ ମଣିପୁର ବ୍ରିଟିଶଗବର୍ଣ୍ଣମେଣ୍ଟଙ୍କ ରକ୍ଷିତ ଓ ଅଧୀନସ୍ଥ ଦେଶ । ପୁନଶ୍ଚ ଯଦ୍ୟପି ମାଜିଷ୍ଟ୍ରେଟଙ୍କ ୱାରେଣ୍ଟ ନେଇ କାହାକୁ ଧରିବାକୁ ଯାଏ ଏବଂ ସେ ଯଦ୍ୟପି ବାଧା ଦିଅଇ ତହିଁରେ ଯେମନ୍ତ ଅପରାଧ ହୁଅଇ ସେନାପତି ଟିକେନ୍ଦ୍ରଜିତଙ୍କୁ ଧରିବାପାଇଁ ଯେଉଁ ସୈନ୍ୟ ପ୍ରେରିତ ହୋଇ ଥିଲେ ସେହି ସୈନ୍ୟଙ୍କୁ ବାଧା ଦେବାରେ ସେହିପରି ଅପରାଧ ହୋଇ ଅଛି । ସ୍ୱୟଂ କୁଳଚନ୍ଦ୍ର ଯଦ୍ୟପି କି ବାଧା ଦେବାର ପ୍ରମାଣ ନାହିଁ ତଥାଚ ଯେସ୍ଥଳେ ସେ ରାଜା ଓ ସମସ୍ତେ ତାହାଙ୍କ ଆଜ୍ଞାଧୀନ ଥିଲେ ଓ ସେ ଏ ବିଦ୍ରୋହନିବାରଣର ଚେଷ୍ଟା ନ କରି ନିଶ୍ଚିନ୍ତ ରହି ଥିଲେ ଏବଂ ପଶ୍ଚାତ୍ ଗବର୍ଣ୍ଣମେଣ୍ଟଙ୍କୁ ଯେଉଁ ରିପୋର୍ଟ କଲେ ତହିଁରେ ପ୍ରକୃତ କଥା ଗୋପନ କରିବାକୁ ଚେଷ୍ଟା କଲେ । ସେ ସ୍ଥଳେ ସେ ବିଦ୍ରୋହିଙ୍କର ସଂସର୍ଗୀ ହୋଇ ଅଛନ୍ତି କେବଳ ସେ ନିତାନ୍ତ ଦୁର୍ବଳତା ବଶତଃ ଆପଣାର ଆଧିପତ୍ୟ ସ୍ଥାପନ କରିବା ଏବଂ ମନ୍ତ୍ରିମାନେ ଯାହା ଇଚ୍ଛା ତାହା କରୁ ଥିବାରୁ ସେ ମହାରାଣୀଙ୍କର ଦୟାର ପାତ୍ର ହେଲେ । ଏଥିପାଇଁ ତାହାଙ୍କର ପ୍ରାଣଦଣ୍ଡ କ୍ଷମା ହେଲା ।

ଏଥିରୁ ପାଠକମାନେ ଦେଖିବେ ଯେ ମଣିପୁର ସ୍ୱାଧୀନ ରାଜ୍ୟ ନ ଥାଇ ଗବର୍ଣ୍ଣମେଣ୍ଟଙ୍କ ରକ୍ଷିତ ରାଜ୍ୟ ଅଟଇ ଏବଂ ରକ୍ଷିତରାଜ୍ୟରେ ଗବର୍ଣ୍ଣମେଣ୍ଟଙ୍କର ଯାହାଙ୍କୁ ଇଚ୍ଛା ହେବ ତାହାଙ୍କୁ ରାଜା କରି ପାରିବେ । କେଉଁ ସନ୍ଧିପତ୍ର ବା ଆଦେଶଦ୍ୱାରା ମଣିପୁର ସ୍ୱାଧୀନ ରାଜ୍ୟରୁ ବର୍ଜିତ ହୋଇ ରକ୍ଷିତ ରାଜ୍ୟରେ ପରିଗଣିତ ହେଲା ତାହା ସମସ୍ତଙ୍କୁ ଗୋଚର ଥିବାର ସ୍ପଷ୍ଟ ପ୍ରକାଶ ପାଉ ନାହିଁ । ଯାହା ହେଉ ରକ୍ଷିତ ରାଜାମାନେ ଏଥର ସାବଧାନ ହେବେ । ମହାରାଣୀଙ୍କ ବିରୁଦ୍ଧରେ ଅସ୍ତ୍ର ଧାରଣ କଲେ କଦାପି ରକ୍ଷା ନାହିଁ ।

---

## ସାପ୍ତାହିକ ସମ୍ବାଦ ।

ଏସପ୍ତାହରେ ବାଲେଶ୍ୱରରେ ସାମାନ୍ୟ ବୃଷ୍ଟି ହୋଇଅଛି । ସାମାନ୍ୟ ଜ୍ୱର ଓ ପ୍ଲୀହା ମିଳିମିଶା ଛଡ଼ା ଆଉ କୌଣସି ରୋଗ ପ୍ରବଳ ନାହିଁ ।

ଅସ୍ମାକଙ୍କର ଜଜସାହେବ ଗତ ଗୁରୁବାର [illegible] ଫେରି ଆସିଲେ ।

ଏଠାରେ ଅବକାରୀ ମକଦ୍ଦମା ସକାଶେ ଜଣେ ସବ ଡେପୁଟୀ କଲେକ୍ଟର ଆସି ଅଛନ୍ତି ।

Digitized by srujanika@gmail.com

## କଲିକତା-ଗଜେଟ୍ ।

ବାଲେଶ୍ୱରର ପାଦ୍ରୀ ରେଭରେଣ୍ଡ ହ୍ୱାଲେମ ଗ୍ରୀଷ୍ମସ୍ପୁନ ବାହୁ ବେଭାଷମଲେ ୧୮୭୬ ସାଲର ୧୫ ଅଗଷ୍ଟ ଥା ୫ ଜନୁଆରୀ ପାଇଁ ସେବା ପ୍ରାପ୍ତ ହେଲେ ଓ ୧୮୮୬ ମସିହାର ୭ ଅଗଷ୍ଟାନୁସାରେ କଲୁମ୍ବିୟାର ରେଜିଷ୍ଟ୍ରାର ପଦରେ ନିଯୁକ୍ତ ହେଲେ ।

ଦରଭଙ୍ଗାର ସିଭିଲ ସର୍ଜନ ଡା, ଜେ, ଏଚ, ଟେଲ ପୁରୀର ସିଭିଲ ସର୍ଜନ ପଦରେ ନିଯୁକ୍ତ ହେଲେ ଓ ପୁରୀର ସିଭିଲ ସର୍ଜନ ଇ, ଏଚ, ବ୍ରାଉନ ମେଡିକେଲ କଲେଜ ହସ୍ପିଟାଲର ରେସିଡେଣ୍ଟ ସର୍ଜନ ପଦରେ ନିଯୁକ୍ତ ହେଲେ ।

ମିଃ ଡବଲିଉ, ବି, ଟେଲର ଖୋର୍ଦ୍ଧା କୋର୍ଟର ପର୍ଯ୍ୟବେକ୍ଷଣର ମାଜିଷ୍ଟ୍ରେଟ ପଦରେ ନିଯୁକ୍ତ ହୋଇ ୧ ମ ଶ୍ରେଣୀର ମାଜିଷ୍ଟ୍ରେଟ କ୍ଷମତା ଓ କାର୍ଯ୍ୟନିର୍ବାହ ଅଧିକାର ସମ୍ବନ୍ଧ କ୍ଷମତା ପ୍ରାପ୍ତ ହେଲେ ।

ଜାଜପୁର ସବଡିଭିଜନର ଲଉକା ପାଟନା ଥାନାର ଅଧୀନ ଜମ୍ବୁ ଅବା କୁଜଙ୍ଗ ଫାଣ୍ଡି ଉଠି ଯାଇ ତହିଁର ଇଲାକା ମଧ୍ୟର ଗ୍ରାମମାନ ମାହାକାଳପଡ଼ା ଫାଣ୍ଡିର ଇଲାକାଭୁକ୍ତ ହୋଇଅଛି ।

ପାଲହୀପ ରାଜର କାର୍ଯ୍ୟ ଶେଷ ହୋଇଥିବାରୁ କଟକଠାରୁ ପାଲହୀପକୁ କେନାଲ ଦ୍ୱାରା ଗମନାଗମନ କରିବାର ସୁବିଧା ହୋଇଅଛି ।

ରାୟ ସୁଗନ୍ଧମାହାନ ବାହାଦୁର ଇସ୍ତଫା ପ୍ରଦାନ କରିବାରୁ ତାଙ୍କ ସ୍ଥାନରେ ମିଃ ଡବଲିଉ, ସି, ଟେଲର ଖୋର୍ଦ୍ଧା କୋର୍ଟର ପଦରେ ନିଯୁକ୍ତ ହୋଇଅଛନ୍ତି ।

---

ଅନେରିକା ମାର୍ଟିନେକ୍ ଦ୍ୱୀପରେ ଭୟାନକ ତୋଫାନ ହୋଇ ଥିବାର ସମ୍ବାଦ ମିଳଇ । ଗୋ ୧୬ ଟି ଜାହାଜ ତଳୁଦ ପରିମାଣରେ ଧ୍ୱଂସପ୍ରାପ୍ତ ହୋଇଅଛି । ସେଣ୍ଟପିଅର ନଗରର ପ୍ରତ୍ୟେକ ଘର ଭଗ୍ନ ହୋଇ ଯାଇ ଅଛି ଏବଂ ୨ ୫୦ ଣ ଲୋକ ମରି ପଡ଼ିଥିବାର ଜଣା ଯାଇ ଅଛି ମାତ୍ର ଅନ୍ୟମାନ ସେ ଅପେକ୍ଷା ଅନେକଲୋକ ମରି ପଡ଼ି ଅଛନ୍ତି । କଥିତଅଛି ସେଠାରେ ଗତ ବ ୮୪ ବର୍ଷ ମଧ୍ୟରେ ଏପରି ତୋଫାନ ଦେଖା ଯାଇ ନ ଥିଲା ।

ମାଇଭଟଠାରେ 'ଗଭର୍ଣ୍ଣ ସାହେବଙ୍କୋମ୍ପାନୀ' ନାମରେ ଗୋଟିଏ ସାବୁନର କାରଖାନା ସ୍ଥାପିତ ହୋଇ କାରବାର ଅଧିକ ଉନ୍ନତିର ହେବାରୁ ମାଲିକ ଏବଂ ପଞ୍ଜାବଠାରେ ନୂଆ ଗୋଟିଏ କାରଖାନା ସ୍ଥାପିତ ହୋଇଅଛି ।

ଜେଜସନ ସାହେବ କହୁଛନ୍ତି, ଜଣେ ଏକଷଷ୍ଠରେ କହୁଅଛନ୍ତି ଯେ ଭାରତବର୍ଷର ସକଳସମ୍ପ୍ରଦାୟମଧ୍ୟରେ ଶିକ୍ଷାବାନ୍ ହୃଦୟସମ୍ପ୍ରଦାୟ ଯେରୂପ ଉନ୍ନତିରୁ ଭାରତବାସୀ ଅନ୍ୟ କୌଣସି ସମ୍ପ୍ରଦାୟ ତେମନ୍ତ ହୋଇ ନ ପାରିବେ ।

ଗାଉସଜନଭଠାରେ ୬୦ ହଜାରଲୋକ କେବଳ ଛାମୁକଷ୍ଟ ଜର୍ମି ଓ ସମ୍ବାଦ ପାଇଥିଲୁ ସତ୍ତ୍ୱ କର ଇତ୍ୟାଦିକୀର କରିଶ ଲକ୍ଷ୍ମୀ କେହୁଠାରେ ବନ୍ଦ କରିଛନ୍ତି ଯସ ।

ଲିମ୍ପାହାଜସରରେ ରାଜଟିକଟର ଗୋଟିଏ ପ୍ରଦର୍ଶନ ଖୋଲି ହୋଇଅଛି । ସେଠାରେ କେନ୍ଦୁଜପ୍ରେରିତ, କପୋତ-ପ୍ରେରିତ, ଭୂଗର୍ଭରେ ପଠାଯାଉଥିବା ଓ ଡାଙ୍ଗଘରଯୋଗରେ ପ୍ରେରିତ ପତ୍ରିମାନ ୬ ଡ ୧୨୯ ଜରେ ପୃଥିବୀଭ୍ରମଣକାରୀ ପୋଷ୍ଟକାର୍ଡ ଇତ୍ୟାଦି ଅଂଶ ଗାଡ଼ି ଓ ଟିକଟ ପ୍ରଦର୍ଶିତ ହୋଇଅଛି । ଉତ୍ତମ ।

ଇଣ୍ଡିଆନହେରାଲ୍ଡ ନାମକ ସମ୍ବାଦପତ୍ରର ସମ୍ପାଦକ ବାବୁ ନରେନ୍ଦ୍ରନାଥ ଚଟ୍ଟୋପାଧ୍ୟାୟ ମାନହାନି ମୋକଦ୍ଦମାରେ ପର୍ଯ୍ୟବାଇଷ୍ଟଷାଣେ କାରାଦଣ୍ଡ ଭୋଗ କରୁଅଛନ୍ତି । କିନ୍ତୁ ସେହିପ୍ରବନ୍ଧଲେଖକର ନାମ ପ୍ରକାଶ ପାଇ ନାହିଁ । ହୋଲକାର ଗବର୍ଣ୍ଣମେଣ୍ଟ ଲେଖକକୁ ଶାସ୍ତି ଦେବାପାଇଁ କୁଳବନ୍ତ ନାମକ ଏକବ୍ୟକ୍ତି ନାମରେ ଗିରଫ୍ତାର ୱାରେଣ୍ଟ ଜାରି କଲେ ଯେହେତୁ କଳବନ୍ତ ସେ ଲେଖକର ନାମ ଜାଣିଥିଲେ । ସେ ଗୋଷ୍ଟାଲିୟର ନିବାସୀ କଳବନ୍ତ ଇନ୍ଦୋରପ୍ରଜା, ଗୋୟାଲିୟର ପ୍ରଜା ଓ ଇଂରେଜପ୍ରଜାସକାଶ ଅନୁଧାବିତ ହୋଇ ଅଶାନ୍ତ ଓ ପ୍ରଚଣ୍ଡରୂପେ ପ୍ରହାରିତ ହେଲା । ଧୃତ ଓ ପ୍ରହାରିତ ହେବାର ଏକଘଣ୍ଟା ଉତ୍ତାରୁ ଲକ୍ଷ୍ମୀପୁର ଷ୍ଟେସନଠାରେ ସେ କୃତ୍ରିମ ଯମଦୂତହସ୍ତରୁ ରକ୍ଷା ପାଇ ପ୍ରକୃତ ଯମଦୂତହସ୍ତରେ ପଡ଼ିଲା । ସାମାନ୍ୟ ଯମଦୂତମାନେ ଏବେ ହତ୍ୟାପରାଧରେ ଅସାମିଶ୍ରେଣୀଭୁକ୍ତ ହୋଇଅଛନ୍ତି ।

ଡଏଡଙ୍ଗବାଦ ରେଲପଥବାସକ୍ତ ଗୋଟିଏ ବନ୍ଧାହ ଜପଲକ୍ଷ ତଶଲକ୍ଷ ଟଙ୍କା ବ୍ୟୟ ହେବାର ଅନୁମାନ ହୋଇ ଅଛି । ଏହେ ବ୍ୟୟ କେବଳ ଅମୋଦପ୍ରମୋଦରେ । ଏଥିରୁ କଛ ଚିରସ୍ଥାୟୀ କୀର୍ତ୍ତିରେ ବ୍ୟୟ ହେଲେ ଦେଶର କେତେ ଉପକାର ହୁଅନ୍ତା । ଏହେତୁର ଅମୋଦନଙ୍ଗରେ ଦେଶର କ ଉନ୍ନତ ହେବ ।

ଜବଲପୁରରେ ଜଣେ ପାଦ୍ରୀ ସାହେବ ଉନକମ ଷ୍ଟାମ୍ପ ଙ୍କାଗେ ଭାଙ୍ଗର କାଗଜରେ ଅପଣା ଅନ୍ୟ ଲୁଣା କର ଲେଖିଥିବା ଦୋଷରେ ଦଣ୍ଡପ୍ରାପ୍ତ ହୋଇଛନ୍ତି । ଏ ଉପର ପାତକ !

ଅଳ୍ପ ଅବଧରେ ଧଠାଦ ଗାଣନାଶର ଗୋଟିଏ ଦୁର୍ଘଟନା ପୁର୍ବେପଶ୍ଚିମ ନିକଟରେ ଘଟିଅଛି । ସେହି ଜନ୍ମ ଉପଲକ୍ଷ ଗୋଟିଏ ପୋଲ ଅତ୍ୟନ୍ତ ଚମତ୍କାର ଓ ମନୋହର ଥିଲା । ବ ୧୪ ବର୍ଷ ବୟସ୍କା ଜଣେ ବାଳିକା ତାହା ଦେଖିବାକୁ ଗଲା ଓ ଦେଖିଲାରୁ ତାହା ମନରେ ଏତେ ଅନନ୍ଦ ଉଦୟ ହେଲା ଯେ ତାହାର ଉପରୁ ଧାଇଁଣ କର ନ ପାରି ଫାଟି ଯିବାରୁ ସେ ଅଚେତନ ହୋଇ ପଡ଼ି ଗଲା । ଓ ତତ୍‌କ୍ଷଣାତ୍ ତାହାର ପ୍ରାଣ ବାହାରିଗଲା ।

ବମ୍ବେଏ ଖଣ୍ଡର ବର୍ଦ୍ଧନ ନାମକ ଏକ ଯବକର୍ଷ ମଧ୍ୟରେ ଗୋ ୭୨ ଟି ପିଲାପିଲି ଜନ୍ମଦିଅ କରିଥିଲେ । ଏମାନଙ୍କର କନ୍ୟା ସାତବର୍ଷରୁ ପନ୍ଦର ବର୍ଷ ପର୍ଯ୍ୟନ୍ତ ଥିଲା । ଅତି ଅଦ୍ଭୁତ ବ୍ୟାପାର !—ଦୁଇମାଷ୍ଟର ଓ ମୁରବଙ୍କ ଦଣ୍ଡଭୟ ଏ ଦୁଃଖାବହ କାଣ୍ଡର କାରଣ ବୋଲି ଅନୁମିତ ହୋଇ ଅଛି । ପିଲାଙ୍କର ଅତି ଶାସନ ଭଲ ନୁହଇ ଏ ଘଟଣାରୁ ସ୍ପଷ୍ଟ ପ୍ରମାଣ ହେଉ ଅଛି ।

ଢାକା ନଗରରେ ଜଣେ ଇଂରେଜ ଫକୀର ଉପସ୍ଥିତ ହେବାରୁ ସେଠା ଲୋକେ ଚକିତ ହୋଇଛନ୍ତି । ସେ ଅନେକବାରୁ ଆସିଛନ୍ତି । ଏଠାରୁ ସେ ଇଂରେଜ ମଉଲବୀ ନିକଟରେ ଅଛିଥିଲେ ସେଠ ଅସ ତଣେ ମସଜିମାନ ମାନଙ୍କଠାରୁ ପାଇ ଗଲେ । ଇଂରେଜ ଫକୀର କେହୁପର ହେବେ ପଛ । ସେଥିପାଇଁ ଅପାର କପଟ ବ୍ୟବହାର ।

ବାଗବଜାରନିବାସୀ ସ୍ୱରେନ୍ଦ୍ରନାଥ ଘୋଷ ନାମକ ଜଣେ ଡାକ୍ତର ହସ୍ତଦାସୀ ନାମ୍ନୀ ଏକ କବାଟଳା କାଶଙ୍କା ମୋହଇ କନ୍ୟା ସେରୁ ଅପରାଧରେ ଅଭିଯୁକ୍ତ ହୋଇ ଦୁଇଶହ ଟଙ୍କାର ଜାମିନରେ ଅଛନ୍ତି ଏବଂ ମୋକଦ୍ଦମା ଜୈଅଲଦା ଉପୋଷି ମେଜିଷ୍ଟ୍ରେଟଙ୍କ ବିଚାରାଧୀନରେ ଅଛି ।

ଶ୍ରୀମତୀ ତାପସ୍ୱିନୀ ଦେବୀ, ଯେ ଦନ୍ଦୀ ବେଦଥିଲେ ତହଁପରିଚ ଅକ୍ସଫୋର୍ଡଠାରେ ରମଣୀମାନଙ୍କ ପ୍ରଥମପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି

ଗୋଅପ୍ରଦେଶର ସମ୍ବାଦରୁ ଜଣାଯାଏ ଯେ ତହିଁଭ୍ୟ ଗ୍ରାମର ଜଣ ତନ୍ତ୍ରଧର ଚମାଖୁନେଡ଼ା ଛଳରେ ଏକଷ୍ଟୀଲେଜ ଘରେ ପ୍ରବେଶ କଲେ । ତନ୍ମଧ୍ୟରୁ ଜଣେ ଏକ ବୃହତ୍ ବାକ୍ସ ଖୋଲି ତାର ତାକୁଣୀକ କାନ୍ଥରେ ଠେସା ଦେଇ ଟଙ୍କା ଓ ଗହଣା ଇତ୍ୟାଦି ଖୋଜୁଥିଲା । ଦୈବାତ୍ ହସ୍ତ ବାକ୍ସର ଡାଙ୍କୁଣୀ ଖସିଲ ବେକରେ ପଡ଼ି ମୁଣ୍ଡରୁ ଛିଣ୍ଡାଇଦେଲା ପାପର ପ୍ରାୟଶ୍ଚିତ୍ତ ସଙ୍ଗେ ସଙ୍ଗେ ପାଇଗଲା ।

ଅଳ୍ପଦିନହେଲା ସିମଲାରେ ଭୂମିକମ୍ପ କେବଳ କର୍ଦ୍ଦମ ବୃଷ୍ଟି ହୋଇଅଛି । ଅନ୍ୟ କେତେ କର୍ଦ୍ଦମବୃଷ୍ଟି ଶୁଣାଯାଇ ନାହିଁ । ଗ୍ରୀଷ୍ମକାଳରେ ସମତଳ ଭୂମିରୁ ଧୂଳି ଉଡ଼ି ମେଘର ସହିତ ମିଶି କର୍ଦ୍ଦମବୃଷ୍ଟିରେ ପରିଣତ ହୋଇଅଛି ।

## ଯାଜପୁର-ସମ୍ବାଦ ।

ଅଳ୍ପଦିନ ତୋଲଗ୍ରାମ ଉପାଶିଆ ପ୍ରଭୃତି ଅଞ୍ଚଳରେ ଗତ ବନ୍ୟାହାର ବିଶେଷ କ୍ଷତି ହୋଇଅଛି । ଯାଜପୁର କେନାଲ-ପାର୍ଶ୍ୱସ୍ଥ କେତେ ଗ୍ରାମରେ ଲୋକଙ୍କର ଶୋଇବାର ସ୍ଥାନ ନାହିଁ । ଜଳମଗ୍ନ ସ୍ଥାନ ସବୁ ରକ୍ଷା କରିବା ଉଦ୍ଦେଶ୍ୟରେ କର୍ତ୍ତୃପକ୍ଷୀୟ ବନ୍ଧ ସଲବାର କଟାଇ ଦେଲେ । ମାତ୍ର ବନ୍ଧନଙ୍କୁ ଜଳ ଅଧିକ ବେଗରେ ତଳଗ୍ରାମମାନଙ୍କରେ ପଶି ଅଧିକ ଅନିଷ୍ଟ ଓ କ୍ଷତି କଲା ।

ଶ୍ରୀଯୁକ୍ତ ଜଏଣ୍ଟ ଇନ୍ସପେକ୍ଟର ବସ୍ତ ଉପଲକ୍ଷରେ ଅନି ସ୍କୁଲମାନ ଦେଖି ଯାଇ ଅଛନ୍ତି । ନୂତନ ବସ୍ତେକା ବିଦ୍ୟାଳୟ-ପ୍ରତି ବିଶେଷ ଅନୁକୂଳମତ ପ୍ରକାଶ କରି ଅଛନ୍ତି ।

ଯାଜପୁର ମିଉନିସିପାଲିଟିର କମିଶନରମାନେ ଟିକସ ଅସୁଲ କରିବା ସରକାରମାନଙ୍କ ହାତବାରୁ ନମ୍ବରରେ ଅନୁ ବଜାରେ ବଡ଼ ଯୋଗ୍ୟତା ଦେଖାଇ ଥିଲେ । ନଗରର ବାଟ ଘାଟପ୍ରତି ସେମାନଙ୍କର ସେପରି ଦୃଷ୍ଟି ନାହିଁ ।

ବର୍ତ୍ତମାନ କୌଣସି ରୋଗର ପ୍ରାଦୁର୍ଭାବ ନାହିଁ ଶାଦାହୁଦ କ୍ୟର ମୂଲ୍ୟ ପୂର୍ବପ୍ରାୟ ରହିଅଛି ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟଙ୍କ
ସମୀପେଷୁ—

ମହାଶୟ !

ଭୁବନେଶ୍ୱରମନ୍ଦିରର ଭୋଗାଦିସମ୍ବନ୍ଧରେ ମାନନୀୟ ଶ୍ରୀଳ ଶ୍ରୀଯୁକ୍ତ ଜଜ ସାହେବ ମହୋଦୟଙ୍କ ହଜୁରକୁ ଯେଉଁ ଦରଖାସ୍ତ ଯାଇଥିଲା ତାହାର ପ୍ରତିଲିପି ଆପଣଙ୍କ ଦୀପିକାରେ ପ୍ରକାଶ ପାଇଅଛି । ସେଥିସମ୍ବନ୍ଧରେ କୌଣସି ଚୂଡ଼ାନ୍ତ ବନ୍ଦୋବସ୍ତ ଆଜପର୍ଯ୍ୟନ୍ତ ହୋଇ ନାହିଁ । ବର୍ତ୍ତମାନ ଚଳିତ ଅଗଷ୍ଟମାସ ତା ୨୯ ରିଖରୁ ଶ୍ରୀଲିଙ୍ଗରାଜମହାପ୍ରଭୁଙ୍କର କେବଳ ସକାଳ ଧୂପ ହୋଇ ଅନ୍ୟାନ୍ୟ ଧୂପମାନ ବନ୍ଦ ହୋଇଗଲା ।

ଏଥିର କାରଣ ଏହି ଯେ ମନ୍ଦିରର କର୍ତ୍ତୃପକ୍ଷମାନେ ଦୈନିକ ଭୋଗର ଖର୍ଚ୍ଚ ନ ଦେବାରୁ

Split by PDF Splitter
Digitized by srujanika@gmail.com

Split by PDF Splitter



କେବଳ ବସୋଇର ନିଜ ଦେଯୃଦ୍ଧାସ୍ ସକାଳ-ଧୂପ ହୋଇ ଅନ୍ୟାନ୍ୟ ଧୂପମାନ ବନ୍ଦ ହେଲା ।

ଅମ୍ଭେମାନେ ଯେଉଁ ବିଷୟରେ ବିଗତ ମସ୍ତି-ମାସରୁ ଶ୍ରୀଯୁକ୍ତ ଜଜ ସାହେବ ମହୋଦୟଙ୍କ-ଠାରେ ଗୁହାରି କରିଥିଲୁଁ ସେପ୍ରତି ଅଦ୍ୟାପି ଉକ୍ତ ବନ୍ଦୋବସ୍ତର ହୁକୁମ ନ ହେବାରୁ ଏପରି ଦୁର୍ଦଶା ଘଟନା ହେଲା ମାତ୍ର ଆଶା କରୁଁ ଜଜ ସାହେବ ମହୋଦୟ ଅବିଲମ୍ବେ ଏଥିର ଉଚିତ ସୁବନ୍ଦୋବସ୍ତ କରି ସାଧାରଣଙ୍କର ମନସ୍ତାପ ଦୂର କରିଇବେ ।

। ନ । ଶ୍ରୀ—

☞ ଅମ୍ଭେମାନେ ଅବଗତ ହୋଇଅଛୁଁ ଯେ ଶ୍ରୀଯୁକ୍ତ ଜଜ ସାହେବ ଏବିଷୟରେ ଅମନୋ-ଯୋଗୀ ନାହାନ୍ତି । ବାବୁ ଭଗବତ ମହାନ୍ତି ରାଏ ବାହାଦୁର ଇସ୍ତଫା ଦେବାରୁ ତାହାଙ୍କ ସ୍ଥାନରେ କେହି ଯୋଗ୍ୟବ୍ୟକ୍ତିଙ୍କୁ ନିଯୁକ୍ତ କରିବାର ଉପାୟ ଲାଗିଅଛି । କମିଟୀ ଦୃଢ଼ରୂପେ ଶୀଘ୍ର ଗଠିତ ହେବ ଏବଂ ତହିଁ ସଙ୍ଗେ୨ କାର୍ଯ୍ୟନିର୍ବା-ହସମ୍ବନ୍ଧରେ ଆଦେଶ ବାହାରିବ ।—ସଂ,

---

ମହାଶୟ !

ଓଡ଼ିଶାରେ ଇଂରାଜୀଶିକ୍ଷାର ଆଦର ଓ ବିସ୍ତାର କ୍ରମଶଃ ବୃଦ୍ଧି ପାଉଅଛି କିନ୍ତୁ ସମସ୍ତ ଶିକ୍ଷିତଲୋକମାନେ ଓଡ଼ିଆଭାଷାପ୍ରତି ଅଶାନୁ-ରୂପ ଅନୁରାଗପ୍ରଦର୍ଶନ କରନ୍ତି ବୋଲି ଅମ୍ଭେ-ମାନେ ବିଶ୍ୱାସ କରୁ ନାହୁଁ । ଉତ୍କଳପ୍ରଭାର ସମ୍ପାଦକଙ୍କ ପରି ଅନେକ ଲୋକ ଭାବନ୍ତି, ଓଡ଼ିଆଭାଷାରେ ସାହିତ୍ୟ ନାହିଁ । କୂପର ପରିଧିର ବାହାରେ ପୃଥିବୀର ସୀମା ନାହିଁ ବୋଲି କୂପମଣ୍ଡୂକର ଦୃଢ଼ ବିଶ୍ୱାସ; ଅନେକଲୋକ ତ-ଦ୍ରୂପ ବିଶ୍ୱାସର ବଶୀଭୂତ । ସୁତରାଂ ସେମାନେ ମୁଦ୍ରିତ ବା ହସ୍ତାଙ୍କିତ ଓଡ଼ିଆପୁସ୍ତକ ସେମାନଙ୍କ ହସ୍ତ ବା ନେତ୍ରର ଉପଯୁକ୍ତ ପଦାର୍ଥ ବୋଲି ଜ୍ଞାନ କରନ୍ତି ନାହିଁ । କିନ୍ତୁ ଓଡ଼ିଆଭାଷାଭିଜ୍ଞ ବିଦେଶୀୟ ବ୍ୟକ୍ତିମାନେ ଓଡ଼ିଆଭାଷାର କିପରି ଆଦର କରନ୍ତି, ତହିଁର ଗୋଟିଏ ପ୍ରମାଣ ଦେବା ଉଦ୍ଦେଶ୍ୟରେ ଆମ୍ଭ-ମାନଙ୍କର ଜଣେ ମାନ୍ୟାସ୍ପଦ ବନ୍ଧୁଙ୍କ ପତ୍ରର କିୟଦଂଶର ଅନୁବାଦ ଏସ୍ଥଳରେ ପ୍ରଦାନ କରୁ ଅଛୁଁ :—" * * * ଯେଉଁ ଓଡ଼ିଆ-ପୁସ୍ତକମାନ ତୁମ୍ଭେ ଆଣାଇ ଦେଇଥିଲ; ତନ୍ମଧ୍ୟରୁ ଖଣ୍ଡିଏ ପୁସ୍ତକର କିୟଦଂଶ ପାଠ କରୁଅଛୁଁ । ଉପେନ୍ଦ୍ରଭଞ୍ଜଙ୍କର କବିତା ଯଥାର୍ଥ କବିତ୍ୱଶକ୍ତିର ପରିଚାୟକ ଏବଂ ମନୋହରଭାବ ପରିପୂର୍ଣ୍ଣ କିନ୍ତୁ ତହିଁର ଉପରଭାଗ ଏଡ଼େ କଠିନ ଯେ (ତାହା ଭେଦ କରି) ରସାସ୍ୱାଦନ କରିବା ସମସ୍ତଙ୍କର ସାଧ୍ୟାଧୀନ ନୁହେ । * * * ଜଣେ ବନ୍ଧୁ ଆମ୍ଭ ହସ୍ତରେ ଓଡ଼ିଆପୁସ୍ତକ ଦେଖି ବିଦ୍ରୂପ କରିଥିଲେ କିନ୍ତୁ ଓଡ଼ିଶାର ମନୋହର ପ୍ରାକୃତିକ ଦୃଶ୍ୟ, ପ୍ରାଚୀନକୀର୍ତ୍ତି ଏବଂ ପତନୋ-ନ୍ମୁଖ ଶିଳ୍ପପ୍ରତି ଆମ୍ଭର ଯେପରି ଭକ୍ତି, ସାହିତ୍ୟ-ପ୍ରତି ସେହିପରି ଅନୁରାଗ । ଉପେନ୍ଦ୍ରବିପ୍ରଭୃତି ଯେଉଁ ଭାଷାର କବି, ସେଭାଷାର ନିନ୍ଦା ଅନୁ-ମୋଦନୀୟ ନୁହେ । * * * ଇଉରୋପ ଭ୍ରମଣ ନାମକ ଯେଉଁ ଇଂରାଜୀପୁସ୍ତକ ଖଣ୍ଡିକ ତୁମ୍ଭଙ୍କୁ ଉପହାର ଦେଉଅଛୁଁ, ତହିଁ ସଙ୍ଗେ ତୁମ୍ଭର " ବନବାଳା " ପ୍ରତ୍ୟର୍ପଣ କଲୁଁ । " ବନବାଳାର " ପ୍ରତ୍ୟେକଅଙ୍ଗ ପର୍ଯ୍ୟବେକ୍ଷଣ କରିଅଛୁଁ, କିନ୍ତୁ କୌଣସିଅଙ୍ଗର ଅସମ୍ପୂର୍ଣ୍ଣତା ଦେଖି ନାହୁଁ । କେବଳ ସ୍ଥାନେ୨ ବିଶୁଦ୍ଧ ବୈଦେଶିକ ଭାଷାର ଏକତ୍ର ସମାବେଶ ଓ Ventriloquism ଦୋଷ ଲକ୍ଷିତ ହେଲା । ପୁସ୍ତକଖଣ୍ଡିକୁ ବିଶେଷ ଆଗ୍ରହସହିତ ପଢ଼ିବାର କାରଣ ଏହି ଯେ, ପୂର୍ବେ ଓଡ଼ିଆ ଭାଷାରେ ନାଟକ ନ ଥିଲା ଏବଂ (ସେ ଭାଷାରେ) ନାଟକ ରଚିତ ହୋଇଅଛି ବୋଲି ଆମ୍ଭେ ଜାଣି ନ ଥିଲୁଁ । ପୁସ୍ତକଖଣ୍ଡି ପାଠକରି ଯେଉଁ ସନ୍ତୋଷ ଲାଭ କଲୁଁ, ତନ୍ନିମିତ୍ତ ତୁମ୍ଭଙ୍କୁ ଧନ୍ୟବାଦ ଦେଉଅଛୁଁ । ଗ୍ରନ୍ଥକର୍ତ୍ତା ଅବଶ୍ୟ ସୁଶିକ୍ଷିତ ହୋଇଥିବେ । ଯେଉଁ ଦେଶର ଶିକ୍ଷିତ ଲୋକମାନେ ବୁଝିପାରନ୍ତି, ସେ ଦେଶର ଉନ୍ନତି ବା ଅବନତିନିମନ୍ତେ ସେମାନେ ଦାୟୀ, ସେ ଦେଶର ସାହିତ୍ୟୋନ୍ନତିର ଯଥାର୍ଥ ଅଧିକାଶ । * * * "

ଯାହାଙ୍କ ପତ୍ରରୁ ଉପରୋକ୍ତ ଅଂଶ ଉଦ୍ଧୃତ ହେଲା, ସେ ବଙ୍ଗଦେଶର ଜଣେ ମାନ୍ୟଗଣ୍ୟ ଏବଂ ଖ୍ୟାତନାମା ଭଦ୍ରଲୋକ । ତାଙ୍କର ଉତ୍କଳ-ସାହିତ୍ୟପ୍ରତି ଅନୁରାଗ—ଓଡ଼ିଆଭାଷାର ଗୌ-ରବର ବିଷୟ । ବିନାନୁମତିରେ କାହାର ପତ୍ର ପ୍ରକାଶ କରିବା ସଙ୍ଗତ ନୁହଇ, ଏହିହେତୁରୁ ଅମ୍ଭେମାନେ ତାଙ୍କର ନାମ ଉଲ୍ଲେଖ କରିପାରି-ଲୁଁ ନାହିଁ । ଇତି ।

କଲିକତା } ଜଣେ ଓଡ଼ିଆ
୨୩-୮-୯୧ }

---

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ରାଜା ବୈଦ୍ୟନାଥ ପଣ୍ଡିତ | କଟକ | ଟ ୩୲ |
| ବାବୁ ସଦାଶିବ ଦାସ | ସତ୍ୟଭାମାପୁର | ଟ ୩୲ |
| „ ବଳରାମ ଦାସ | କାଞ୍ଚି | ଟ ୬୲ |
| „ ଅନନ୍ତଚନ୍ଦ୍ରସିଂହ ହରିବଲ୍ଲଭପାଟଣାଗ୍ରାମ | | ଟ ୧୪ |
| ରାଜା କନ୍ଦର୍ପ ବଡ଼ାମ୍ବା | | ଟ ୩୲ |
| ବାବୁ ତ୍ରିପୁରନାଥ ଗଙ୍ଗୋପାଧ୍ୟା | କଟକ | ଟ ୩୲ |
| „ ଲକ୍ଷ୍ମୀନାରାୟଣ ଚୌଧୁରୀ | „ | ଟ ୧୪୲ |
| ରାଜା ବଳ୍ଲି ଅଠଗଡ | | ଟ ୧୪୲ |
| „ ଦଶପଲ୍ଲା | | ଟ ୮୲ |
| ବାବୁ ବନମାଳିସିଂହ | | ଟ ୬୲ |
| „ ନୀଳମାଧବ ଦାସ | | ଟ ୪୲ |
| „ ହାଡ଼ୁଧର୍ମାରସିଂହ ଡାଲଡେର | | ଟ ୬୲ |
| „ ବ୍ରଜବିହାରୀ ନାୟକ ହୁମ୍ବଲପୁର | | ଟ ୯୲ |
| „ ହରିବଲ୍ଲଭ ବୋଷ କଟକ | | ଟ ୩୲ |
| „ ବଳରାମ ରଥ | „ | ଟ ୩୲ |
| „ ଅନନ୍ତଚନ୍ଦ୍ର ଦାସ | „ | ଟ ୨୲ |
| „ କମଳକୃଷ୍ଣ ଘୋଷ | „ | ଟ ୩୲ |

---

# ବିଜ୍ଞାପନ ।

ଶ୍ରୀ ପୁରୁଷୋତ୍ତମର ଶ୍ରୀ ଜଗନ୍ନାଥଜୀଙ୍କର ମନ୍ଦିର-ସଂସ୍କରଣବାବଦରେ ଚନ୍ଦା ।

| | |
|---|---|
| ପୂର୍ବପ୍ରକାଶିତ ଚନ୍ଦାର ସମଷ୍ଟି | ଟ ୧୧୬୫୩୦/୯ |
| ଛତ୍ରା ପାଦନା ପାର୍ଶ୍ୱଭାଗୀ ଜବାର୍ ବାବୁ ଭଗବତୀଚରଣ | |
| ସରକାରଙ୍କ କର୍ତ୍ତୃକ ପ୍ରେରିତ | ଟ ୧୧ |
| ରଙ୍ଗପୁର ମୋକାମର ଅଦ୍ୱୈତଚନ୍ଦ୍ର ସମ୍ପାଦକ | |
| ବାବୁ ପ୍ରସନ୍ନନାଥ ଚୌଧୁରୀ କର୍ତ୍ତୃକ ପେରିତ | ଟ ୭୮୲ |
| „ ଗୌରୀପ୍ରସାଦ ମଜୁମଦାର | ଟ ୧୦୲ |
| „ ହରନାଥ ମୁଖୋପାଧ୍ୟାୟ | ଟ ୧୫୲ |
| „ ଗୌରୀପ୍ରସାଦ ହରକାରଙ୍କଦ୍ୱାରା ପ୍ରେରିତ ମୋକାମ ଖାତଣ ଫୌଜଦାରି ଅଦାଲତର କର୍ମଚାରୀମାନଙ୍କର ଦତ୍ତ ଚନ୍ଦା | ଟ ୨୨୲ |
| ଦିଣ୍ଡାଲ ମୋକାମର ନିବାସୀ ବାବୁ ଯାଦବଚନ୍ଦ୍ର-ସେନଙ୍କର ପରିବାର | ଟ ୧୦୲ |
| ରାଜା ପାରିକୁଦ | ଟ ୫୦୦୲ |
| ବାବୁ ଅଚ୍ୟୁତ ବେହେରା | ଟ ୧୦୲ |
| ଶ୍ରୀମତୀ ଚୂଡ଼ାମଣିଦାସୀ | ଟ ୭୫୲ |
| „ କ୍ଷେତ୍ରମଣି ଦାସୀ | ଟ ୨୫୲ |
| ବାବୁ ରାଣିରାମ ପୌଲିଚରାମ | ଟ ୧୦୲ |
| „ ଶ୍ରୀରାମ ଦାସ | ଟ ୨୧୲ |
| „ କୋରର୍ଥୀମଲ | ଟ ୨୧୲ |
| „ ବଂଶୀଧର | ଟ ୨୧୲ |
| „ ଶୂଦ୍ରଦେବ | ଟ ୧୬୲ |
| „ ଫତେଚାନ୍ଦ | ଟ ୧୧୲ |

Digitized by srujanika@gmail.com

ବନ୍ୟା ରୋକାନାଳ ବାନ୍ଧ କମିଟିର ଅବୈତନିକ ସମ୍ପାଦକ କର୍ତ୍ତୃକ ପ୍ରାପ୍ତ ସମ୍ବାଦ ଦ୍ୱିତୀ ଅର୍ଥପ୍ରାପ୍ତି

| | |
|---|---|
| ପାଇମଟ୍ଟାକେର | ଟ ୧୦୦୯ |
| ବାବୁ ଭଗମାନୀ ଝା | ଟ ୨୦୯ |
| „ ସୁଦାମଚନ୍ଦ୍ର ନାୟକ | ଟ ୧୫୯ |
| „ ଗୋବନ୍ଦଚନ୍ଦ୍ର ଘୋଷ | ଟ ୧୦୯ |
| „ ଶ୍ୟାମଚରଣ ଘୋଷ | ଟ ୧୦୯ |
| ମହନ୍ତ ରଘୁଚରଣ ଦାସ | ଟ ୨୦୯ |
| „ କୃଷ୍ଣନନ୍ଦ ଚିତ୍ରବର୍ମ୍ମ | ଟ ୧୫୯ |
| ବାବୁ ଜଗନ୍ମୋହନ ଘୋଷ | ଟ ୧୦୯ |
| ୧୦ ଜଣାଙ୍କ ଅନ୍ଧବ ଷ୍ଟୁଡାଇ ସନଖ୍ଟ | ଟ ୧୧୪।/ |
| ମୋଟ | ଟ ୨୦୧୧୪୵୧ |

କଟକ ୨୪।୮।୯୧ } ବାବୁ ହରିବଲ୍ଲଭ ଘୋଷ ଅବୈତନିକ ସମ୍ପାଦକ ଏବଂ ଖଜାଞ୍ଚି

## ଗ୍ରନ୍ଥମାଳାର ଅର୍ଥ।

ବାବୁ ମଧୁସୂଦନରାଓ କୃତ ଗ୍ରନ୍ଥମାଳାର ଅର୍ଥପୁସ୍ତକ ମୋଟା ଏବଂ ମୂଲ୍ୟବାନ୍ କାଗଜରେ ଛପାହୋଇ କଟକପ୍ରିଣ୍ଟିଂ କମ୍ପାନୀଙ୍କର ଏବଂ ବାଲେଶ୍ୱର ଦେଙ୍କ ପ୍ରେସର ଓ ବାମଣ୍ଡା ସ୍ୱଉଲପ୍ରେସର ମେନେଜରମାନଙ୍କ ନିକଟରେ ଦୁଇପଇସା ମୂଲ୍ୟରେ ବିକ୍ରୟ ହେଉଅଛୁ। ଦୁଇପଇସିଆଷ୍ଟାମ୍ପରେ ଖ ୧୬ ଖଣ୍ଡ ବହି ଡାକରେ ଯାଇ ପାରେ।

## ବିଲାତୀ କାଗଜ।

ରଳକଣିତ ଷ୍ଟୀମ୍ ବରଳେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ଦ୍ୱାରା ଜଣଙ୍କ ବାବୁ ଅନ୍ତତଃ କର ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | | |
|---|---|---|---|---|
| ୧୭ ରିମ | ନାଇ | ଠିକ୍ ଟ ୨୪୵ | ଓଜନ ଟ ୦୬। | |
| ୧୭ ରିମ | „ | „ ଟ ୨୨ | „ | ଟ ୦ ୫୦ |
| ୧୨ ରିମ | „ | „ ଟ ୨୧ | „ | ଟ ୦ ୪ |
| ୨୨ ରିମ | ରୟଲଫାଇନ୍ସପେପ „ | ଟ ୩। | „ | ଟ ୦ ୵୦ |

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବସା ନିକଟସ୍ଥ ଅମ୍ଭମାନଙ୍କ ଦୋକାନରେ ଚନ୍ଦନକୋଣା ଓ ଶଙ୍ଖ ଓ ରେଶମୀଓଗେର ଲୁଗା ଓ ଷ୍ଟେସନରୀ ଓ ଜଳିକଗ ଇତ୍ୟାଦି ସବୁପ୍ରକାର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି। ତଦ୍ଭିନ୍ନ ଅନେକପ୍ରକାର ପୋହ୍ଲ କିନିସାଦି ଖଜାନ ସବାଶେ ପ୍ରସ୍ତୁତ ଅଛି ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ।

## ପ୍ରଚାର।

ଏ ଭାଗରୁ ଦେଉଥିବ ପାଟରେ ଉତ୍ତିଙ୍ଗରେ ଉଇଲାର ଚୋପାଛଡର ପାଟରେ ଦେଲେ ପାଣିଗଲା ବନ୍ଦ ହେବ ଉଇଲ କିଟିଂ ଅଟେଇ ଲେପିଦେଲେ ମଜବୁତ ହେବ ଓ ଭଙ୍ଗି ଯିବ ନାହିଁ।

କଟିଲ ଚମଡା ଓ ଖାଡରେ ଲଗାଇବାର ଜାନ ନଷ୍ଟ ହୁଏ।

ଅପରକଟକ ଜଳ କମ୍ପାନୀ

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଶର୍ତ୍ତା ନିମ୍ନଲିଖିତ ରୂପେ ସ୍ଥିର ହୋଇଅଛି ଯଥା—

ପ୍ରଥମଥର ସବାଶେ
ପ୍ରତିପଙ୍କ୍ତି ଟ ୦୵
ଅଧସ୍ତମ୍ଭ ଟ ୩
ଦୁଇ ଏକ ସ୍ତମ୍ଭ ଟ ୭

ମାସ ହୋଇଥି ବିଜ୍ଞାପନ ହେଉଥିଲେ ହୁଏ ଦେଲେ ତହିଁର ଶର୍ତ୍ତା ଟ ୦୪ ରୁ ଉଣା ହେବ ନାହିଁ।

ଦୁଇଥର ଓ ତିନିଥର ସବାଶେ ଶର୍ତ୍ତା ପ୍ରଥମଥର ଦେଢା ଓ ଦ୍ୱିଗୁଣ ଯଥାକ୍ରମେ ହେବ।

ଅଧିକ ଥର ସବାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପକଙ୍କୁ ପଠାଇବାକୁ ହେବ।

## ଔଷଧଭଣ୍ଡାର।



ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥ ଆଜକୁ ପ୍ରାୟ ପାଞ୍ଚବର୍ଷ ହେବ ସ୍ଥାପିତ ହୋଇ ସୁବନ୍ଦୋବସ୍ତ ସହିତ କାର୍ଯ୍ୟ ଚଳୁଅଛି। ଏଥିରେ ନାନାବିଧ ଡାକ୍ତରୀ ଓ କବରାଜୀ ଔଷଧ ବିକ୍ରୟ ହୁଅଇ। ଏହାଛଡ଼ା ଅନ୍ୟ ଯାହାର ଯେଉଁଦ୍ରବ୍ୟ ପ୍ରୟୋଜନ ହୁଏ ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇ ଦିଆଯାଏ। ମାଦକ ଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ। ଯେଉଁ ଦ୍ରବ୍ୟମାନ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ବଜାର ଦର ଉପରେ କଣି ପଠାଇବାର ପରିଶ୍ରମନିମନ୍ତେ ଶତକରା ଟ ୨। ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯାଏ। କେବଳ ପ୍ୟାକିଂ ଓ ଡାକଖର୍ଚ୍ଚା ପଠାଇଲେ ଔଷଧ ଓ ଦ୍ରବ୍ୟାଦି ଭାଲ୍ୟୁପେଇବଲ ଡାକରେ ମଧ୍ୟ ପଠାଯାଇ ପାରେ। ବେରଂ ବା ଇନସଫିସିଏନ୍ଟ ପତ୍ର ଗୃହୀତ ହୁଏ ନାହିଁ ଏବଂ ରିପ୍ଲାଇକାର୍ଡ ବା ଟିକଟ ନ ପଠାଇଲେ ପତ୍ରର ଉତ୍ତର ଦିଆଯାଏ ନାହିଁ। ମଫସଲବାସୀ ଅନେକ ଅନେକ ରାଜା ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କଠାରୁ ସର୍ବଦା ସେଥର ଚିଠିସ୍ତା ଓ ଔଷଧ ପ୍ରେରଣ କରିବାସକାଶେ ପତ୍ରାଦି ପାଇଥାଉଁ। ଅତଏବ ସେମାନଙ୍କ ଓ ସର୍ବସାଧାରଣଙ୍କ ସୁବିଧାର୍ଥ ଜଣାଉଅଛୁଁ କି ଯେଉଁମାନେ ଅମ୍ଭଦ୍ୱାରା ଅତଃପର ଚିଠିସିତ ହେବାକୁ

Split by PDF Splitter



ଇଚ୍ଛା କରନ୍ତି ସେମାନେ ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି ଭୂଲଲ କ କା, ରୋଗୀ ପୁରୁଷ ବା ସ୍ତ୍ରୀ, ରୋଗିର ପୂର୍ବ ଓ ବର୍ତ୍ତମାନ ଆଚରଣ, ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁ ପ୍ରକୃତି ଇତ୍ୟାଦି ରୋଗର ବୃତ୍ତାନ୍ତ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ । ଟଙ୍କା, କଉଡ଼ି ବା ପତ୍ରାଦି ନିମ୍ନ ଠିକଣାରେ ଆମ୍ଭଠାରୁ ପଠାଇବାକୁ ହେବ ।

କଟକ ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

## ନୂତନ ପୁସ୍ତକ ।

**A KEY TO NEW ROYAL READERS NO. IV MINOR COURSE.**

ସେପ୍ଟେମ୍ବରମାସର ମଧ୍ୟରେ ଗ୍ରାହକହେଲେ ମୂଲ୍ୟ ଟ୦୷ ନଭୁବା ପରେ ମୂଲ୍ୟ ବୃଦ୍ଧିହେବ ।

Ditto An Abridged Edition ଟ ।

ପ୍ରାକୃତିକ ଭୂଗୋଳର ପ୍ରଶ୍ନୋତ୍ତର ଟ ୦ ।, ସ୍ୱାସ୍ଥ୍ୟସାଧନର ପ୍ରଶ୍ନୋତ୍ତର ଟ ୦୶, ଫାଷ୍ଟବୁକର ମାନେ ବହି ( ସ୍ୱଲଭ ଓ ପରଶୁକ ) ଟ ୦୶

ଧ୍ରୁବ ଚରିତ ଟ ୦ ।

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଏବଂ ବାବୁ ପ୍ରମଥନାଥ ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ପ୍ରାପ୍ତବ୍ୟ । ପତ୍ରରେ "ଲଳିତମୋହନଙ୍କ ପ୍ରଣୀତ" ବୋଲି ଲେଖିବ । ନଭୁବା ଅନ୍ୟ ଗ୍ରନ୍ଥକାରଙ୍କ ପୁସ୍ତକ ଏହା ବଦଳରେ ପାଇବାର ସମ୍ଭାବନା ।

ସାମ୍ୟବାଦୀ ଇନଷ୍ଟି- ଟ୍ୟୁସନ। କଟକ। } ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

### ପ୍ରୟୋଜନୀୟ ଔଷଧ ।

ନିମ୍ନଲିଖିତ ପ୍ରକୃତ ଓ ବହୁକାଳବ୍ୟବହାର୍ଯ୍ୟ ପରୀକ୍ଷିତ ଔଷଧମାନ ଅଳ୍ପ ମୂଲ୍ୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ।

୧ । ପାପଲୀନାଥ ତୈଳ—ବହୁ ବର୍ଷରୁ ଚେଷ୍ଟାରୁ ଅନୁସନ୍ଧାନ କରି ଏହି ଔଷଧ ପ୍ରସ୍ତୁତ ହୋଇଅଛି । ଏହା ବ୍ୟବହାର କଲେ, କେଶଶୁକ୍ଳତା, କେଶର ଅକାଳପକ୍ୱତା, ଅକାଳପତନ, ଏବଂ ଶିରଃପୀଡ଼ା, ଶିରୋଘୂର୍ଣ୍ଣନ ଇତ୍ୟାଦି ନିବାରିତ, ମସ୍ତକର କଣ୍ଡୁ ଓ ଖାଦ୍ୟବଜନ୍ତୁ ହୋଇ ଦେହ ଓ ମସ୍ତିଷ୍କ ସୁଶୀତଳ, କେଶ ବର୍ଦ୍ଧିତ, ଶୋଭାଯୁକ୍ତ ଓ ସୁବାସିତ ହୁଏ । ପ୍ରତି ଶିଶିର ମୂଲ୍ୟ ବାରଅଣା ମାତ୍ର ।

୨ । ଦଦ୍ରୁ କୁଠାଶନ—ନାମ ଶୁଣାଉଁ ସତ୍ୟ କିନ୍ତୁ ପ୍ରୟୋଗ କାଳେ ଜ୍ୱାଳା ଯନ୍ତ୍ରଣା କିଛିମାତ୍ର ଜଣାଯାଏ ନାହିଁ । ମାତ୍ର ଏହା ଦଦ୍ରୁକୁଷ୍ଠ ପକ୍ଷରେ ମୃତ୍ୟୁଞ୍ଜୟ ତୁଲ୍ୟ କାର୍ଯ୍ୟ କରେ ଏବଂ ତାହାକୁ ଏକାବେଳକେ ବିନଷ୍ଟ କରେ, ତହିଁରେ ଆଉ ସନ୍ଦେହ ନାହିଁ । ଏହା ବ୍ୟବହାର କରି ୨୫ ବର୍ଷର ଦଦ୍ରୁ ରୋଗ ଆରୋଗ୍ୟ ହୋଇଅଛି, ପ୍ରତି ଡବାର ମୂଲ୍ୟ ଦୁଇ ଅଣା ମାତ୍ର ।

୩ । ଶଳସହାରଣୀ—ଏହା ଯଥାବିଧି ସେବନ କଲେ ବା ପ୍ରାଚୀନ ବା ନୂତନ ସବୁ ପ୍ରକାର ଅମ୍ଳଶୂଳ, ପିତ୍ତଶୂଳ, ବସ୍ତୁ ଶୂଳ ( ଅମ୍ଳବାତ ), ବମନାଦି ଅତି ଯନ୍ତ୍ରଣାଦାୟକ ଲକ୍ଷଣମାନ ଶୀଘ୍ର ଦୂର ହୁଏ । ଏକପକ୍ଷ କାଳ ସେବନୀୟ ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୪ । କୋଷ୍ଠଭେଦ ବଟିକା—କୋଷ୍ଠବଦ୍ଧ ସର୍ବପ୍ରକାର ରୋଗର ଉତ୍ପତ୍ତି ଓ ବୃଦ୍ଧିର ପ୍ରଧାନ କାରଣ ଅଟେ । କୋଷ୍ଠଶୁଦ୍ଧି ନ ହେଲେ କୌଣସି ରୋଗ ଅପ୍ରେମ୍ୟ କିମ୍ବା କୌଣସି ଔଷଧ ମଧ୍ୟ କାର୍ଯ୍ୟକାରକ ହୁଏ ନାହିଁ । ଏହି ଔଷଧ ବ୍ୟବହାର କଲେ ବା ପ୍ରାଚୀନ ବା ନୂତନ ସର୍ବପ୍ରକାର କୋଷ୍ଠବଦ୍ଧ ଏବଂ କୋଷ୍ଠବଦ୍ଧଜନିତ ଅନ୍ୟାନ୍ୟ ପୀଡ଼ା ଯଥା, କୋଷ୍ଠାଶ୍ରିତ ବାୟୁ, ଜ୍ୱର, ଅର୍ଶ, ଅଜୀର୍ଣ୍ଣ, ଶୋଥ, ଉଦରୀ, ଯକୃତ, ପାଣ୍ଡୁ, ଓ ତଜ୍ଜନିତ ଶିରଃପୀଡ଼ା ଓ ଘୂର୍ଣ୍ଣନାଦି ନିବାରିତ ହୁଏ ।

ଏହି ନିର୍ଦ୍ଦୋଷ ବିରେଚକ । ସର୍ବପ୍ରକାର ପୀଡ଼ାରେ ଏମନ୍ତ କି ଅନ୍ୟାନ୍ୟ ଔଷଧ ବ୍ୟବହାରର ସଙ୍ଗେ ମଧ୍ୟ ଏହା ବ୍ୟବହାରର ଉପଯୁକ୍ତ ଅଟେ । ମୂର୍ଚ୍ଛା, ଅସୁସ୍ଥ, ବାଳକ, ବୃଦ୍ଧ, ସ୍ତ୍ରୀ ଓ ପୁରୁଷ ସମସ୍ତେ ଏହା ସେବନ କରି ପାରନ୍ତି । ସପ୍ତାହ କାଳ ସେବନୀୟ, ଔଷଧର ମୂଲ୍ୟ ଏକ ଟଙ୍କା ।

୫ । ଜ୍ୱରସାଗର ଅମୃତ—ଏହା ସେବନ କଲେ ମ୍ୟାଲେରିଆ ବା ଦୂଷିତ ଜଳବାୟୁଜନିତ ଜ୍ୱର, ସର୍ବ ପ୍ରକାର ପାଳିଜ୍ୱର, ସୂତିକାଜ୍ୱର, ଦ୍ୱିତୀୟ ଓ ଏକ ଜ୍ୱର, ପ୍ଳୀହା ଯକୃତ, ଅଜୀର୍ଣ୍ଣ, ଅରୁଚି, ଶୀର୍ଣ୍ଣତା, ରକ୍ତହୀନତା, ଅନିୟମିତ କୋଷ୍ଠ, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ଦୂରୀଭୂତ ହୁଏ ଏବଂ ଦେହ, ପରିପୁଷ୍ଟ ହୋଇ ରକ୍ତ ସଞ୍ଚାରିତ ହୁଏ । ଏକ ପକ୍ଷକାଳ ସେବନୀୟ, ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୬ । ଶୋଣିତସଞ୍ଜୀବନୀ ( ସାଲସା )—ଶୋଣିତ ମାନବଦେହର ପ୍ରଧାନ ଉପାଦାନ ଅଟେ। ଏହା ପରିଶୁଦ୍ଧ ଥିଲେ କୌଣସି ପ୍ରକାର ବ୍ୟାଧିର ଉତ୍ପତ୍ତି ହୋଇପାରେ ନାହିଁ । କିନ୍ତୁ ରକ୍ତ ଶୋଣିତ ସାମାନ୍ୟ ମାତ୍ର ଦୂଷିତ ହେଲେ ତହିଁରୁ କ୍ରମେ କ୍ରମେ ଶରୀରର ଭିତରୁ ରକ୍ତ ଦୂଷିତ ହୋଇ ନାନା ପ୍ରକାର ଭୀଷଣ ବ୍ୟାଧିର ଉତ୍ପତ୍ତି ହୁଏ । ଅନିୟମିତ ଆହାର, ବିହାର ଅତିରିକ୍ତ ଶାରୀରିକ ଓ ମାନସିକ ପରିଶ୍ରମ, ଦୂଷିତ ଜଳବାୟୁ ପାରଦାଦି ଦୋଷ, ପ୍ରମେହ, ଉପଦଂଶ ଇତ୍ୟାଦି ହେତୁ ଶରୀରର ରକ୍ତ ଦୂଷିତ ହୋଇ ଉଠେ ଏବଂ ନାନାପ୍ରକାର କ୍ଷତ, କଣ୍ଡୁରା, ଖାଜୁ, ଦଦ୍ରୁ, ସନ୍ଧିବେଦନା, ନେତ୍ର ଓ କାସିବା ରୋଗ ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ରୋଗ ଓ ଲକ୍ଷଣମାନ ଜାତ ହୋଇ ମନୁଷ୍ୟକୁ ଅକର୍ମଣ୍ୟ କରଇ ଦିଏ । ଏହି ସୁଧା ବ୍ୟବହାର କଲେ ଉଲ୍ଲିଖିତ ଉପଦ୍ରବମାନ ନିବାରିତ ହୋଇ ମାନବଦେହ ନବସ୍ୱାସ୍ଥ୍ୟ ଓ ଶୋଭାଯୁକ୍ତ ହୁଏ । ସୂତିକାରୋଗରେ ମଧ୍ୟ ବଳାଧାନ ନିମନ୍ତେ ଏହା ଉପଯୋଗୀ । ନାନାପ୍ରକାର ଚର୍ମ୍ମରୋଗ, ଧାତୁ ଦୌର୍ବଲ୍ୟ ଓ କ୍ଷତାଦି ଏହା ସେବନେ ଆରୋଗ୍ୟ ହୁଏ । ଚାରି ସପ୍ତାହ ସେବନୀୟ ଔଷଧର ମୂଲ୍ୟ ଦୁଇଟଙ୍କା ଆଠଅଣା ।

ବାଲୁବଜାର, କଟକ ଔଷଧଭଣ୍ଡାର । } ଡାକ୍ତର । ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ । V. L. M. S.

Watches! Clocks! Time pieces! Repaired by an efficient workman the premises of the Cuttack Printing Company. Charge moderate.

## ଘଣ୍ଟାମରାମତି ।

ନାନାପ୍ରକାର ଶ୍ରେଷ୍ଠ ବଡ଼ ଘଣ୍ଟାଘଡ଼ି ଉତ୍ତମରୂପେ ମରାମତ ହେବା ଓ ଯଥା ସମୟରେ ପାଉଥିବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଆମ୍ଭେ ଘଡ଼ି ମରାମତର କାର୍ଯ୍ୟାରମ୍ଭ କରାଇଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରିବେ ।

ଘଡିର ଅବସ୍ଥା ଅନୁଯାୟୀ ୬ମାସଠାରୁ ୨ ବର୍ଷ ପର୍ଯ୍ୟନ୍ତ ଗ୍ୟାରେଣ୍ଟି ଦିଆଯିବ ଅର୍ଥାତ୍ ମରାମତି ଦୋଷରୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଘଡି ନ ଚଳିଲେ ପୁନର୍ବାର ଦୁରସ୍ତ କରିଦିଆଯିବ ।

## ଗିଲ୍‌ଟି

ଘଡ଼ିର ଚେଇନ ଚେନ, ମୁଦି, ଷ୍ଟଡ଼ସଲିଡ଼ଷ୍ଟେକ୍ସର ଓ ଇଲେକ୍‌ଟ୍ରୋଲିକର ନମରଦେବାଇ ଓ ଯେର ସାଜ, (ତମ୍ବାର ଓ ପିତ୍ତଳର ନାନାବିଧ ଅଳଙ୍କାରାଦି ରୂପା ଅବା ସୁନାରେ; ରୂପାର ମୁଦି ଓ ଯେର ଅଳଙ୍କାର ସୁନାରେ ) ଗିଲ୍ଟି କରି ଦିଆଯିବ ।

କଟକ ୧୯।୧୧।୮୯୧. } ଶ୍ରୀ ଗୌରଶଙ୍କର ରାୟ

## ମେହରୋଗ ।

ଘ୨୪ ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ନିଜାର୍ଦ୍ଧ ରୋଗ ଶାରୀରିକ ଜୀବନ ନଷ୍ଟ ସାଂଘାତିକ ଅର୍ଥବ୍ୟୟ ଅବାପେ ଜୀବନର ଆୟୁ ପର୍ଯ୍ୟନ୍ତ ନିଶ୍ଚିତ ।

ଏହି ଔଷଧ ଯଥାବିଧିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ଛଅ ମାସ ପ୍ରୟୋଗ କଲେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ। ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ କହୁଅଛୁଁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ। ଈଶ୍ୱର ଇଚ୍ଛାରେ ପ୍ରାଣରକ୍ଷା ନ ହେଲେ ଆଉ ଗତି ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରେ ପ୍ରକାଶିତ ହେବ କଲିକତା ଅପ୍ପରଚିତ୍ପୁର ରୋଡ ନମ୍ବର ଭବନରେ ସି, କେ, ସେନ କମ୍ପାନିଙ୍କଠାରେ ଏବଂ କଟକ ଚାନ୍ଦିଚୌକ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶିକୁ ଟ୨୷ ମା। । ପ୍ୟାକିଂ ଓ ଡାକଖର୍ଚ୍ଚା ପୃଥକ

ଏହି ଉତ୍କଳଦୀପିକା ସହର କଟକ ଚାନ୍ଦିଚୌକ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

REGISTERED NO. 1

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।

ଭାଗ ୨୬ ର | ସଂ ୩୭ ସଂଖ୍ୟା

ତା ୧୨ ରଖ ମାହେ ସିପ୍ଟମ୍ବର ସନ ୧୮୯୧ ଇସ୍ୱୀ । ମୁ । ଭାଦ୍ରବ ଶୁ ୨୯ ଜ ସନ ୧୨୯୮ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ପଶ୍ଚାଦ୍ଦେୟ ଟ ୩॥

ମାନ୍ଦ୍ରାଜ ରେଲଓଏ କମ୍ପାନୀ ମାନ୍ଦ୍ରାଜଠାରୁ ବେଜବାଦା ପର୍ଯ୍ୟନ୍ତ ରେଲବାଟ ନିର୍ମାଣ କରିବାର ପ୍ରସ୍ତାବ କରିବାରୁ ସେହି ସ୍ଥାନୀୟ ଗବର୍ଣ୍ଣମେଣ୍ଟ ତାହା ମଞ୍ଜୁର କରି ଅଛନ୍ତି । ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟଙ୍କର ଇଚ୍ଛା ଯେ ବେଜବାଦାଠାରୁ କଟକ ପର୍ଯ୍ୟନ୍ତ ଇଷ୍ଟକୋଷ୍ଟ ରେଲନାମରେ ଯେଉଁ ରେଲବାଟ ପ୍ରସ୍ତୁତ ହେଉଅଛି ତାହା ମଧ୍ୟ ଉକ୍ତ କମ୍ପାନୀକୁ ଦେବେ । ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଏପ୍ରସ୍ତାବ ମଞ୍ଜୁର କଲେ ଏଠାରୁ ମାନ୍ଦ୍ରାଜ ପର୍ଯ୍ୟନ୍ତ ସିଧା ରେଲବାଟ ଗୋଟିଏ ହୋଇ ଯିବ ।

---

ପୁରୀରୁ ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ଯେ ଢିମାଳୀମଠର ଝୁଲଣଯାତ୍ରା ଅତ୍ୟନ୍ତ ସମାରୋହ ସହିତ ନିର୍ବାହ ହୋଇଥିଲା । କୁଞ୍ଜଟି ଅତି ଉତ୍ତମରୂପେ ସୁସଜ୍ଜିତ ହୋଇଥିଲା ଏବଂ ଯାତ୍ରୀ ନାଚର ବାହୁଲ୍ୟ ବନ୍ଦୋବସ୍ତ ହୋଇଥିଲା । ଶେଷଦିନ ପ୍ରାୟ ଟ ୩୦୦୯ ଙ୍କାର ଦ୍ରବ୍ୟ ଶ୍ରୀ ଜଗନ୍ନାଥମହାପ୍ରଭୁଙ୍କ ଭୋଗ ଲାଗି ନଗରବାସୀ ଭଦ୍ରଲୋକଙ୍କୁ ଆମନ୍ତ୍ରଣ କରି ଭୋଜି ଦିଆଯାଇଥିଲା । ଏ ସବୁ ଉତ୍ତମ କଥା କିନ୍ତୁ ଦୁଃଖୀ କଙ୍ଗାଳଙ୍କ ସେବା କିପରି ହୋଇଥିଲା ପତ୍ରପ୍ରେରକ ତାହା ଲେଖିଥିଲେ ଭଲ ହୋଇଥାନ୍ତା ।

---

ମାନ୍ଦ୍ରାଜର ଗବର୍ଣ୍ଣର ମହାମାନ୍ୟ ଓଏନଲକ୍ ବାହାଦୁର ବର୍ତ୍ତମାନ ଉତ୍ତର ଅର୍କଟର ଅନେକ ସ୍ଥାନମାନ ଦେଖି ବୁଲୁଅଛନ୍ତି । ସେ ଏକଦିନ ପ୍ରାତଃକାଳରୁ ଅଶ୍ୱାରୋହଣରେ ମା ୨୨ ଇଲ ଭ୍ରମଣ କରି ଆସି ମଧ୍ୟାହ୍ନ ଭୋଜନ କଲେ । ଭୋଜନ ଉତ୍ତାରୁ ତେମ୍ବ ସମ୍ମୁଖରେ ବସି ସମସ୍ତ ଲୋକଙ୍କୁ ତାହାଙ୍କ ନିକଟକୁ ଆସିବାର ଅନୁମତି ଦେବାରେ ଅନେକ ଗରିବ ଲୋକ ତାହାଙ୍କୁ ଘେରି ଯାଇ ଆପଣା ୨ ଦୁଃଖ ଜଣାଇଲେ ଏବଂ ସେ ଅତି ଧୀରଭାବରେ ତାହା ସବୁ ଶୁଣିଲେ । ଏପରି ନ ହେଲେ କି ହାକିମ ? ଦୁଃଖର ବିଷୟ ଯେ ଏପରି ଶାସନକର୍ତ୍ତାଙ୍କ ସଂଖ୍ୟା ଊଣା ଦେଖା ଯାଏ ।

---

ଗତ କଲିକତା ଗେଜେଟରୁ ପ୍ରକାଶ ଯେ ବାବୁ ଦ୍ୱାରିକାନାଥ ପାଲ ବେଦ ଅଧ୍ୟୟନର ନିମନ୍ତେ ପାଞ୍ଚହଜାରଟଙ୍କା ଦାନ କରିବାରୁ ଗବର୍ଣ୍ଣମେଣ୍ଟ ତାହା ଗ୍ରହଣ କରି ଆଦେଶ କରି ଅଛନ୍ତି କି ଉକ୍ତ ଟଙ୍କା କମ୍ପାନି କାଗଜରେ ଜମା ହୋଇ ସଂସ୍କୃତକଲେଜର ପ୍ରିନ୍ସିପଲ ମାରଫତରେ ରହିବ ଏବଂ ତହିଁର ସମୁଦାୟ ବାର୍ଷିକ ଆୟ କେବଳ ବେଦ ଓ ବୈଦିକଶାସ୍ତ୍ର ପଢ଼ାଇବାକାରଣ ଗୋଟିଏ ସ୍କୁଲ ସ୍ଥାପିତ ହୋଇ ତହିଁରେ ବ୍ୟୟ ହେବ । ଉକ୍ତ ସ୍କୁଲର ଅଧ୍ୟାପକ ଜଣେ ବଙ୍ଗଦେଶୀୟ ହେବେ ଓ ଟ୍ରଷ୍ଟିମାନେ ତାହାଙ୍କୁ ନିଯୁକ୍ତ କରିବେ ଏହି ପ୍ରଶସ୍ତ ଦାନ ସକାଶେ ମାନ୍ୟବର ଲେଫ୍ଟେନଣ୍ଟ ବାବୁ ମହାଶୟଙ୍କୁ ଧନ୍ୟବାଦ ଦେଇ ଅଛନ୍ତି ।

---

ଦକ୍ଷିଣଅମେରିକାର ଚିଲିରାଜ୍ୟରେ ଉପସ୍ଥିତ ବିଦ୍ରୋହ ଘଟିଥିବାର ପାଠକମାନଙ୍କୁ ଜଣା ଅଛି । ସେ ବିଦ୍ରୋହରୁ ରାଷ୍ଟ୍ରବିପ୍ଳବ ଘଟିଅଛି । ପ୍ରଥମେ ବିଦ୍ରୋହିମାନେ ଜିଣିଥିଲେ । ସଭାପତି ବାଲମେସେଡ଼ା ରାଜ୍ୟର ଆଶା ଛାଡ଼ିଦେଇଥିଲେ । ପଛକୁ ପୁଣି ସଭାପତି ବିଦ୍ରୋହିମାନଙ୍କୁ ହଟାଇ ଦେବାରୁ ସ୍ୱରାଜ୍ୟରେ ବସିବାର ଦୃଢ଼ଯତ୍ନ କରିଥିଲେ ଏବଂ ପ୍ରଧାନ ୨ କେତେକ ବିଦ୍ରୋହିଙ୍କି ଧରି ରଖିଥିଲେ । ମାତ୍ର ଶେଷରେ ଯାହା ଘଟିବାର ଥିଲା ତାହା ଘଟିଅଛି । ବିଦ୍ରୋହିମାନେ ଅବଶେଷରେ ଅନେକ ସୈନ୍ୟ ଗୁଣ୍ଡ କରି ସଭାପତିଙ୍କି ଆକ୍ରମଣ କଲେ । ପାଞ୍ଚଘଣ୍ଟାକାଳ ଭୂମୁଳ ଲଢ଼ାଇ ହେଲା ଏବଂ ସଭାପତି ହାରିଗଲେ । ବିଦ୍ରୋହିମାନେ ଭାଲପରେଇଜୋନଗର ଅଧିକାର କରି ବସିଅଛନ୍ତି । ରାଜ୍ୟରେ ଅବଧି ଶାନ୍ତି ସ୍ଥାପିତ ହୋଇ ନାହିଁ । ସଭାପତି ଓ ତାଙ୍କର ମନ୍ତ୍ରୀବର୍ଗ ଓ ସାହାଯ୍ୟକାରୀମାନଙ୍କ ଘର ପୋଡ଼ି ଦିଆଯାଇଅଛି । ଯୁଦ୍ଧରେ କି ୫୦୦୦ ଣ ଲୋକ ମରି ପଡ଼ିଅଛନ୍ତି ଏବଂ ବିଦ୍ରୋହିମାନେ ଆପଣା ଲୋକଙ୍କୁ ସଭାପତିପଦରେ ନିଯୁକ୍ତି ଅଛନ୍ତି । ପୂର୍ବସଭାପତି ବେଲ୍‌ମେସିଡୋ ପଳାଇ ଯାଇଥିବାର ଶୁଣାଯାଇଥିଲା କିନ୍ତୁ ତାରରୁ ସମ୍ବାଦ ଆସିଅଛି ଯେ ସେ ମରିପଡ଼ି ଅଛନ୍ତି । ତା. ନୃତ

Digitized by srujanika@gmail.com

Split by PDF Splitter



ଲୋକେ ସୁଖ ନ ପାଇବାରୁ ପଦତ୍ୟାଗ କରିବାକୁ ଅନୁରୋଧ କରିଥିଲେ । ସେ ତାହା ଶୁଣି ନ ପାରି ଶେଷରେ ପ୍ରାଣ ହରାଇଲେ ଏବଂ ଏତେ ଅନର୍ଥ ଘଟାଇଲେ ।

---

ଇଷ୍ଟକୋଷ୍ଟ ରେଲବାଟ ନିମନ୍ତେ ପୁରୀ ଓ କଟକ ଜିଲାରେ ପ୍ରୟୋଜନ ଥିବା ଜମି ଖରିଦ କାରଣ ଜଣେ ଡେପୁଟୀକଲେକ୍ଟର ନିଯୁକ୍ତ ହେବାର ଶୁଣି ଆମ୍ଭେମାନେ ଆଶା କରି ଥିଲୁଁ ଯେ ଏତଦ୍ଦେଶୀୟ କେହି ଶିକ୍ଷିତ ଯୁବାର ଭାଗ୍ୟ ଫିଟିବ । ମାତ୍ର ଗତସପ୍ତାହର କଲିକତା-ଗେଜେଟରେ ଶ୍ରୀଯୁକ୍ତ ଡବଲିଉ ସି, ଟେଲର ସାହେବ ଉକ୍ତ କାର୍ଯ୍ୟରେ ନିଯୁକ୍ତ ହେବାର ଦେଖି ଆମ୍ଭମାନଙ୍କର ଉକ୍ତ ଆଶା ବ୍ୟର୍ଥ ହେଲା । ଶ୍ରୀଯୁକ୍ତ ଟେଲର ସାହେବ ଖୋରଧାର ପୁରୁଣା ଡେପୁଟୀ କଲେକ୍ଟର ଏବଂ ବନ୍ଦୋବସ୍ତ-କର୍ତ୍ତା ବର୍ତ୍ତମାନ ସେ ପେନସେନ ନେଇ ଉକ୍ତ-ସ୍ଥାନରେ ବାସ କରୁ ଅଛନ୍ତି । ଏ କାର୍ଯ୍ୟଟି ଅବଶ୍ୟ ଅଳ୍ପକାଳର ଅଟଇ ଅର୍ଥାତ ବର୍ଷେ ବା ଛମାସରୁ ଅଧିକ କାଳ ରହିବ ନାହିଁ ଏବଂ ଟେଲର ସାହେବଙ୍କୁ ଖୋରଧା ଭୂମିର ଅବସ୍ଥା ଉତ୍ତମରୂପେ ଜଣା ଥିବାରୁ ସେ ଏକାର୍ଯ୍ୟ ପାଇଁ ବିଶେଷ ଯୋଗ୍ୟ । ସମ୍ଭବତଃ ଏହି ସବୁ ବିବେଚନାରେ ଏବଂ ଏଥିରେ ପେନସନକର୍ତ୍ତା ଖର୍ଚ୍ଚ କମିବ ବୋଲି ଗବର୍ଣ୍ଣମେଣ୍ଟ ଏହାଙ୍କୁ ନିଯୁକ୍ତ କରି ଅଛନ୍ତି । ମାତ୍ର ଯେବେ ପୂର୍ବ ପେନସନ ଉପରେ ତାହାଙ୍କ ବେତନ ଦିଆ ଯିବ ତେବେ ଅଳ୍ପଦିନ ନିମନ୍ତେ ହେଉ ପଛକେ ଜଣେ ଏ-ଦେଶୀୟବୟୋବୃଦ୍ଧ ପେନସନଭୋଗୀର ସାମାନ୍ୟ ଉପକାର ନିମନ୍ତେ ଉନ୍ନତି ପାଇବାର ଯୋଗ୍ୟ ଏ ଦେଶୀୟ କର୍ମଗୃହୀଙ୍କ ବ୍ୟାଘାତ କରିବା ଭଲ ନୁହଇ । ଆମ୍ଭମାନଙ୍କର ସମ୍ପୂର୍ଣ୍ଣ ବିଶ୍ୱାସ ଯେ ଶ୍ରୀଯୁକ୍ତ ଟେଏଲର ସାହେବଙ୍କ ଅମଲରେ ଏ ଦେଶୀୟଙ୍କର ଅନେକ ପ୍ରକାର ଉନ୍ନତି ହେବ । ଏଥିପାଇଁ ବର୍ତ୍ତମାନ ବନ୍ଦୋବସ୍ତଟା ଅଦ୍ଭୁତ ଲାଗୁଅଛି ।

---

କମେଲର ମାନବତତ୍ତ୍ୱସଭାର ଗୋଟିଏ ଅଧିବେଶନ ଅଳ୍ପଦିନତଳେ ହୋଇଥିଲା । ଐ ସଭାରେ ପଣ୍ଡିତବର ଡାକ୍ତର ଲୁନହା କମେଲର ଅଧିବାସିଙ୍କ ସମ୍ବନ୍ଧରେ କହିଅଛନ୍ତି ଯେ ଇଂରାଜଙ୍କ ଅଧିକାରରେ ଆସିବାଠାରୁ କମେଲ ଗୋଟିଏ ସମୃଦ୍ଧିଶାଳୀ ନଗର ହୋଇ-ଅଛି । ବହୁକାଳରୁ ନିକଟବର୍ତ୍ତୀ ପ୍ରଦେଶର ଉଦ୍ୟମଶୀଳ ଲୋକମାନେ ବାଣିଜ୍ୟକାର୍ଯ୍ୟ ଉପଲକ୍ଷରେ ବାସ କରୁଅଛନ୍ତି । ମାତ୍ର ଏମାନେ ଧର୍ମମାନଙ୍କ ତର ପ୍ରଭୁତ୍ୱ ନକ୍ରମେ ତେଜୁ ନାହିଁ । ଏଥିର କାରଣ ଏହି କି ଯେଉଁମାନେ ଏକାନ୍ତ ସ୍ୱାର୍ଥପର ଓ ଧନଲୋଭର ଆଲୋଚନାରେ ଦକାଗନ୍ଧ ବ୍ୟସ୍ତ ଯେଉମାନଙ୍କ ମଧ୍ୟରେ ଧନଲାଭ ଏବଂ ଧନର ପୂଜା ଜୀବନର ଏକମାତ୍ର ଉଦ୍ଦେଶ୍ୟ ସେମାନଙ୍କର ବଂଶ ଉନ୍ନତଅବସ୍ଥାରେ ରକ୍ଷାହେବା କଠିନ । ଧନର ଗୌରବସହିତ ଯଦ୍ୟପି ବଂଶମର୍ଯ୍ୟାଦାର ଜ୍ଞାନ-ଗାରିମା ଏବଂ ଉଦାରବୁଦ୍ଧିସଂଯୁକ୍ତ ନ ଥାଏ ତେବେ ଧନଗୌରବ କ୍ଷଣସ୍ଥାୟୀ ହୁଅଇ । ଯେଉଁମାନେ ଲୋଭ-ବଶ ଅନୁସରଣ କରି ସମାଜରେ ଉନ୍ନତ ହୁଅନ୍ତି ସେମାନେ ସେହି ଉନ୍ନତଅବସ୍ଥାର ଉପଯୋଗୀ ଧର୍ମବୋଧ ଓ କର୍ତ୍ତବ୍ୟବୋଧ ଭାବସମୂହଦ୍ୱାରା ଭୂଷିତ ନ ହେଲେ ଅଳ୍ପକାଳରେ ନିମ୍ନଗାମୀହୋଇ ଯେଉଁସ୍ଥାନର ଯୋଗ୍ୟ ସେଠାରେ ଉପସ୍ଥିତ ହୁଅନ୍ତି । ଏକଥା ଉଲ୍ଲେଖ କରି ଏଡ୍ଭୋକେଶନ ଗେଜେଟ କହୁଅଛନ୍ତି କି ବଙ୍ଗଦେଶର ତେଲି ତାମ୍ବୁଲି ଶ୍ରେଣୀପ୍ରଭୃତି ବୈଶ୍ୟଜାତିମାନେ ଧୀର-ଭାବରେ ବ୍ୟବସାୟ ବାଣିଜ୍ୟ କରି ଜୀବିକା-ନିର୍ବାହ କରନ୍ତି ତହିଁରେ ସେମାନଙ୍କର ଜାତି-ଧର୍ମ ରକ୍ଷା ହୁଅଇ । ହିନ୍ଦୁଶାସ୍ତ୍ରକାରମାନେ ଏଥିପାଇଁ ଜାତିକ୍ରମ ଓ ଯାହାରଯାହା ଜୀବନ ଧାରଣର ଉପାୟ ତାହା ସ୍ଥିର କରିଦେଇଥିଲେ ଓ ଯେତେକାଳ ଶାସ୍ତ୍ରଅନୁସାରେ କାର୍ଯ୍ୟ ହେଉଥିଲା ସେତେକାଳ ସମସ୍ତେ ସୁଖରେ ଥିଲେ । ବଣିକ ଧନଲୋଭ ବୃଦ୍ଧି ହେବାରୁ ଯାହାଇଚ୍ଛାକୁ ଯାହା ଆସିଲା ସେ ସେହି ବ୍ୟବସାୟରେ ପ୍ରବୃତ୍ତ ହେଲା ସୁତରାଂ ଅଧଃପାତଦଶା ଉପସ୍ଥିତ ହୋଇଅଛି ।

---

ଜଳକର ଆଇନର ବ୍ୟାଖ୍ୟା ।

ପ୍ରଜାକୁଳ ଉପକାର ନିମନ୍ତେ ନାଳର ସୃଷ୍ଟି ଓ ତହିଁରେ ସରକାରଙ୍କର କୋଟିଏ ଟଙ୍କା ନଷ୍ଟ, ତଥାଚ ପ୍ରଜାକୁଳ ତହିଁର ପ୍ରତିକୂଳ କାହିଁକି ? ଏଥିର ପ୍ରଧାନ କାରଣ ଏହି— ଏକେ ଜଳକରର ଦର ଅତି ଅଧିକ ଯାହା ପ୍ରଜାମାନଙ୍କୁ ପୋଷାଉ ନାହିଁ ଦ୍ୱିତୀୟେ କର ଧାର୍ଯ୍ୟ ଓ ସଂଗ୍ରହକାର୍ଯ୍ୟରେ ଅନେକସ୍ଥଳେ ଜିଲାର କଲେକ୍ଟରସୁଦ୍ଧା ଆଇନର ପ୍ରକୃତ ଅର୍ଥ ନ ବୁଝି କାର୍ଯ୍ୟ କରିବାରୁ ପ୍ରଜାବର୍ଗଙ୍କୁ ବଡ଼ ବାଧ୍ୟ ହୁଏ । ଦେଖ ନା ! ପୂର୍ବ ଅଧ୍ୟାୟର ଜୀ ଡବଲ ନାଲକର ଧାର୍ଯ୍ୟ ମୋକଦ୍ଦମା ସମ୍ବନ୍ଧେ ଆମ୍ଭମାନଙ୍କର ପୂର୍ବ କମିଶ୍ନର ଶ୍ରୀଯୁତ ଟ୍ୱିଡିଲ ସାହେବ ଯେଉଁ ରାୟ ପ୍ରକାଶ କରିଥିଲେ ତହିଁର ନକଲ ଜଣେ ପ୍ରପୀଡ଼ିତ ପ୍ରଜାଠାରୁ ପାଇ ସ୍ଥାନାନ୍ତରେ ପ୍ରକାଶ କଲୁଁ ସାହେବପ୍ର-ଶଂସିତ ଆଇନର ଉଚିତ ମର୍ମ ବୁଝାଇଦେଇ ଏଠା ପ୍ରଜାଙ୍କର ବିଶେଷ ଧନ୍ୟବାଦର ପାତ୍ର ହୋଇଅଛନ୍ତି । ଇଂରାଜୀ ଜାଣିବାଲୋକେ ରାୟ ପଢ଼ି ସକଳ ବୁଝିବେ ଅପର ପାଠକମାନଙ୍କ ବୁଝିବାନିମନ୍ତେ ତହିଁର ସଂକ୍ଷେପ ବିବରଣ ନିମ୍ନେ ପ୍ରକାଶିତ ହେଲା । ଯଥା;—

ଉଣ୍ଟକୋଣ ଧ୍ରୁଗନ୍ଧର କଖାରୁଣୀ ମଉଜାରେ ଗେଞ୍ଜିଜଳ ନାଉଥିବାର ପେଟରୋଲ ସନ ୧୮୮୮ ସାଲ ନବମ୍ବରମାସ ତା ୨ ରିଖରେ ରିପୋର୍ଟ କରିବାରୁ ସେ ମାସ ତା ୮ ରିଖରେ ଶ୍ରୀଯୁତ ରବର୍ଟ ସାହେବ ସ୍ୱୟଂ ସ୍ଥାନୀୟ ତଦନ୍ତ କରି ଗେଞ୍ଜିଜଳ ନାଉଥିବା ଓ ତହିଁରେ ଫସଲର ଉପକାର ହୋଇଥିବାର ସିଦ୍ଧାନ୍ତ କରି ଜମି ମାପ କରିବା ନିମନ୍ତେ ଆଦେଶ ଦେଲେ । ସନ ୧୮୮୯ ସାଲ ଜାନୁଏରୀମାସ ତା ୨୫ ରିଖରେ ଜଳ୍ପାଦାର ଜମି ତଡ଼ିତ କରିବାନିମନ୍ତେ ପ୍ରଜାଙ୍କପ୍ରତି ନୋଟିସ ହେଲା ମାତ୍ର ସେମାନେ ଛୁଟିକରିବାରୁ ସେ ଆପଣା ଅନୁସନ୍ଧାନବୃଦ୍ଧିକ ଡାଉଲ ଜମାରେ ଖତିଆନ ପ୍ରସ୍ତୁତ କରି ସନ ୧୮୮୯ ସାଲ ସେପ୍ଟେମ୍ବର ମାସ ତା ୩୦ ରିଖରେ ଜାରି କଲେ । ପ୍ରଜାମାନେ ତହିଁରେ ଆପତ୍ତି କରିବାରୁ ଡିସେମ୍ବରମାସରେ ତଦନ୍ତ ହୋଇ ଆପତ୍ତି ଅଗ୍ରାହ୍ୟ ହେଲା ଓ ସନ ୧୮୯୦ ସାଲ ମାର୍ଚ୍ଚମାସରେ ୬୦ ଣ ପ୍ରଧାନ ପ୍ରଜାଙ୍କ ଉପରେ ସାର୍ଟିଫିକେଟ ଜାରି ହେଲା । ଏଥିରେ ସେମାନେ ଆପତ୍ତି ଆଗତ କଲେ ମାତ୍ର ତାହା ସାର୍ଟିଫିକେଟ ଡେମଗ୍ରସ ସନ ୧୮୯୦ ସାଲ ଅଗଷ୍ଟମାସ ତା ୮ ରିଖରେ ଅଗ୍ରାହ୍ୟ କରିବାରୁ ନେ: ୧୭୫ ମୋକଦ୍ଦମାରେ ଅପିଲ କମିଶନରଙ୍କଠାରେ ଆଗତ ହେଲା ।

ଶ୍ରୀଯୁତ କମିଶନରସାହେବ ରବର୍ଟସାହେବଙ୍କ ତଦନ୍ତରେ ସନ୍ଦେହ କରି ସାର୍ଟିଫିକେଟମାନ ସ୍ଥଗିତ ରଖି କଲେକ୍ଟର ସାହେବଙ୍କଠାରୁ ଏତତ୍‌ସଂକ୍ରାନ୍ତ ଆଦ୍ୟୋପାନ୍ତ ସକଳକାର୍ଯ୍ୟର ରିପୋର୍ଟ ତଲବ କରିବାରୁ ଉପର୍ଯ୍ୟୁକ୍ତ ବିବରଣ ପ୍ରକାଶ ପାଇଲା । ଅପିଲାଣ୍ଟମାନଙ୍କ ମୁକ୍ତାର ବାବୁ ସୀତାନାଥ ଘୋଷ ଯୋଗ୍ୟତା ସହିତ

Digitized by srujanika@gmail.com

Split by PDF Splitter



ଯଥାର୍ଥ ପ୍ରତିବାଦମାନ ଅଗ୍ରାହ୍ୟ କଲେ ଓ ରବର୍ଟ ସାହେବଙ୍କର ତଦନ୍ତରେ ଆଇନସଙ୍ଗତଦୋଷ ଦର୍ଶାଇ ଦେଲେ। ସାର ଆପତ୍ତି ଏହି ଯେ ସ୍ଥାନୀୟତଦନ୍ତ ହେବାର ଆଇନରେ ଯେ ବିଧିମାନ ଅଛି ତଦନୁସାରେ ତଦନ୍ତ ହୋଇ ନାହିଁ ଏବଂ ଅପିଲାଣ୍ଟମାନେ ନାଳଜଳରୁ କିଛି ଉପକାର ପାଇ ନାହାନ୍ତି।

ଏଥିରୁ ଶ୍ରୀଯୁତ ଓର୍ଷଲ ସାହେବ ବୋଲନ୍ତି ଯେ ସନ ୧୮୭୬ ସାଲ ଅ ୩ ଆଇନର ମର୍ମରୁ ସ୍ପଷ୍ଟ ଜଣାଯାଏ ଯେ ଟେକ୍ସଜଲ ମାଡ଼ିବାର ତହାରିକ ନାଳକର୍ମଚାରୀଦ୍ୱାରା ବିଧିପୂର୍ବକ ହୋଇ ସମସ୍ତ ବୃତ୍ତାନ୍ତ ଏପରି ସ୍ପଷ୍ଟରୂପେ ଲିପିବଦ୍ଧ ହେବ କି ଯେପରି ଅପିଲ ଅଦାଲତ ତହିଁର ଦୋଷଗୁଣ ବିଚାର କରି ପାରିବେ। ଉକ୍ତ ଆଇନର ଧା ୭୯ରେ ତହାରିକପ୍ରସଙ୍ଗ ନାହିଁ ସତ୍ୟ ମାତ୍ର ଧା ୮୦ ର ଶେଷରେ ତାହା ସ୍ପଷ୍ଟ ନିର୍ଦ୍ଦିଷ୍ଟ ହୋଇଅଛି। ଉକ୍ତ ଦୁଇଧାରା ଓ ଧା ୯୧ ଓ ୯୨ ରୁ ଜଣାଯାଏ ଯେ ନାଳକର୍ମଚାରୀ ସରଜମିନ ରେ ଉପସ୍ଥିତ ହୋଇ ପକ୍ଷାପକ୍ଷଙ୍କ ସାକ୍ଷୀମାନଙ୍କର ସାକ୍ଷ୍ୟ ନେଇ ଲିପିବଦ୍ଧ କରିବେ ଓ ଯେଉଁ ବ୍ୟକ୍ତି ଜଳ ଟେକ୍ସ-ଇଲ୍ ଯେ ଧସ୍ତ ନ ପଡ଼ିବାରୁ ଓ ଯେଉଁମାନଙ୍କ ଜମିରେ ଉକ୍ତ ଜଳ ମାଡ଼ିଲା ସେମାନେ ତଦ୍ଦ୍ୱାରା ଉପକୃତ ହୋଇଥିବାରୁ ଜଳକରର ଦାୟୀ ଥିବାର ସ୍ପଷ୍ଟ ସିଦ୍ଧାନ୍ତ କରିବେ ଏବଂ ଯେଉଁଦିନ ଓ ଯେଉଁଠାରେ ଏପରି ତଦନ୍ତ ହେବ ତହିଁର ନୋଟିସ ପ୍ରଜାମାନଙ୍କୁ ପୂର୍ବରୁ ଦେଇଥିବେ। ମାତ୍ର ଏସ୍ଥଳେ ଏପରି କିଛି କାର୍ଯ୍ୟ ହୋଇ ନାହିଁ ଓ ରବର୍ଟସାହେବ ଯେଉଁ ଜମିସବୁ ଜଳରେ ବୁଡ଼ିଥିବାର ସ୍ୱୟଂ ଦେଖିଅଛନ୍ତି ତହିଁରୁ ନାଳଜଳଯୋଗେ ଉପକାର ହୋଇଥିବାର ପ୍ରକାଶ ପାଉ ନାହିଁ କାରଣ ଏପ୍ରଦେଶରେ ସନ ୧୮୮୮ ସାଲ ଅକ୍ଟୋବରମାସ ତା ୩୦ ରିଖ ଓ ନବମ୍ବର ମାସ ତା ୭ ରିଖ ମଧ୍ୟରେ ପ୍ରଚୁରବର୍ଷା ହୋଇ ମଲ୍ଲିକରୁ ଫସଲ ରକ୍ଷା ପାଇଁ ବରଷା ହେବା ପ୍ରଶଂସିତଙ୍କର ସ୍ମରଣ ଅଛି। ଏପରି ତଦନ୍ତ ନ ହୋଇ ଏକାବେଳକେ ଖତିଆନ ଜାରି ହୋଇଥିବାରୁ ପ୍ରଜାମାନେ ନାଳକର୍ମଚାରିଙ୍କ ଆଜ୍ଞା ବିରୁଦ୍ଧେ କଲେକ୍ଟରରେ ଧା ୯୧ ର ନୁସାରେ ଅପିଲ କରିବାର ସୁଯୋଗ ପାଇଲେ ନାହିଁ। ଅତଏବ ଉପରୋକ୍ତ କାରଣମାନଙ୍କରେ ଶ୍ରୀଯୁତ ଓର୍ଷଲ ସାହେବ କଷାରୁଣୀ ମୌଜାର ସମସ୍ତ ସାର୍ଟିଫିକେଟମାନ ରଦ୍ଦ କଲେ।

ଆମ୍ଭମାନଙ୍କ ବିବେଚନାରେ ଶ୍ରୀଯୁତ ଓର୍ଷଲ ସାହେବଙ୍କ ବିଚାର ଅତି ଯଥାର୍ଥ ଓ ନ୍ୟାୟସଙ୍ଗତ ଅଟଇ। ନାଳପାଣି ବଳରେ ମାଡ଼ିଲେ ଯେ ଡବଲ ଜମା ଧାର୍ଯ୍ୟ କରିବାକୁ ହେବ ଆଇନର ଏପରି ମର୍ମ ନୁହେ। କାଳେ କେହି ଖଳଲୋକ ପରକୁ ଖାଲରେ ପକାଇବାପାଇଁ କିମ୍ବା କେହି ନୀଚ ନାଳକର୍ମଚାରୀ ଜଳକର ବୃଦ୍ଧିପାଇଁ ନାଳପାଣି ମାଡ଼ିବାର ଉପାୟ କରି ଦେଇଥିବ ଏଥିପାଇଁ ନାଳଜଳଯୋଗେ ଉପକାର ହୋଇଅଛି କି ନା ଓ ମଧ୍ୟ ଜଳମଡ଼ାଜମି ଗୃହସ୍ଥମାନଙ୍କର ଜଳ ନେବାର ଆବଶ୍ୟକ ଓ ସମ୍ଭାବନା ଥିଲା କି ନା ଦେଖିବାର ଆବଶ୍ୟକ। ମାତ୍ର ନାଳକର୍ମଚାରୀମାନେ ଆଦୌ ଏପରି ବିଚାର ନ କରି ବଳରେ ନାଳପାଣି ଦେଖିଲେ କର ଧାର୍ଯ୍ୟର ଯୋଗ୍ୟବୋଲି ସ୍ଥିର କରନ୍ତି।

ଆମ୍ଭେମାନେ ଦେଖୁଁ ଯେ ଏସ୍ଥଳେ ସାର୍ଟିଫିକେଟମାନ ଅନେକ ଟଙ୍କାର ହୋଇଥିଲା ଯଥା; ମାଧୋଇ ରାଉତ ଉପରେ ଟ ୧୨୩୯ କା ଭ୍ରମବଳବନ୍ତରା ଉପରେ ଟ ୧୪୩୯ ଙ୍କା ଅନ୍ୟାନ୍ୟମାନଙ୍କ ଉପରେ ଏଥିରୁ କିଛି ଊଣା ଏଦେଶର ପ୍ରଜାମାନେ ଯେ ଅତିଦୁଃଖୀ ଏହା ବୋଲିବା ବାହୁଲ୍ୟ। କଷାରୁଣୀ ପ୍ରଜାଏ ସମସ୍ତେ ମିଶି ଏତେଦୂର ଲଢ଼ିଲେ ବୋଲି ସିନା ଏପରି ଭୟଙ୍କରଦାୟରୁ ରକ୍ଷା ପାଇଲେ ନଚେତ୍ ନାଳକର୍ମଚାରୀଙ୍କଯୋଗେ ସେମାନଙ୍କର ସର୍ବନାଶ ଘଟିଥାନ୍ତା! କମିଶନର ସାହେବଙ୍କ ସାର୍ଟିଫିକେଟ୍ ସ୍ଥଗିତର ଆଜ୍ଞା ପ୍ରବେଶ ପୂର୍ବେ ଉକ୍ତ ଭ୍ରମବଳବନ୍ତରାର ଭାବଗୀୟ ଚଳନ୍ତିମାଲ ନିଲାମ ହୋଇ କେବଳ ଟ ୪୦୯ଙ୍କା ପ୍ରାପ୍ତି ହୋଇଥିଲା! ତାହା ଉପରେ ଟ ୧୪୩୯ ଙ୍କାର ଦାବି! କି ସର୍ବନାଶ! ସାର୍ଟିଫିକେଟ ବାରବର୍ଷପର୍ଯ୍ୟନ୍ତ ପ୍ରବଳ ରହେ କମିଶନର ସାହେବ ଏମାନଙ୍କୁ ରକ୍ଷା କଲେ ନଚେତ୍ କେତେକାଳପର୍ଯ୍ୟନ୍ତ ଏମାନଙ୍କ ଯାଏବାଦ କୋର୍କ ନିଲାମ ଚଳନ୍ତା ଓ ଏମାନେ କେତେ ହଲସ୍ତା ହୁଅନ୍ତେ କହିଲେ ସରନ୍ତା ନାହିଁ। ଏପରିସ୍ଥଳେ ଏମାନେ ନାଳକୁ କାଳ ମଣିବା ବିଚିତ୍ର ନୁହଇ।

---

## ସାପ୍ତାହିକ ସମ୍ବାଦ।

ଏ ସପ୍ତାହରେ ଏ ନଗରରେ କେବଳ ଏକଦିନ ଅଳ୍ପ ଜମାଗତ ବର୍ଷା ଏବଂ ତନ୍ମଧ୍ୟରେ ଏକ ଦିନ ଘଷ ଖାଣବୃଷ୍ଟି ହୋଇଅଛି। ମୋଫସଲର ସ୍ଥାନେ ପ୍ରଚୁର ବର୍ଷା ଅନଧିକ ଜଳ ହୋଇଅଛି। ଶସ୍ୟର ଅବସ୍ଥା ଅତି ଆଶାପ୍ରଦ।

ଗତ ବୁଧବାରଠାରୁ ନଦୀ ବଢ଼ିବାର ଆରମ୍ଭ ହୋଇଅଛି। ବଢ଼ି ପ୍ରବଳ ନ ହୋଇଲେ କିଛି ଚିନ୍ତା ନାହିଁ।

ଆମ୍ଭମାନଙ୍କର ମାନନୀୟ କମିଶନର ଶ୍ରୀଯୁକ୍ତ ଟେଏନବି ସାହେବ ତାଙ୍କର ପିରସ୍ତାଦାର ବାବୁ ସାମସେନ ଉତ୍ତର ଓ ଅନ୍ୟ ନଟଣ କ୍ଲାର୍କଙ୍କୁ ଅସାବଧାନତା ହେତୁ ଟ ୧୩ ନ ସସ୍ପେଣ୍ଡ କରି ପଶ୍ଚାତରେ ଉକ୍ତ ଟ ୧୩ ନର ସସ୍ପେଣ୍ଡ ରହିତ କରି କେବଳ ଜରିମାନା କରିଥିଲେ ସାମସେନ ବାବୁଙ୍କ ପୂର୍ବକାର୍ଯ୍ୟ ଉତ୍ତମରୂପେ ଥିବାର ଓ ଆଚରଣ ଉତ୍ତମ ଥିବାର ଗୋଚରରେ ଆସିବାରୁ ଜରିମାନାର ଏକ ଚତୁର୍ଥାଂଶ ଟଙ୍କା ମାଫ କରି ଦେଲେ। ସାହେବ ମହୋଦୟଙ୍କର ଦୟା ଗୁଣ ଅବଶ୍ୟ ପ୍ରଶଂସନୀୟ ଅଟଇ।

### କଲିକତା-ଗେଜେଟ।

କଟକସ୍ଥ ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ଗୋପାଳଚନ୍ଦ୍ର ଦାସ ଓଡ଼ିଶା କମିଶ୍ନରଙ୍କ ପର୍ସୋନାଲ ଆସିଷ୍ଟାଣ୍ଟ ଓ ଗଡ଼ଜାତ ମାହାଲର ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ପଦରେ ନିଯୁକ୍ତ ଓ ୧ମଶ୍ରେଣୀ ମାଜିଷ୍ଟ୍ରେଟ କ୍ଷମତା ପ୍ରାପ୍ତ ହୋଇଅଛନ୍ତି ଓ ବାବୁ ରାସବିହାରୀ ନାୟକ କଟକର ସଦର ମହକୁମାରେ ଅବସ୍ଥାପିତ ହୋଇଅଛନ୍ତି।

ବାବୁ ମଧୁସୂଦନ ଦାସଙ୍କ ପରିବର୍ତ୍ତେ ବାବୁ ଯୋଗେଶ୍ୱର ଚନ୍ଦ୍ର ଏମ୍ ଏ, କଏଲ କଟକ ରେଭେନସା କଲେଜର ଅଧ୍ୟାପକ ପଦରେ ନିଯୁକ୍ତ ହେଲେ।

କଟକ ସ୍କୁଲସମୂହର ସବଇନସ୍ପେକ୍ଟର ବାବୁ ରଘୁନାଥ ଘୋଷ ଗତ ଜୁଲାଇମାସ ତା ୨୭ ରିଖଠାରୁ ଅନ୍ୟାଜ୍ଞାପର୍ଯ୍ୟନ୍ତ କଟକର ଡେପୁଟୀ ଇନସ୍ପେକ୍ଟର ପଦରେ ନିଯୁକ୍ତ ହୋଇଅଛନ୍ତି।

ପୁରୀଜିଲ୍ଲାର ଡେପୁଟୀ ଇନସ୍ପେକ୍ଟର ବାବୁ ପ୍ୟାରୀମୋହନ ସେନ ଷ୍ଟାଟୁଟରୀ ବାବୁ ମଧୁସୂଦନ ଦାସଙ୍କ ସ୍ଥାନରେ କଟକର ଡେପୁଟୀ ଇନସ୍ପେକ୍ଟର ପଦରେ ନିଯୁକ୍ତ ହେଲେ ଓ ବାଲେଶ୍ୱର ଡେଃ ଇନସ୍ପେକ୍ଟର ବାବୁ ଭଗବତୀଚରଣ ସେନ ପୁରୀକୁ ବଦଳି ହେଲେ ଓ ପୁରୀଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷକ ବାବୁ ହରିନାଥ ଚାଟାର୍ଯ୍ୟା ବାଲେଶ୍ୱରର ଡେପୁଟୀ ଇନସ୍ପେକ୍ଟର ପଦରେ ନିଯୁକ୍ତ ହେଲେ।

ଆଃ ସର୍ଜନ ଗିରିଶ୍ଚନ୍ଦ୍ର ସରକାର ଅନୁଗୁଳ ଡିସପେନସରର କାର୍ଯ୍ୟଭାର ସ୍ଥାୟୀରୂପେ ଗ୍ରହଣ କରଣାର୍ଥ ନିଯୁକ୍ତ ହେଲେ।

ଆଃ ସର୍ଜନ ଉପେନ୍ଦ୍ରନାଥ ଘୋଷ ଗସ୍ତପୁର ଡିସପେନସରର କାର୍ଯ୍ୟଭାର ସ୍ଥାୟୀରୂପେ ଗ୍ରହଣ କରଣାର୍ଥ ନିଯୁକ୍ତ ହେଲେ କିନ୍ତୁ ସେ କାର୍ଯ୍ୟାନ୍ତରରେ ଥିବାହେତୁ ତାଙ୍କ ସ୍ଥାନରେ ଆଃ ସର୍ଜନ ଶ୍ୟାମକଣ୍ଠ ଚାଟାର୍ଯ୍ୟା କିଛିକାଳନିମିତ୍ତ ନିଯୁକ୍ତ ହେଲେ।

ବାଲେଶ୍ୱର ମାଜିଷ୍ଟ୍ରେଟ ଓଡ଼ିଶା ଗଡ଼ଜାତ ମହାଲର ଆଃ ସୁପରିଣ୍ଟେଣ୍ଡେଣ୍ଟ କ୍ଷମତା ପ୍ରାପ୍ତ ହୋଇ କେଉଁଝର ମୋକଦ୍ଦମା ନେସନ୍ସ କଜସ୍ୱରୂପ ବିଚାରର କ୍ଷମତାପ୍ରାପ୍ତ ହେଲେ।

---

ପୁରୀରୁ ଏକବ୍ୟକ୍ତି ଲେଖିଅଛନ୍ତି କି ଶ୍ରୀକ୍ଷେତ୍ର ସନାତନ-ଧର୍ମରକ୍ଷିଣୀ ସଭାର ସମ୍ପାଦକ ବାବୁ ଶିବଚରଣ ମହାନ୍ତି ପୀଡ଼ିତ ଥିଲେ ବର୍ତ୍ତମାନ କିଛି ଆରୋଗ୍ୟ ହୋଇ ଅଛନ୍ତି।

Digitized by srujanika@gmail.com

Split by PDF Splitter



ମାନ୍ଦ୍ରାଜ ପ୍ରଦେଶସ୍ଥ ଦୁର୍ଭିକ୍ଷପ୍ରପୀଡ଼ିତ ସ୍ଥାନର ଗାଢ଼ଅ-ଜାତୀୟ ଲୋକମାନେ ରୋଗରେ ଏବଂ ଅନାହାରରେ ମୃତ-ପଶୁର ମାଂସ ଖାଇବାକୁ ଆରମ୍ଭ କରି ଅଛନ୍ତି । ଏଥିରେ ସ୍ୱାସ୍ଥ୍ୟହାନିର ଉତ୍ପାତର ଆଶଙ୍କା ।

ଇନ୍ଦ୍ରସେପର ଲୋକମାନେ କଦଳୀର ଅଁଠା ଖାଇବାର ଆରମ୍ଭ କରି ଅଛନ୍ତି । ଏହି ଅଁଠାକୁ ସେମାନେ ବଡ଼ ସୁଖ ପାଉ ଅଛନ୍ତି । କଲିକତା ବମ୍ବାଇ ଯୋଗେ ଗହମ ଓ ଗହମ ଏ ଦେଶକୁ ଚାଲାଣ ହେଉ ଅଛି ଆମ୍ଭେମାନେ ଦାନାପାଣି ଅଛିଁ । ଏଥର ଫସଲ କାଳଗଣରେ ହାତ ପଡ଼ିଲେ ଆଉ ରକ୍ଷା ନାହିଁ ।

ଶାସ୍ତ୍ରରେ ବ୍ରାହ୍ମଣମାନଙ୍କର କୌଣସି ଶ୍ରେଣୀ ବିଭାଗ ନ ଦେଖି ମାନ୍ଦ୍ରାଜର ବ୍ରାହ୍ମଣମାନେ ଶ୍ରେଣୀ ବିଭାଗ ଉଠାଇ ଦେବାକୁ ବସି ଅଛନ୍ତି । ଏପରି ହେଲେ ବିବାହ ସକାଶେ ଅନେକ ଟଙ୍କା ଦେଇ କନ୍ୟା କିଣିବାକୁ ହେବ ନାହିଁ ।

ବରୋଦାର ଗୃହକୁମାର ବ୍ରାହ୍ମଣଭୋଜନରେ ବାର୍ଷିକ ଲକ୍ଷାଧିକ ଟଙ୍କା ବ୍ୟୟ କରନ୍ତି ।

ମଣିପୁରଠାରୁ ଉତ୍ତରଚେରା ପର୍ଯ୍ୟନ୍ତ ଗୋଟିଏ ରେଳବାଟ ପ୍ରସ୍ତୁତ ହେବାର ସ୍ଥିର ହୋଇ ଅଛି । ଆଗାମୀ ଶୀତକାଳରେ କାର୍ଯ୍ୟାରମ୍ଭ ହେବ ।

ଜୟପୁର ରାଜ୍ୟରେ ଜଳବୃଷ୍ଟି ନ ହେବାରୁ ଦୁର୍ଭିକ୍ଷର ଭୟ ଉପସ୍ଥିତ ହୋଇ ଅଛି ।

ଚଳିତ ଭାରବାର୍ତ୍ତାରୁ ଜଣାଗଲା ଯେ କେତେ ଏକଦଳ ବିଦ୍ରୋହୀ ଭଲପାରସୋ ସହରର ନିକଟରେ ଉପସ୍ଥିତ ହୋଇ ତନ୍ତ୍ରଧ୍ୟ ଟେଲିଗ୍ରାଫ ତାର କାଟି ଦେଇଅଛନ୍ତି ଏବଂ ସେତୁମାନ ଭଗ୍ନ କରିଦେଇ ଘୋରଯୁଦ୍ଧରେ ମାତିଅଛନ୍ତି ଯୁଦ୍ଧର ଶେଷଫଳ ଜଣାପଡ଼ି ନାହିଁ ।

ମହାମାନ୍ୟ ଗୋଟେଲଟ ସାହେବ ବାହାଦୁରଙ୍କ ଇଚ୍ଛାନୁ-ସାରେ ଦାରଜିଲଂର ନିକଟବର୍ତ୍ତୀ କାରସିଆଙ୍ଗ ନାମକ ସ୍ଥାନରେ ଆଗାମୀ ତା ୩୦ ଋଖ ଏବଂ ତା ୩୧ ଋଖରେ ଗୋଟିଏ କୃଷିପ୍ରଦର୍ଶନୀ ହେବ । ଶାସନକର୍ତ୍ତାମାନଙ୍କର ଏଭଳି ସୁଜନୁଷ୍ଠାନର ଚେଷ୍ଟା ଦେଶପ୍ରତି ଏକାନ୍ତ ମଙ୍ଗଳପ୍ରଦ ଅଟଇ ।

ଜର୍ମ୍ମାନିର ସୀମା ନିକଟରେ ଫ୍ରାନ୍ସର ସୈନ୍ୟଙ୍କର ବୃହତ୍ ପରେଡ ହେବାର ଆୟୋଜନ ହୋଇଅଛି । ଉକ୍ତପରେଡ ଚ-ଳିତମାସ ତା ୩ ଋଖଠାରୁ ଆରମ୍ଭ ହୋଇଥିବ । ଏକଲକ୍ଷ କୋଡ଼ିଏହଜାର ସେନା ଏଥିରେ ଯୋଗ ଦେବାର ବନ୍ଦୋ-ବସ୍ତ ହୋଇଥିଲା ।

ଇଂଲଣ୍ଡ ଏବଂ ଆୟର୍ଲାଣ୍ଡରେ ଅତି ବୃଷ୍ଟି ଓ ତୋଫାନ ହେତୁ ଶସ୍ୟର ବିଶେଷ ହାନି ହେଉଥିବାର ସମ୍ବାଦ ମିଳଇ ଉକ୍ତ ରାଜ୍ୟମାନଙ୍କରେ ସେ ହେତୁକାରଣ ଗୀର୍ଜାମାନଙ୍କରେ ଈଶ୍ୱରଙ୍କଠାରେ ପ୍ରାର୍ଥନା ହେଉ ଅଛି ।

ଜାନାଜାଠାରେ ସ୍ଲେକଫଶଣା ହେବାରେ ଗତ ଦଶବର୍ଷ-ମଧ୍ୟରେ ଅର୍ଦ୍ଧନିୟୁତ ଲୋକ ଅଧିକ ହୋଇ ଥିବାର ପ୍ରକାଶ ପାଇଅଛି ।

ନିସୁର୍କଠାରେ ଗୋଟିଏ ଯାତ୍ରୀବୋଝାଇ ରେଳଗାଡ଼ି ଏକ ନଦୀ ଉପରେ ପୋଲ ପାର ହେବା ସମୟରେ ହଠାତ୍ ନଦୀଗର୍ଭରେ ପଡ଼ି ଗଲା । ପୋଲଟି ନଦୀ ୬୧ରେ ଫୁ ୦ ଟ ଉଚ୍ଚରେ ନିର୍ମିତ ହୋଇ ଅଛି । ଏ ଦୁର୍ଘଟଣାରେ ନ ୪୦ ଣ ଲୋକ ହତ ଏବଂ ଅନେକ ପୀଡ଼ାଗ୍ରସ୍ତ ହୋଇ ଥିବାର ସମ୍ବାଦ ମିଳଇ । କଥିତ ଅଛି ଏ ରେଳଗାଡ଼ିକୁ ନଦୀଗର୍ଭରେ ପକାଇଦେବା କାରଣ ଅଗନ୍ତୁ ଦୁଷ୍ଟଲୋକେ ରେଲ୍ ଉଠାଇ ଦେଇ ଥିଲେ ।—କି ନିଷ୍ଠୁର କାଣ୍ଡ !

କଲିକତାଗଭର୍ଣ୍ଣମେଣ୍ଟ ହିନ୍ଦୁ କୁଚବିହାରର ମହାରାଜା ଆପଣା-ରାଜ୍ୟରେ କୁଚବିହାର ଗେଜେଟ ନାମକ ଏକ ସରକାରୀ ସମ୍ବାଦପତ୍ର ବାହାର କରୁ ଅଛନ୍ତି ।

ଅଷ୍ଟ୍ରିଆ ରାଜ୍ୟର ବଜେଟରେ ଯୁଦ୍ଧବ୍ୟୟ ନିମିତ୍ତ ଏକ-ନିୟୁତ ଅଧିକ ସ୍ୱର୍ଣ୍ଣମୁଦ୍ରା ଖର୍ଚ୍ଚ ହେବା ବିଷୟ ସନ୍ନିବେଶିତ କରିବା ମର୍ମରେ ଏକ ପ୍ରସ୍ତାବ ହୋଇଥିବାରୁ ସେ ଘେନି ଅଷ୍ଟ୍ରିଆ ଓ ଜର୍ମ୍ମାନୀରେ ଭୁମୁଳ ଆନ୍ଦୋଳନ ଲାଗି ଯାଇ ଅଛି । ଯୁଦ୍ଧ ନିମିତ୍ତ ସୈନ୍ୟମାନଙ୍କୁ ପ୍ରସ୍ତୁତ କରି ରଖିବା ଏ ଅଧିକ ଖର୍ଚ୍ଚର ଉଦ୍ଦେଶ୍ୟ ବୋଲି ନିର୍ଦ୍ଦିଷ୍ଟ ହୋଇ ଅଛି ।

ଚିକିତ୍ସାସମ୍ବନ୍ଧୀୟ ଏକ ସମ୍ବାଦପତ୍ରରେ ଲେଖାଅଛି ଯେ ହଗ ଚେ.ପି ମୁଣ୍ଡରେ ଦେଲେ ମୁଣ୍ଡ ଶାଙ୍ଗର ହୁଅଇ ।—ଟୋପିପ୍ରିୟ ଲୋକେ ଏଥୁଁ ସାବଧାନ ହେବେ । ହଗଟୋପି ପିନ୍ଧି ସାହେବ ହେବା ନିରାପଦ ନୁହଇ ।

ଗତ ଅପ୍ରେଲମାସରେ ଫ୍ରାନ୍ସ ଦେଶରେ ଲୋକସଂଖ୍ୟା ହୋଇଥିଲା । ସେଥିରୁ ଫ୍ରାନ୍ସର ଲୋକସଂଖ୍ୟା ୩୮୦୯୫୦୦୦ଣ ହୋଇ ଅଛି । ସନ ୧୮୮୬ ମସିହା ମଇ ମାସରେ ଯେ ଲୋକସଂଖ୍ୟା ହୋଇ ଥିଲା ତହିଁରୁ ଏଥର ନ ୨୦୮୦୦୦ଣ ଲୋକ ଅଧିକ ହୋଇ ଅଛନ୍ତି ଏବଂ ସେ ସମୟରେ ପୂର୍ବ ଲୋକସଂଖ୍ୟା ପ୍ରତି ନ ୫୬୫୦୦୦ ଣ ଅଧିକ ହୋଇ ଥିଲେ ।

ବିଲାତରେ ଏକ ନୂତନ ପ୍ରକାରର ବତି ବାହାରି ଅଛି । ତାହା ଧୂଆଁ କଲହାରି ଜଳଇ ଦ୍ରବ୍ୟ ମାତ୍ର ତାହା ଶବ୍ଦ ଏବଂ ଧୂଆଁ ବର୍ଜ୍ଜିତ ଅଟଇ । ବଗିସମ୍ମୁଖରେ ଗୋଟିଏ ଚକ ଅଛି ଏବଂ ତହିଁ ନିକଟରେ ଗଲଇ ବସଇ । ପରୀକ୍ଷାଦ୍ୱାରା ଦେଖା-ଯାଇ ଅଛି ଯେ ଏ ବଗି ଘଣ୍ଟାକେ ମା ୨୧ ଚାଲି ଯାଇ ପାରେ ।—ବିଲାତରେ କେତେ ନୂତନ କଥା ବାହାରୁ ଅଛି ।

ମାର୍ଟିନେକ ଦ୍ୱୀପରେ ଯେଉଁ ତୋଫାନ ହୋଇଥିଲା ତହିଁରେ ଶହଶହ ଲୋକେ ନଷ୍ଟ ହୋଇ ଥିବାର ବର୍ତ୍ତମାନ ସମ୍ବାଦ ମିଳଇ ।

ହୁଗଲୀଠାରେ ଏକ ବିବାହବିଭ୍ରାଟ ଘଟିଥିବାର ସମ୍ବାଦ ମିଳଇ । ଗୋଟିଏ ବ ୧୪ ର୍ଷ ବୟସ୍କା କୁମାରୀକନ୍ୟାର ବିବାହର ଦିନ ସ୍ଥିର ହୋଇ ଥିଲା । ମାତ୍ର ବରର ଅପେକ୍ଷା କରି ୨ ଘଣ୍ଟା ଶେଷ ହେଲା ତଥାପି ବର ଆସିଲା ନାହିଁ । ଏପରି ଅବସ୍ଥାରେ ନିକଟବର୍ତ୍ତୀ ବ ୫୦ ର୍ଷର ଗୋଟିଏ ବୃଦ୍ଧ ପ୍ରତିବେଶୀକ ବିବାହ ସୂତ୍ରେ ଛନ୍ଦିଦେବାର ସ୍ଥିର ହୋଇ ତାକୁ ଲୋକେ ଆଣିବାକୁ ଗଲେ । ବୃଦ୍ଧର ସ୍ତ୍ରୀ ଏ ସମ୍ବାଦ ପାଇ ବୃଦ୍ଧକୁ ଟାଣି ରଖିଲା । ଅବଶେଷରେ ଅନ୍ୟ ଉପାୟ ନ ଦେଖି ପୁରୋହିତ ଅନ୍ୟକୁ ପାତ୍ର ବିବାହ କରାଇଲେ ଉକ୍ତ କନ୍ୟାଟିର ପାଣିଗ୍ରହଣ କଲେ ।—କୌତୁକଟି ମନ୍ଦ ନୁହେଁ ।

ସର୍ବିୟା ଓ ବଲ୍‌ଗେରିଆ ରାଜ୍ୟ ମଧ୍ୟରେ ଯୁଦ୍ଧ ଘଟିବାର ଲକ୍ଷଣମାନ ଦେଖାଯାଏ । ଉଭୟ ରାଜ୍ୟ ଆପଣା ସୀମା ପ୍ରଦେଶରେ ସୈନ୍ୟ ସଂଗ୍ରହ କରୁ ଅଛନ୍ତି ।

କଥିତ ଅଛି ଭାରତର ମନ୍ତ୍ରୀ ଲର୍ଡ ସାଲିସବରି ମିସର-ସମ୍ବନ୍ଧରେ ଯେଉଁ ଉତ୍ତର ତୁରସ୍କଗବର୍ଣ୍ଣମେଣ୍ଟଙ୍କ ନିକଟକୁ ପଠାଇ ଥିଲେ ତହିଁରୁ ଇଂଲଣ୍ଡ ଓ ତୁରସ୍କର ସଦ୍ଭାବ ବଢ଼ିବ ହେବାର ସୂତ୍ରପାତ ହୋଇ ଅଛି ।—ଲକ୍ଷଣ ଭଲ ନୁହେଁ ।

କଲିକତାରେ ଯେଉଁ ଅନ୍ତର୍ଜାତିକ ପ୍ରାଚ୍ୟସମିତି ବସିବାର ସ୍ଥିର ହୋଇ ଥିଲା ତାହା ଚଳିତମାସ ତା ୧ ଋଖରେ ଖୋଲି ଅଛି । ଲର୍ଡ ଡଫରିନଙ୍କ ଅନୁପସ୍ଥିତିରେ କାନ୍ତି-ବିଶ୍ୱବିଦ୍ୟାଳୟର ଜନ-କଲେଜର ହେଡମାଷ୍ଟର ସାର୍ଲିସ ଟେଲରଙ୍କ କର୍ତ୍ତୃକ ସମିତି ଖୋଲା ହେଲା । ଏ ସମିତିରେ ଗୋ ୩୭ ଟି ଭିନ୍ନ ଜାତିର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଅତିକଳାବିଦ୍‌ଦ୍ୱାରା ବକ୍ତାଙ୍କର ଯେ ସାହାଯ୍ୟ ହୋଇ ଅଛି ତତ୍ସମ୍ବନ୍ଧରେ ସଭାପତି ଅନେକ କଥା କହିଲେ । କଥିତ ଅଛି ପ୍ରତିବର୍ଷ ଭିନ୍ନ ଭିନ୍ନ ରାଜ୍ୟରେ ସମିତିର ଅଧିବେଶନ ହେବାର ବନ୍ଦୋବସ୍ତ ହେବ ।

## ଢେଙ୍କାନାଳ-ସମ୍ବାଦ ।

ଏଠାକାର ଗଡ଼ରେ ସନ ୧୮୮୬ ମସିହାରେ ସ୍ଥାପିତ ହୋଇଥିବା ବାଳିକାବିଦ୍ୟାଳୟର ମୋଟ ଛାତ୍ରୀସଂଖ୍ୟା ବାରମ୍ବାର ନ ୩୦।୪୦ ଣରୁ କମ ନୁହଇ ।

ବିଗତବର୍ଷ ଦୁଇଜଣ ଛାତ୍ରୀ ଉଚ୍ଚ ପ୍ରାଃ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ସେଥିମଧ୍ୟରୁ ଏକଜଣ ଛାତ୍ରୀ ଗବର୍ଣ୍ଣମେଣ୍ଟ ଓ ରାଜବୃତ୍ତି ପାଇ ଏହି ମାଇନର ସ୍କୁଲରେ ଅଧ୍ୟୟନ କରୁଅଛି । ବିଶେଷରେ ମେନେଜର ମହୋଦୟଙ୍କଦ୍ୱାରା ଏସ୍କୁଲଟି ନୂତନସ୍ଥାପିତ ହୋଇଅଛି ବୋଲି ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ ଛାତ୍ରୀମାନଙ୍କ ଉତ୍ସାହବର୍ଦ୍ଧନାର୍ଥ ମହାମାନ୍ୟ ସୁପରିଣ୍ଟେଣ୍ଡେଣ୍ଟ ସାହେବ ମହୋଦୟଙ୍କୁ ଜଣାଇ ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ କିଛି ପୁରସ୍କାର ଦାନ କରଇ ଅଛନ୍ତି ଏବଂ ବାର୍ଷିକ ପୁରସ୍କାର ଟ ୨୦୧ ଙ୍କା ମଞ୍ଜୁର କରାଇ ଦେଇଅଛନ୍ତି ।

ବର୍ତ୍ତମାନ ଫସଲର ଅବସ୍ଥା ଭଲ । ଅତଇବ ବୃଷ୍ଟି ହେଉଅଛି । କୃଷକମାନେ ମହା ଆନନ୍ଦରେ କୃଷିକର୍ମ କରୁ-ଅଛନ୍ତି । ମୋଟ ଚାଉଳର ଦର ଟ ୧ ଙ୍କାକୁ ସେ ୧୧ ରେ ଓ ମଗ୍ନଚାଉଳ ସେ ୧୩ ର ହୋଇଅଛି ।

---

In the Court of the Commissioner of the Orissa Division.

No. 38 appeal of 1899—91.

Madhoi Rout — Appellant.

Appeal against the order of the certificate officer of Cuttack dated 8th August 1890 regarding water-rates. This is one of 17 cases in

Digitized by srujanika@gmail.com

which cultivators of Kakaruni village in Pergunah Utikana have been held liable by the Deputy Superintendent of Canals to special charges for the unauthorised use of canal water, under section 79 of Act III B. C. 1876 and Rule 26 of the Rules made for the Orissa canals, and published in Calcutta Gazette of 28th July 1880 on default of payment of the charges, some of which are large sums ( e.g. the amount charged against appellant is Rs. 123 and the amount charged against another appellant Bhima Balabantara is Rs. 143 ). Requisitions submitted to the certificate Deputy Collector and in due course certificates were made against the appellant and the others under the public Demand Recovery Act VII ( B. C. ) of 1880. On receipt of usual notices, the appellants all put on objections before the Deputy Collector to the effect that their liabilities had not been established and that no proper enquiries had been made by the Deputy Superintendent of Canals. These objections were rejected as frivolous and false. Appeals were then made to this Court and as it appeared doubtful whether the Deputy Superintendent's proceedings had been regular, I recorded a proceeding dated 6th December, 1890 in which I requested the Collector to be so good as to enquire and report on the proceedings which were taken first to last, in order to fix liabilitiy on the appellant's, and to favor me with his opinion as to the fairness of the system of enquiry under which double rates are imposed in cases under section 79 of the act and Rule 26. At the same time I directed that no steps should be taken to execute the certificate cases until further orders from this court. In his letter No. 65 R. N. dated 3rd instant the Collector reported that the parties seem to have had adequate notice in these cases and to have obtained from pointing out the land, and he forwarded with his letter a chronoliogical report of the proceedings which were taken from first to last in the assessment of Mouza Kakaruni Pergunah Utikan, drawn up by the Deputy Superintendent.

This chronological report summarised shows, that on the 2nd November 1888, the patrol reported the illicit use of canal water; that on the 8th November 1888, the Deputy Superintendent made local enquiries and found the whole irrigable area of the village covered with water, and being satisfied by his own enquiries on the spot, as well as by the reports of the D. P. W. officers that the crops had benefitted and that the owners of the same were liable to double rates, ordered the irrigated lands to be measured; that the Zillahadar served a notice on 25th January 1890? ( 1889 ) calling on the villagers to identify their holding to the Ameen deputed to the village, failing which the Ameen had to prepare a record of the irrigated lands of each ryot from the information given to him by the village chowkidar and the patrol;" that from the record so prepared, a statement was made out and served on the village on 30th September 1889; that objections against the demand statement were rejected after a second local enquiry on the 17th December 1889 and that the demands not being paid voluntarily, 20 test certificates were filed on the 1st March following against the leading cultivators, for the amounts calculated on the areas admitted by them in a statement filed by them on 17th December 1889. The objection raised before me by the Revenue Agent who appears for all the appellant are,

( 1 ) That no such enquiry was made by the Deputy Superintendent as is contemplated by the Act.

( 2 ) That the appellant's lands derived no benefits from the canal water.

I have carefully examined the provisions of Act III B, C, 1876, and I am of opinion that an enquiry into a case under section 79 must be a formal enquiry and that such a record must be pepared by the enquiring" Canal officer" i. e. the officer in clause ( 7 ) of section 3 ) as would enable the appellate or revising authority ( section 91 ) to form an opinion regarding the merits of the case. Section 79 certainly does not contain the word "enquiry" but section 80, which is of a similar nature to section 79, expressly enjoins an "enquiry" while the last sentence of section 80 "all questious arising under this and the last preceding section shall be decided by canal officer, subject to the provisions of section 91" shows that the procedure for dealing with cases under sectiou 79 and 80 is practically one and the same. Moreover as section 91 declares that the enquiry shall be a "Judicial proceeding" and provides for the summarising and examining of witness, I think that evidence must be taken on oath. I am further of opinion that there must be a distinct finding that "the persons on whose land such water has flowed" are liable, ( 1 ) because "the person by whose act or neglect such use has occurred cannot be identified" and ( 2 ) because "such land has derived benefit" from the water.

In the present cases the Deputy Superintendent's inspection of the lands while under water would not show of itself that they had derived benifit as I remember that heavy rain ( which only saved the province from a bad famine ) fell in the division between the 30th October and 7th November 1888, and it was therefore necessary that some evidence on that point should have been recorded. It is clear from the Deputy-Superintendent's chronological report that his enquiries were of a purely executive nature, and that the persons affected were not given notice that on

Split by PDF Splitter

Digitized by srujanika@gmail.com

Split by PDF Splitter



the 8th November 1888 an enquiry would be held in Kakaruni village and that evidence would be recorded on the material points specified in section 79 of the Act.

I must also observe that as no formal and public order was recorded under section 79, and that as the first intimation which the appellants received of their having been made liable to special charges under that section, was the serving upon them of a demand statement on 30th September 1889, they had lost their right of appeal under section 91.

For the foregoing reasons I hold that the demand against the appellant in this case and the demands against the appellants in the other cases ( 16 ) are not of that clear and final nature, that the only issue can be ( as it ought to be in a certificate case ) "paid or not paid" and that consequently the aid of the Public Demands Recovery Act cannot fairly be invoked for the recovery of the claims. I accordingly set aside the certificate under section 16 of Act VII B. C. 1880.

Cuttack, 17—3—1891 } Sd. WORSLEY, Commissioner, Orissa.

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ !

ଦେଶହିତୈଷୀ ସଦାଶୟ ଶ୍ରୀଯୁକ୍ତ ବାବୁ କୃଷ୍ଣଚରଣ ମଲ ମହାଶୟ ପ୍ରଜାହିତୈଷିଣୀତା ଗୁଣେ ଗତ ୧୮୮୮ ସାଲ ନଭେମ୍ବରମାସରେ ଏହି ମଣିଜଙ୍ଗା ଗ୍ରାମରେ ଗୋଟିଏ ମାଇନରସ୍କୁଲ ପ୍ରତିଷ୍ଠିତକରିବାର କେତେଦିନ ପରେ ଏହାର କାର୍ଯ୍ୟ ସୁନ୍ଦରରୂପେ ଚଳିବା ସମ୍ବନ୍ଧେ ଇତିପୂର୍ବେ ଦୁଇଖଣ୍ଡ ପତ୍ର ଆପଣଙ୍କ ନିକଟକୁ ଲେଖିଥିଲୁଁ କିନ୍ତୁ ଏହିପତ୍ରଦ୍ୱୟ ଲେଖିବାର କେତେଦିନପରେ ସ୍କୁଲର ଅବସ୍ଥା ଦିନୁଦିନ ଅବନତ ହେବାର ଦେଖି ଅମ୍ଭେମାନେ ଅତ୍ୟନ୍ତ ବିଷଣ୍ଣ ଓ ବିସ୍ମିତ ହୋଇ ଥିଲୁଁ, ପରେ ଯଥୋଚିତ ଅନୁସନ୍ଧାନରେ ଜାଣିପାରିଲୁଁ ଯେ ସ୍କୁଲ ଗୃହର ଅଭାବ ଏବଂ ଏହି ସ୍କୁଲର ପ୍ରଧାନ ଶିକ୍ଷକର ଅଯୋଗ୍ୟତା ଓ ଅମନୋଯୋଗିତା ଏହିରୂପ ଅବନତିର କାରଣ ଅଟେ ସେ ବାଳକମାନଙ୍କୁ ଅଯଥା ପ୍ରହାର କରିବାରୁ ସେହି ଅସହ୍ୟ ପ୍ରହାରରେ ଅନେକ ବାଳକ ବିଦ୍ୟାଳୟ ପରିତ୍ୟାଗ କରିଥିଲେ ଏବଂ ତାହାଙ୍କର କର୍ତ୍ତୃପକ୍ଷଗଣ ବିରକ୍ତ ହୋଇ ସ୍ୱ ସ୍ୱ ବାଳକମାନଙ୍କୁ ପଠାଇବାକୁ ବିରତ ହୋଇଥିଲେ ବର୍ତ୍ତମାନ ଅମ୍ଭେମାନେ ପୁନର୍ବାର ଅହ୍ଲାଦସହକାରେ ପ୍ରକାଶ କରୁଅଛୁଁ ଯେ ଏଠାକାର ମହାନୁଭବ ଜମିଦାରଙ୍କ ସାହାଯ୍ୟରେ ଗୋଟିଏ ନୂତନ ସ୍କୁଲଗୃହ ହୋଇଅଛି ଏବଂ ପରମକୃପାମୟ ପରମେଶ୍ୱରଙ୍କ କରୁଣାରୁ ସେହି ଅଯୋଗ୍ୟ ଶିକ୍ଷକଙ୍କୁ ସ୍ଥାନାନ୍ତରିତ କରି ତାହାଙ୍କ ପଦରେ ଅମ୍ଭେମାନେ ଅତି ଗୋଟିଏ ପ୍ରବେଶିକାପରୀକ୍ଷାରେ ଉତ୍ତୀର୍ଣ୍ଣ ସୁଯୋଗ୍ୟ ଶିକ୍ଷକ ପାଇଅଛୁଁ ଏହି ନୂତନସ୍କୁଲ ଗୃହରେ ବିଦ୍ୟାଳୟର ଅଧିଷ୍ଠାନ ହେବାରୁ ଏବଂ ଏହାର ଶିକ୍ଷକତାକାର୍ଯ୍ୟ ସୁନ୍ଦରରୂପେ ଚଳିବାରୁ ବର୍ତ୍ତମାନ ଦିନୁଦିନ ଛାତ୍ରସଂଖ୍ୟା ବୃଦ୍ଧି ଓ ସ୍କୁଲର ଅବସ୍ଥା ଉତ୍ତରୋତ୍ତର ଉନ୍ନତ ହେଉଅଛି ଏହି ସ୍କୁଲର ଉନ୍ନତ ବିଷୟରେ ଶ୍ରୀଯୁକ୍ତ ବାବୁ କୃଷ୍ଣଚରଣ ମଲ ଓ ତାହାଙ୍କର ସହୋଦରମାନଙ୍କର ଆନ୍ତରିକ ଓ ଐକାନ୍ତିକ ଯତ୍ନ ଦେଖି ଅମ୍ଭେମାନେ ଅତି ଆହ୍ଲାଦିତ ହେଲୁଁ ଏବଂ ଆଶା କରୁଁ ସ୍କୁଲପ୍ରତି ସେମାନେ ସର୍ବଦା ମନୋଯୋଗୀ ହେଲେ ସ୍କୁଲଟି ଚିରସ୍ଥାୟୀ ହେବା ପକ୍ଷେ ଅଣୁମାତ୍ର ସଂଶୟ ନାହିଁ । ଏବଂ ମହାଶୟ ପୁଲିସ ଇନ୍‌ସ୍ପେକ୍ଟର ଶ୍ରୀଯୁକ୍ତ ବାବୁ ଅନଙ୍ଗମୋହନ ମୁଖୋପାଧ୍ୟାୟ ଏହି ସ୍କୁଲର ଉନ୍ନତି ସାଧନ ଓ ସ୍ଥାୟୀକରଣ ପକ୍ଷରେ ଏକାନ୍ତ ଆଗ୍ରହ ଓ ଯତ୍ନ କରିଅଛନ୍ତି ସେଥିନିମିତ୍ତେ ଅମ୍ଭେମାନେ ତାଙ୍କ ନିକଟରେ ଚିରଦିନ କୃତଜ୍ଞତାପାଶରେ ଆବଦ୍ଧ ରହିଲୁଁ ।

ମଣିଜଙ୍ଗା ନିବାସିମାନେ

---

ମହାଶୟ !

ଅମ୍ଭର ଏହି ନିମ୍ନଲିଖିତ ବିଷୟଟିକୁ ଆପଣଙ୍କ ଜଗଦ୍‌ବିଖ୍ୟାତ ପତ୍ରିକାରେ ସ୍ଥାନଦାନକରି ବାଧିତ କରିବେ ।

ଭୁଆଁପାଳ ପୋଷ୍ଟଅଫିସ ଅନ୍ତର୍ଗତ କୋଠପଦା ମଠର ମହନ୍ତ ତପୋନିଧି ଶ୍ରୀ ରଘୁନାଥପୁରୀ ଗୋସାଇଁ ମହାଶୟଙ୍କ ଶିଷ୍ୟ ( ଚେଲା ) ବାବୁ ବୈଦ୍ୟନାଥ ପୁରୀ ଏ ନଗରର କଲେଜିଏଟ ସ୍କୁଲ ୧ମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ । କିନ୍ତୁ ମହନ୍ତ ମହାଶୟଙ୍କର ଉକ୍ତ ସୁବୋଧ, ଚରିତ୍ରବାନ୍ ଓ ଶାନ୍ତପ୍ରକୃତିର ଚେଲାଟି ଗତ ଜୁନମାସ ତା ୬ ରିଖ ଶନିବାରଦିନ କାଳଗ୍ରାସରେ ପତିତ ହେବାରୁ ମହନ୍ତ ମହାଶୟ, ତାଙ୍କର ପ୍ରଜାବର୍ଗ, ବନ୍ଧୁବାନ୍ଧବବର୍ଗ ଓ ଅମଲାମାନେ ଅତିଶୟ ଦୁଃଖିତ ଥିଲେ । ଗତ ଅଗଷ୍ଟମାସ ତା ୨୭ ରିଖ ଗୁରୁବାରଦିନ ମହନ୍ତ ମହାଶୟ କେତେକ ଭଦ୍ରଲୋକମାନଙ୍କ ସଙ୍ଗରେ ନେଇ ଉଦୟଗିରି ଗୁମ୍ଫାରେ ପ୍ରବିଷ୍ଟ ହୋଇ ସେଠାରେ ଗୋଟିଏ ମୋଚ୍ଛବ କରାଇ ଅନ୍ୟୂନ ୩୦୦ ଶତ ଲୋକଙ୍କୁ ଭୋଜନ ଦେଇ ସେମାନଙ୍କ ଆମୋଦ ପ୍ରମୋଦ ନିମନ୍ତେ ଏକଦଳ ଯାତ୍ରାବାଲାଙ୍କୁ ଯାତ୍ରା କରିବାକୁ ଆଦେଶ ଦେଲେ । ତତପରଦିନ ପ୍ରାତଃକାଳରେ ଉକ୍ତଗୁମ୍ଫା ନିକଟବର୍ତ୍ତୀ ଚଣ୍ଡିଆଗ୍ରାମ ନିବାସୀ ଶ୍ରୀ ଗଜେନ୍ଦ୍ର ସାରଙ୍ଗଧର ଦେବଙ୍କ ୩ୟ ପୁତ୍ରକୁ ଚେଲାକରି ଆଣିଅଛନ୍ତି ଦେଖି ଓ ଶୁଣି ସମସ୍ତେ ଆନନ୍ଦିତ ଅଛନ୍ତି ଏବଂ ମୃତଚେଲା ବୈଦ୍ୟନାଥଙ୍କୁ ଏକରକମ ଭୁଲି ଯାଇଅଛନ୍ତି ।

ଉକ୍ତ ଦେଓ ଜଣେ ଏଦେଶୀୟ ଖଣ୍ଡାଏତ । ତାଙ୍କର ୩ ଗୋଟି ପୁତ୍ର ମଧ୍ୟରେ ଏହିଟି ସର୍ବ କନିଷ୍ଠ । ଏବଂ ବାଳକଟିର ବୟସ ପ୍ରାୟ ୯ବର୍ଷ ହେବ । ଏ ବାଳକଟିର ମାତା ଆପଣାର କନିଷ୍ଠ ପୁତ୍ରକୁ ମହନ୍ତ ମହାଶୟଙ୍କୁ ପ୍ରଦାନ କରିବାସମୟରେ ବାଳକଟି ମାତୃକ୍ରୋଡ଼ ପରିତ୍ୟାଗ ନ କରି କେବଳ କ୍ରନ୍ଦନ କରିବାକୁ ଲାଗିଲା । ମାତା ମଧ୍ୟ ହୃଦୟବିଦାରକ ଶୋକଧ୍ୱନିଦ୍ୱାରା ଉପସ୍ଥିତ ଲୋକଙ୍କୁ ଦୁଃଖିତ କରିଥିଲା । କିନ୍ତୁ ମହନ୍ତ ମହାଶୟ ବାଳକଟିର ହସ୍ତ ଧରି ଆଣି ନିଜ ନିକଟରେ ବସାଇଲାରୁ ବାଳକଟି ଆଉ କ୍ରନ୍ଦନ ନ କରି ଆନନ୍ଦର ସହିତ ଗଳ୍ପ କରିବାକୁ ଆରମ୍ଭ କଲା । କିନ୍ତୁ ତାର ମାତା ୨ଦିନ ପର୍ଯ୍ୟନ୍ତ ଅନାହାରରେ ଥିଲା । ଧନ୍ୟ ମାତୃସ୍ନେହ !

ଉପସଂହାର ସ୍ଥଳେ ଅମ୍ଭର ଈଶ୍ୱରଙ୍କ ନିକଟରେ ଏହି ପ୍ରାର୍ଥନା ଯେ ସେ ମହନ୍ତ ମହାଶୟଙ୍କୁ ଓ ଉକ୍ତ ବାଳକଟିକୁ ଦୀର୍ଘାୟୁ କରନ୍ତୁ । ଏବଂ ମହନ୍ତ ମହାଶୟଙ୍କ ହୃଦୟରେ ଉକ୍ତ ବାଳକଟିର ପ୍ରତି ବାତ୍ସଲ୍ୟଭାବ ଏବଂ ଉକ୍ତ ବାଳକଟିର ହୃଦୟରେ ଗୁରୁଭକ୍ତି ଓ ସନ୍ନ୍ୟାସଭାବମାନ ସ୍ଥାପନ କରନ୍ତୁ । ଇତି ।

କଟକ
ଗଙ୍ଗାମନ୍ଦିର
୧।୯।୯୧ } ଶ୍ରୀ ଗୋବିନ୍ଦଚନ୍ଦ୍ର କର

Digitized by srujanika@gmail.com

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଘନଶ୍ୟାମ ଶୁଣ୍ଡୀ ଗୋବରଦାଣ୍ଡ | | ଟ ୩୯ |
| ,, ଜଗନ୍ନାଥ ଦାସ | କଟକ | ଟ ୧୯ |
| ,, ଦ୍ୱାରକାନାଥ ଚକ୍ରବର୍ତ୍ତୀ | ,, | ଟ ୧୯ |
| ମହାରାଜା ବର୍ଲେ ଜେଉଡ଼ଗୁ | ,, | ଟ ୩୯ |
| ବାବୁ କେଶବଚନ୍ଦ୍ର ସାମନ୍ତରାୟ | | ଟ ୩୯ |
| ,, ଭୁବନପ୍ରସାଦ ଦାସ | ଖୋର୍ଦ୍ଧା | ଟ ୩୯ |
| ,, ଜଗନ୍ନାଥ ରାଉ | କଟକ | ଟ ୧୯ |
| ,, ବୈଦ୍ୟନାଥ ମିଶ୍ର | ଅସ୍ପୁରେଷ୍ଣର | ଟ ୨୯ |
| ,, ମାଣିକଲାଲ ଓ ବାବୁ ଗୋପୀନାଥ ଶିଲଲ | କଟକ | ଟ ୧୯ |
| ,, ଯୁଧିଷ୍ଠିର ମହାନ୍ତି | କଟକ | ଟ ୧୯ |
| ,, କରୁଣାକର ସାହୁ | ତରପଡ଼ା | ଟ ୫। |
| ,, ଲକ୍ଷ୍ମୀଧରପଟ୍ଟନାୟକ | କାନ୍ତ୍ରଣ୍ଡିଆ | ଟ ୩୯ |

## ବିଜ୍ଞାପନ ।

### ଛନ୍ଦମାଳାର ଅର୍ଥ ।

ବାବୁ ମଧୁସୂଦନରାଓ କୃତ ଛନ୍ଦମାଳାର ଅର୍ଥ-ପୁସ୍ତକ ମୋଟା ଏବଂ ମୂଲ୍ୟବାନ୍ କାଗଜରେ ଛପାହୋଇ କଟକପ୍ରିଣ୍ଟିଂ କମ୍ପାନୀଙ୍କର ଏବଂ ବାଲେଶ୍ୱର ଦେଙ୍କ ପ୍ରେସର ଓ ବାମଣ୍ଡା ସ୍ୱଦେଶ-ପ୍ରେସର ମେନେଜରମାନଙ୍କ ନିକଟରେ ଦୁଇ-ପଇସା ମୂଲ୍ୟରେ ବିକ୍ରୟ ହେଉଅଛି । ଦୁଇପଇ-ସିଆ ଟିକଟରେ ଖ ୧୨ ଶ୍ରୁ ବହି ଡାକରେ ଯାଇ ପାରେ ।

## ବାଲକାଗଜ ।

ଉଲ୍ଲିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ କଷ୍ଟ ନିକଟେ ବାବୁ ଅର୍ଚ୍ଚନଷ୍ଟର ଜର କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | | |
|---|---|---|---|---|
| ୧୭ ପଣ୍ଡ | ବାଲ | ପ୍ରତି ୧୬ ଟ ୨॥୵ | ପ୍ରତି ୧୬ ଟ ୦॥୵ | |
| ୧୦ ପଣ୍ଡ | ,, | ,, ଟ ୨। | ,, | ଟ ୦॥୵ |
| ୧୨ ପଣ୍ଡ | ,, | ,, ଟ ୨। | ,, | ଟ ୦॥ |
| ୨୨ ପଣ୍ଡ ଡବଲଫୁଲସ୍କେପ୍ ,, | | ଟ ୩। | ,, | ଟ ୦॥୵ |

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚୌଧୁରୀବଜାର ସ୍ଥିତ ନିକଟସ୍ଥ ଅମ୍ଭମାନଙ୍କ ଦୋକାନରେ ଚନ୍ଦରକୋଣା ଓ ଜଲଙ୍ଗି ଓ ରେଶମୀଓସେର ଲୁଗା ଓ ଷ୍ଟେସନରୀ ଓ ଜଲ-କଳ ଇତ୍ୟାଦି ସତସତର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଉଦ୍‌ଭିନ୍ନ ଅନେକପ୍ରକାର ଫେନ୍‌ସି ଜିନିଷାଦି ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେ-ଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ-ପାରିବେ ।

## ପଚଟାଠ ।

ଏ ଗାଡ଼ିକୁ କେଉଁଠାରେ ଘାଟରେ ଉଠି ଲଓଁ ତେ ଉଇଲାଳ ବୋଫାଟ୍ଟଣ ଘାଟରେ ଦେଲେ ଘାଣିଗଲା ଭଳ ହେବ ଉଭର ମହେଶ ଅତେ ଲେପିଦେଲେ ମଜବୁତ ହେବ ଓ ଉଇ ଧରେ ନାହିଁ ।

ଚଟିଲ ଓମଜ୍ଜା ଓ ସାଜରେ ଲଗାଇବାର ଜାଲ ମଧ୍ୟ ଅଛି ।

ଅଲଡବଶ୍ଚଡ ଜର କମ୍ପାନୀ

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚା ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା —

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦୵ |
| ଅର୍ଦ୍ଧସ୍ତମ୍ଭ | ଟ ୨ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ତାର ଖର୍ଚ୍ଚା ଟ ୦୵ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚା ପ୍ରଥମ ଥରର ଅଧା ଓ ତ୍ରିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନଦାତାଙ୍କ ପଠାଇବାକୁ ହେବ ।

## କଟକଭଣ୍ଡାର ।



ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥେ ଆଜକୁ ପ୍ରାୟ ପାଞ୍ଚବର୍ଷ ହେବ ସ୍ଥାପିତ ହୋଇ ସୁବନ୍ଦୋବସ୍ତ ସହିତ କାର୍ଯ୍ୟ ଚଳୁଅଛି । ଏଥି-ରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଏ । ଏହାଛଡ଼ା ଅନ୍ୟ ଯାହାର ଯେଉଁଦ୍ରବ୍ୟ ପ୍ରୟୋଜନ ହୁଏ ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇ ଦିଆଯାଏ । ମାଦକ ଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବ-ରାହ କରୁଁ । ଯେଉଁ ଦ୍ରବ୍ୟମାନ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ବଜାର ଦର ଉପରେ କିଣି ପଠାଇବାର ପରି-ଶ୍ରମନିମନ୍ତେ ଶତକଡ଼ା ଟ ୬। ହିସାବରେ କମି-ଶନ ଗ୍ରାହକମାନଙ୍କଠାରୁ ନିଆଯାଏ । କେବଳ ପ୍ୟାକିଂ ଓ ଡାକଖର୍ଚ୍ଚା ପଠାଇଲେ ଔଷଧ ଓ ଦ୍ରବ୍ୟାଦି ଭାଲ୍ୟୁପେଇବଲ ଡାକରେ ମଧ୍ୟ ପଠାଯାଇ ପାରେ । ବେରିଂ ବା ଇନସଫିସିଏଣ୍ଟ ପତ୍ର ଗୃହୀତ ହୁଏ ନାହିଁ ଏବଂ ରିପ୍ଲାଇକାର୍ଡ ବା ଦୁଇପଇସିଆ ଟିକଟ ଖଣ୍ଡେ ନ ପଠାଇଲେ ପତ୍ରର ଉତ୍ତର ଦିଆଯାଏ ନାହିଁ ।

ମଫସଲବାସୀ ଅନେକ ଅନେକ ରଜା ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କଠାରୁ ସର୍ବଦା ରୋଗର ତାଲିକା ଓ ଔଷଧ ପ୍ରେରଣ କରିବା ସକାଶେ ପତ୍ରାଦି ପାଇଥାଉଁ । ଅତଏବ ସେମାନଙ୍କ ଓ ସର୍ବସାଧାରଣଙ୍କ ସୁବିଧାର୍ଥେ ଜଣାଉଅଛୁଁ କି ଯେଉଁ-ମାନେ ଆମ୍ଭଦ୍ୱାରା ଅତଃପର ଉପକୃତ ହେବାକୁ

Split by PDF Splitter

Digitized by srujanika@gmail.com

Split by PDF Splitter



ନିହା କରନ୍ତି ସେମାନେ ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି ଲୁକାଇ ବ ନା, ରୋଗୀ ପୁରୁଷ ବ ସ୍ତ୍ରୀ, ରୋଗିର ପୂର୍ବ ଓ ବର୍ତ୍ତମାନ ଆଚରଣ, ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁ ପ୍ରକୃତି ଇତ୍ୟାଦି ରୋଗର ବୃତ୍ତାନ୍ତ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ । ଟଙ୍କା, କଉଡ଼ି ବା ପତ୍ରାଦି ନିମ୍ନ ଠିକଣାରେ ଆମ୍ଭଠାରୁ ପଠାଇବାକୁ ହେବ ।

କଟକ ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

# ନୂତନ ପୁସ୍ତକ ।

**A KEY TO NEW ROYAL READERS NO. IV MINOR COURSE.**

ସେପ୍ଟେମ୍ବରମାସର ମଧ୍ୟରେ ଗ୍ରାହକହେଲେ ମୂଲ୍ୟ ୧୦ ନଭୁବା ପରେ ମୂଲ୍ୟ ବୃଦ୍ଧିହେବ ।

Ditto An Abridged Edition ୫ •

ପ୍ରାକୃତିକ ଭୂଗୋଳର ପ୍ରଶ୍ନୋତ୍ତର ୫ ୦ ।,

ସ୍ୱାସ୍ଥ୍ୟସାଧନର ପ୍ରଶ୍ନୋତ୍ତର ୫ ୦୵, ପାଣ୍ଡୁବଙ୍କର ମାନେ ବହି ( ସ୍ୱଳ୍ପ ଓ ପରଶୁଙ୍କ ) ୫ ୦୵

ଧ୍ରୁବ ଚରିତ ୫ ୦ ।

କଟକ ପ୍ରେଣ୍ଟିଂକୋମ୍ପାନୀଙ୍କ ଏବଂ ବାବୁ ସମ୍ପ୍ରସନ୍ନ ମୁଖୋପାଧ୍ୟାୟଙ୍କ ନିକଟ ଦୋକାନରେ ପ୍ରାପ୍ତବ୍ୟ । ପତ୍ରରେ "ଲଳିତମୋହନଙ୍କ ପ୍ରଣୀତ" ବୋଲି ଲେଖିବ । ନତୁବା ଅନ୍ୟ ଗ୍ରନ୍ଥକାରଙ୍କ ପୁସ୍ତକ ଏହା ବଦଳରେ ପାଇବାର ସମ୍ଭାବନା ।

ସାମ୍ୟବାଦୀ ଇନଷ୍ଟିଟ୍ୟୁସନ । କଟକ । } ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

## ପ୍ରୟୋଜନୀୟ ଔଷଧ ।

ନିମ୍ନଲିଖିତ ପ୍ରୟୋଜନୀୟ ଓ ନିତ୍ୟବ୍ୟବହାର୍ଯ୍ୟ ପରୀକ୍ଷିତ ଔଷଧମାନ ଅଳ୍ପ ମୂଲ୍ୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ।

୧ । ପାରିଜାତ ତୈଳ—ବହୁ ଦିବସରୁ ବେଶତନ୍ତ୍ର ଅନ୍ୱେଷଣା କରି ଏହି ଔଷଧ ପ୍ରସ୍ତୁତ ହୋଇଅଛି । ଏହା ବ୍ୟବହାର କଲେ, କେଶଶୁକ୍ଳତା, କେଶର ଅକାଳପକ୍ୱତା, ଅକାଳପତନ, ଏବଂ ଶିରଃପୀଡ଼ା, ଶୀତସ୍ପର୍ଶନ ଇତ୍ୟାଦି ନିବାରିତ, ମସ୍ତକର କଣ୍ଡୁ ଓ କାଠବଳନ୍ତ ହୋଇ ଦେହ ଓ ମସ୍ତିଷ୍କ ସୁଶୀତଳ, କେଶ ବର୍ଦ୍ଧିତ, ଶୋଭାଯୁକ୍ତ ଓ ସୁବାସିତ ହୁଏ । ପ୍ରତି ଶିଶିର ମୂଲ୍ୟ ବାରଅଣା ମାତ୍ର ।

୨ । ଦନ୍ତ ଦୁଃଖନାଶକ—ଦ.ନ ଦୁଃଖନାଶ ସହିତ ଦନ୍ତ ପ୍ରୟୋଗ କାଲେ ଜ୍ୱାଳା ଯନ୍ତ୍ରଣା କହିମାତ୍ର ଜଣା ଯାଏ ନାହିଁ । ମାତ୍ର ଏହା ଦନ୍ତୋକ୍ଷ ପକ୍ଷରେ ଦୁଃଖନାଶନ ତୁଲ୍ୟ କାର୍ଯ୍ୟ କରେ ଏବଂ ତାହାକୁ ଏହା ଦେଖିଲେ ବମନ କରେ, ଉତ୍ପନ୍ନ ହେବାର ସନ୍ଦେହ ନାହିଁ । ଏହା ବ୍ୟବହାର କରି ୨୫ ବର୍ଷର ଦନ୍ତ ରୋଗ ଆରୋଗ୍ୟ ହୋଇଅଛି, ପ୍ରତି ଡବାର ମୂଲ୍ୟ ଦୁଇ ଅଣା ମାତ୍ର ।

୩ । ଚେତନାହରଣୀ—ଏହା ଯଥାବିଧି ସେବନ କଲେ ବ ପ୍ରାଚୀନ ବ ନୂତନ ସବୁ ପ୍ରକାର ଅମ୍ଳଶୂଳ, ପିତ୍ତଶୂଳ, ବମ୍ଭ ଶୂଳ ( ଅମାବାତ ), ବମନାଦି ଅତି ଯନ୍ତ୍ରଣାଦାୟକ ଲକ୍ଷଣମାନ ନିବୃତ୍ତ ହୁଏ । ଏକପକ୍ଷ କାଳ ସେବନୀୟ ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୪ । କୋଷ୍ଠଶୋଧ ବଟିକା—କୋଷ୍ଠବଦ୍ଧ ସର୍ବପ୍ରକାର ରୋଗର ଉତ୍ପତ୍ତି ଓ ବୃଦ୍ଧିର ପ୍ରଧାନ କାରଣ ଅଟେ । କୋଷ୍ଠ ଶୁଦ୍ଧି ନ ହେଲେ କୌଣସି ରୋଗ ଆରୋଗ୍ୟ କିମ୍ବା କୌଣସି ଔଷଧ ମଧ୍ୟ କାର୍ଯ୍ୟକାରକ ହୁଏ ନାହିଁ । ଏହି ଔଷଧ ବ୍ୟବହାର କଲେ ବ ପ୍ରାଚୀନ ବ ନୂତନ ସର୍ବପ୍ରକାର କୋଷ୍ଠବଦ୍ଧ ଏବଂ କୋଷ୍ଠବଦ୍ଧଜନିତ ଅନ୍ୟାନ୍ୟ ପୀଡ଼ା ଯଥା, କୋଷ୍ଠାଶ୍ରିତ ବାୟୁ, ଜ୍ୱର, ଅର୍ଶ, ଅଜୀର୍ଣ୍ଣ, ଶୋଥ, ଉଦରୀ, ଯକୃତ, ପାଣ୍ଡୁ, ଓ ତଜ୍ଜନିତ ଶିରଃପୀଡ଼ା ଓ ଘୂର୍ଣ୍ଣାଦି ନିବାରିତ ହୁଏ ।

ଏହି ନିର୍ଦ୍ଦୋଷ ବଟିକା । ସର୍ବପ୍ରକାର ପୀଡ଼ାରେ ଏମନ୍ତ କି ଅନ୍ୟାନ୍ୟ ଔଷଧ ବ୍ୟବହାରର ସଙ୍ଗେ ସଙ୍ଗେ ମଧ୍ୟ ଏହା ବ୍ୟବହାରର ଉପଯୁକ୍ତ ଅଟେ । ସୁସ୍ଥ, ଅସୁସ୍ଥ, ବାଳକ, ବୃଦ୍ଧ, ସ୍ତ୍ରୀ ଓ ପୁରୁଷ ସମସ୍ତେ ଏହା ସେବନ କରି ପାରନ୍ତି । ସପ୍ତାହ କାଳ ସେବନୀୟ, ଔଷଧର ମୂଲ୍ୟ ଏକ ଟଙ୍କା ।

୫ । ଜ୍ୱରସାଗର ଅମୃତ—ଏହା ସେବନ କଲେ ମ୍ୟାଲେରିଆ ବା ଦୂଷିତ ଜଳବାୟୁଜନିତ ଜ୍ୱର, ସର୍ବ ପ୍ରକାର ପାଳିଜ୍ୱର, ପୁରାତନ, ନୂତନ ଓ ଏକ ଜ୍ୱର, ପ୍ଲୀହା ଯକୃତ, ଅଜୀର୍ଣ୍ଣ, ଅରୁଚି, ଶୀର୍ଣ୍ଣତା, ରକ୍ତହୀନତା, ଅନିୟମିତ କୋଷ୍ଠ, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ଦୂରୀଭୂତ ହୁଏ ଏବଂ ଦେହ, ପରିପୁଷ୍ଟ ହୋଇ ରକ୍ତ ସଞ୍ଚାରିତ ହୁଏ । ଏକ ପକ୍ଷକାଳ ସେବନୀୟ, ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୬ । ଶୋଣିତସଞ୍ଜୀବନୀ ( ସାଲସା )—ଶୋଣିତ ମାନବଦେହର ମଧ୍ୟରେ ପ୍ରାଣ ସ୍ୱରୂପ, ଏହା ଦୂଷିତ ହେଲେ କୌଣସି ପ୍ରକାର ବ୍ୟାଧିର ଉତ୍ପତ୍ତି ହୋଇପାରେ ନାହିଁ । ବରଂ ରକ୍ତ ଶୋଣିତ ସାମାନ୍ୟ ମାତ୍ର ଦୂଷିତ ହେଲେ ତହିଁରୁ କ୍ରମେ କ୍ରମେ ଶରୀରର ଯାବତ ରକ୍ତ ଦୂଷିତ ହୋଇ ନାନା ପ୍ରକାର ଭୀଷଣ ବ୍ୟାଧିର ଉତ୍ପତ୍ତି ହୁଏ । ଅନିୟମିତ ଆହାର,ବିହାର ଅତ୍ୟଧିକ ଶାରୀରିକ ଓ ମାନସିକ ପରିଶ୍ରମ, ଦୂଷିତ ଜଳବାୟୁ ପାରଦାଦି ବିଷଦୋଷ, ପ୍ରମେହ, ଉପଦଂଶ ଇତ୍ୟାଦି ହେତୁ ଶରୀରର ରକ୍ତ ଦୂଷିତ ହୋଇ ଉଠେ ଏବଂ ନାନାପ୍ରକାର କ୍ଷତ, କଣ୍ଡୁଆ, ଖାଜୁ, ଦଦ୍ରୁ, ସନ୍ଧିବେଦନା, ନେତ୍ର ଓ ନାସିକା ରୋଗ ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ରୋଗ ଓ ଲକ୍ଷଣମାନ ଜାତ ହୋଇ ମନୁଷ୍ୟକୁ ଅକର୍ମଣ୍ୟ କରି ଦିଏ । ଏହି ସୁଧା ବ୍ୟବହାର କଲେ ଉଲ୍ଲିଖିତ ଉପଦ୍ରବମାନ ଉପଶମିତ ହୋଇ ମାନବଦେହ ନବଜୀବନ ପ୍ରାପ୍ତ ଓ ଶୋଭାଯୁକ୍ତ ହୁଏ । ସୁଶ୍ରୀଷରରେ ମଧ୍ୟ ବଳାଧାନ ନିମନ୍ତେ ଏହା ଉପଯୋଗୀ । ନାନାପ୍ରକାର ଚର୍ମ୍ମରୋଗ, ବାଲୁ କୁଣ୍ଡିଆ ଓ ଖଇରା ଏହା ସେବନେ ଆରୋଗ୍ୟ ହୁଏ । ଚାରି ଦିବସ ସେବନୀୟ ଔଷଧର ମୂଲ୍ୟ ଦୁଇଟଙ୍କା ଆଠଅଣା ।

ବାଲୁବଜାର, କଟକ ଔଷଧାଗାର । } ଡାକ୍ତର ।
ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।
V. L. M. S.

Watches! Clocks! Time pieces!
Repaired by an efficient workman the premises of the Cuttack Printing Company, Charge moderate.

# ଘଣ୍ଟାମରାମତି ।

ନାନାପ୍ରକାର ଛୋଟ ବଡ଼ ଘଣ୍ଟାଘଡ଼ି ଉତ୍ତମରୂପେ ମରାମତ ହେବା ଓ ଯଥା ସମୟରେ ପାଉଥିବାର ବଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଆମ୍ଭେ ଘଡ଼ି ମରାମତିର କାର୍ଯ୍ୟାରମ୍ଭ କରିଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରିବେ ।

ଘଡ଼ିର ଅବସ୍ଥା ଅନୁସାରୀ ୬ମାସଠାରୁ ଦୁଇ ବର୍ଷ ପର୍ଯ୍ୟନ୍ତ ଗେରେଣ୍ଟି ଦିଆଯିବ ଅର୍ଥାତ୍ ମରାମତ ହୋଇଥିବ ନିୟମିତ ସମୟ ମଧ୍ୟରେ ଯଦି ତ ବିଗିଲେ ପୁନର୍ବାର ଦୁରସ୍ତ କରିଦିଆଯିବ ।

# ଗିଲ୍ଟି

ଘଡ଼ିର ଚେଇନ କେସ, ମୁଦ, ସ୍ପଞ୍ଜିସ ସବ୍ଇନସ୍ପେକ୍ଟର ଓ ଇନସ୍ପେକ୍ଟରଙ୍କର ତମଘା ହେବାର ଓଗେର ସାଜ, (ଉମ୍ବାର ଓ ପିଣ୍ଡଲଦ ନାନାବିଧ ଅଳଙ୍କାରାଦି ରୂପା ଅବା ସୁନାରେ; ରୂପାର ମୁଦ ଓଗେର ଅଳଙ୍କାର ସୁନାରେ ) ଗିଲ୍ଟି କରି ଦିଆଯିବ ।

କଟକ ୧୪।୧୧।୯୧. } ଶ୍ରୀ ଗୌରଶଙ୍କର ରାୟ

# ମେହରୋଗ ।

ଘ୨୪ ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ।

ମେହ । ମୂତ୍ରକୃଚ୍ଛ୍ରନେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ତନାଙ୍କ ନୋ ଏକଦ୍ରବ୍ୟର ଉଚିତ ନୁହେ ଯାମାନ୍ୟ ଅର୍ଥବ୍ୟୟ କରାଇବ ଜୀବନର ମାୟା ପରିତ୍ୟାଗ କରୁଅଛନ୍ତି ।

ଏହି ଔଷଧ ଯଥାଶାସ୍ତ୍ରରେ ଏକସପ୍ତାହ ସେବନ କଲେ ନୂତନ ରୋଗ ଏବଂ ତିନ ସପ୍ତାହ ସେବନ କଲେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ। ଯେଉଁମାନେ ଆରୋଗ୍ୟ ନ ହେବେ କହୁଅଛନ୍ତି ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ଉପସ୍ଥିତିରେ ପରିଣତ ନ ହେଲେ ଯନ୍ତ୍ରଣା ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅନ୍ତଲମ୍ବରେ ପୁସ୍ତକାକାରରେ ପ୍ରକାଶିତ ହେବ କଲିକତା ଅଦେଲଣ୍ଟୋଲ ନଂ ୯ର ଭବନରେ ସି, କେ, ସେନ କମ୍ପାନିଙ୍କଠାରେ ଏବଂ କଟକ ବରଷାବଜାର ପ୍ରେଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକ ଶିଶି ୫୨୵ ଟା । ପ୍ୟାକିଂ ଓ ଡାକଖର୍ଚ୍ଚା ପୃଥକ

ଏହି ଉତ୍କଳଦୀପିକା ସହର କଟକ ବରଷାବଜାର କଟକ ପ୍ରେଣ୍ଟିଂକମ୍ପାନୀ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେ ।

Digitized by srujanika@gmail.com

Split by PDF Splitter


# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଭା ୨୬ ଶ } ସଂ ୩୮ ସଂଖ୍ୟା } ତା ୧୯ ଇଶ ମାହେ ସିପ୍ଟମ୍ବର ସନ ୧୮୯୧ ଇସ୍ବୀ । ମୂ । ଅଶ୍ୱିନ ୭ ଜ ସନ ୧୨୯୯ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩॥୦ ; ପଶ୍ଚାଦେୟ ଟ ୬୲


ପୁରୀମନ୍ଦିର ଜୀର୍ଣ୍ଣସଂସ୍କାରସଭାର କେନ୍ଦ୍ରାପଡ଼ାସ୍ଥ କମିଟୀର ସଭାପତି ବାବୁ ଅଘୋରଚନ୍ଦ୍ର ହାଜରା ଲେଖିଅଛନ୍ତି କି ଉକ୍ତ ସବ୍‌କମିଟୀର ଚେଷ୍ଟାରେ ଟ ୪୦୬ ଚାନ୍ଦା ସଂଗୃହୀତ ହୋଇଅଛି । ଏହି ଚାନ୍ଦା ଦେଇଥିବା ବ୍ୟକ୍ତିମାନଙ୍କ ନାମ ପ୍ରକାଶ କରିବାକୁ ଆମ୍ଭମାନଙ୍କୁ ଅନୁରୋଧ କରି ଅଛନ୍ତି ମାତ୍ର ସ୍ଥାନାଭାବରୁ ତାହା ପ୍ରକାଶ କରିବାକୁ ଅକ୍ଷମ ହେଲୁଁ । ଚାନ୍ଦାଦାତାମାନେ ସମସ୍ତେ ଉକ୍ତ ସବ୍‌ଡିଭିଜନର ଅମଲାଠାରୁ ଚପରାସିପର୍ଯ୍ୟନ୍ତ କର୍ମଚାରୀ ଅଟନ୍ତି । ଅଧିକାଂଶ ଅମଲାମାନେ ଏକଟଙ୍କା ଓ ଦୁଇଟଙ୍କା ଏବଂ ସିପାହୀ ଚପରାସିପ୍ରଭୃତି ଆଠଅଣା ଓ ଚାରିଅଣା ଲେଖାଏ ଦେଇଅଛନ୍ତି । ଜ ୧୧ ଣ ଦୁଇଟଙ୍କା ଲେଖାଏ ଏବଂ ଜ ୧୬ ଣ ଏକଟଙ୍କା ଲେଖାଏ ଚାନ୍ଦା ଦେଇ ଅଛନ୍ତି । ଉକ୍ତ ଅମଲାଙ୍କପ୍ରତି ଏହା ବଡ଼ ପ୍ରଶଂସନୀୟ ଅଟଇ ।

---

ଆମ୍ଭେମାନେ ଆନନ୍ଦ ସହିତ ଅବଗତ ହେଲୁଁ ଯେ କଟକଠାରୁ ଆଠଗଡ଼ ଓ ଢେଙ୍କାନାଳବାଟେ ଅନୁଗୋଳକୁ ଯେଉଁ ସଡ଼କ ଯିବାର ପ୍ରସ୍ତାବ ଅନେକଦିନରୁ ହୋଇଅଛି ତହିଁର ସ୍ଥାନ ନିର୍ଣ୍ଣୟ କରିବା କାରଣ ଶ୍ରୀଯୁକ୍ତ ସୁପ୍ରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ଗତ ସପ୍ତାହରେ ଯାଇଥିଲେ । ସ୍ଥାନମାନ ଦେଖି ଲେଉଟି ଆସି ଅଛନ୍ତି । ଏ ସଡ଼କ ଅନେକଦିନର୍ ହୋଇ ଥାନ୍ତା କେବଳ ଆଠଗଡର ଅମନୋଯୋଗିତାର୍ ବିଳମ୍ବ ହୋଇଅଛି ଏବଂ ଏଥିପାଇଁ ଶ୍ରୀଯୁକ୍ତ ଗଡଜାତର ସୁପ୍ରିଣ୍ଟେଣ୍ଡେଣ୍ଟ ସାହେବ ଆଠଗଡ଼ ରାଜାଙ୍କ ପ୍ରତି ବଡ଼ ଅସନ୍ତୁଷ୍ଟ ଅଛନ୍ତି । ଏ ସଡ଼କ ହେଲେ ଆଠଗଡ଼ପ୍ରଜାଙ୍କର ଅନେକ ଉପକାର ଓ ରାଜାଙ୍କର ମଧ୍ୟ ହିତ ହେବ । ଭରସା କରୁଁ ରାଜା ମହୋଦୟ ଆପଣାର ଭ୍ରମ ବୁଝି ପାରି ଏ ସଡକ ଶୀଘ୍ର ନିର୍ମାଣ ପକ୍ଷରେ ସାହାଯ୍ୟ କରିବେ ।

---

ଶ୍ରୀଯୁକ୍ତ ମାକିଣ୍ଟି ସାହେବ ମୁରସିଦାବାଦର ମାଜିଷ୍ଟ୍ରେଟ ହୋଇ ଜଗନ୍ନାଥ ସାହା ନାମକ ଜଣେ ଧନାଢ୍ୟବ୍ୟକ୍ତିକୁ ଖଣ୍ଡେ ପୁରୁଣା ପିସ୍ତୋଲ ରଖିବା ଅପରାଧରେ ଦ ୧୫ ଦିନ କାରାବାସ ଦଣ୍ଡ ଦେବା ଓ ଜଜ ସାହେବ ଜାମିନ ନେବାର ଆଦେଶ ଦେଲେ ସୁଦ୍ଧା ତାହା ପାଳିବାକୁ ଦୁଇଦିନ ବିଳମ୍ବ କରିବା କଥା ଏଥିପୂର୍ବେ ପ୍ରକାଶ କରିଥିଲୁଁ ସମ୍ପ୍ରତି ହାଇକୋର୍ଟ ଉକ୍ତ ମୋକଦ୍ଦମା ନିଷ୍ପତ୍ତି କରି ଅଛନ୍ତି । ନିଷ୍ପତ୍ତିର ସଂକ୍ଷେପ ମର୍ମ ଏହି କି ଏଥିରେ କାରାବାସ ଦଣ୍ଡ ନ ଦେଇ ସାମାନ୍ୟ ଅର୍ଥଦଣ୍ଡ କରିବାର ଥିଲା ଏବଂ ଆସାମୀ ଦୁଇଦିନ କାରାଦଣ୍ଡ ଭୋଗ କରି ଥିବାରୁ ତାହାକୁ ଖଲାସ ଦିଆ ଗଲା । ଜଜସାହେବଙ୍କର ଜାମିନ ନେବାର ଆଦେଶ ମାଜିଷ୍ଟ୍ରେଟ ପ୍ରତିପାଳନ କରି ନ ଥିବା ବିଷୟ କାର୍ଯ୍ୟବିଭାଗରେ ବିଚାରିତ ହେବ । ଆମ୍ଭେମାନେ ଆଶା କରୁଁ ଏଣିକି ମାକିଣ୍ଟି ସାହେବ ଧୀରଭାବରେ କାର୍ଯ୍ୟ କରିବେ ।

---

ଗତସପ୍ତାହର ବାଲେଶ୍ୱର ସମ୍ବାଦବାହିକାରେ ପାଠ କଲୁଁ କି କେଉଁଝର କିଲ୍ଲାଅନ୍ତର୍ଗତ ଆନନ୍ଦପୁରର ଆସିଷ୍ଟାଣ୍ଟମାନେଜର ବାବୁ ବ୍ରଜକିଶୋର ମହାପାତ୍ରଙ୍କୁ ଶ୍ରୀଯୁକ୍ତ ଉଆଇଲି ସାହେବ ମାନେଜର ବରଖାସ୍ତ କରିବାରୁ ସେ ଅପର ଆସିଷ୍ଟାଣ୍ଟମାନେଜର ବାବୁ ଫକୀରମୋହନ ସେନାପତିଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କରୁଅଛନ୍ତି । ଏକଥା କେତେଦୂର ସତ୍ୟ ଏବଂ ଷଡ଼ଯନ୍ତ୍ରର ବୃତ୍ତାନ୍ତ କିସ ତାହା ସବୁ ସହଯୋଗୀ କିଛି ଜାଣନ୍ତି ନାହିଁ । ଆମ୍ଭେମାନେ ମଧ୍ୟ କେଉଁଝରର ବାର୍ତ୍ତା କିଛି ପାଇ ନାହୁଁ । ପ୍ରାୟ ଦୁଇ ମାସ ହେଲା ଉଆଇଲି ସାହେବ ସେଠାରେ ଉକ୍ତ ଉପଦ୍ରମାଣରେ ଶାନ୍ତିସ୍ଥାପନ କରିବାକୁ ସମର୍ଥ ହୋଇଅଛନ୍ତି ଜଣାଯାଇ ନାହିଁ । କିନ୍ତୁ ଅଧୀନସ୍ଥ କର୍ମଚାରୀଙ୍କମଧ୍ୟରେ ମନାନ୍ତର ଘଟିବାର ଜନରବ ସୁଦ୍ଧା ଶାନ୍ତିବିସ୍ତାରର ଅନୁକୂଳ ନୁହଇ । ବ୍ରଜକିଶୋର ବାବୁ ଯେବେ ବରଖାସ୍ତ ହୋଇ କୌଣସି ଷଡ଼ଯନ୍ତ୍ର କରୁଥିବେ ତେବେ ମାନେଜର ତାହାଙ୍କୁ କିଲ୍ଲାରୁ ବାହାର କରି ଦେବେ ।

---

ବାଲେଶ୍ୱରରୁ ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି ବାଲେଶ୍ୱରର ଦଳାଦଳୀ ଏତେ ଭୟଙ୍କର ହୋଇଅଛି ଯେ ମିଉନିସିପାଲିଟୀ ଓ ଜିଲ୍ଲା ଓ ସ୍ଥାନୀୟ ବୋର୍ଡକୁ ସ୍ପର୍ଶ କରିବାକୁ ଛାଡ଼ି ନାହିଁ । ଏହି ଦଳାଦଳୀ ହେତୁ ସ୍ୱର୍ଗୀୟ ପଣ୍ଡିତ ଈଶ୍ୱର-

Digitized by srujanika@gmail.com

Split by PDF Splitter



ଚନ୍ଦ୍ର ବିଦ୍ୟାସାଗର ଓ ରାଜା ରାଜେନ୍ଦ୍ରଲାଲ ମିତ୍ରଙ୍କ ସ୍ମରଣାର୍ଥ ସଭା ଏକପକ୍ଷ ନୂତନ ଟାଉନହଲରେ ଏବଂ ଅପରପକ୍ଷସ୍ଥ ଜିଲ୍ଲାସ୍କୁଲଗୃହରେ କରିବାକୁ ଜିଦ କଲେ । ପରିଶେଷରେ ଶ୍ରୀଯୁକ୍ତ ମାଜିଷ୍ଟ୍ରେଟ ସାହେବଙ୍କ ମଧ୍ୟସ୍ଥତାରେ ଶେଷ ଲିଖିତ ସ୍ଥାନ ଉଭୟପକ୍ଷର ମନୋନୀତ ହେଲା । ସମ୍ଭବତଃ ଗତ ରବିବାର ସଭା ହୋଇଥିବ । ବାଲେଶ୍ୱରର ଭଦ୍ରଲୋକଙ୍କ ମଧ୍ୟରେ ସବୁ ବିଷୟରେ ଏପ୍ରକାର ଆତ୍ମବିଚ୍ଛେଦ ସେଠାରେ ସର୍ବସମ୍ମତି କରିବା କ୍ଷମା ଆତ୍ମଶାସନର ଅଧିକାର ଦେବା ଉଚିତ ନୁହଇ । ଶ୍ରୀଯୁକ୍ତ ଜଷ୍ଟିସ୍ ସାହେବ ନିତାନ୍ତ ଭଲଲୋକ ବୋଲି ଏଥର ମଧ୍ୟସ୍ଥତା କରି ବିଫଳ ହେଉ ଅଛନ୍ତି । ଅନ୍ୟ ହାକିମ ଏପରି ସ୍ଥଳେ ବିହିତ ଉପାୟ କରନ୍ତେ ।

---

ହାଇଦରାବାଦର ନିଜାମ ଜେକବ ସାହେବ ନାମରେ ଜଣେ ଆରମାନ ଦଲାଲଠାରୁ ୪୬ ଲକ୍ଷ ଟଙ୍କା ମୂଲ୍ୟରେ ଗୋଟିଏ ହୀରା କିଣିବାର ଚୁକ୍ତି କରିଥିଲେ । ଚୁକ୍ତିର ନିୟମ ଏହି ଥିଲା କି ନିଜାମ ଅଧେ ଅର୍ଥାତ୍ ୨୩ଲକ୍ଷ ଟଙ୍କା ବାଙ୍କରେ ଜମା ଦେଲେ ଜେକବ ସାହେବ ବିଲାତରୁ ଉକ୍ତ ହୀରା ଆଣି ନିଜାମଙ୍କୁ ଦେବେ । ନିଜାମର ପସନ୍ଦ ହେଲେ ହୀରାଟିକୁ ରଖି ଅବଶିଷ୍ଟ ୨୩ ଲକ୍ଷ ଟଙ୍କା ଦେବେ ନତେତ ହୀରା ଫେରାଇ ଦେଇ ଟଙ୍କା ଫେରି ନେବେ । ହୀରା ପସନ୍ଦ ନ ହେବାରୁ ନିଜାମ ତାହା ଫେରାଇ ଦେଲେ ମାତ୍ର ଟଙ୍କା ନ ପାଇବା ଏବଂ ବାଙ୍କରେ ଜମା ଥିବା ଟଙ୍କାରୁ କିଛି ଖର୍ଚ୍ଚ ହୋଇଯାଇଥିବାରୁ ନିଜାମ ଜେକବ ସାହେବଙ୍କ ନାମରେ କଲିକତାର ଫୌଜଦାରୀ ଅଦାଲତରେ ନାଲିସ କରିଅଛନ୍ତି ଏବଂ ଜେକବ ସାହେବ ୱାରେଣ୍ଟରେ ଧରା ହୋଇ ହାଜତରେ ଅଛନ୍ତି । ଜେକବ ସାହେବ ଜଣେ ଧନାଢ୍ୟ ଓ ସମ୍ଭ୍ରାନ୍ତ ବଣିକ୍ । ସେ ଜାମିନ ସକାଶେ ହାଇକୋର୍ଟପର୍ଯ୍ୟନ୍ତ ଲଢ଼ିଥିଲେ ମାତ୍ର ତହିଁରେ କିଛିଫଳ ହେଲା ନାହିଁ । ଏ ମୋକଦ୍ଦମା ବଡ଼ଧୂମଧାମରେ ଚାଲୁ ଅଛି ଏବଂ ଦୁଇପକ୍ଷରୁ ବଡ଼ ବଡ଼ ବାରିଷ୍ଟରମାନେ ନିଯୁକ୍ତ ହୋଇଅଛନ୍ତି ।

---

### ବଙ୍ଗଳାର-ଜଙ୍ଗଲମହାଲ ।

ବଙ୍ଗପ୍ରଦେଶର ଜଙ୍ଗଲମହାଲର ଗତବର୍ଷର କାର୍ଯ୍ୟସମ୍ପର୍କରେ ମାନ୍ୟବର ଲେଫ୍ଟେନାଣ୍ଟଙ୍କର ଯେଉଁ ମନ୍ତବ୍ୟ ବାହାରି ଅଛି ତହିଁରୁ ଉଲ୍ଲିଖିତ ବିଷୟମାନ ଉଦ୍ଧାର କଲୁଁ । ଯଥା;—

ଅନୁଗୁଳ ଓ କେନ୍ଦୁଝରର ଜଙ୍ଗଲମାନଙ୍କର ସୀମାନିରୂପଣ ବିଷୟରେ ଗବର୍ଣ୍ଣମେଣ୍ଟ ପୃଥକ୍ ରିପୋର୍ଟ ତଲବ କରିଅଛନ୍ତି ।

ଗତ ସାତବର୍ଷରେ ୬ ୮ ଣ ବଙ୍ଗାଳୀଙ୍କୁ ଡେରାଡୁନର ଜଙ୍ଗଲବିଦ୍ୟାଳୟରେ ପଢ଼ାଇ ଆଣି ଜଙ୍ଗଲବିଭାଗରେ କାର୍ଯ୍ୟ ଦିଆଯାଇଥିଲା । ସେମାନଙ୍କମଧ୍ୟରୁ ୬ ଣ ଇସ୍ତଫା ଦେଇ ଅଛନ୍ତି । ଏକଜଣ ଦୁଇବର୍ଷ ହେଲା କ୍ରମାଗତ ପୀଡ଼ିତ ଅଛି ଏବଂ କେବଳ ଏକଜଣ ସୁଖ୍ୟାତି ସହିତ କାର୍ଯ୍ୟ କରିବାରୁ ବର୍ତ୍ତମାନ ଟ ୫୦୯ କା ବେତନରେ ନିଯୁକ୍ତ ହୋଇଅଛି । ଏ ଅବସ୍ଥା ଦେଖି ଏବିଭାଗର କର୍ତ୍ତା ପଶ୍ଚିମ ଓ ମଧ୍ୟପ୍ରଦେଶର ସବଲଲୋକଙ୍କୁ ଜଙ୍ଗଲଏଲାକାରେ ନିଯୁକ୍ତ କରିବାର ପ୍ରସ୍ତାବ କରିବାରେ ମାନ୍ୟବର ଲେଫ୍ଟେନାଣ୍ଟ ଦୁଃଖିତ ହୋଇ କହୁଅଛନ୍ତି କି ବଙ୍ଗାଳୀମାନେ ଏ କାର୍ଯ୍ୟନିମନ୍ତେ ଯୋଗ୍ୟତା ନ ଦେଖାଇଲେ ଅପରଜାତୀୟ ଲୋକଙ୍କୁ ଲୋଡ଼ିବାକୁ ହେବ ମାତ୍ର ଭରସା କରୁଥାଇ ଯେ ବିଦ୍ୟାଳୟରେ ବ୍ୟାୟାମ ଚର୍ଚ୍ଚାର ବୃଦ୍ଧି ହେଲେ ବଙ୍ଗାଳୀମାନଙ୍କର ଦୁର୍ବଳତା ରହିବ ନାହିଁ । ଏଥିପାଇଁ ସେ ବର୍ତ୍ତମାନ କୌଣସି ପରିବର୍ତ୍ତନ ନ କରି କିଛିକାଳ ଅପେକ୍ଷା କରିବେ । ମାନ୍ୟବର ଲେଫ୍ଟେନାଣ୍ଟଙ୍କର ଏହି ଦୟାପୂର୍ଣ୍ଣବାକ୍ୟରେ ଆମ୍ଭେମାନେ ବଡ ଆଶ୍ୱସ୍ତ ହେଲୁଁ । ଜଲପାଇଗୁଡ଼ି ଏବଂ ଅନୁଗୁଳବିଭାଗମାନଙ୍କର ରକ୍ଷିତ ଜଙ୍ଗଲ ଅଗ୍ନି ଦ୍ୱାରା ବିଶେଷ କ୍ଷତିଗ୍ରସ୍ତ ହୋଇଥିଲା । ଜଲପାଇଗୁଡ଼ିର କର୍ମଗୃହୀ ଗ୍ରାନସାହେବ ପୀଡ଼ିତହେତୁ ମୋଫସଲ ଗସ୍ତ ନ କରିବାରୁ ମାନ୍ୟବର ଲେଫ୍ଟେନାଣ୍ଟ କହୁଅଛନ୍ତି କି ତାହାଙ୍କର ଛୁଟୀ ନେବାର ଉଚିତ ଥିଲା । ଅନୁଗୁଳ କର୍ମଗ୍ରହୀ ଗ୍ରୀଣ୍ଡ୍ଲିଣ୍ଡ ସାହେବ ଆପଣା ଅଧୀନସ୍ଥକର୍ମଚାରୀ ପ୍ରତି ସବୁ ଭାର ଦେଇ ନିଶ୍ଚିନ୍ତ ଥିବାରୁ ଜଙ୍ଗଲ ପୋଡ଼ିଯିବାର କିଛୁଦିନ ଉତ୍ତାରୁ ତହିଁର ସମ୍ବାଦ ପାଇଲେ । ଏ ଦୁହିଁଙ୍କି ଲେଫ୍ଟେନାଣ୍ଟ ଶାସନ କରି ଅଛନ୍ତି ।

ଗୋରୁ ମଇଁଷ ଚରିବାଦ୍ୱାରା ଅଗ୍ନି ଅପେକ୍ଷା ଜଙ୍ଗଲର ଅଧିକ କ୍ଷତି ହୁଅଇ ଏଥିରେ ସନ୍ଦେହ ନାହିଁ । କିନ୍ତୁ କେବଳ ରାଜସ୍ୱ ବୃଦ୍ଧି ନିମିତ୍ତ ପାଳିତ ପଶୁ ଜଙ୍ଗଲରେ ଚରିବାର ଅନୁମତି ଦିଆଯାଏ ବୋଲି କନସରଭେଟର ସାହେବ ଯାହା ଅନୁମାନ କରି ଅଛନ୍ତି ତାହା ଠିକ ନୁହେ । ତତ୍ସଲ ଭୂମି ସମ୍ବନ୍ଧରେ ଲୋକଙ୍କ କଷ୍ଟ ନିବାରଣ ଉଦ୍ଦେଶ୍ୟରେ ସେପରି ନିୟମ ହୋଇ ଅଛି । ମାନ୍ୟବର ଲେଫ୍ଟେନାଣ୍ଟ ଅନୁଗୁଳ ସମ୍ବନ୍ଧରେ ନିୟମ କରି ଅଛନ୍ତି କି ଗ୍ରାମବାସିଙ୍କ ପଶୁ ଚରିବା କାରଣ ପ୍ରଚୁର ଜମି ଛାଡ଼ି ଦେବାକୁ ହେବ । ତାହା ହେଲେ ରକ୍ଷିତ ଜଙ୍ଗଲ ମଧ୍ୟରେ ଗବାଦି ଚରିବା କାରଣ ଛାଡ଼ିଦେବାର ଆବଶ୍ୟକ ହେବ ନାହିଁ ।

ବର୍ତ୍ତିତ ବର୍ଷରେ ୮୦୩୨୮୨୧ ଘନଫୁଟ କାଠ ଆମଦାନୀ ହୋଇ ଥିବା କିନ୍ତୁ ଏଥି ପୂର୍ବ ବର୍ଷର ଆମଦାନୀ ଏକ କୋଟିରୁ ଅଧିକ ଥିଲା । ଊଣା ପଡ଼ିବାର କାରଣ ଏହି କି ପୂର୍ବ ବର୍ଷର ବହୁତ କାଠ ବଜାରରେ ବିକ୍ରୟ ନ ହୋଇ ବେପାରିଙ୍କ ହାତରେ ରହି ଯାଇ ଥିଲା । ଜାଳିବା କାଠର ଅମଦାନୀ ବର୍ତ୍ତିତ ବର୍ଷରେ ୧୬୬ ଲକ୍ଷ ଘନଫୁଟ ଓ ତହିଁ ପୂର୍ବବର୍ଷ ୧୫୨ ଲକ୍ଷ ଘନଫୁଟ ଥିଲା । ଏଥିରେ ବୃଦ୍ଧି ଦେଖା ଯାଏ ।

ବର୍ତ୍ତିତ ବର୍ଷର ମୋଟ ଆୟ ଟ ୭୨୭୩୯୨ ଙ୍କା ଓ ବ୍ୟୟ ଟ ୪୦୪୮୭୯ଙ୍କା ଓ ତହିଁ ପୂର୍ବ ବର୍ଷର ଆୟ ଟ ୭୬୮୭୧୬ ଓ ବ୍ୟୟ ୩୯୦୨୬୪ଙ୍କା । ଏଥିରୁ ଦେଖାଯାଏ ଯେ ଗତ ବର୍ଷଠାରୁ ଏବର୍ଷ ୫୫ ହଜାର ଟଙ୍କା ଊଣା ଲାଭ ହୋଇ ଅଛି । ଓଡ଼ିଶାର ଆୟ ଟ ୧୨୦୨ ଓ ବ୍ୟୟ ଟ ୨୧୭୩୯୯ଙ୍କା ସୁତରାଂ ୧୭ହଜାର ଟଙ୍କା ତୁଟି ପଡ଼ି ଅଛି । ଏଥି ପୂର୍ବବର୍ଷ ଏହିପରିମାଣ ତୁଟି ପଡ଼ି ଥିଲା ।

---

### ଅତିବୃଷ୍ଟି ।

ଗତ ପତ୍ରିକାରେ ଆମ୍ଭେମାନେ ଲେଖିଥିଲୁଁ କି ଗତ ସପ୍ତାହରେ କ୍ରମାଗତ ୬ ଦିନ ବର୍ଷା ଲାଗିଥିଲା ଅର୍ଥାତ୍ ପ୍ରତିଦିନ ଦୁଇ୨ ଏବଂ ଏକ୨ ଦିନ ଏକ୨ ଅଂଶ ଟାଣବୃଷ୍ଟି ହୋଇ ଥିଲା କିନ୍ତୁ ଗତ ପୂର୍ବ ଶୁକ୍ରବାର ଯେପରି ବୃଷ୍ଟି ହେଲା ତାହା ଏବର୍ଷ କାହିଁ କି ଅନେକ ବର୍ଷରୁ ଏ ନଗରରେ ଦେଖା ନ ଥିଲା । ସକାଳ ହେବା ପୂର୍ବ ଶେଷରାତ୍ରରୁ ମେଘ ବର୍ଷିବାର ଆରମ୍ଭ ହୋଇ ସମସ୍ତ ଦିନମାନ ଏବଂ ସନ୍ଧ ୫।୮ ଘଡ଼ି ପର୍ଯ୍ୟନ୍ତ ଅନବରତ ବଡ଼କଧାରରେ ଜଳ ଚାଲି ଥିଲା ଏବଂ ତହିଁମଧ୍ୟରେ ସନ୍ଧ୍ୟା ପର୍ଯ୍ୟନ୍ତ ଦୁଇପ୍ରହର ଅଳ୍ପ ପବନସହିତ ଏମନ୍ତ ପ୍ରବଳ ବୃଷ୍ଟି ହେଲା ଯେ ଘରରୁ ବାହାରିବାର ସାଧ ନ ଥିଲା ଏବଂ ପ୍ରତିକ୍ଷଣେ ତୋଫାନର ଶଙ୍କା ହାତ କଲା । ଧର୍ମରକ୍ଷାକୁ ତୋଫାନ ହୋଇ

Digitized by srujanika@gmail.com

ତାହିଁ ମଧ୍ୟ ଏହି ଜଳରେ ଯେଉଁ କ୍ଷତି ହୋଇ ଅଛି ତାହା ଅକଥନୀୟ । ଏହି ଏକଦିନରେ ଅନ୍ତତଃ ୧୬ ଇଞ୍ଚ ଜଳ ବୃଷ୍ଟି ହୋଇ ଅଛି । ଏଥିରେ ନଗରର ନାଳ ଓ ପୁଷ୍କରଣୀମାନ ପୂର୍ଣ୍ଣ ହୋଇ କେତେ ସ୍ଥାନରେ ସଡ଼କଉପରେ ନଦୀପ୍ରାୟ ଜଳର ସ୍ରୋତ ବହିଲା ଏବଂ କେତେ ସ୍ଥାନରେ ପୋଖରୀ ସବୁ ପୂର୍ଣ୍ଣ ହୋଇ ସାଇ-ମଧ୍ୟରେ ଏକଅଣ୍ଟୁ ବା ଏକଅଣ୍ଠା ପାଣି ଜମା-ହୋଇ ଗଲା । ଏତେ ଜଳକୁ ମାଟିକାନ୍ଥର ବଳ କେତେ? ଅଗଣାରେ ଓ କାନ୍ଥମୂଳେ ଜଳ ଜମା ହେବାରୁ କାନ୍ଥମାନ ଦୁଲ୍‌ଦାଲ୍ ପଡ଼ିଲା । ଦେଖା ହେଲା ଯେ ବନମଧ୍ୟରେ ଦୁର୍ଘଟନା ହେଲା ଭେଣ୍ଟ ଲୋକେ ଗୋରୁ ଗାଈ ଫିଟାଇ-ଦେଇ ଓ ପିଲାପିଲି ଯେଉଁ ଘର ଛାଡ଼ି ପଳାଇ ଆସି ଅନ୍ୟତ୍ରରେ ସାହାଯ୍ୟ ନେଲେ । ଘରର ଦ୍ରବ୍ୟାଦି ନଷ୍ଟ ହେଲେ ଓ କଷ୍ଟ ହ ହୁଡଲେ ରହିଗଲା । ଏଥିରେ କାହାର ପ୍ରାଣ ନଷ୍ଟ ହୋଇ ନାହିଁ । କିନ୍ତୁ ଅନୁମାନ ହୁଅଇ ଏକ-ହଜାର ବା ଅଧିକ ଘରଦ୍ୱାର ନଷ୍ଟ ହୋଇ ଅଛି ମାଜିଷ୍ଟ୍ରେଟ ସାହେବଙ୍କ ଆଦେଶ ମତେ ପୁଲିସ ତଦାରଖର ତାଲିକା କରୁଥିଲେ । ଶୁଣିବାରେ ଏକଶହ ଘର ନଷ୍ଟ ହେବାର ଲେଖିଅଛନ୍ତି ଏ ସଂଖ୍ୟା କେତେ ଗୁଣ ଅଧିକ । ଅନେକ ଗରିବଙ୍କର ଏଥିରେ ଭୟାନକ କଷ୍ଟ ହୋଇ ଅଛି । ସେମାନଙ୍କର ଦୁର୍ଦ୍ଦଶା ଯେ ଦେଖିଅଛି ତାହାର ମନରୁ ଯିବ ନାହିଁ । ଏତେବଡ଼ ସହରରେ ଏପରି ବିପଦ ପଡ଼ିଲା ମାତ୍ର ଅସହାୟ ଲୋକଙ୍କୁ ତହିଁରୁ ଉଦ୍ଧାର କରିବାର ଚେଷ୍ଟା ଅଦ୍ୟାପି ବିଶେଷ ହେବାର ଦେଖା ଗଲା ନାହିଁ । ଶୁକ୍ରବାର ଦିନ ଏ ଦୁର୍ଘଟଣା ହେଲା ଏବଂ ତହିଁ ଉତ୍ତାରୁ ଗୁରୁ ଦିନ ପର୍ଯ୍ୟନ୍ତ ପ୍ରତ୍ୟହ ଦୁଇପ୍ରହର-ବେଳେ ଏବଂ ଅଳ୍ପ ଟାଣବୃଷ୍ଟି ହେବାରୁ ଅଧିକ କଷ୍ଟ ହୋଇଥିଲା । ଯେବେ ନଗରର ନାଳ-ମାନ ପରିଷ୍କାର ଥାନ୍ତା ଓ ପାଣି ବାହାରିଯିବାର ଉଚିତ ବନ୍ଦୋବସ୍ତ ହୋଇ ଥାନ୍ତା ତେବେ ଏତେ ଅଧିକ କ୍ଷତି ହୋଇ ନ ଥାନ୍ତା ଏ ବିଷୟରେ ବାଇକମାସ୍ତରୀ ଓ ମିଉନିସିପାଲଟୀର ଭାରି ତ୍ରୁଟି ଲକ୍ଷିତ ହୋଇ ଅଛି । ପ୍ରଧାନ ଜଳନିକାଶି ନାଳଟି ବାଇକମାସ୍ତରୀ ମହକୁମାର ଅଧୀନ । କଲକତା-ଟ୍ରଙ୍କରୋଡ଼ରେ ଯୋଡ଼ିଏ ଫୁକାର ଅଛି । ସେହିବା-ଟେ ସବୁ ଜଳ ବାହାରି ଯାଏ । ବାଇକମାସ୍ତ-ରୀରୁ ଗୋଟିଏ କବାଟ ଫିଟାଇ ଦେଇ ଆଉ ଗୋଟିଏ ଫୁକାରର କବାଟ ବନ୍ଦରଖା ଯାଇ ଥିଲା । ତେଣୁ ବର୍ଷାଜଳ ବାହାରି ଯାଇ ନ ପାରିଲା ଓ ପଶ୍ଚାଧାଣ ଠେଲିବାରୁ ନାଳ ବନ୍ଧ ବୁଡ଼ିଯାଇ ଉପରକୁ ପାଣି ଉଠିଲା । ଦୁଇଦିନ-ପର୍ଯ୍ୟନ୍ତ ଏହିପରି ଜଳ ଜମା ରହିଲା ତହିଁ ଉତ୍ତାରୁ ଅନେକ କଷ୍ଟରେ ଅନ୍ୟ କବାଟଟି ଫିଟିବାରୁ ଜଳ ଶୁଖିଲା । ଏତେବେଳପର୍ଯ୍ୟନ୍ତ ସବୁ ଜଳ ବାହାରି ଯାଇ ନାହିଁ ଏବଂ ଗତ ଦୁଇଦିନ ବୃଷ୍ଟି ଓ ନଦୀବୃଦ୍ଧିହେତୁ ଅଦ୍ୟାପି ବସ୍ତିର ଜଳ ଜମା ରହିଅଛି ଏବଂ ତହିଁରୁ ଦୁର୍ଗନ୍ଧ ବାହାରୁଅଛି । ଏପରି ସ୍ଥାନରେ ନାଳ ନ ଥିବାରୁ ମିଉନିସିପାଲଟୀ ସେଠାରେ ପାଣି ବୁହାଉଅଛନ୍ତି ପାଣି ଶୀଘ୍ର ଶୁଖିଯିବାର ଆଶା ଅଳ୍ପ ମାତ୍ର ଭିଜାମାଟିରେ ବାସ କରିବା ହେତୁ ପଶ୍ଚାତ୍ ଯେ ରୋଗର ଭୟାନକ ପ୍ରାଦୁର୍ଭାବ ହେବ ସନ୍ଦେହ ନାହିଁ । ଏଥିପାଇଁ ସରକାର ଓ ବାଇକମାସ୍ତର ଦାୟୀ ହେବେ ନାହିଁ କି?

ମୋଫସଲର ସବିଶେଷବୃତ୍ତାନ୍ତ ଅଦ୍ୟାପି ଜଣା-ପଡ଼ି ନାହିଁ । ବ୍ରାହ୍ମଣୀ ଖରସୁଆ ବୈତରଣୀ ନଦୀମାନ ପ୍ରବଳରୂପେ ବୃଦ୍ଧି ହୋଇ ସଡ଼କ ବନ୍ଧ ଭାଙ୍ଗିବାରୁ ଉତ୍ତର ଷ୍ଟିମର ଯିବାର ବନ୍ଦ ହୋଇଥିଲା ଏବଂ ଶୁଣିବାରେ ଓଲସରଇତ କେତେକସ୍ଥାନରେ ଧୋଇ ହୋଇଅଛି ।

---

କାହାକୁ ବିଶ୍ୱାସ କରିବା?

ପୂର୍ବକାଳର ବ୍ରାହ୍ମଣପଣ୍ଡିତମାନଙ୍କ ସମ୍ବନ୍ଧରେ ଯେ ସମସ୍ତ କୌତୁକ କଥାମାନ ପ୍ରଚଳିତ ଅଛି ତନ୍ମଧ୍ୟରେ ଗୋଟିଏ ଏହି କି ଜଣେ ପଣ୍ଡିତଙ୍କୁ କେହି କହିଦେଲା ଯେ ତାହାଙ୍କ ସମ୍ମୁଖର କାଳ ହୋଇ ଅଛି । ଏବାର୍ତ୍ତା ଶୁଣି ପଣ୍ଡିତ ନିତାନ୍ତ ଦୁଃଖିତ ଓ ଅଧୈର୍ଯ୍ୟ ହୋଇ ସଙ୍ଗ କରିବା କାରଣ ସମ୍ମୁଖ ଘରକୁ ତତ୍‌କ୍ଷଣାତ୍ ଯାତ୍ରା କଲେ । ସେଠାରେ ପହୁଞ୍ଚି ଦେଖିଲେ ଯେ ସମ୍ମୁଖ ପୀଢ଼ାରେ ବସିଅଛନ୍ତି । ପଣ୍ଡିତ ମନେ କଲେ ସମ୍ମୁଖ ପ୍ରେତରୂପରେ ବସିଅଛନ୍ତି । ଅନନ୍ତଶଙ୍କା କରି ଟିକିଏ ଇତସ୍ତତ ହେଲେ । ଏଣେ ସମ୍ମୁଖ ଆପଣା ବନ୍ଧୁଙ୍କ ଆଗମନ ଦେଖି ଅସ ବୋଲି ଅହ୍ଲାଦରେ ଡାକିବାରେ ପ୍ରେତପାଖରୁ ପଳାଇବା ଅଧିକ ଉପ୍ୟୁକ୍ତ ବିଚାର କରି ପଣ୍ଡିତ ସାହସ ବାନ୍ଧି ତାହାଙ୍କ ନିକଟକୁ ଯାଇ କହିଲେ 'ସମ୍ମୁଖ ତୁମ୍ଭେପରା ମରିଅଛ' ସମ୍ମୁଖ ପଚାରିଲେ ଏକଥା କିଏ କହିଲା। ତହୁଁ ପଣ୍ଡିତ କହିଲେ କି ଯେ କହିଅଛି ସେ କଦାକାଳରେ ମିଥ୍ୟା କହେ ନା । ଅବିନାଶ ବାବୁଙ୍କ ପ୍ରସଙ୍ଗ ସେହି ଅମ୍ଭମାନଙ୍କ ସମ୍ବନ୍ଧରେ ଗତସପ୍ତାହରେ ଓଡ଼ିଆନବସମ୍ବାଦ ଯେଉଁ ମନ୍ତବ୍ୟ ପ୍ରକାଶ କରିଥିଲେ ତହିଁରେ ଠିକ ଏହି ନ୍ୟାୟକୁ ଅନୁସରି ଅଛନ୍ତି । ଅବିନାଶ ବାବୁଙ୍କ ବଦଳି ରହିତ ହେବା ପ୍ରସଙ୍ଗରେ ଅମ୍ଭେମାନେ ଲେଖିଥିଲୁଁ କି ଶୁଣିବାରେ ଏଠା ମୁସଲମାନ ସଭା ଓ କେହି କେହି ହିନ୍ଦୁ ଭଦ୍ରଲୋକ ଆପତ୍ତି ଦରଖାସ୍ତ କରିବାରୁ କଲେଜର ପ୍ରିନସିପଲ ତାହା ସମସ୍ତ ଶିକ୍ଷାବିଭାଗର ଡାଇରେକ୍ଟରଙ୍କ ନିକଟକୁ ପଠାଇ ଲେଖିଥିଲେ ଯେ ଅବିନାଶ ବାବୁଙ୍କ ବଦଳି ହେଲେ କଲେଜର ଅନେକ କ୍ଷତି ହେବ ଏବଂ ଅନେକ ପିଲା ନାମକଟାଇ ବାହାରି ଯିବେ । ତହିଁସଙ୍ଗେ ଆହୁରି ଲେଖିଥିଲୁଁ କି ଉକ୍ତ ସଭାର ଆବେଦନ ଗୋପନଭାବରେ ହୋଇ ଅଛି ଏବଂ ଅମ୍ଭେମାନେ ଯାହା ଶୁଣିବାର ଲେଖିଅଛୁଁ ଯେବେ ତାହା ସତ୍ୟ ହୋଇଥାଏ ତେବେ ତାହା ପ୍ରିନସିପଲଙ୍କ ସୁବିବେଚନା ବଲିତ ଏଥିରେ ସନ୍ଦେହ ନାହିଁ କାରଣ ରାମଦାସ ବାବୁଙ୍କ ବିଦାୟ ସଭାରେ ତହିଁର ଉପସ୍ଥିତ ଭାବ ଦେଖିଲୁଁ ।

କଟକର ଜଣେ ପତ୍ରପ୍ରେରକ ଅମ୍ଭମାନଙ୍କର ଉପରଲିଖିତ ଉକ୍ତିର ପ୍ରତିବାଦ କରି ପଠାଇ-ବାରୁ ଗତ ତା ୨୬ ରିଖର ଓଡ଼ିଆ ଓ ନବସମ୍ବାଦରେ ତାହା ପ୍ରକାଶ ହୋଇଅଛି ଏବଂ ତହିଁରେ ଲେଖାଅଛି କି ପତ୍ରପ୍ରେରକ ବିଶ୍ୱସ୍ତସୂତ୍ରରୁ ଅବଗତ ହୋଇଅଛନ୍ତି ଯେ ପ୍ରିନସିପଲ ଏମନ୍ତ ଲେଖି ନାହାନ୍ତି ଯେ ବାବୁଙ୍କର ବଦଳି ହେଲେ କଲେଜର ଛାତ୍ରସଂଖ୍ୟା ଊଣା ହେବ ଅଥଚ ଯଦ୍ୟପି କି ମୁସଲମାନସଭାର ଆବେଦନପତ୍ର ପଠାଇଅଛନ୍ତି ମାତ୍ର ସେ ସମ୍ବନ୍ଧରେ ଅନୁକୂଳ ବା ପ୍ରତିକୂଳ ମନ୍ତବ୍ୟ ଦେଇ ନାହାନ୍ତି । ଅପିଚ ରାମଦାସ ବାବୁଙ୍କ ବିଦାୟସଭାରେ ଉପସ୍ଥିତ ଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଅନେକେ କହୁଅଛନ୍ତି ଯେ ଉକ୍ତ ବାବୁଙ୍କ ସମ୍ବନ୍ଧରେ ଏପରି କିଛିକଥା ହୋଇ ନ ଥିଲା ।

ବାଦପ୍ରତିବାଦର କଥାଉପରେ ଯାହା ଲେଖାଗଲା ତାହା ବିବେଚନା କରି ସହଯୋଗୀ ଓଡ଼ିଆ ଓ ନବସମ୍ବାଦ ଏହି ମନ୍ତବ୍ୟ ପ୍ରକାଶ କରିଅଛନ୍ତି ଯେ ତାହାଙ୍କ ପତ୍ରପ୍ରେରକଙ୍କର ସତ୍ୟନିଷ୍ଠାରେ ସମ୍ପୂର୍ଣ୍ଣ ନିର୍ଭର ଥିବାରୁ ସେ ପତ୍ର ପ୍ରକାଶ କଲେ ଏବଂ ତହିଁଉତ୍ତାରୁ ସ୍ୱୟଂ ଅନୁସନ୍ଧାନ କରି ଯାହା ଅବଗତ ହେଲେ ତହିଁରୁ ବୁଝିଲେ ଯେ ପାପିଜାଙ୍କର ଉକ୍ତି ଅଳୀକ ଅଟେ । ଅଡ଼ନାଶ

ବାବୁଙ୍କପ୍ରତି ଆମ୍ଭମାନଙ୍କର କୁସଂସ୍କାର ଥିବାରୁ ଏପରି ଅଳୀକ ସମ୍ବାଦ ଶୁଣିବାମାତ୍ରେ ପ୍ରକାଶ କରୁଅଛୁଁ ଏବଂ ଏଥିପାଇଁ ସହଯୋଗୀ ଅତ୍ୟନ୍ତ ଦୁଃଖିତ ସେ ଆତୁର ଲେଖିଅଛନ୍ତି କି ଅନେକ ସମୟରେ ଅବିନାଶ ବାବୁଙ୍କର ଯେ ସମସ୍ତ ଘଟିନାମନ୍ତେ ଆମ୍ଭେମାନେ ତାହାଙ୍କୁ ଆକ୍ରମଣ କରୁଁ ତାହା ସତ୍ୟ ହେଲେ ତହିଁପାଇ ଏଜର ସାହେବଙ୍କୁ ଦାୟୀ କରିବା ଉଚିତ ଏବଂ ପରି-ଶେଷରେ କଟକର ମୁସଲମାନସଭା ବାବୁଙ୍କ ବଦଳ ରହିତକରିବା ବିଷୟରେ ସଚେଷ୍ଟ ହେବାରୁ ସଭାକୁ ଧନ୍ୟବାଦ ଦେଇଅଛନ୍ତି ।

ଏଥର ପ୍ରଶ୍ନ ଏହି ହେଉଅଛି କି କେଉଁକଥା ବିଶ୍ୱାସଯୋଗ୍ୟ ଓ ସହଯୋଗିଙ୍କ ମନ୍ତବ୍ୟ ଯୁକ୍ତିସ-ଙ୍ଗତ ଅଟଇ କି ନା ? ଆଦୌ ଦେଖିବାକୁ ହେବ ଯେ ଅବିନାଶ ବାବୁଙ୍କ ବଦଳ ରହିତ ହେବାର ଯଥାର୍ଥ ହେତୁ ଘେନ ବିବାଦ ଏବଂ ଏଜର ସାହେବଙ୍କର ଡାଇରେକ୍ଟରଙ୍କ ନିକଟକୁ ପଠାଇବା ପତ୍ର ଏବଂ ମୁସଲମାନ-ସଭାର ଦରଖାସ୍ତ ଏ ବିଷୟର ବୃତ୍ତାନ୍ତ ପ୍ରମାଣ ଅଟଇ । ପ୍ରଥମଟି ସରକାରୀ ଚିଠି ଥିବାରୁ ତାହାରପ୍ରତି ଗୋପନୀୟ ଅର୍ଥାତ୍ ସେ ଅଫିସ-ସଂକ୍ରାନ୍ତ ଲୋକଭିନ୍ନ ଅପରର ଜାଣିବାର ସମ୍ଭା-ବନା ନାହିଁ । ଦ୍ୱିତୀୟଟି ଗୋଟିଏ ସାଧାରଣ-ସଭାର ଆବେଦନ ଏହା ଗୋପନ ରଖିବାର କୌଣସି କାରଣ ନ ଥିଲେସୁଦ୍ଧା ଗୋପନ ର-ହୁଅଛି । ଅନ୍ତତଃ ଓଡ଼ିଶାର ପତ୍ରପ୍ରେରକ କିମ୍ବା ସମ୍ପାଦକ ସେ ଦଲିଲ କିମ୍ବା ତହିଁର ମର୍ମ କିମ୍ବା ବଦଳ ବନ୍ଦ ହେବାର କୌଣସି କାରଣ ପ୍ରକାଶ କରି ନାହାନ୍ତି । ପତ୍ରପ୍ରେରକ କେବଳ ଏହା ନୁହେ ତାହା ନୁହେ ଏତିକି କହି ପ୍ରତି-ବାଦ କରିଅଛନ୍ତି ଏବଂ ସହଯୋଗୀ ସ୍ୱୟଂ ଅନୁ-ସନ୍ଧାନ କରିବାର ଲେଖିଅଛନ୍ତି ମାତ୍ର କାହା-ଠାରୁ କିପରି ଅନୁସନ୍ଧାନ କରି କି ଫଳ ପ୍ରାପ୍ତ ହେଲେ ତହିଁର ବିବରଣ କିଛି ଲେଖି ନାହାନ୍ତି, ଏସ୍ଥଳେ ସେ ଅନୁସନ୍ଧାନଉପରେ ନିର୍ଭର କରିବା କେତେଦୂର ଯୁକ୍ତିସଙ୍ଗତ ତାହା ପାଠକମାନେ ବିବେଚନା କରିବେ । ଅତଏବ ଅନୁସନ୍ଧାନର କଥା ଛାଡ଼ିଦେଲେ କେବଳ ସହଯୋଗିଙ୍କର ପତ୍ରପ୍ରେରକଙ୍କ କଥା ବାକି ରହିଲା । ଯେଉଁ-ଠାରେ ଦୁଇଜଣ ବିରୁଦ୍ଧଭାବର କଥା କହନ୍ତି ଅଥଚ ଦୁହେଁ ଭଦ୍ରଲୋକ ସେଠାରେ ଆନୁ-ସଙ୍ଗିକ ବ୍ୟାପାର ଏବଂ ସମ୍ଭାବନା ଘେନି ଏକ-ଜଣର କଥା ବିଶ୍ୱାସ କରିବାକୁ ହୁଏ । ଆମ୍ଭମାନଙ୍କର ସମ୍ବାଦଦାତାଙ୍କୁ ସହଯୋଗୀ ଜାଣନ୍ତି ନାହିଁ କିମ୍ବା ତାହାଙ୍କ ସମ୍ବାଦଦାତାଙ୍କୁ ଆମ୍ଭେମାନେ ନ ଜାଣୁ । କେବଳ ସେମାନଙ୍କର କଥା ଶୁଣିଅଛୁଁ । ଅବିନାଶ ବାବୁଙ୍କ ବଦଳର ଆଦେଶ ହୋଇଥିଲା । ଏଜରସାହେବଙ୍କ ପତ୍ର ଓ ମୁସଲମାନସଭାର ଆବେଦନ ମତେ ତାହା ରହିତ ହେଲା । ଏଥିରେ ଦ୍ୱିରୁକ୍ତି ନାହି ପତ୍ରପ୍ରେରକ କହନ୍ତି କି ସଭାର ଆବେଦନ ପତ୍ରପ୍ରତି ଏଜର ସାହେବ ଅନୁକୂଳ ବା ପ୍ରତିକୂଳ ମତ ଦେଇ ନାହାନ୍ତି । କିନ୍ତୁ ଯେସ୍ଥଳେ ଆପଣା ପତ୍ରର ପୋଷକତାରେ ପଠାଇଅଛନ୍ତି ସେସ୍ଥଳେ ଅନୁ-ମୋଦନ କରିବା ବିନା ଆଉ କି ଯୁକ୍ତିସଙ୍ଗତ ସିଦ୍ଧାନ୍ତ ହୋଇପାରେ ? ପ୍ରତିକୂଳମତ ଥିଲେ ଅବଶ୍ୟ ଆପଣାପତ୍ରରେ ତାହା ବ୍ୟକ୍ତ କରି-ଥାନ୍ତେ । ଆଉ ଯେସ୍ଥଳେ ବଦଳ ବନ୍ଦ କରି-ବା ସକାଶେ ଅନୁରୋଧ କଲେ ସେସ୍ଥଳେ ବାବୁଙ୍କର ବଦଳରେ କଲେଜର କ୍ଷତି ହେ-ବାର ଲେଖିବା ସମ୍ଭବ ହେଉଅଛି । କଲେ-ଜର ହିତନିମନ୍ତେ ଅବଶ୍ୟ ଲେଖିଥିବେ ବାବୁଙ୍କର ନିଜର ହିତସକାଶେ ବଦଳ ବନ୍ଦ ହେବା ସମ୍ଭବ ନୁହଇ । ସୁତରାଂ ଆମ୍ଭମାନଙ୍କ ସମ୍ବାଦଦାତାଙ୍କ କଥା ଅଧିକ ସମ୍ଭବ ହେଉଅଛି । ଏପରି କିଛି କଥା ନ ଲେଖି ଏଜର ସାହେବ ଆଉ କି ଲେଖିଥିଲେ ପତ୍ରପ୍ରେରକ ତାହା କହି ନାହାନ୍ତି ସେ ବିଷୟ-ରେ ବଡ଼ ସାବଧାନ । ତେବେ ନାସ୍ତି କରିବାର ଉଦ୍ଦେଶ୍ୟ କି ? ଆମ୍ଭମାନଙ୍କ ସମ୍ବାଦଦାତାଙ୍କୁ ସହଯୋଗୀ ଅବିନାଶବାବୁଙ୍କର ଜଣେ ବିଦ୍ୱେଷୀ ବୋଲି ଲେଖିଅଛନ୍ତି । କିନ୍ତୁ ତାହାଙ୍କପତ୍ରପ୍ରେର-କ ଯେପରି ପ୍ରତିବାଦ କରିଅଛନ୍ତି ତହିଁରୁ ସେ ଜଣେ ଅବିନାଶବାବୁଙ୍କ ସ୍ୱପକ୍ଷୀୟଲୋକ ବୋଲି କି ପ୍ରକାଶ ପାଉ ନାହିଁ ? ପତ୍ରପ୍ରେରକଙ୍କର ଶେଷକଥା ଏହି କି ରାମଦାସବାବୁଙ୍କ ବିଦାୟ-ସଭାରେ ଅବିନାଶବାବୁଙ୍କ କଥା ପଡି ନ ଥିବାର ସେ ଅନେକ ଆମନ୍ତ୍ରିତ ବ୍ୟକ୍ତିଙ୍କଠାରୁ ଶୁଣିଅଛନ୍ତି । କିନ୍ତୁ ଆମ୍ଭେମାନେ ଉକ୍ତ ସଭାରେ ଉପସ୍ଥିତ ଥାଇ ଯାହା ପ୍ରତ୍ୟକ୍ଷ କରିଅଛୁଁ ତାହା ଲେଖିଅଛୁଁ । ସ୍ୱୟଂ ଅବିନାଶବାବୁ ଯେ ଏକଥା ନ ଜାଣନ୍ତି ଏମନ୍ତ ବିଶ୍ୱାସ ହେଉ ନାହିଁ । ଏହିକଥା ଘେନି କଲେଜରେ କି କର୍ତ୍ତବ୍ୟକର୍ତ୍ତବ୍ୟ ଉପସ୍ଥିତ ହୋଇଥିବାରୁ କଲେଜର ଜଣେ ଶିକ୍ଷକ ଆମ୍ଭମାନଙ୍କ ନିକଟକୁ ପତ୍ର ଲେଖି ଥିଲେ କି ଅବିନାଶ ବାବୁ ଓ ଏଜର ସାହେବଙ୍କ ବିରୁଦ୍ଧରେ କିଛୁ ଲେଖିବାକୁ ସେ ଆମ୍ଭମାନଙ୍କୁ ଅନୁରୋଧକରିଥିଲେ କି ନା । ଆମ୍ଭେମାନେ ଉତ୍ତର ଦେଲୁଁ କି ଆମ୍ଭମାନଙ୍କୁ କେହି ଅନୁରୋଧ କରି ନାହି ଏବଂ ଅବିନାଶବାବୁ ସେପରି ସମ୍ବାଦ ପାଇଥିଲେ ତାହା ଅବଶ୍ୟ ଭୁଲ ହୋଇଥିବ । ସହଯୋଗୀ ଯଥାର୍ଥରୂପେ ଅନୁସନ୍ଧାନ କରି-ଥିଲେ ତାହା ଜାଣିପାରିଥାନ୍ତେ । ମାତ୍ର ତାହାଙ୍କର ଅନୁସନ୍ଧାନ ନାମ ମାତ୍ର କେବଳ ପତ୍ରପ୍ରେରକଙ୍କ ସତ୍ୟନିଷ୍ଠା ଉପରେ ନିର୍ଭର କରି ଆମ୍ଭମାନଙ୍କୁ ଅବିନାଶବାବୁଙ୍କ ବିଦ୍ୱେଷୀ ବୋଲି ରଟାଇ ଦେଇଅଛନ୍ତି ଅଥଚ ଯେତେବେଳେ ତାହାଙ୍କର ସରକାରୀକାର୍ଯ୍ୟ ସମ୍ବନ୍ଧରେ ଯେଉଁକଥା ଆମ୍ଭେମା-ନେ ଅନ୍ୟାୟବୋଧ ପ୍ରକାଶ କରୁଅଛୁଁ ସେତେ-ବେଳେ ତହିଁର ପ୍ରତିବାଦ ସହଯୋଗୀ କିଛି କହି ନାହାନ୍ତି । ପ୍ରକୃତରେ ଆମ୍ଭେମାନେ କାହାର ବିଦ୍ୱେଷୀ ନୋହୁଁ ସାଧାରଣ କାର୍ଯ୍ୟରେ ଯାହାର ଯେତେବେଳେ ଯେଉଁ ତ୍ରୁଟି ଦେଖିଉଁ ତାହା ପ୍ରକାଶ କରିବାକୁ ବାଧ୍ୟ ବୋଲି ଦୁଃଖର ସହିତ ପ୍ରକାଶକରୁଁ । ସାଧାରଣ ହିତକାମ-ନାରେ ପ୍ରକୃତକଥା କହିଲେ ଯେବେ ଦୋଷ ହେଲା ତେବେ ଆମ୍ଭମାନଙ୍କର ଉତ୍ତର ନାହିଁ । ମାତ୍ର ବାବୁଙ୍କ ସହିତ ଆମ୍ଭମାନଙ୍କର କେଉଁ ଶତ୍ରୁତା ଥିବାର ପ୍ରମାଣ ସହ-ଯୋଗୀ ପାଇଅଛନ୍ତି ଯେ ତହିଁ ପାଇଁ ବିଦ୍ୱେଷୀ ବୋଲି କହୁଅଛନ୍ତି ଅଥଚ ତହିଁର ବିବରଣ କିଛି ଲେଖି ନାହାନ୍ତି । ତାହାଙ୍କ ସହିତ ମତ-ଭେଦ ହେବାରୁ କି ଆମ୍ଭେମାନେ ବିଦ୍ୱେଷୀ ହେଲୁଁ ? ସେ ପଞ୍ଚାଶ କୋଶ ଦୂରରେ ଥାଇ ଦିବ୍ୟଚକ୍ଷୁରେ ଆମ୍ଭମାନଙ୍କଠାରୁ ଭଲ ଦେଖି ପାରିଥିବେ ଏଥିପାଇଁ ଅଯୋଗ୍ୟତା ଭ୍ରମ ଓ ବିଦ୍ୱେଷ ଏକା କଥା ହେଲା କି ? ଅବିନାଶ ବାବୁ ଏଠାରେ ଦୀର୍ଘକାଳ ରହିବା ସରକାରୀକାର୍ଯ୍ୟ-ସମ୍ବନ୍ଧରେ ଅଧିକାଂଶ ଲୋକଙ୍କର ଅପ୍ରିୟ ହେବା-ରୁ ଆମ୍ଭେମାନେ ଅନ୍ୟ କାହାରିଠାରୁ ଊଣା ଦୁଃ-ଖିତ ନାହୁଁ । ତାହାଙ୍କ କାର୍ଯ୍ୟରେ ଯେବେ ସର୍ବ-ସାଧାରଣ ସନ୍ତୁଷ୍ଟ ଥାନ୍ତେ ତେବେ ତାହାଙ୍କ ବଦଳ ବିରୁଦ୍ଧରେ ସାମାନ୍ୟମୁସଲମାନସଭା କାହିଁକି ନଗରବାସୀ ହିନ୍ଦୁ ମୁସଲମାନ ଇତ୍ୟାଦି ସମସ୍ତ ସମ୍ପ୍ରଦାୟର ମାନ୍ୟଗଣ୍ୟଲୋକ ଆବେଦ-ନ କରିଥାନ୍ତେ ଏପରି ନ ହେବା କି ଗୋଟିଏ ପ୍ରଧାନକଥା ନୁହଇ ? କିନ୍ତୁ ସହଯୋଗିଙ୍କର ପତ୍ରପ୍ରେରକ ମିଥ୍ୟା କହିବାର ଲୋକ ନୁହନ୍ତି ସୁତରାଂ ସେ ତାହାଙ୍କ କଥାରେ ସର୍ବସାଧାରଣଙ୍କ

Digitized by srujanika@gmail.com

Split by PDF Splitter



ଭ୍ରମରେ ପକାଇବା ଏବଂ ଅମ୍ଭମାନଙ୍କୁ ବିଦ୍ବେଷୀ ବୋଲି କହିବାକୁ ଅଗ୍ରସର ହୋଇଅଛନ୍ତି । ଏଥିର ବିଗ୍ରହ ଅମ୍ଭେମାନେ ସର୍ବସାଧାରଣଙ୍କଠାରୁ ପ୍ରାର୍ଥନା କରୁଅଛୁଁ ।

---

# ସାପ୍ତାହିକ ସମ୍ବାଦ ।

ଏ ସପ୍ତାହରେ କୂଳବନ ମାତ୍ର ମେଘ ଛମା କରି ଥିଲା । ବୃଷ୍ଟି ଗତ ଶୁକ୍ରବାରଠାରୁ ସାମାନ୍ୟ ଝଡ଼ ଆରମ୍ଭ ହୋଇ ଅଛି ।

ମୋଫସଲରେ ଅଧିକ ବୃଷ୍ଟି ହେତୁ ଶାରଦ ଧାନଗଛ ଓ ମାଣ୍ଡିଆ ଫସଲର କ୍ଷତି ହେବାର ଶୁଣାଯାଏ ।

ଏଠା ବନ୍ଦୋବସ୍ତ କଚେରୀ ଅଳ୍ପଦିନ ବନ୍ଦ ହେବାର କଥା ଅଛି । ଉମେଦବାରଙ୍କ ଫର୍ଦ୍ଦ ଭୁଲଶୁଦ୍ଧ ଶୁଣା ଗଲା ଉମେଦବାରମାନଙ୍କରେ ଯେଉଁମାନଙ୍କ ନମ୍ବର ଉଠିଗଲେ ଉମେଦବାରୀ ତାଙ୍କ ଅନୁରୂପ ସ୍ପଷ୍ଟ ହେବ ।

ଯେଉଁ ବ୍ରାହ୍ମଣ ଯୁବା ଏ ନଗରରେ ଗୋଟିଏ ପିଲାକୁ ଲେଖନରେ କ୍ଷିପ୍ତବାଦ ତାହାର ଅଳଙ୍କାର ଗ୍ରହଣ କରିଥିଲା ତାର ତଦନ୍ତ ହୋଇ ତାହାର ୬ ମାସ କାରାବାସ ହେଲା ।

ବାଲେଶ୍ୱରରେ ଓ ସମ୍ବଲପୁରରେ ଭଲ ବୃଷ୍ଟି ହୋଇଥିବାର ସେଠା ସମ୍ବାଦପତ୍ରମାନଙ୍କରୁ ପ୍ରକାଶ ।

କଲିକତା--ଗେଜେଟ

ମିଡ଼ନାପୁର ପିଚିଲି ବାପ୍ଟିଷ୍ଟ ମିଶନର ମିଶନର ରେଭରେଣ୍ଡ ବାଲ୍କୋମ୍ବର ପ୍ରଧାନ ଦେଶୀଖ୍ରୀଷ୍ଟିୟାନମାନଙ୍କ ମଧ୍ୟରେ ବୋଡ ଓ ଭନ୍ତ ମୁନ୍ସିର ରେଜିଷ୍ଟ୍ରାରପଦରେ ନିଯୁକ୍ତ ହୋଇଅଛନ୍ତି ।

ଡାକ୍ତର ମାର୍କେଟ ଓ ଡାକ୍ତର କଲେକ୍ଟର ବାବୁ କଳାପର୍ଣ୍ଣ ବହିଷ୍କାର ମାନଭୂମରେ ସବଜଜକ୍ଷମତା ପ୍ରାପ୍ତ ହୋଇ ଅଛନ୍ତି ।

କେନ୍ଦ୍ରାପଡ଼ାର ମୁନସଫ ବାବୁ ଅଘୋରଚନ୍ଦ୍ର ହାଜର ୨ୟ ଗ୍ରେଡ଼କୁ ଉନ୍ନତ ପ୍ରାପ୍ତ ହୋଇଅଛନ୍ତି ।

କଲିକତା ବିଶ୍ୱବିଦ୍ୟାଳୟର ପ୍ରବେଶିକାପରୀକ୍ଷା ଆଗାମି ଫିବ୍ରୁୟାରି ମାସର ତା ୮ ରିଖରୁ ଓ ଏଫ୍ ଏ ଓ ବି ଏ ପରୀକ୍ଷାମାନ ଉକ୍ତ ମାସର ତା ୨୧ ରିଖରୁ ଆରମ୍ଭ ହେବ ଏମ୍ ଏ, ବି ଏଲ ଓ ପ୍ରେମଚାନ୍ଦ ପ୍ରେମଚାନ୍ଦ ପରୀକ୍ଷା ଆଗାମୀବର୍ଷର ନଭେମ୍ବରମାସ ତା ୨ ରିଖରେ ଆରମ୍ଭ ହେବ । ପ୍ରବେଶିକା ପରୀକ୍ଷାର୍ଥିମାନଙ୍କୁ ଡିସେମ୍ବରମାସ ତା ୨୮ ରିଖ ଅଥବା ତତ୍ପୂର୍ବରୁ ଓ ଏଫ୍ ଏ, ବି ଏ ପରୀକ୍ଷାର୍ଥିମାନଙ୍କୁ ଜାନୁୟାରିମାସ ତା ୧୮ ରିଖ ଅଥବା ତତ୍ପୂର୍ବରୁ ରେଜିଷ୍ଟ୍ରାରଙ୍କ ନିକଟକୁ ପରୀକ୍ଷାରେ ଉପସ୍ଥିତ ହେବାର ଦରଖାସ୍ତ ପ୍ରେରଣ କରିବାକୁ ହେବ । ଏମ୍ ଏ ପରୀକ୍ଷାର୍ଥିମାନେ ଅକ୍ଟୋବରମାସ ତା ୮ ରିଖ ଓ ବି ଏଲ ପରୀକ୍ଷାର୍ଥିମାନେ ଅକ୍ଟୋବରମାସ ତା ୨ ରିଖ ମଧ୍ୟରେ ଦରଖାସ୍ତ ପଠାଇବେ ।

ବଙ୍ଗ ମିଉନିସିପାଲିଟିର ୧୮୮୪ ସାଲର ଆଇନ୍ ୩ ଅଧ୍ୟାୟର ୨୭୧ ଧାରା ଓ ୨୭୩ ଧାରାର ୨ୟ ପ୍ରକରଣର ବିଧାନମାନ ଜାରି ହେବାର ଲେଫ୍ଟେନାଣ୍ଟଗଭର୍ଣ୍ଣର ମଞ୍ଜୁର କରିଅଛନ୍ତି ।

---

ପାଟନାର ଅନ୍ତର୍ଗତ ଜଳସ୍ୱାର ନିବାସୀ ବାବୁ ରଘୁନାଥ ପାଣ୍ଡେ ପରଲୋକ ପ୍ରାପ୍ତ ହେଲା ପର ତାଙ୍କ ପତ୍ନୀ ସହମୃତା ହେବା ପ୍ରସ୍ତାବ ପ୍ରକାଶ କରନ୍ତେ ଆତ୍ମୀୟ ସ୍ୱଜନଗଣ ଓ ପୋଲିସପ୍ରହରୀମାନେ ବାଧା ଦେଲେ ହେଁ ସେ ତହିଁରୁ କ୍ଷାନ୍ତ ହୋଇ କିଛି କାଳ ପରେ ପତିଙ୍କ ଚିତାପର୍ଯ୍ୟନ୍ତ ଯିବାକୁ ପ୍ରକାଶ କରି ସଙ୍ଗ ସ୍ୱଅବକାଶ ସ୍ଥିର କଲେ ଅର୍ଥାତ୍ ଜ୍ୱଳନ୍ତଚିତାନଳରେ ପ୍ରବେଶ କଲେ ମାତ୍ର ସତର୍କ ପ୍ରହରୀ ତତ୍କ୍ଷଣାତ୍ ତାଙ୍କୁ ଟାଣି ବାହାର କଲେ ସତୀ ମାତ୍ର ସାଧ୍ୱୀ ପତିପରାୟଣ ଇଚ୍ଛା ଶାନ୍ତ କଲେ । ଅର୍ଦ୍ଧଦଗ୍ଧ ଅବସ୍ଥାରେ ଏକଦିନ ରହିଲେହେଁ କୌଣସି ଯନ୍ତ୍ରଣା ଗ୍ରାହ୍ୟ ନ କରି ପ୍ରସନ୍ନବଦନରେ ପତିଙ୍କ ଅନୁଗମନ କରିଅଛନ୍ତି !

ଚୀନ ଦେଶରୁ ଯେଉଁ କାର୍ପାସ ଆମଦାନୀ ହୁଅଇ ତହିଁରୁ ଭାରତୀୟ କାର୍ପାସ ବଳେ ଉକ୍ତ କର୍ପାସଗୁଣରେ ଚୀନରୁ ସୁମଧୁର ଶତ ନିର୍ଗତ ହୁଅଇ ! ଏହା ପରୀକ୍ଷଣୀୟ ଅଟେ ।

ସ୍ତ୍ରୀ ସ୍ୱାଧୀନତାର ଲୀଳାଭୂମି ଇଂଲଣ୍ଡରେ ରମଣୀମାନେ ତାରଡାକଘରରେ କାର୍ଯ୍ୟ କରୁଅଛନ୍ତି ମଧ୍ୟ ତହିଁ ସଙ୍ଗେ ସଙ୍ଗେ ବହୁତୁଳନୀୟ ଇତ୍ତର ଅଧ୍ୟୟ ପରୁଷବର୍ଣ୍ଣଗୁଡ଼ିକ ସହିତ ତାରଦ୍ୱାରା ପ୍ରଣୟବାର୍ତ୍ତା ଜଣାଇ ବିବାହର ବନ୍ଦୋବସ୍ତ କରୁଅଛନ୍ତି । ସ୍ୱର୍ଗୀୟବନ୍ଧନରେ ବିବାହସୂତ୍ର ଅଲୌକିକପ୍ରବାହ ।

ପଞ୍ଜାବ ଅମୃତସହରଠାରେ ଜଣେ ନିଃସନ୍ତାନ ଧୋବା ଶୁଭଲଗ୍ନରେ ଗୋଟିଏ ବାଳୁଙ୍କ ବନ୍ଧାଦ ଦେଇଅଛି । ତାକୁ ସେ ଅପତ୍ୟ ନିର୍ବିଶେଷରେ ପାଳନ କରିଥିଲା ! ଅପତ୍ୟ ଅଭାବରେ ତାହାର ଉଦୟ ଏପରି କୋମଳସ୍ନେହମଣ୍ଡିତ ହୋଇଅଛି କିନା ! କଥାରେ କହନ୍ତି ପାଲୁଅ ଦନ୍ତବ୍ୟାଳ ସ୍ନେହ ଦନ୍ତର ମର୍ଯ୍ୟାଦା ଉଲଙ୍ଘେ ଲୁଝଇ ।

ଶ୍ୟାମଦେଶରେ ଯେ ଟିଏ ଶୈତ୍ୟାବାସ ଅଛି । ଗ୍ରୀଷ୍ମାତିଶୟ ହେଲେ ଶ୍ୟାମରାଜା ଏଥିପ୍ରାସାଦରେ ବାସ କରନ୍ତି । ଏହାଙ୍କର ଏକପତ୍ନିପ୍ରାସାଦରେ ଗୋଟିଏ ଚମତ୍କାର ବାତନିର୍ମିତ ଘର ଅଛି । ସେ ଘରର ପାଦେଶ ଛପର ଓ ଉଠାଣ ଏକଇଞ୍ଚ ମୋଟ ଖଣ୍ଡେ କାଚରେ ନିର୍ମିତ । କାଚପଟ୍ଟ ସବୁ ସିମେଣ୍ଟରେ ଯୋଡ଼ିବନ୍ଧା ହୋଇଅଛି । ସ୍ତମ୍ଭଟି ଫୁ ୧୮ ଟି ଲମ୍ବ ଓ ଫୁ ୧୪ ଟି ଚଉଡ଼ା । ଗୃହପାର୍ଶ୍ୱରେ ମାର୍ବେଲନିର୍ମିତ ଶୂନ୍ୟଜଳାଧାର ଓ ତହିଁସଙ୍ଗେ ଜଳକଳର ସଂଯୋଗ ଅଛି । ଶ୍ୟାମରାଜା ସେଉଠରେ ପ୍ରବେଶ କଲେ ଘରର ଏକମାତ୍ର ଦ୍ୱାର ବନ୍ଦ ହୋଇଯାଏ ଏବଂ ଫାଙ୍କରେ ସିମେଣ୍ଟ ଲଗାଇ ଯୋଡ଼ିଦିଆଯାଏ । ପରେ ଜଳାଧାରର କବାଟ ଖୋଲିଦିଆଯାଏ ନିମେଷ ଅଳ୍ପ ହିଁ, ସମୁଦାୟ ଗୃହଟି ପାଣିରେ ଭାଙ୍କି ହୋଇଯାଏ ବା ବୁଡ଼ିଯାଏ କେବଳ ଛପର ଉପରେ ବାୟୁ ପ୍ରବେଶର ବାଟ ଫିଟିଥାଏ । ଅନନ୍ତ ଜଳପାଣି ତାତ ନଷ୍ଟ ହୋଇଯାଏ ମାତ୍ର ଏଠାରେ ଘରଟି ଶୀତଳ କରଫରେ ବୃଦ୍ଧଲପ୍ରାୟ ସ୍ଫୂର୍ତ୍ତିସୁଖକ ଧାରଣ କରେ ! ଜଣେ ଚୀନଦେଶୀୟ ଇଞ୍ଜିନିୟରଦ୍ୱାରା ଏ ଗୃହଟି ନିର୍ମିତ ହୋଇଅଛି । ବଡ଼ଲୋକଙ୍କର ବଡ଼ କଥା !

ଅଲପୁର ଜେଲରେ ଜଣେ ପକ୍ଷୀ ଗୋଲୁଷ୍ଟେଇ ପଣ କର୍ଷ ଜମନ୍ତେ ସପରିଶ୍ରମ କାରାବାସଦଣ୍ଡ ଲଭିଅଛି । ଗେଲ ଏବେ ବଳାବେତେ ଜଣ୍ଡିଲ୍ ହେଲା !

ଅଲପୁର କଲେକ୍ଟର କଚେରୀର ଜଣେପିଅନ୍ ଚପୋଟୀ କଲେକ୍ଟର ବାଙ୍ଗିବାରୁକ ତରଙ୍ଗା ଟ୦୬୮୮ ର ଦଲଭଙ୍ଗାଇ ଟଙ୍କା ସେନ ପଲାୟନ କରିଅଛି ତେଣୁ ତାହା ନାମରେ ଗିରଫ୍ତାରୱାରେଣ୍ଟ ବାହାର ଅଛି । ଧନ୍ୟ ସେ ପିଅନର ସାହସ !

ଦେଶୀୟ ଶିଳ୍ପର ଉନ୍ନତି କଳ୍ପନାରେ ଉତ୍ତର ପଶ୍ଚିମ ଅଞ୍ଚଳଠାରେ ଗୋଟିଏ ଯୌଥ କାରବାର ପ୍ରବର୍ତ୍ତିତ ହୋଇଅଛି ।

ମସ୍ଲିପ୍ରର ଚଡ଼ାଖ୍ୟକା ତମପ ସିବେବୋଲ ଏହିମଧ୍ୟରେ ଯେଉଁ ରଟନା ହୋଇଥିଲା ତାହା ସମ୍ପୂର୍ଣ୍ଣ ମିଥ୍ୟା ।

ଭାରତବର୍ଷରୁ କାବୁଲରାଜ୍ୟକୁ ଯେଉଁ ସବୁ ବାଣିଜ୍ୟଦ୍ରବ୍ୟ ରପ୍ତାନୀ ହୁଅଇ ତହିଁଉପରେ କାବୁଲାଧିପତି ଅମୀର ଡାହାଡ଼ିର ହଠତରର ଆମଦାନୀ କର ଗ୍ରହଣ କରନ୍ତି ।

ଗତବର୍ଷରେ ବୋମ୍ବାଇସହରଠାରେ ୨୧୯ ଗୋଟି ଯୌଥ କାରବାର ଚଳୁଥିଲା ଏସବୁର ମୂଳଧନ ୧୩ କୋଟି ୧୫ ଲକ୍ଷ ୫୪ ହଜାର ୬୮୦ ଟଙ୍କା ।

କାଶୀ ସହରଠାରେ ଦଶହରା ଉତ୍ସବଟି ଧାରଣ କରୁଅଛି ଓ ପ୍ରବଳ ବୃଷ୍ଟିହେତୁ ତହିଁର ଉପଶମ ହୋଇ ନାହିଁ ।

କଲିକତାର ବଡ଼ବଜାରନିବାସୀ ଶିବନରାୟଣନାମକ ଜନୈକ ମାଡ଼ୋଆରି ସୋଦପୁର ପିଞ୍ଜରାପୋଲ ନିକଟରେ ପଶୁଚିକିତ୍ସା ବିଦ୍ୟାଳୟ ସ୍ଥାପନାର୍ଥ ୩୦ ହଜାର ଟଙ୍କା ଦାନ କରୁଅଛନ୍ତି ।

ପାଇଓନିୟର ବୋଲନ୍ତି ଯେ ଅଫଗାନିସ୍ତାନର ଉତ୍ତରପ୍ରାନ୍ତରେ ଅକ୍ଷସନଦୀଧାରରେ ଅଫଗାନ ରାଇଲ୍ କୋସାଗାର ଅପରପାରେ ଅକ୍ରମନାମକ ସ୍ଥାନରେ ରୁଷୀୟସୈନ୍ୟ ସ୍ଥାପନ କରି ରହିଛନ୍ତି । ଅଫଗାନପ୍ରାନ୍ତସ୍ଥ କଲକ ପାହସାଟ ଦଖଲକରିବା ରୁଷର ଉଦ୍ଦେଶ୍ୟ । କଲକ ପାହସାଟ କାଶ୍ମୀର ପ୍ରାନ୍ତବର୍ତ୍ତୀ ଚିତ୍ରାଲ ରାଜ୍ୟ ନିକଟରେ ଅବସ୍ଥିତ ଅଛନ୍ତି ।

ଲକ୍ଷ୍ନୌ ନବାବବଂଶୀୟ ଏକଲେକ ଜଣେ ବେଶ୍ୟାକୁ ସ୍ନେହକରିବା ଅପରାଧରେ ଅଭିଯୁକ୍ତ ହୋଇଅଛନ୍ତି । ଉତ୍ତମ ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ

ମହାଶୟ !

ବାବୁ ଶ୍ରୀ.ଜଗନ୍ନାଥ ରାଓ 'ଓଡ଼ିଆ ଅଭିଧାନ' ସଙ୍କଳନ ଓ ମୁଦ୍ରିତ କରି ଓଡ଼ିଆଭାଷାର ଗୋଟିଏ ମହତ୍ ଅଭାବ ଦୂରୀଭୂତ କରିଥିବାରୁ ସାଧାରଣ ଉତ୍କଳବାସିଙ୍କର ଧନ୍ୟବାଦର ପାତ୍ର ହୋଇଅଛନ୍ତି ସନ୍ଦେହ ନାହିଁ । ଓଡ଼ିଆଭାଷାରେ ଏଥିପୂର୍ବରୁ ଯେ କେତେଖଣ୍ଡ ଅଭିଧାନ ବାହାରିଥିଲା ତାହା ନିତାନ୍ତ କ୍ଷୁଦ୍ରାବୟବ ଓ ଅବଶ୍ୟଜ୍ଞାତବ୍ୟ ଧାତୁପ୍ରତ୍ୟୟର ଅଭାବହେତୁ ଅଳ୍ପ ମାତ୍ର ଉପକାରୀ ଥିଲା । ସମାଲୋଚ୍ୟ ପୁସ୍ତକ ସେ ଅଭାବ ଦୂର କରିଅଛି । ବିଶେଷତଃ ଏଥିରେ ପ୍ରଦତ୍ତ ଶବ୍ଦମାନଙ୍କମଧ୍ୟରୁ 'ଦେଶଜ' ଓ ଯାବନିକ' ଶବ୍ଦ ଦେଖାଇ ଦିଆଯାଇଥିବାରୁ ଓ ସଂସ୍କୃତ ଶବ୍ଦମାନଙ୍କର ମୂଳ ସଂସ୍କୃତ ଶବ୍ଦମାନ ଦିଆଯାଇଥିବାରୁ ଭାଷାତତ୍ତ୍ୱାନୁସନ୍ଧାନେଚ୍ଛୁ ବ୍ୟକ୍ତିମାନଙ୍କର ବିଶେଷ ଉପକାର ହେବାର ସମ୍ଭାବନା । ମାତ୍ର ପୁସ୍ତକର ମୂଲ୍ୟ କିଛି ଅଧିକ ହୋଇଥିବାର ବୋଧ ହୁଏ ।

Digitized by srujanika@gmail.com

କରୁ ଓଡ଼ିଶାରେ ପୁସ୍ତକ ମୁଦ୍ରାଙ୍କନର ବ୍ୟୟ ଓ ପୁସ୍ତକ ବିକ୍ରୟର ଅବସ୍ଥା ଭାବିଲେ ଗ୍ରନ୍ଥକାର ପୁସ୍ତକର ଅଧିକ ମୂଲ୍ୟ ନିର୍ଦ୍ଧାରିତ କରିବାରେ ଦୋଷୀ ହେବେ ନାହିଁ । ଆମ୍ଭେ ଯେତେଦୂର ଅବଗତ ହୋଇଅଛୁଁ ସେଥିରେ ସାହସ କରି କହିପାରୁଁ ଯେ ଗବର୍ଣ୍ଣମେଣ୍ଟରୁ ଖରିଦ ହୋଇଥିବା ପୁସ୍ତକ ଛଡ଼ା ୫୨ ଖଣ୍ଡ ପୁସ୍ତକ ଅଦ୍ୟାପି ବିକ୍ରୟ ହୋଇ ନାହିଁ । ସାଧାରଣଲୋକଙ୍କର ପୁସ୍ତକ କ୍ରୟଇଚ୍ଛା ଏହିପରି । ପୁଣି ଓଡ଼ିଶାରେ ଅପାର ଏକମାତ୍ରସ୍ଥଳ ରାଜାମାନଙ୍କର ବ୍ୟବହାର ଅଧିକ ଲଜ୍ଜା ଓ ଦୁଃଖର ବିଷୟ ଅଟେ । ଆମ୍ଭେ ବିଶ୍ୱସ୍ତସୂତ୍ରରେ ଅବଗତ ହେଲୁଁ ଯେ ଓଡ଼ିଶାର ସମସ୍ତ ରାଜାଙ୍କ ନିକଟକୁ ଗ୍ରନ୍ଥକାର ଖଣ୍ଡିଏ ପୁସ୍ତକ ଉପହାର ଦେଇଥିଲେ । ଗ୍ରନ୍ଥକାର ମ୍ଭ ଏତ ମନେ କରିଥିଲେ ଯେ ରାଜାମାନେ ତାହାଙ୍କୁ ଅର୍ଥିକ ସାହାଯ୍ୟଦ୍ୱାରା ଉତ୍ସାହିତ କରିବେ । ଓଡ଼ିଶାପରି ଅନୁନ୍ନତ ଦେଶରେ ଗ୍ରନ୍ଥକାରଙ୍କର ଏପରି ଆଶା ନିତାନ୍ତ ଅସଙ୍ଗତ ନୁହେ । ରାଜାମାନେ ଅନ୍ତତଃ ନିର୍ଦ୍ଦିଷ୍ଟ ମୂଲ୍ୟରେ ଖଣ୍ଡେ ଲେଖେ ପୁସ୍ତକ ଆପଣା ଇଲ୍କାର ଲୋକଙ୍କ ବ୍ୟବହାର ନିମନ୍ତେ ଖରିଦ କରି ଗ୍ରନ୍ଥକାରଙ୍କୁ ଉତ୍ସାହିତ କରିପାରନ୍ତେ । ମାତ୍ର ନିତାନ୍ତ ପରିତାପର ବିଷୟ ଯେ ୧ ଜଣ ଛଡ଼ା ଅଉ କୌଣସି ରାଜା ଉପହାର ପୁସ୍ତକର ମୂଲ୍ୟ ଦେବା ଦୂରେ ଥାଉ ପୁସ୍ତକର ପ୍ରାପ୍ତିସ୍ୱୀକାରକର ଖଣ୍ଡେ ପତ୍ରହିଁ ଲେଖିଲେ ନାହିଁ !!!

ସେ ଯାହା ହେଉ ନଗଦ ଦୁଇଶତ ଖଣ୍ଡ ପୁସ୍ତକ ବିକ୍ରୟ ହୋଇଗଲେ ଗ୍ରନ୍ଥକାର ପୁସ୍ତକର ମୂଲ୍ୟ କିଛି କମାଇ ଦେବେ ବୋଲି ଆମ୍ଭେ ଗ୍ରନ୍ଥକାରଙ୍କ ମୁଖରୁ ଶୁଣିଅଛୁଁ । ଗ୍ରନ୍ଥକାରଙ୍କର ଏପ୍ରକାର ଇଚ୍ଛାକୁ ଆମ୍ଭେ ଅନ୍ତଃକରଣର ସହିତ ପ୍ରଶଂସା କରୁଅଛୁଁ ।

ଗ୍ରନ୍ଥକାର କ୍ରମାଗତ ଗତ କେତେବର୍ଷଠାରୁ ନାନାପ୍ରକାର ରୋଗରେ ପୀଡ଼ିତ ଥିବା ଓ ସରକାରୀ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ଏବଂ ଉତ୍କଳରେ ମୁଦ୍ରାଙ୍କନକାର୍ଯ୍ୟାରମ୍ଭ ହେବାରୁ ଗ୍ରନ୍ଥରେ କେତେକଗୁଡ଼ିଏ ଭୁଲ ରହି ଯାଇଅଛି ଯାହା କି ଆମ୍ଭେ ଅବସରକ୍ରମେ ଗ୍ରନ୍ଥକାରଙ୍କୁ ଜଣାଇବାକୁ ମନସ୍ଥ କରୁଅଛୁଁ । ଗ୍ରନ୍ଥକାର କେତେକ ଅବଶ୍ୟକୀୟ 'ଓଡ଼ିଆଶବ୍ଦ' ସଂଗ୍ରହ କରିଥିଲେ ସୁଦ୍ଧା ଗ୍ରନ୍ଥରେ ଦିଆ ଯାଇପାରି ନାହିଁ । ଭରସା ଅଛି ଯେ ୨ୟ ସଂସ୍କରଣରେ ଉକ୍ତ ଶବ୍ଦଗୁଡ଼ିକ ସଂଯୋଜିତ ଓ ଭୁଲମାନ ସଂଶୋଧିତ ହେବ । ବଙ୍ଗଳୋକଙ୍କ ନିକଟରେ ପ୍ରାର୍ଥନା ଯେ ସେମାନେ ଗ୍ରନ୍ଥଖଣ୍ଡିକ ଆଦ୍ୟୋପାନ୍ତ ପାଠକରି ଗ୍ରନ୍ଥରେ ଯାହା ଭୁଲ ଅଛି ଓ ଯାହା ଅଭାବ ଅଛି ତାହା ଗ୍ରନ୍ଥକାରଙ୍କୁ ଜଣାଇବେ । ତାହା ହେଲେ ଓଡ଼ିଶାରେ ଗୋଟିଏ ଚିରସ୍ଥାୟୀ ଜାତୀୟ ସାହିତ୍ୟପୁସ୍ତକ ସର୍ବାଙ୍ଗ ସୁନ୍ଦର ଭାବରେ ଶୋଭିତ ହେବ । ଇତି ।

ବାରବାଟୀ
୩୦।୮।୯୧ } ଆପଣଙ୍କର ଅନୁଗତ
ଶ୍ରୀ ଚକ୍ରଧର ଆଚାର୍ଯ୍ୟ
କେନାଲ ରେଃ ଅମୀନ

ଏଥିରେ ଉପହାର ବା ଭେଟ ଦେଇ ସଫଳକାମ ନ ହେବାରୁ କଟକରେ ସେବଥା ଶାଇଗ୍ରୁଲବା ମହତ୍ତ୍ୱର କାର୍ଯ୍ୟ ଦୂରର ।—ସଂ,

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ରାଜ ଗାରକ | କଟକ | ଟ ୧୧ |
| „ ଜଗନ୍ନାଥ ମିଶ୍ର | ପୁରୀ | ଟ ୩୧ |
| „ ଗୌରହରି ସାହୁ | ଜୟପୁର | ଟ ୩୧ |
| „ କାଳୀପଦ ବାନାର୍ଜି | କଟକ | ଟ ୪। |
| Secretary Reading club Russelconda | | ଟ ୩୧ |
| ବାବୁ ଭୂଜମଣି ମହାପାତ୍ର | ହରିପୁର | ଟ ୩୧ |
| „ ଉମେଶଚନ୍ଦ୍ର ସରକାର | ଢେଙ୍କାନାଳ | ଟ ୩୧ |

## ବିଜ୍ଞାପନ ।

ପୁରୀଧାମର ଶ୍ରୀଶ୍ରୀ ଜଗନ୍ନାଥ ଦେବଙ୍କର ମନ୍ଦିର ସଂସ୍କରଣ ବିଷୟକ ଚାନ୍ଦା ।

| | |
|---|---|
| ପୂର୍ବ ପ୍ରକାଶିତ ଚାନ୍ଦା ସମଷ୍ଟି | ଟ ୨୦୯୧୮।୧ |
| ଜଗ ବର୍ଦ୍ଧମାନ ବ୍ରାଞ୍ଚ କମିଟୀର ଅବୈତନିକ ସମ୍ପାଦକ କର୍ତ୍ତୃକ ପ୍ରେରିତ | ଟ ୧୭୫୧ |
| ମେଦିନୀପୁର ବ୍ରାଞ୍ଚ କମିଟୀର ଅବୈତନିକ ସମ୍ପାଦକ ବାବୁ ଜଗନ୍ନାଥ ସହାୟ କର୍ତ୍ତୃକ ପ୍ରାପ୍ତ ସମ୍ବାଦ- | |
| ବାବୁ କମଳେଶ୍ୱର ପ୍ରସାଦ | ଟ ୨୦୦୧ |
| „ ଗଙ୍ଗାପ୍ରସାଦ | ଟ ୧୦୦୧ |
| „ ଗୋକୁଳ ସହାୟ | ଟ ୪୦୧ |
| „ ହରିହର ଲାଲ | ଟ ୨୫୧ |
| „ ଜଗନ୍ନାଥ ସହାୟ | ଟ ୨୦୧ |
| „ ଅଶ୍ୱିନୀଶ୍ୱର ପ୍ରସାଦ | ଟ ୨୦୧ |
| „ ଚୈତନ୍ୟଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ | ଟ ୧୫୧ |
| „ କୃଷ୍ଣଲାଲ | ଟ ୧୦୧ |
| „ ବ୍ରଜଲାଲ ରାୟ ବି, ଏଲ | ଟ ୧୦୧ |
| „ ପ୍ରସନ୍ନକୁମାର ମିତ୍ର ବି, ଏଲ | ଟ ୧୦୧ |
| „ ପୁରୁଷୋତ୍ତମ ଲାଲ | ଟ ୧୦୧ |
| ଟ ୧୦୧ ତଳର ଅନଧିକ ଚାନ୍ଦାର ସମଷ୍ଟି | ଟ ୮୭ |
| ବାବୁ ବଳଦେବ ମହାନ୍ତି | ଟ ୧୦୧ |
| ଜଲ ହୁଗଲି ବ୍ରାଞ୍ଚ କମିଟୀର ଅବୈତନିକ ସମ୍ପାଦକ ବାବୁ ଗୋବର୍ଦ୍ଧନ ପାଲ କର୍ତ୍ତୃକ ପ୍ରେରିତ ଚାନ୍ଦା କୁହୁଳି | ଟ ୧୬୫୩ |
| ଟ ୧୦୧ ତଳର ଅନଧିକ ଚାନ୍ଦାର ସମଷ୍ଟି | ଟ ୧୧୬୩।୭ |
| ବାବୁ ଜଗନ୍ନାଥପ୍ରସାଦ ପଣ୍ଡା | ଟ ୧୦୧ |
| „ ବରମାନ ରାଜ ଜମିଦାର ଠଙ୍କ ପାଇବା | ଟ ୧୦୦୧ |

ବଳଙ୍ଗା ଏକାଉଣ୍ଟେଣ୍ଟ ଜେନେରଲ ଅଫିସର ବାବୁ କର୍ମଚାରୀଗଣଙ୍କ ଦତ୍ତ ଚାନ୍ଦା ବାବୁ ପ୍ରାଣକୃଷ୍ଣ ବୋଷ-

| | |
|---|---|
| କର୍ତ୍ତୃକ ପ୍ରେରିତ | ଟ ୨୫ |
| ଟ ୧୦ ତଳର ଅନଧିକ ଚାନ୍ଦାର ସମଷ୍ଟି | ଟ ୮୭।୬ |
| | ଟ ୨୩୦୪୦।୨ |

କଟକ
୧୩।୯।୯୧ } Harry Ballabh Bose,
ଅବୈତନିକ ସମ୍ପାଦକ ଓ ଧନାଧ୍ୟକ୍ଷ

## ବିଜ୍ଞାପନ ।

ଶ୍ରୀ ଶ୍ରୀ ସାରଦୀୟା ପୂଜା ଉପଲକ୍ଷରେ ଉପହାର
ଷ୍ଟୁଆର୍ଟ ଏଣ୍ଡ କୋମ୍ପାନୀଙ୍କ ପ୍ରସ୍ତୁତ
ବସନ୍ତମାଳତୀ-ତୈଳ ।

ଯୁବକ ଯୁବତୀମାନଙ୍କର ଆଦରର ଧନ ଅତ୍ୟୁତ୍କୃଷ୍ଟ ସୁବାସିତ ଗୋଟିଏ ନାରକେଳ ତୈଳ । ଅଧୁନାତନ ଅନେକ ସୁବାସିତ ତୈଳର ଅମଦାନୀ ହେଉ ଅଛି ସତ୍ୟ ମାତ୍ର ପରୀକ୍ଷାଦ୍ୱାରା ଦେଖାଯାଇ ଅଛି ଯେ ସେହି ସବୁ ତୈଳର ସାମାନ୍ୟ ସୌଗନ୍ଧ । ଅନ୍ୟାନ୍ୟ ମଧ୍ୟରେ କେତେକ ଦ୍ରବ୍ୟ ମଧ୍ୟ ଏକ କୋର ଦଳିତ ଗନ୍ଧ ନିର୍ଗତ ହୋଇ ଶରୀରର ମହା ଅନିଷ୍ଟ ସାଧନ କରଇ । ଏହି ସମସ୍ତ କାରଣରୁ ଆମ୍ଭମାନେ ବୈଜ୍ଞାନିକ ଉପାୟଦ୍ୱାରା ବିଶୁଦ୍ଧ ନାରିକେଳ ତୈଳର ସ୍ୱାଭାବିକ ଗନ୍ଧ ଦୂରୀଭୂତ କରି ସର୍ବୋତ୍କୃଷ୍ଟ ମୂଲ୍ୟବାନ୍ ସୁଗନ୍ଧ ଦ୍ରବ୍ୟ ଦେଶୀୟ ଓ ବିଲାତ ଅନ୍ୟୂନ ୪୦ ପ୍ରକାର ଦ୍ରବ୍ୟ ପ୍ରସ୍ତୁତ କରି ଏଥିରେ ମିଶ୍ରିତ କରୁ ଅଛୁଁ । ବରଂ ସନାତନ ପର ଏହା ଉତ୍ତରୋତ୍ତର ବୃଦ୍ଧି ପାଇବ ।

ଏହା ବ୍ୟବହାର କଲେ କେଶ ଘନ, ମସୃଣ, ଦୃଢ଼ ହୋଇ ଅକାଳପକ୍ୱତା ଦୂର କରଇ । ମସ୍ତିଷ୍କ ଶୀତଳ ରଖେ ଓ ସ୍ମରଣଶକ୍ତି ବୃଦ୍ଧି କରେ । ଟାକ ରୁଣ୍ଡିଆ, ଦଦ୍ରୁ, ବ୍ରଣାଦି ସର୍ବପ୍ରକାର ଚର୍ମରୋଗ, ଶିରୋଘୂର୍ଣ୍ଣନ ଶିରଜ୍ୱାଳା ମଥା ଧରିବା ଇତ୍ୟାଦି ସକଳପ୍ରକାର ଶିରୋରୋଗ ଅରୋଗ୍ୟ ହୁଏ ଏବଂ ପିତ୍ତରୋଗ ହସ୍ତ-ପଦ ଜ୍ୱାଳା ଇତ୍ୟାଦି ଉପଶମ ହୋଇ ଶରୀରର ଅନେକ ପ୍ରକାର ଉପକାର ସାଧନ କରେ ଏତଦ୍ୱାରା ସ୍ତ୍ରୀଲୋକମାନଙ୍କର କେଶଗୁଚ୍ଛ ରହିଯାଏ ଏବଂ କେଶରେ କୌଣସିପ୍ରକାର ମଇଳ ବା ରୂପି କେବେ ଉତ୍ପନ୍ନ ହୁଏ ନାହିଁ । ଫଳକଥା ଏହି ଯେ କିଛି ଦିବସ ବ୍ୟବହାର ଦ୍ୱାରା ସର୍ବପ୍ରକାର ରୋଗ ବିନଷ୍ଟ ହୋଇ ଦେହର କାନ୍ତି ବୃଦ୍ଧି ଓ ପୁଷ୍ଟିସାଧନ କରଇ । ଏବଂ ବଦନମଣ୍ଡଳ ଶରୀରର ଲାବଣ୍ୟ ଓ

Split by PDF Splitter
Digitized by srujanika@gmail.com

Split by PDF Splitter



ଉତ୍କୃଷ୍ଟତା ପ୍ରକାଶ କରି ସ୍ୱାସ୍ଥ୍ୟର ବିଶେଷ ଉନ୍ନତି ସାଧନ କରଇ । ମୂଲ୍ୟ ବଡ଼ ଶିଶିକୁ ଟ ୦ ।୵

ଲାବଣ୍ୟବତୀ ନାମକ ସୁଗନ୍ଧ ଗୋଲାପି ତେଲ-ଟ୍ରେଲ ଯେଉଁମାନେ ନାରିକେଳତେଲ ବ୍ୟବହାର ନ କରନ୍ତି ସେମାନଙ୍କ ପକ୍ଷେ ଏହା ଉପଯୋଗୀ ଫଳ ଉପରୋକ୍ତ ତେଲର ସମାନ ଅଟଇ ।

ମୂଲ୍ୟ ୧ ଶିଶି୬ ଟ ୦ ୫

ପ୍ରକାଶ ଥାଉ କି ଉପରୋକ୍ତ ତେଲ କଟକ-ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକଦୋକାନରେ ଏବଂ ଆରଡବଲଭକର କମ୍ପାନୀଙ୍କ ଦୋକାନରେ ପ୍ରାପ୍ତବ୍ୟ ।

ଚନ୍ଦ୍ରଧୂର ବଜାର } ଗୁପ୍ତ ଏଣ୍ଡ କମ୍ପାନୀ
କଟକ } ୧୫ । ୯ । ୯୧

## ଛନ୍ଦମାଳାର ଅର୍ଥ ।

ବାବୁ ମଧୁସୂଦନରାଓ କୃତ ଛନ୍ଦମାଳାର ଅର୍ଥ-ପୁସ୍ତକ ମୋଟା ଏବଂ ମୂଲ୍ୟବାନ୍ କାଗଜରେ ଛପାହୋଇ କଟକପ୍ରିଣ୍ଟିଂ କମ୍ପାନୀଙ୍କର ଏବଂ ବାଲେଶ୍ୱର ଦେବଙ୍କ ପ୍ରେସର ଓ ବାମଣ୍ଡା ସ୍ୱଚ୍ଛଳ-ପ୍ରେସର ମେନେଜରମାନଙ୍କ ନିକଟରେ ଦୁଇ-ପଇସା ମୂଲ୍ୟରେ ବିକ୍ରୟ ହେଉଅଛି । ଦୁଇପଇ-ସିଅଷ୍ଟିକଟରେ ଖ ୧୬ ଣ୍ଡ ବହି ଡାକରେ ଯାଇ ପାରେ ।

## ବାଲକାଗଜ ।

ଚଳନ୍ତିତ ଖସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ସମ୍ପର୍କ ବ୍ରାଦରଙ୍କ କାରୁ ଅଭିଷେକ କର କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | | |
|---|---|---|---|---|
| ୧୨ | ପଣ | ତାଇ | ପ୍ରତି ଟ ୨୲୵ | ରିମ ଟ ୦୵୪ |
| ୧୨ | ପଣ | ,, | ,, ଟ ୨୲ | ,, ଟ ୦ ୬ |
| ୧୨ | ପଣ | ,, | ,, ଟ ୨। | ,, ଟ ୦ ୦ |
| ୨୨ | ପଣ ଉତ୍ତମପୂର୍ଣ୍ଣବୋର୍ଡ଼ | ,, | ଟ ୩। | ,, ଟ ୦ ୵୪ |

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ସମ୍ପର୍କିତ ଚନ୍ଦ୍ରଧୂରବଜାର କଥା ଉକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଚନ୍ଦନଚୋଣା ଓ ଚନ୍ଦନ ଓ ରେଶମୀଓଜେର ଲୁଗା ଓ ଷ୍ଟେସନରୀ ଓ କଳ-କଳା ଚମାଣି ସବପ୍ରକାର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ନଜରରେ ସ୍ୱତଃ ଅଛି । ତଦ୍ଭିନ୍ନ ଅନେକପ୍ରକାର ଫେସନ ଦ୍ରବ୍ୟାଦି ବିକ୍ରୟ ନିକଟେ ପ୍ରସ୍ତୁତ ଅଛି ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେ-ଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ-ପାଇବେ ।

## ପିଚଗାର ।

ଏ ଗାଛକୁ କେଉଁଠାରେ ଗାଡ଼ରେ ଭର୍ତ୍ତି କରି ତରଳାଇ କୋଠାଘରର ଫାଟରେ ଦେଲେ ପାଣିଗଳା ବନ୍ଦ ହେବ ଘରର ମଟିଂ ଅରେ ଲେପିଦେଲେ ମଜବୁତ ହେବ ଓ ଉଇ ଧରିବ ନାହିଁ ।

କଟେଇ ଚମଡ଼ା ଓ ଖାଳରେ ଲଗାଇବାର ଜାଲ ମଧ୍ୟ ଅଛି ।

ଅଭିରାମଟନ୍ତ କର କମ୍ପାନୀ

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚା ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସଙ୍ଖ୍ୟାରେ
ପ୍ରତିପଙ୍କ୍ତି ଟ ୦୵
ଅର୍ଦ୍ଧସ୍ତମ୍ଭକୁ ଟ ୨
ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ତାହାର ଖର୍ଚ୍ଚା ଟ ୦୵ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସଙ୍ଖ୍ୟାରେ ଖର୍ଚ୍ଚା ପ୍ରଥମ ଥର ହେତା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଥରର ସଙ୍ଖ୍ୟାରେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରେ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନଙ୍କଠାରୁ ପଠାଇବାକୁ ହେବ ।

## କଟକଭଣ୍ଡାର ।



ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥ ଆଜକୁ ପ୍ରାୟ ପାଞ୍ଚବର୍ଷ ହେବ ସ୍ଥାପିତ ହୋଇ ଅତି ସୁବନ୍ଦୋବସ୍ତ ସହିତ କାର୍ଯ୍ୟ ଚଳୁଅଛି । ଏଥି-ରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହାଛଡ଼ା ଅନ୍ୟ ଯାହାର ଯେଉଁଦ୍ରବ୍ୟ ପ୍ରୟୋଜନ ହୁଏ ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇ ଦିଆଯାଏ । ମାଦକ ଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବ-ରାହ କରୁଁ । ଯେଉଁ ଦ୍ରବ୍ୟମାନ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ବଜାର ଦର ଉପରେ କିଣି ପଠାଇବାର ପରି-ଶ୍ରମନିମନ୍ତେ ଶତକଡ଼ା ଟ ୭। ହିସାବରେ କମି-ଶନ ଗ୍ରାହକମାନଙ୍କଠାରୁ ନିଆଯାଏ । କେବଳ ପ୍ୟାକିଂ ଓ ଡାକଖର୍ଚ୍ଚା ପଠାଇଲେ ଔଷଧ ଓ ଦ୍ରବ୍ୟାଦି ଭାଲ୍ୟୁପେଇବଲ ଡାକରେ ମଧ୍ୟ ପଠାଯାଇ ପାରେ । ବେରିଂ ବା ଇନସଫିସିଏଣ୍ଟ ପତ୍ର ଗୃହୀତ ହୁଏ ନାହିଁ ଏବଂ ରିପ୍ଲାଇକାର୍ଡ ବା ଦୁଇପଇସିଆ ଟିକଲ ଖଣ୍ଡେ ନ ପଠାଇଲେ ପତ୍ରର ଉତ୍ତର ଦିଆଯାଏ ନାହିଁ ।

ମଫସଲବାସୀ ଅନେକ ଅନେକ ରଜା ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କଠାରୁ ସର୍ବଦା ରୋଗର ଅବସ୍ଥା ଓ ଔଷଧ ପ୍ରେରଣ କରିବାସକାଶେ ପତ୍ରାଦି ପାଇଥାଉଁ । ଅତଏବ ସେମାନଙ୍କ ଓ ସର୍ବସାଧାରଣଙ୍କ ସୁବିଧାର୍ଥ ଜଣାଉଅଛୁଁ କି ଯେଉଁ-ମାନେ ଆମ୍ଭଦ୍ୱାରା ଔଷଧର ଚିକିତ୍ସିତ ହେବାକୁ

Digitized by srujanika@gmail.com

Split by PDF Splitter



ଇଚ୍ଛା କରନ୍ତି ସେମାନେ ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି କୁଳଜ କି ନା, ରୋଗୀ ପୁରୁଷ କି ସ୍ତ୍ରୀ, ରୋଗିର ପୂର୍ବ ଓ ବର୍ତ୍ତମାନ ଆଚରଣ, ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁ ପ୍ରକୃତି ଇତ୍ୟାଦି ରୋଗର ବୃତ୍ତାନ୍ତ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ । ଟଙ୍କା, କଉଡ଼ି କି ପତ୍ରାଦି ନିମ୍ନ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ ।

କଟକ ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

## ନୂତନ ପୁସ୍ତକ ।

**A KEY TO NEW ROYAL READERS NO. IV MINOR COURSE.**

ସେପ୍ଟେମ୍ବରମାସର ମଧ୍ୟରେ ଗ୍ରାହକହେଲେ ମୂଲ୍ୟ ଟ୦୷ ନଭୁବା ପରେ ମୂଲ୍ୟ ବୃଦ୍ଧିହେବ ।

Ditto An Abridged Edition ଟ ॥

ପ୍ରାକୃତିକ ଭୂଗୋଳର ପ୍ରଶ୍ନୋତ୍ତର ଟ ୦ ।, ସ୍ୱାସ୍ଥ୍ୟସାଧନର ପ୍ରଶ୍ନୋତ୍ତର ଟ ୦୵ , ଫାଷ୍ଟବୁକର ମାନେ ବହି ( ସୁଲଭ ଓ ପରିଶୁଦ୍ଧ ) ଟ ୦ ୵ ଧ୍ରୁବ ଚରିତ ଟ ୦ ।

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଏବଂ ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ପ୍ରାପ୍ତବ୍ୟ । ଯତରେ "ଲଳିତମୋହନଙ୍କ ପ୍ରଣୀତ" ବୋଲି ଲେଖା ନ ଥିଲେ ଅନ୍ୟ ଗ୍ରନ୍ଥକାରଙ୍କ ପୁସ୍ତକ ଏହା ବଦଳରେ ପାଇବାର ସମ୍ଭାବନା ।

ସାମ୍ୟବାଦୀ ଇନଷ୍ଟିଟ୍ୟୁଶନ । କଟକ । } ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

### ପ୍ରୟୋଜନୀୟ ଔଷଧ ।

ନିମ୍ନଲିଖିତ ପ୍ରୟୋଜନୀୟ ଓ ନିତ୍ୟବ୍ୟବହାର୍ଯ୍ୟ ପରୀକ୍ଷିତ ଔଷଧମାନ ଅଳ୍ପ ମୂଲ୍ୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ।

୧ । ପାରିଜାତ ତୈଳ—ବହୁ ଦ୍ରବ୍ୟର ବୈଜ୍ଞାନିକ ଆଲୋଚନା କରି ଏହି ଔଷଧ ପ୍ରସ୍ତୁତ ହୋଇଅଛି । ଏହା ବ୍ୟବହାର କଲେ, କେଶସ୍ଖଳନତା, କେଶର ଅକାଳପକ୍ୱତା, ଅକାଳପତନ, ଏବଂ ଶିରଃପୀଡ଼ା, ଶୀର୍ଷରୋଗ ଇତ୍ୟାଦି ନିବାରିତ, ମସ୍ତକର କଣ୍ଡୂ ଓ ଖଣ୍ଡାଦି ନଷ୍ଟ ହୋଇ ଦେହ ଓ ମସ୍ତିଷ୍କ ସୁଶୀତଳ, କେଶ ବର୍ଦ୍ଧିତ, ଶୋଭାଯୁକ୍ତ ଓ ସୁବାସିତ ହୁଏ । ପ୍ରତି ଶିଶିର ମୂଲ୍ୟ ବାରଅଣା ମାତ୍ର ।

୨ । ଦଦ୍ରୁ ହୁତାଶନ—ନାମ ହୁତାଶନ ସତ୍ୟ କିନ୍ତୁ ପ୍ରୟୋଗ କାଳେ ଜ୍ୱାଳା ଯନ୍ତ୍ରଣା କିଛିମାତ୍ର ଜଣା ଯାଏ ନାହିଁ । ମାତ୍ର ଏହା ଦଦ୍ରୁଙ୍କ ପକ୍ଷରେ ହୁତାଶନ ତୁଲ୍ୟ କାର୍ଯ୍ୟ କରେ ଏବଂ ତାହାକୁ ଏକାବେଳକେ ବିନଷ୍ଟ କରେ, ତହିଁରେ ଆଉ ସନ୍ଦେହ ନାହିଁ । ଏହା ବ୍ୟବହାର କରି ୨୫ ବର୍ଷର ଦଦ୍ରୁ ରୋଗ ଆରୋଗ୍ୟ ହୋଇଅଛି, ପ୍ରତି ଡିବାର ମୂଲ୍ୟ ଚାରି ଅଣା ମାତ୍ର ।

୩ । ଶୂଳହାରିଣୀ—ଏହା ଯଥାବିଧି ସେବନ କଲେ କି ପ୍ରାଚୀନ କି ନୂତନ ସବୁ ପ୍ରକାର ଅମ୍ଳଶୂଳ, ପିତ୍ତଶୂଳ, ବାୟୁ ଶୂଳ ( ଅମାବାତ ), ବମନାଦି ଅତି ଯନ୍ତ୍ରଣାଦାୟକ ଲକ୍ଷଣମାନ ନିବୃତ୍ତ ହୁଏ । ଏକପକ୍ଷ କାଳ ସେବନୀୟ ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୪ । କୋଷ୍ଠଭେଦ ବଟିକା—କୋଷ୍ଠବଦ୍ଧ ସର୍ବପ୍ରକାର ରୋଗର ଉତ୍ପତ୍ତି ଓ ବୃଦ୍ଧିର ପ୍ରଧାନ କାରଣ ଅଟେ । କୋଷ୍ଠ ଶୁଦ୍ଧି ନ ହେଲେ କୌଣସି ରୋଗ ଆରୋଗ୍ୟ କିମ୍ବା କୌଣସି ଔଷଧ ମଧ୍ୟ କାର୍ଯ୍ୟକାରକ ହୁଏ ନାହିଁ । ଏହି ଔଷଧ ବ୍ୟବହାର କଲେ କି ପ୍ରାଚୀନ କି ନୂତନ ସର୍ବପ୍ରକାର କୋଷ୍ଠବଦ୍ଧ ଏବଂ କୋଷ୍ଠବଦ୍ଧଜନିତ ଅନ୍ୟାନ୍ୟ ପୀଡ଼ା ଯଥା, କୋଷ୍ଠାଶ୍ରିତ ବାୟୁ, ଜ୍ୱର, ଅର୍ଶ, ଅଜୀର୍ଣ୍ଣ, ଶୋଥ, ଉଦରୀ, ଯକୃତ, ପାଣ୍ଡୁ, ଓ ତଜ୍ଜନିତ ଶିରଃପୀଡ଼ା ଓ ଘୂର୍ଣ୍ଣୀନାଦି ନିବାରିତ ହୁଏ ।

ଏହି ନିର୍ଦ୍ଦୋଷ ବିରେଚକ । ସର୍ବପ୍ରକାର ପୀଡ଼ାରେ ଏମନ୍ତ କି ଅନ୍ୟାନ୍ୟ ଔଷଧ ବ୍ୟବହାରର ସଙ୍ଗେ ମଧ୍ୟ ଏହା ବ୍ୟବହାରର ଉପଯୁକ୍ତ ଅଟେ । ସୁସ୍ଥ, ଅସୁସ୍ଥ, ବାଳକ, ବୃଦ୍ଧ, ସ୍ତ୍ରୀ ଓ ପୁରୁଷ ସମସ୍ତେ ଏହା ସେବନ କରି ପାରନ୍ତି । ସପ୍ତାହ କାଳ ସେବନୀୟ, ଔଷଧର ମୂଲ୍ୟ ଏକ ଟଙ୍କା ।

୫ । ହିମସାଗର ଅରିଷ୍ଟ—ଏହା ସେବନ କଲେ ମ୍ୟାଲେରିଆ ବା ଦୂଷିତ ଜଳବାୟୁଜନିତ ଜ୍ୱର, ସର୍ବ ପ୍ରକାର ପାଳିଜ୍ୱର, ପୁରାତନ, ବିଷମ ଓ ଏକ ଜ୍ୱର, ପ୍ଲୀହା ଯକୃତ, ଅଜୀର୍ଣ୍ଣ, ଅରୁଚି, ଶୀର୍ଣ୍ଣତା, ରକ୍ତହୀନତା, ଅନିୟମିତ କୋଷ୍ଠ, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ଦୂରୀଭୂତ ହୁଏ ଏବଂ ଦେହ, ପରିପୁଷ୍ଟ ହୋଇ ରକ୍ତ ସଞ୍ଚାରିତ ହୁଏ । ଏକ ପକ୍ଷକାଳ ସେବନୀୟ, ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୬ । ଶୋଣିତସଞ୍ଜୀବନୀ ( ସାଲସା )—ଶୋଣିତ ମାନବଦେହର ପ୍ରଧାନ ଉପାଦାନ ଅଟେ। ଏହା ପରିଶୁଦ୍ଧ ଥିଲେ କୌଣସି ପ୍ରକାର ବ୍ୟାଧିର ଉତ୍ପତ୍ତି ହୋଇପାରେ ନାହିଁ । କିନ୍ତୁ ରକ୍ତ ଶୋଣିତ ସାମାନ୍ୟ ମାତ୍ର ଦୂଷିତ ହେଲେ ତହିଁରୁ କ୍ରମେ କ୍ରମେ ଶରୀରର ଭାବତ୍ ରକ୍ତ ଦୂଷିତ ହୋଇ ନାନା ପ୍ରକାର ବିଷମ ବ୍ୟାଧିର ଉତ୍ପତ୍ତି ହୁଏ । ଅନିୟମିତ ଆହାର, ବିହାର ଅତିରିକ୍ତ ଶାରୀରିକ ଓ ମାନସିକ ପରିଶ୍ରମ, ଦୂଷିତ ଜଳବାୟୁ ପାରଦାଦି ବିଷଦୋଷ, ପ୍ରମେହ, ଉପଦଂଶ ଇତ୍ୟାଦି ହେତୁ ଶରୀରର ରକ୍ତ ଦୂଷିତ ହୋଇ ଉଠେ ଏବଂ ନାନାପ୍ରକାର କ୍ଷତ, କଣ୍ଡୁ, ଖାଜୁ, କଣ୍ଡୁ, ଗଣ୍ଠିବେଦନା, ନେତ୍ର ଓ ନାସିକା ରୋଗ ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ରୋଗ ଓ ଲକ୍ଷଣମାନ ଜାତ ହୋଇ ମନୁଷ୍ୟକୁ ଅକର୍ମଣ୍ୟ କରି ଦିଏ । ଏହି ସୁଧା ବ୍ୟବହାର କଲେ ଉକ୍ତିଖିତ ଉପଦ୍ରବମାନ ତିରୋହିତ ହୋଇ ମାନବଦେହ ନବଜୀବନ ପ୍ରାପ୍ତ ଓ ଶୋଭାଯୁକ୍ତ ହୁଏ । ସୁସ୍ଥଶରୀରରେ ମଧ୍ୟ ବଳାଧାନ ନିମନ୍ତେ ଏହା ଉପଯୋଗୀ । ନାନାପ୍ରକାର ଚର୍ମ୍ମରୋଗ, ଖାଜୁ ବଣ୍ଠିଆ ଓ କ୍ଷତାଦି ଏହା ସେବନେ ଆରୋଗ୍ୟ ହୁଏ । ଚାରି ସପ୍ତାହ ସେବନୀୟ ଔଷଧର ମୂଲ୍ୟ ଦୁଇଟଙ୍କା ଆଠଅଣା ।

କାଳୁବଜାର, କଟକ ଔଷଧଭଣ୍ଡାର । } ଡାକ୍ତର । ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ । V. L. M. S.

Watches! Clocks! Time pieces!
Repaired by an efficient workman the premises of the Cuttack Printing Company. Charge moderate.

## ଘଡିମରମତି ।

ନାନାପ୍ରକାର ଶ୍ରେଷ୍ଠ ବଡ଼ ଘଣ୍ଟା ଘଡ଼ି ଋତୁମରୂପେ ମରାମତ ହେବା ଓ ଯଥା ସମୟରେ ପାଉଥିବାର ଭଲ ବନ୍ଦୋବସ୍ତ ଏ ଇଂରେଜୀ ଥିବାରୁ ଆମ୍ଭେ ଘଡ଼ି ମରାମତିର କାର୍ଯ୍ୟାରମ୍ଭ କରାଇଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରିବେ ।

ଘଡିର ଅବସ୍ଥା ଅନୁଯାୟୀ ୬ମାସଠାରୁ ଦୁଇବର୍ଷ ପର୍ଯ୍ୟନ୍ତ ଗ୍ୟାରେଣ୍ଟି ଦିଆଯିବ ଅର୍ଥାତ୍ ମରାମତ ଦୋଷରୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଘଡି ନ ଚଳିଲେ ପୁନର୍ବାର ଦୁରସ୍ତ କରିଦିଆଯିବ ।

## ଗିଲ୍ଟି

ଘଡ଼ିର ଚେଇନ କେଶ, ମୁଦି, ପ୍ଲାଟିନମ ସବ୍‌ଇନସ୍ପେକ୍ଟର ଓ ଇନସ୍ପେକ୍ଟରଙ୍କର ବ୍ୟବହାରର ଓ ଗୋର ସାଜ, ( ତମ୍ବାର ଓ ପିତ୍ତଳର ନାନାବିଧ ଅଲଙ୍କାରାଦି ରୂପା ଅବା ସୁନାରେ; ରୂପାର ମୁଦି ଓ ଗୋର ଅଲଙ୍କାର ସୁନାରେ ) ଗିଲ୍ଟି କରି ଦିଆଯିବ ।

କଟକ ୧୫।୧୧।୮୧. } ଶ୍ରୀ ଗୌରଶଙ୍କର ରାୟ

## ମେହରୋଗ ।

ଉ୨୫ ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉଚିତ ଟୋଟକାର ଉଚିତ ନୂଆ ସାମାନ୍ୟ ଅର୍ଥବ୍ୟୟ ପ୍ରକାରେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ।

ଏହି ଔଷଧ ଯଥାବିଧିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ। ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଭାବନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ। ଔଷଧ ବ୍ୟବସ୍ଥିତରେ ପ୍ରକାଶର ନ ହେଲେ ଅଲ୍ପ ଦିନ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବନେ ପୁସ୍ତକାକାରରେ ପ୍ରକାଶିତ ହେବ କଲିକତା ଅଡେଲଡ୍ରିଜ ନମ୍ବର ବଦଳରେ ସି, କେ, ସେନ କମ୍ପାନୀଙ୍କଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶିକୁ ଟ୨୷ ଙ୍କା । ପ୍ୟାକିଙ୍ଗ ଓ ଡାକଖର୍ଚ୍ଚା ପୃଥକ

☞ ଏହି ଉତ୍କଳଦୀପିକା ପତ୍ର କଟକ ଦରଘାବଜାର କଟକ ପ୍ରିଣ୍ଟିଂକୋମ୍ପାନୀର ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଉ

Digitized by srujanika@gmail.com

Split by PDF Splitter

REGISTERED NO. 1

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।

୪୬ ଭାଗ
୩୯ ସଂଖ୍ୟା

ତା ୨୬ ଇଶ ମାହେ ସେପ୍ଟେମ୍ବର ସନ ୧୮୯୧ ଇସ୍ବୀ । ୯ ଅଶ୍ୱିନ ୧୨ ନ ସନ ୧୨୯୯ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ପଶ୍ଚାଦେୟ ଟ ୩।

ଶାହବାବାଦର ହୁସ୍ୱଖରଦ ମୋକଦ୍ଦମାର ଆସାମି ଯେକବ ସାହେବ ହାଜତରେ ଥିଲେ । ହାଇକୋର୍ଟରେ ପୁଣି ମୋସନ ହେବାରୁ ମାଜ୍ୟ-ବର ବିଚାରପତିମାନେ ତାହାଙ୍କଠାରୁ ଦୁଇଲକ୍ଷ ଟଙ୍କାର ମୁଚ୍ଛଲିକା ଏବଂ ଏକଲକ୍ଷ ଟଙ୍କାର ଦୁଇ-ଜଣ ଜାମିନ ନେଇ ହାଜତରୁ ଅବ୍ୟାହତି ଦେଇଅଛନ୍ତି । ବାରିଷ୍ଟର ମନମୋହନ ଘୋ-ଷଙ୍କ ଉଦ୍ୟମରେ ଏଥର ଜାମିନ ହେଲା । ମୋକଦ୍ଦମାର ବିଚାର କଲିକତା ମାଜିଷ୍ଟ୍ରେଟଙ୍କ ମିସଲରେ ଲାଗିଅଛି ।

———

କଟକର ସେନ୍ସସକାର୍ଯ୍ୟ ଶେଷ ମୂତାବକ ନ ହେବାରୁ ସେନ୍ସସ ସୁପରିଣ୍ଟେଣ୍ଡେଣ୍ଟ ଓଡନଲ ସାହେବ ଗତ ମାସର ବିଲରୁ ଏକସହସ୍ରଟଙ୍କା ବର୍ଜନ କରି ଦେଇ ଅଛନ୍ତି । ଗଡ଼ଜାତ ମହା-ଲର କାର୍ଯ୍ୟ ଶେଷ ମୂତାବକ ହୋଇ ଥିବାରୁ ସମସ୍ତ ବେତନ ଦେବାର ମଞ୍ଜୁର କରି ଅଛନ୍ତି । ସେନ୍ସସ କାର୍ଯ୍ୟ ଶେଷ କରିବ ନିମନ୍ତେ ଦୌଡ଼ା-ଦୌଡ଼ି ପଡ଼ି ଅଛି ତଥାପି ସମାପ୍ତି ହୋଇ ନାହିଁ ଦଶହରା ବନ୍ଦ ପୂର୍ବରୁ ଶେଷ ନ ହେଲେ ସେ-ନ୍ସସ କର୍ମଚାରୀଙ୍କ ଛୁଟିରେ ବ୍ୟାଘାତ ପଡ଼ିବାର ସମ୍ଭବ ।

———

ସମ୍ପ୍ରତି କଲିକତାର ଜେନେରାଲ ପୋଷ୍ଟ-ଅଫିସର ଉତ୍ତର-ପୂର୍ବ ଦିଗରେ ଗୋଟିଏ ଅଷ୍ଟା-ଳିକାର ପୁନର୍ନିର୍ମାଣନିମନ୍ତେ ନିଅଁ ଖୋଳିବା "ଅନ୍ଧ-କୂପ" ଅର୍ଥାତ୍ ସିରାଜ ଉଦ୍ଦୌଲା ଯେଉଁ ଗୃହ-ରେ ଇଂରାଜମାନଙ୍କୁ ନିଷ୍ଠୁରତାସହିତ ବନ୍ଦ କରି ଥିଲେ, ସେହି ଗୃହର ଭିତ୍ତିମାନଙ୍କର ମୂଳଅଂଶ ବାହାରି ଅଛି । ସେହିସ୍ଥାନ ନିର୍ଦ୍ଦେଶ କରିବାନି-ମନ୍ତେ ଜେନେରାଲ ପୋଷ୍ଟଅଫିସର ଗୋଟିଏ ଫାଟକର ସାଧାରଣ ଦୃଷ୍ଟି ବହିର୍ଭୂତ ଏକ ଅଂଶରେ "ଅନ୍ଧକୂପ" ନାମାଙ୍କିତ ଖଣ୍ଡିଏ ବୃହତ୍ ମାର୍ବଲ ପ୍ରସ୍ତର ରକ୍ଷିତ ହୋଇଥିଲା ।

———

ଗିଲ୍ଡୋଲ୍ଡ ଉତ୍ସେବରେ ଅଳ୍ପଦିନତଳେ ପୁନାରେ ଯେମନ୍ତ ଏକ ଶିଳ୍ପସମିତିର ଅଧିବେ-ଶନ ହୋଇଥିଲା କଲିକତାରେ ଆଗାମୀ ଅକ୍ଟୋବରମାସଶେଷରେ ଗୋଟିଏ ସେହିପରି ସମିତି ବସିବାର ସ୍ଥିର ହୋଇ ତହିଁର କାର୍ଯ୍ୟନି-ର୍ବାହ କାରଣ ଗୋଟିଏ କମିଟୀ ଗଠିତ ହୋଇ-ଅଛି । ଆମ୍ଭେମାନେ ଆଶା କରୁଁ ଯେ ଏହାଦ୍ୱାରା ଶୁଭଫଳ ଲାଭ ହେବ ଅନ୍ତତଃ ବମ୍ବେଇବାସି-ମାନେ ଯେଉଁପ୍ରକାରବାରରେ କଳ ଇତ୍ୟାଦି ବସାଇ ଯେପରି ଦେଶୀୟ ଶିଳ୍ପକାର୍ଯ୍ୟ ବ୍ୟବ-ହାରର ସହାୟତା କରୁଅଛନ୍ତି ବଙ୍ଗବାସିମାନେ ତାହା କରିବାକୁ ପ୍ରବୃତ୍ତ ହେଲେ ଦେଶର ଦରିଦ୍ରତାର ଅନେକପରିମାଣରେ ଲାଘବ ହେବ ।

———

ବଙ୍ଗପ୍ରଦେଶୀୟ ସମିତିର ଆଗାମି ଅଧିବେ-ଶନ ଆସନ୍ତା ଅକ୍ଟୋବରମାସ ତା ୨୯ ଓ ୩୦ ତାରିଖରେ କଲିକତା ନଗରରେ ହେବାର ଏବଂ ତହିଁରେ ପୁଲିସ, ସ୍ଥାନୀୟ ଆତ୍ମଶାସନ, ବନ୍ଧ, ସ୍ୱାସ୍ଥ୍ୟ, ଶିଳ୍ପଶିକ୍ଷା, ଦେବାନୀ ଓ ଫୌଜଦାରୀ ବିଚାର ଏବଂ କୁଲିଚାଲାନ ବିଷୟମାନ ବିଚାର ହେବାର ସ୍ଥିର ହୋଇ ଅଛି । ଗତବର୍ଷ ଏହି ସମିତିର ଅଧିବେଶନ ଅସମୟରେ ହୋଇଥିବାରୁ ଉପସ୍ଥିତ ସଭ୍ୟସଂଖ୍ୟା ଅତ୍ୟନ୍ତ ଊଣା ହୋଇ ଥିଲା । ଭରସା କରୁଅଛୁ ଏଥର ପକ୍ଷପାତ ଦଶହରା-ଛୁଟିସମୟରେ ଅଧିବେଶନର ଦିନ ଧାର୍ଯ୍ୟ ହୋଇଥିବାରୁ ଅନେକ ପ୍ରତିନିଧି ଉପସ୍ଥିତ ହୋଇପାରିବେ । ଓଡ଼ିଶାବାସୀମାନେ ପ୍ରତିନିଧି ପଠାଇବାକୁ ତତ୍ପର ହେଉନ୍ତୁ ।

———

ଏଠା ମିଉନିସିପାଲଟୀ ସଭାର ଗତ ଅଧି-ବେଶନରେ ଏ ନଗରର ଜଳନିକାଶି ନାଳ-ବିଷୟରେ ଗୋଟିଏ ସବ କମିଟୀ ନିଯୁକ୍ତ ହୋଇ-ଅଛି ଏବଂ ପୁରୀ ବାରକମାଷ୍ଟର ପୁଇଣ୍ଡନ ସା-ହେବ ତହିଁର ଜଣେ ସଭ୍ୟ ହୋଇ ଅଛନ୍ତି । ଏ ନଗରର ନାଳର ବନ୍ଦୋବସ୍ତ ଅତ୍ୟନ୍ତ ମନ୍ଦ-ଥିବାର ଚଳିତ ବର୍ଷର ଅତିବୃଷ୍ଟିରେ କଷ୍ଟକର-ରୂପେ ଜଣା ଗଲା ଏଥିର ସଂଶୋଧନ ନିତାନ୍ତ ଆବଶ୍ୟକ ଆମ୍ଭମାନଙ୍କ ବିବେଚନାରେ ସମସ୍ତ ନଗରର ଉଚ୍ଚ ନୀଚତା ଜରିବ ଓ ତହିଁର ନକ୍ସା ପ୍ରସ୍ତୁତ କରିଇ କମିଟୀ ସମ୍ପୂର୍ଣ୍ଣ ନାଳ-ପ୍ରଣାଳୀର ପ୍ରସ୍ତାବ କରିବେ ଯେମନ୍ତ କି ଭବି-ଷ୍ୟତରେ ଲୋକମାନଙ୍କ ଘର ଦ୍ୱାର ବର୍ଷା ପାଣି ଜମା ହେବାଦ୍ୱାରା ଭାଙ୍ଗି ଯିବ ନାହିଁ । ଏ

Digitized by srujanika@gmail.com

କାର୍ଯ୍ୟ ମିଉନିସିପାଲିଟୀର ଅନ୍ୟ ସବୁ କାର୍ଯ୍ୟଠାରୁ ଅତ୍ୟନ୍ତ ପ୍ରୟୋଜନୀୟ ହୋଇ ଅଛି ।

———

ମଣିପୁର ରାଜସିଂହାସନନିମନ୍ତେ ଗବର୍ଣ୍ଣମେଣ୍ଟ କ୍ଷୋଳ୨ କୁମାର ଚୂଡ଼ାଚନ୍ଦ୍ରଙ୍କୁ ମନୋନୀତ କରିଅଛନ୍ତି । ଚୂଡ଼ାଚନ୍ଦ୍ର ମଣିପୁରରାଜବଂଶର ରାଜା ନରସିଂହଙ୍କର ପୌତ୍ର ଅଟନ୍ତି । ଏହାଙ୍କର ବୟସ ୫ ବର୍ଷ ଏବଂ ଏବ୍ୟକ୍ତି ମହାରାଜା ଶୂରଚନ୍ଦ୍ର ବା କୁଲଚନ୍ଦ୍ରଙ୍କର ନିକଟ ଉତ୍ତରାଧିକାରୀ କିମ୍ବା ଅପଣା ପିତାଙ୍କର ଜ୍ୟେଷ୍ଠପୁତ୍ର ନୁହନ୍ତି । ସୁତରାଂ ଶାସ୍ତ୍ରସଙ୍ଗତ ଦାୟ ବା ଅଧିକାରର ବହିର୍ଭୂତ ଏହାଙ୍କୁ ରାଜ୍ୟ ପ୍ରଦତ୍ତ ହେଉଅଛି । ଅର୍ଥାତ୍ ଯେମନ୍ତ କି ଶ୍ରୀମତୀ ଭାରତେଶ୍ୱରୀ ମଣିପୁରକୁ ଅପଣା ସାମ୍ରାଜ୍ୟଭୁକ୍ତ ନ କରି ଦାନରେ ଏକବ୍ୟକ୍ତିଙ୍କୁ ତାହା ପ୍ରଦାନ କଲେ ଯେ ଏଥିଉତ୍ତାରୁ ମଣିପୁରସହିତ ସରକାରଙ୍କର ପୂର୍ବସମ୍ପର୍କ କିଛିମାତ୍ର ଥିବାର କେହି କହିପାରିବ ନାହିଁ । ଚୂଡ଼ାଚନ୍ଦ୍ର ଉପାଧି ମହାରାଜା ନ ହୋଇ ରାଜା ହେବ ଏବଂ ସେ ସରକାରଙ୍କୁ ବାର୍ଷିକ କର ବା ସଲାମି ଦେବେ । ସେ ଯେତେଦିନ ନାବାଳଗ ଥିବେ ସେତେଦିନ ଜଣେ ଇଂରାଜକର୍ମଚାରୀ ରାଜ୍ୟର କାର୍ଯ୍ୟନିର୍ବାହ କରିବେ । ଏ ବିଷୟରେ ଭାରତୀୟ ଗବର୍ଣ୍ଣମେଣ୍ଟଙ୍କର ଘୋଷଣାପତ୍ର ଶୀଘ୍ର ବାହାରିବ ଏବଂ ତହିଁରୁ ଏହି ନିୟୋଗ ବିଷୟକ ସମସ୍ତ ନିୟମ ଜଣାଯିବ ।

———

ଗତ ରବିବାର ଏ ନଗରସ୍ଥ ପୁରୀମନ୍ଦିରସଂସ୍କାରିଣୀ ସଭାର ଏକ ଅଧିବେଶନ ହୋଇ ଥିଲା । ଏପର୍ଯ୍ୟନ୍ତ ଯେ ପରିମାଣ ଅର୍ଥ ସଞ୍ଚିତ ହୋଇ ଅଛି ଏବଂ ଯେପରି କାର୍ଯ୍ୟ ଲାଗିଅଛି ସମ୍ପାଦକ ମହାଶୟ ତାହା ସବୁ ସଭାରେ ବ୍ୟକ୍ତ କଲେ । ଜଣାଗଲା ଯେ କଲିକତାରୁ ବାବୁ ପ୍ୟାରୀଲାଲ ମୁଖାର୍ଜୀ ମନ୍ଦିରର ଇଞ୍ଜିନିୟର ନିଯୁକ୍ତ ହୋଇ ଆସିଅଛନ୍ତି । ଏ ମହାଶୟ ବାରକମାଷ୍ଟର ମହକୁମାରେ ସୁପରଭାଇଜର ସ୍ୱରୂପ ଦୀର୍ଘକାଳ ପ୍ରଶଂସା ସହିତ କାର୍ଯ୍ୟ କରି ପେନସନ ପାଇଅଛନ୍ତି । ଅତଏବ ଏହାଙ୍କ ଯୋଗ୍ୟତା ବିଷୟରେ ସନ୍ଦେହ ନାହିଁ । ଏପର୍ଯ୍ୟନ୍ତ ସଭାପତି କେହି ହୋଇ ନ ଥିଲେ । ଶ୍ରୀ [illegible] ବୈଦ୍ୟନାଥ ପଣ୍ଡିତ କି ଯାହାଙ୍କର ସମ୍ପୂର୍ଣ୍ଣ ନାମ ଶ୍ରୀ ରାଜା ବେଦମୂର୍ତ୍ତି ବୈଦ୍ୟନାଥ ପଣ୍ଡିତ ଦେବଶର୍ମଣ ଭୂମିନ୍ଦ୍ର ବାହାଦୂର ଅଟଇ ମନ୍ଦିର ସଭାର୍ଥେ ଆପାତତଃ ପାଞ୍ଚହଜାର ଟଙ୍କା ଦାନ କରିବାରୁ ଏହି ଅତି ପ୍ରଶସ୍ତ ଦାନରେ ସଭା ଅତ୍ୟନ୍ତ କୃତଜ୍ଞ ଓ ଆନନ୍ଦିତ ହୋଇ ତାହାଙ୍କୁ ସଭାପତିପଦରେ ମନୋନୀତ କଲେ । ଆମ୍ଭେମାନେ ଆଶା କରୁଁ କି ସୁଯୋଗ୍ୟ ସଭାପତିଙ୍କର ଏପରି ଉଦାର ଏବଂ ପ୍ରଶଂସନୀୟ ଦୃଷ୍ଟାନ୍ତ ଦେଖି ଅନ୍ୟାନ୍ୟ ରାଜା ମହାରାଜାମାନେ ଯଥୋଚିତ ଦାନ କରିବାକୁ ଉତ୍ସାହିତ ହେବେ ।

———

ସ୍କୁଲଛାତ୍ରମାନଙ୍କୁ ନୀତିଶିକ୍ଷା ଦେବାକାରଣ କଲିକତାରେ ଯେଉଁ ନୂତନ ସମିତି ଗଠିତ ହୋଇ ଅଛି, ତହିଁ ସମ୍ବନ୍ଧରେ ଇଣ୍ଡିୟାନ ନେସନ ନାମକ ପତ୍ରିକା ଲେଖି ଅଛନ୍ତି କି ସଭାଗୃହରେ ବକ୍ତୃତା ଓ ଉପଦେଶ ପ୍ରଦାନଦ୍ୱାରା ଛାତ୍ରମାନଙ୍କ ଚରିତ୍ରୋନ୍ନତି ହେବ ନାହିଁ । ଘରେ ପିତା ମାତା ବିଦ୍ୟାଳୟରେ ଶିକ୍ଷକ ଏବଂ ବାହାରେ ବନ୍ଧୁବାନ୍ଧବଙ୍କ ଶିକ୍ଷା ଉପରେ ତାହା ନିର୍ଭର କରଇ । ପିତା-ମାତା ଏଣିକି ପିଲାମାନଙ୍କୁ ନୀତିଶିକ୍ଷା ଦେଉ ନାହାନ୍ତି । ବିଦ୍ୟାଳୟ ସ୍ଥାପନ ଗୋଟିଏ ବ୍ୟବସାୟ ହୋଇ ପଡ଼ିବାରୁ ଶିକ୍ଷକମାନେ ଛାତ୍ରଙ୍କୁ ଶାସନ କରିବାଠାରୁ ସେମାନଙ୍କ ମନ ଯୋଗାଇ ଅପଣା ସ୍କୁଲକୁ ଆକର୍ଷଣ କରିବାକୁ ବସିଅଛନ୍ତି ଏବଂ ବନ୍ଧୁମାନେ ସଚ୍ଚରିତ୍ର ଆଦର୍ଶ ହେବାକୁ ବଡ଼ ଯତ୍ନ କରୁ ନାହାନ୍ତି । ଏଥି ଉପରେ ସମ୍ପାଦକଙ୍କର ଦୌରାତ୍ମ୍ୟ । ସେମାନେ ଛନ୍ଦମାନଙ୍କର ଅସୁର ବ୍ୟବହାରର ଦୋଷ ଦେଖାଇ ଲାଗିବାକୁ ମଜବୁତ ମାଷ ଗଢିବାର ଚେଷ୍ଟା ଏମାନଙ୍କର ଅଦୌ ନାହିଁ । ଏକଥାଗୁଡ଼ିକ ଅତ୍ୟନ୍ତ ସାରବାନ୍ ଅଟଇ ଏବଂ ସମସ୍ତଙ୍କର ଏସବୁ ଚିନ୍ତା କରିବାର ଉଚିତ । ବାସ୍ତବରେ ଯେଉଁମାନେ ପିଲାକାଳରୁ ଦେବତା ଓ ଗୁରୁଜନଙ୍କଠାରେ ଅଭକ୍ତି ଦେଖାଇବାକୁ ଶିକ୍ଷା କରିବେ ସେମାନଙ୍କର ଚରିତ୍ର କିପରି ଭଲ ହେବ ?

———

ବଙ୍ଗପ୍ରଦେଶର ସିଙ୍କୋନାବଗିଚାର ଗତବାର୍ଷିକବିଜ୍ଞାପନୀରେ ଯେ ବିବରଣମାନ ପ୍ରକାଶିତ ହୋଇଅଛି ବଡ଼ ସନ୍ତୋଷଜନକ ଅଟଇ । ଏପ୍ରଦେଶରେ ଜ୍ୱରବେଗର ପ୍ରାଦୁର୍ଭାବ ଅତ୍ୟନ୍ତ ଅଧିକ ଏବଂ କୁଇନାଇନ ତହିଁର ପ୍ରଧାନ ଔଷଧ ଅଟଇ । ଏହି କୁଇନାଇନ ସିଙ୍କୋନାଗଛର ଶୁଦ୍ଧ ପ୍ରକୃତ ବା ସାରପଦାର୍ଥ ଅଟଇ । ସରକାର ଏହି ଗଛର ବଗିଚା କରି କୁଇନାଇନ ପ୍ରସ୍ତୁତ କରିବାରୁ ଏଦ୍ରବ୍ୟର ମୂଲ୍ୟ ଅନେକ ଊଣା ହୋଇଅଛି । ଅର୍ଥାତ୍ ପୂର୍ବେ ଯେଉଁ ଏକଶିଶି କୁଇନାଇନର ମୂଲ୍ୟ ଟ ୬·୭୯ ଙ୍କା ଥିଲା ବର୍ତ୍ତମାନ ତାହା ଏକଟଙ୍କା ହୋଇଅଛି । କୁଇନାଇନ ଛଡ଼ା ଆଉ ଏକପ୍ରକାର ସହଜ ସାର ଓ ଗଛର ତେଲ ସୁଦ୍ଧା ବିକ୍ରୟ ହୁଅଇ । ବର୍ତ୍ତିତ ବର୍ଷରେ କୁଇନାଇନ ଇତ୍ୟାଦି ବିକ୍ରୟଦ୍ୱାରା ଟ ୧୧୮୫୭୬(ଙ୍କା ଆୟ ହୋଇଥିଲା ତହିଁପୂର୍ବବର୍ଷର ଆୟ ଟ ୧୧୬୨୯୮(ଙ୍କା ଥିଲା । ବଗିଚା ଓ କୁଇନାଇନ ଇତ୍ୟାଦି ପ୍ରସ୍ତୁତକରିବାର ସମସ୍ତ ବ୍ୟୟ ଏଥିରୁ ବାଦ ହୋଇ ୧୬ ହଜାର ଟଙ୍କା ଲାଭ ହୋଇଅଛି । ଏହା ବଡ଼ ଆନନ୍ଦର ବିଷୟ ଅଟଇ କାରଣ କେବଳ ସ୍ୱଳ୍ପମୂଲ୍ୟରେ ଜ୍ୱରର ଔଷଧ ଯୋଗାଇବାପାଇଁ ଗବର୍ଣ୍ଣମେଣ୍ଟ ଏକାର୍ଯ୍ୟରେ ପ୍ରବୃତ୍ତ ହୋଇଥିଲେ । ଏଥିରେ ସାମାନ୍ୟ କ୍ଷତି ପଡ଼ିଲେ ମଧ ବାଧନ୍ତା ନାହିଁ । ଯେବେ ତହିଁପରିବର୍ତ୍ତେ ଲାଭ ହେଲା ଅଥଚ ବଜାରଠାରୁ ସ୍ୱଳ୍ପମୂଲ୍ୟରେ ଲୋକେ ଔଷଧ ପାଇଲେ ତେବେ ଅବଶ୍ୟ ବଡ଼ ସୁଖର କଥା ।

———

ମଣିପୁର କୌଣସି କାଳେ ସ୍ୱାଧୀନ ଥିଲା କି ନା ଏବଂ ରକ୍ଷିତରାଜ୍ୟ କେବେ ହେଲା ଏହି ପ୍ରଶ୍ନ ଜଣେ ପତ୍ରପ୍ରେରକ ପଚାରିବାରୁ ଷ୍ଟେଟ୍ସମାନ ତହିଁର ଉତ୍ତର ଦେଇ ଅଛନ୍ତି କି ମଣିପୁର ଇଂରାଜଙ୍କ ଭାରତ ଶାସନ ପୂର୍ବରୁ ସ୍ୱାଧୀନ ଥିଲା ଏବଂ ସନ ୧୮୩୨ ସାଲ ପର୍ଯ୍ୟନ୍ତ ଇଂରାଜ ଗବର୍ଣ୍ଣମେଣ୍ଟ ଉକ୍ତ ସ୍ୱାଧୀନତା ସ୍ୱୀକାର କରି ଆସିଥିଲେ । ସେହି ବର୍ଷ ରାଜାଙ୍କୁ ପଦଚ୍ୟୁତ କରିବାର ପୁନଃ୨ ଚେଷ୍ଟା ହେବାରୁ ଏବଂ ସମ୍ଭବତଃ ରାଜାଙ୍କ ପାର୍ଥନା ମତେ ଭାରତୀୟ ଗବର୍ଣ୍ଣମେଣ୍ଟ ତାହାଙ୍କ ରାଜତ୍ୱ ସ୍ଥିର ରଖିବାକୁ ଦୃଢ଼ସଙ୍କଳ୍ପ କରିବାରୁ ବିଲାତର କୋର୍ଟ ଅଫ ଡାଇରେକ୍ଟର ସେ କଥା ଅବଗତ ହୋଇ କହିଲେ କି ରାଜାଙ୍କୁ ସାହାଯ୍ୟ ଦେଲେ ଅତ୍ୟାଚାର ନିବାରଣ ଉଦ୍ଦେଶରେ ରାଜାଙ୍କ ଶାସନକାର୍ଯ୍ୟ ପ୍ରତି ଅବେକ୍ଷା ରଖିବା କର୍ତ୍ତବ୍ୟ ହେଉଅଛି । ଏବିଷୟରେ କୌଣସି ସନ୍ଧିପତ୍ର କିମ୍ବା ଅନ୍ୟ କିଛି ଲେଖା ପଢ଼ି ହୋଇ ନାହିଁ । ଏବଂ ଏଥିରୁ ଉକ୍ତ ରାଜ୍ୟ ରକ୍ଷିତ ରାଜ୍ୟ ମଧ୍ୟରେ ଆସିବାର ଅନୁମାନ ହୋଇ ପାରଇ ସୁଦ୍ଧା ଚୁକ୍ତି ପତ୍ର କିମ୍ବା ସରକାରଙ୍କର ଘୋଷଣାପତ୍ର ବିନା ନିଶ୍ଚୟ ହୋଇ ନ ପାରେ । ବିଶେଷତଃ ସନ ୧୮୫୬ ସାଲରେ ସରକାର ରାଜାଙ୍କୁ

Digitized by srujanika@gmail.com

Split by PDF Splitter



ରକ୍ଷା କରିବାର ଯେଉଁ ଅଙ୍ଗୀକାର କର ଥିଲେ ତାହା ସ୍ୱୟଂ କୀର୍ତ୍ତିଚନ୍ଦ୍ରଙ୍କ ସହିତ ହୋଇ ଥିଲା । ତାହାଙ୍କର ପୁତ୍ର ପୌତ୍ରାଦିଙ୍କ ସମ୍ବନ୍ଧରେ ସେହିପରି ଚୁକ୍ତି ହୋଇ ଥିବାର ପ୍ରକାଶ ନାହିଁ । ଆମ୍ଭମାନଙ୍କ ବିବେଚନାରେ ଏବିଷୟ ବିଲାତର ପାରଲିମେଣ୍ଟରେ ମୀମାଂସା ହେବାର ଯୋଗ୍ୟ ଅଟଇ ଏବଂ ଭରସା ହୁଅଇ ଆଗାମୀ ଅଧିବେଶନରେ ଏକଥା ଉପସ୍ଥିତ ହେବ ।

---

କଲେଜମାନଙ୍କରେ ଆଇନଶିକ୍ଷାର ନୂତନ ନିୟମ କଲିକତା ବିଶ୍ୱବିଦ୍ୟାଳୟଦ୍ୱାରା ପ୍ରସ୍ତୁତ ହୋଇଅଛି । ପୂର୍ବେ ତିନବର୍ଷ ପଢ଼ିବାର ନିୟମ ଥିଲା । ବର୍ତ୍ତମାନ ନିୟମାନୁସାରେ କେବଳ ଦୁଇବର୍ଷ ପଢ଼ିବାକୁ ହେବ ଓ ପ୍ରତ୍ୟେକ ବର୍ଷରେ ଅନ୍ତତଃ ୧୫୪ ଉପଦେଶ ବା ଲେକଚର ଆଇନଅଧ୍ୟାପକ ଦେବେ ଅଥଚ ଏକ ଦିନରେ ଗୋଟିଏ ଉପଦେଶରୁ ଅଧିକ ଦେବେ ନାହିଁ । ବର୍ଷମଧ୍ୟରେ ପ୍ରାୟ ଚାରିମାସ କଲେଜ ବନ୍ଦ ହୁଅଇ ଏବଂ ପୀଡ଼ା କିମ୍ବା ଆବଶ୍ୟକୀୟ କାର୍ଯ୍ୟହେତୁ ଛାତ୍ରମାନେ କଏ କେତେବେଳେ ଅନୁପସ୍ଥିତ ହେବା ଅନିବାର୍ଯ୍ୟ ସୁତରାଂ ତହିଁର କ୍ଷତିପୂରଣନିମନ୍ତେ କେତେଗୁଡ଼ିଏ ଅଧିକ ଉପଦେଶ ଦେବା ଆବଶ୍ୟକ । ଏହିସବୁ କାରଣରୁ ଏଠା କଲେଜରେ ପ୍ରତିସପ୍ତାହରେ ପାଞ୍ଚଦିନ ଆଇନ ପଢ଼ିବାର ନିୟମ ହୋଇଅଛି । ପୂର୍ବେ କେବଳ ତିନିଦିନ ଥିଲା । ସମ୍ଭବତଃ ସମସ୍ତ କଲେଜରେ ଏହି ନିୟମ ହୋଇଅଛି । ପୂର୍ବଠାରୁ ଏଠା ଆଇନଶ୍ରେଣୀର ଛାତ୍ରସଂଖ୍ୟା ମଧ୍ୟ ବିଶେଷ ଊଣା ହେବାରୁ ଅଧ୍ୟାପକଙ୍କର ପାରିଶ୍ରମିକ ମଧ୍ୟ ପୋଷାଉ ନାହିଁ । ପୂର୍ବେ ମାସକୁ ଏକଶତ ବା ଅଶି ଟଙ୍କା ମିଳୁଥିଲା ବର୍ତ୍ତମାନ ଟ ୪୦୧ ଟଙ୍କା ହେବା କଠିନ । ପରିଶ୍ରମ ଅଧିକ ଓ ବେତନ ଅଳ୍ପ ହେଉ ମଧୁବାବୁ କାର୍ଯ୍ୟ ଛାଡ଼ିଦେବାରୁ ଯଜ୍ଞେଶ୍ୱରବାବୁ ନିଯୁକ୍ତ ହୋଇଅଛନ୍ତି । ମାତ୍ର ଏତେ ଅଳ୍ପ ବେତନରେ କେହି କାର୍ଯ୍ୟ କରିବାର ଆଶା କରାଯାଇ ନ ପାରେ । ଏଥିପାଇଁ ଆଇନଶ୍ରେଣୀର ଛାତ୍ରମାନଙ୍କ ବେତନ ଟ ୫ ଟଙ୍କା ପରିବର୍ତ୍ତେ ଟ ୭ ଧାର୍ଯ୍ୟ ହେବାର ପ୍ରସ୍ତାବ ହେଉ ଅଛି । ଏଥିରେ ଛାତ୍ରମାନଙ୍କର କିଛି କ୍ଷତି ନାହିଁ କାରଣ ସେମାନେ ପୂର୍ବେ ତିନିବର୍ଷରେ ମାସକୁ ଟ ୫ ଟଙ୍କା ହିସାବରେ ଯେଉଁ ଟ ୧୫୯ ଦେଉଥିଲେ ବର୍ତ୍ତମାନ ଦୁଇବର୍ଷରେ ମାସକୁ ଟ ୭ ଅଣା ହିସାବରେ ସେହି ଟ ୧୫୯ ଟଙ୍କା ଦେବେ ଅଥଚ ଅଧ୍ୟାପକଙ୍କ ପାରିଶ୍ରମିକ କିଛି ବୃଦ୍ଧି ହେବ । ଏଥିକୁ ଓଡ଼ିଆ ନବସମ୍ବାଦ ଲେଖିଅଛନ୍ତି କି ଓଡ଼ିଶାର ଗ୍ରାଜୁଏଟମାନଙ୍କ ପ୍ରତି ସ୍ଥାନୀୟ ଅନେକ ଉଚ୍ଚ କର୍ମଚାରୀଙ୍କର କୁଦୃଷ୍ଟି ଥିବାରୁ ସମ୍ଭବତଃ ସେମାନଙ୍କ ଆଇନଶିକ୍ଷାରେ ବାଧା ଦେବାକାରଣ ଉପରଲିଖିତ ବେତନ ଓ ସମୟ ବୃଦ୍ଧିର ନିୟମମାନ ହୋଇ ଅଛି । ଅବଶ୍ୟ ସହଯୋଗୀ ଏ କାରଣମାନ ନିଶ୍ଚୟ ବୋଲି ନ କହି କେବଳ ଶୁଣିବାର ଲେଖି ଅଛନ୍ତି । ମାତ୍ର ଏପରି ଦୋଷାରୋପ କରିବା ପୂର୍ବେ ସ୍ୱୟଂ ଅନୁସନ୍ଧାନ କରିବା କିମ୍ବା ତାହାଙ୍କ ସତ୍ୟନିଷ୍ଠାବାନ୍ ସମ୍ବାଦଦାତାଙ୍କ ପଚାରିବାର କି ଉଚିତ ନ ଥିଲା । କେବଳ ଶୁଣାକଥାରେ ଏପରି ଲେଖିବା କି ବିଦ୍ୱେଷଭାବର ପରିଚାୟକ ନୁହଇ ?

---

## ଖାଦ୍ୟଦ୍ରବ୍ୟର ମୂଲ୍ୟ ବେଶି କାହିଁକି ?

ଏହି ପ୍ରଶ୍ନଟି ସଚରାଚର ଲୋକଙ୍କ ମୁଖରୁ ଶୁଣାଯାଏ ଗରିବଠାରୁ ବଡ଼ଲୋକପର୍ଯ୍ୟନ୍ତ ସମସ୍ତେ ଏଥିରେ ବ୍ୟସ୍ତ । ସହଯୋଗୀ ସମ୍ବଲପୁରହିତୈଷିଣୀ ଏ ପ୍ରଶ୍ନ ଉତ୍ଥାପନ କରି ତହିଁର ମୀମାଂସାରେ ପ୍ରବୃତ୍ତି ହେବାର ଦେଖି ଆମ୍ଭେମାନେ ଆନନ୍ଦିତ ହୋଇଅଛୁଁ । ଲୋକଙ୍କର ନିତ୍ୟ ନିର୍ବାହ ସଙ୍ଗେ ଏଥିର ସମ୍ବନ୍ଧ ଏଣୁ ସମସ୍ତ ସମ୍ବାଦପତ୍ରରେ ସମୟେ ସମୟେ ଏଥିର ଚର୍ଚ୍ଚା ବାଞ୍ଛନୀୟ ।

ସମ୍ବଲପୁରହିତୈଷିଣୀ ଏଥିର ତିନୋଟି କାରଣ ନିର୍ଦ୍ଦେଶ କରିଅଛନ୍ତି, ଯଥା; (୧)ପ୍ରଧାନ କାରଣ ଏହି ଯେ କୃଷିକାର୍ଯ୍ୟପ୍ରତି ଦେଶର ଧନୀ ଓ ଶିକ୍ଷିତଲୋକମାନେ ସହାନୁଭୂତି ପ୍ରଦର୍ଶନ କରନ୍ତି ନାହିଁ ଓ ଦରିଦ୍ରଲୋକଙ୍କ ହାତରେ କୃଷିକାର୍ଯ୍ୟ ରହିଥିବାରୁ ସେମାନେ ଅର୍ଥାଭାବବଶତଃ କ୍ଷେତ୍ରଆବାଦ କରି ନ ପାରିବାରୁ ଭୂମିର ଉର୍ବରତା ଦୃଷ୍ଟିରେ ଉପଯୁକ୍ତ ପରିମାଣ ଶସ୍ୟଲାଭ ହେଉ ନାହିଁ । (୨) ବିଦେଶରପ୍ତାନି ବୃଦ୍ଧି ହେବାରୁ ଅଳ୍ପ ପରିମାଣରେ ଉତ୍ପନ୍ନ ହେଉଥିବା ଶସ୍ୟ ମଧ୍ୟ ସ୍ୱଦେଶରେ ରହିପାରୁ ନାହିଁ । ଆଶୁ ଅର୍ଥଲୋଭରେ କୃଷିମାନେ ଆପଣା ଖର୍ଚ୍ଚପ୍ରତି ଦୃଷ୍ଟି ନ ରଖି ସୁଦ୍ଧା ଶସ୍ୟ ମପାଇ ଦଅନ୍ତି । (୩) ଦେଶର ଲୋକସଂଖ୍ୟା ଦିନକୁଦିନ ବୃଦ୍ଧି ହେଉଅଛି କିନ୍ତୁ ସେହି ଅନୁପାତରେ ଖାଦ୍ୟ ଉତ୍ପାଦନର ଚେଷ୍ଟା ହେଉ ନାହିଁ । ବରଂ କୃଷକର ସଂଖ୍ୟା ଦିନକୁଦିନ ଊଣା ପଡ଼ୁଅଛି । ଏହି କାରଣମାନ ଦର୍ଶାଇ ସହଯୋଗୀ ଏହି ସିଦ୍ଧାନ୍ତରେ ଉପନୀତ ହୋଇଅଛନ୍ତି କି ପୂର୍ବକାଳରେ ବିଦେଶରପ୍ତାନିର ବେଗ ନ ଥିଲା ଏବଂ ଲୋକମାନେ ସମସ୍ତେ କୃଷିକାର୍ଯ୍ୟ କରୁଥିଲେ । ଏଥିପାଇଁ ଖାଦ୍ୟସାମଗ୍ରୀ ଅପ୍ରାପ୍ୟ ବା ଦୁର୍ମୂଲ୍ୟ ହେଉ ନ ଥିଲା ଏବେ ମଧ୍ୟ ଭାରତବାସିମାନେ କୃଷିକାର୍ଯ୍ୟରେ ଅଧିକ ମନୋଯୋଗୀ ହେଲେ ସେହି ସୁଦିନ ଲେଉଟିଆସିବ ।

ଉପରଲିଖିତ ତିନୋଟି କାରଣର ବିଚାର କରିବା ପୂର୍ବେ ଏ ପ୍ରବନ୍ଧ ପଢ଼ି ଆମ୍ଭମାନଙ୍କର ଗୋଟିଏ ସନ୍ଦେହ ଉପସ୍ଥିତ ହେବାରୁ ତହିଁର ଉଲ୍ଲେଖ ଅଗ୍ରେ କରିବା ଉଚିତ ବୋଧ କରୁଅଛୁଁ । ସନ୍ଦେହଟି ଏହିଯେ ସହଯୋଗୀ ହିତୈଷିଣୀ ଲେଖିଅଛନ୍ତି ଯେ କୃଷକର ସଂଖ୍ୟା କ୍ରମଶଃ ଊଣା ହେଉଅଛି । ଏକଥା ଯଥାର୍ଥ ବୋଲି ଆମ୍ଭେମାନେ ଅନୁମାନ କରିପାରୁ ନାହୁଁ । ଆମ୍ଭମାନଙ୍କର ଧାରଣା ଅନ୍ୟପ୍ରକାର ଅର୍ଥାତ୍ ଠିକ ତହିଁର ବିପରୀତ ଅଟଇ । ପୂର୍ବେ ଏ ଦେଶୀୟ ଲୋକମାନେ ସ୍ୱଜାତୀୟ ବହୁତ ବ୍ୟବସାୟଦ୍ୱାରା ଜୀବିକା ନିର୍ବାହ କରୁଥିଲେ ଏବଂ ଖାଦ୍ୟସାମଗ୍ରୀ ଶସ୍ତା ଥିବାରୁ ଯାହାର ଯେ ବ୍ୟବସାୟ ତାହାଦ୍ୱାରା ଯାହା ଅର୍ଜ୍ଜନ ହେଉଥିଲା ତାହା କୁଟୁମ୍ବ ପାଳିବା ପାଇଁ ଯଥେଷ୍ଟ ଥିଲା । ବର୍ତ୍ତମାନ ବିଲାତିଦ୍ରବ୍ୟର ପ୍ରାଦୁର୍ଭାବରୁ ଅନେକ ବ୍ୟବସାୟ ଦେଶୀୟଲୋକଙ୍କ ହାତରୁ ସମ୍ପୂର୍ଣ୍ଣ ବା ବିଶେଷ ପରିମାଣରେ ଉଠିଗଲାଣି । ତନ୍ତି, କମାର, ବଢ଼େଇ ତେଲି, ଲୁଣିଆ ପ୍ରଭୃତି କେତେ ଜାତିର ବ୍ୟବସାୟ ବିଲାତିଦ୍ରବ୍ୟ ଛଡ଼ାଇନେବାରୁ ସେମାନେ ନିରୁପାୟ ହୋଇ ଚାଷକର୍ମ ଅବଲମ୍ବନ କରୁଅଛନ୍ତି । ପୂର୍ବେ କୃଷିକାର୍ଯ୍ୟ ଚଷାଙ୍କର ଏକଚାଟିଆ ବ୍ୟବସାୟ ଥିଲା ଏବେ ବ୍ରାହ୍ମଣଠାରୁ କରଣପର୍ଯ୍ୟନ୍ତ ଉଚ୍ଚଜାତି ସେହି ବ୍ୟବସାୟକୁ ଅନୁସରିଲେଣି । ଏଥିପାଇଁ ମୋଫସଲରେ ଜମିପାଇଁ ସମସ୍ତେ ଲାଳାୟିତ ଏବଂ ଗୋଚର ଦାଣ୍ଡ କଣ୍ଠାବଣ ପ୍ରଭୃତି ପଡ଼ିଆସବୁ ଚାଷ ହେବାରୁ ଗୋରୁଙ୍କର ନିଶ୍ୱାସ ମାରିବାର ସ୍ଥାନ ନାହିଁ । ମୋଫସଲରେ ଯେଉଁଠାରେ ଦେଖିବ ସେଠାରେ ଏଥିର ପ୍ରମାଣ ପାଇବ । ଏପରି ଅବସ୍ଥାରେ କିପରି ବୋଲାଯିବ ଯେ କୃଷକଙ୍କ ସଂଖ୍ୟା ଦିନ୨ ଊଣା ହେଉଅଛି । ମଧ୍ୟପ୍ରଦେଶର ଅବସ୍ଥା ଆମ୍ଭେମାନେ ପ୍ରତ୍ୟକ୍ଷ କରି ନାହୁଁ ମାତ୍ର ସରକାରୀ କାଗଜପତ୍ର ସେଠାରେ ମଧ୍ୟ କୃଷିବିସ୍ତାରର ସାକ୍ଷ୍ୟ ଦେଉଅଛି ।

Digitized by srujanika@gmail.com

Split by PDF Splitter



ସରକାରୀ ହିସାବରୁ ପ୍ରକାଶ ଯେ ଭାରତବର୍ଷର ଲୋକସଂଖ୍ୟା ଅନୁସାରେ ଶତକଡ଼ା ପ୍ରାୟ ୮୦ ଜଣ କୃଷିକାର୍ଯ୍ୟଦ୍ୱାରା ଜୀବନଧାରଣ କରନ୍ତି। ଏଥିପାଇଁ ଭାରତ କୃଷିପ୍ରଧାନ ଦେଶ ବୋଲି ପରିଚିତ। ବାସ୍ତବରେ ଏଦେଶରେ କୃଷକର ସଂଖ୍ୟା ଅତ୍ୟନ୍ତ ଅଧିକ ଏବଂ କେହି କେହି ଅର୍ଥବିଦ୍ୟାପଣ୍ଡିତଙ୍କ ବିବେଚନାରେ ଏହା ଭାରତର ସୌଭାଗ୍ୟର ଅନୁରୂପ ଅଟଇ। ନିକଟରେ ଶ୍ରୀଯୁକ୍ତ କଟନ ସାହେବ କଲିକତାରେ ଏକ ବକ୍ତୃତା କରି ଦେଖାଇଥିଲେ ଯେ ଇଂଲଣ୍ଡ ଓ ସ୍କଟଲାଣ୍ଡରେ କୃଷକର ସଂଖ୍ୟା ଶତକଡ଼ା ୧୪।୧୫ ଜଣ ଏଥିପାଇଁ ସେ ଦେଶମାନ ସୌଭାଗ୍ୟଶାଳୀ। ଆୟର୍ଲଣ୍ଡରେ କୃଷକସଂଖ୍ୟା ଶତକଡ଼ା ୬୦ ଜଣ ତେଣୁ ସେଠାର ଲୋକ ଗରିବ କିନ୍ତୁ ଭାରତବର୍ଷର ଶତକଡ଼ା ୮୦ ଜଣ କୃଷକ ହେବାରୁ ଏଠାଲୋକ ଅତ୍ୟନ୍ତ ଗରିବ। ଏମାନଙ୍କ ଦରିଦ୍ରତା ନିବାରଣ କରିବାର ଏକମାତ୍ର ଉପାୟ ଶିଳ୍ପକାର୍ଯ୍ୟର ଉନ୍ନତି କରିବା ଏଥିପାଇଁ ଶିଳ୍ପବିଦ୍ୟା ଶିକ୍ଷା ଓ ଶିଳ୍ପକାର୍ଯ୍ୟର ଉନ୍ନତି ନିମନ୍ତେ ସମସ୍ତେ ଚେଷ୍ଟିତ ଓ ଗବର୍ଣ୍ଣମେଣ୍ଟଙ୍କଠାରେ ପ୍ରାର୍ଥୀ। ଏପରି ଅବସ୍ଥାରେ କୃଷିକାରଙ୍କ ସଂଖ୍ୟା ଊଣା ହେବାର ବୋଲଯାଇ ନ ପାରେ।

---

## ବଙ୍ଗଳାର ପୁଲିସ।

ବଙ୍ଗପ୍ରଦେଶର ପୁଲିସବିଭାଗର ସନ ୧୮୯୦ ସାଲର କାର୍ଯ୍ୟବିବରଣସମ୍ବନ୍ଧରେ ମାନ୍ୟବର ଛୋଟଲାଟଙ୍କ ମନ୍ତବ୍ୟ ପ୍ରକାଶିତ ହୋଇଅଛି। ପୁଲିସ ପ୍ରଜାବର୍ଗଙ୍କର ଧନ ପ୍ରାଣରକ୍ଷାର ପ୍ରଧାନ ସହାୟ। ଅତଏବ ତାହାଙ୍କ ନିକଟରେ ଛିଡ଼ା ହେବାକୁ ହୁଅଇ। ସୁତରାଂ ଏ ବିଭାଗର କାର୍ଯ୍ୟ କିପରି ହେଉଅଛି ସମସ୍ତଙ୍କର ଜାଣିବା ଉଚିତ। ପୁଲିସର ଅଯୋଗ୍ୟତା ଓ ଅତ୍ୟାଚାର ବିଷୟରେ ଅନେକ ଗୁହାରି ହେବାରୁ ଗବର୍ଣ୍ଣମେଣ୍ଟ ଏ ବିଭାଗର ସଂସ୍କାରନିମନ୍ତେ ମନୋଯୋଗୀ ହୋଇ ଗୋଟିଏ କମିଟୀ ବସାଇଥିଲେ। କମିଟୀର ରିପୋର୍ଟ ପାଇ ତହିଁଲିଖିତ କେତେକ ପ୍ରସ୍ତାବ କାର୍ଯ୍ୟରେ ପରିଣତ ହୋଇଅଛି ଏବଂ କନଷ୍ଟେବଲମାନଙ୍କ ବେତନ ଓ ଖର୍ଚ୍ଚା ବୃଦ୍ଧିନିମନ୍ତେ ଇଣ୍ଡିଆଗବର୍ଣ୍ଣମେଣ୍ଟ ପୌନେ ଦୁଇଲକ୍ଷ ଟଙ୍କା ମଞ୍ଜୁର କରିଅଛନ୍ତି। ଗ୍ରାମ୍ୟ-ପୁଲିସସମ୍ବନ୍ଧରେ ମଧ୍ୟ ଗୋଟିଏ ଆଇନର ପାଣ୍ଡୁଲିପି ପ୍ରସ୍ତୁତ ହୋଇ ସ୍ଥାନୀୟ କର୍ମଚାରୀଙ୍କ ବିଚାରାଧୀନରେ ଅଛି। ଚଳିତ ବର୍ଷମଧ୍ୟରେ ଏ ସମସ୍ତ କାର୍ଯ୍ୟରେ ପରିଣତ ହେବାର ଏବଂ ତଦ୍ଦ୍ୱାରା ପୁଲିସକାର୍ଯ୍ୟ ଉନ୍ନତ ହେବାର ମାନ୍ୟବର ଛୋଟଲାଟ ଆଶା କରୁଅଛନ୍ତି। ଆମ୍ଭେମାନେ ମଧ୍ୟ ତଥାସ୍ତୁ କହୁଅଛୁଁ।

ଗତବର୍ଷ ଅର୍ଥାତ୍ ସନ ୧୮୯୦ ସାଲରେ ବଙ୍ଗଳାପୁଲିସବିଭାଗରେ ରେଲୱେ ପୁଲିସସହିତ ଛୋଟବଡ଼ ସରଦାର ଜ ୩୬୨୫ ଣ ଏବଂ କନଷ୍ଟେବଲ ଜ ୧୮୫୦୩ ଣ ଥିଲେ। ଏମାନଙ୍କ ପଛରେ ୪୦ ଲକ୍ଷ ୨୦ ହଜାର ଟଙ୍କା ବ୍ୟୟ ହୋଇଅଛି। ଏଥିପୂର୍ବ ବର୍ଷର ବ୍ୟୟ ୪୧ ଲକ୍ଷ ୮୧ ହଜାର ଥିଲା। ବଙ୍ଗଳାର ପ୍ରତି ପାଞ୍ଚମାଇଲରେ ବେହାରରେ ପ୍ରତି ୧୦ ମାଇଲରେ ଏବଂ ଓଡ଼ିଶାରେ ପ୍ରତି ୭ ମାଇଲରେ ଜଣେଲେଖାଏଁ କନଷ୍ଟେବଲ ରକ୍ଷା ହୋଇଅଛି। ଅନେକ ନଗରରେ ପୁଲିସ ବଦଳରେ ନାଗରିକ ଚୌକିଦାର ରହିଅଛନ୍ତି କିନ୍ତୁ ଏମାନଙ୍କ କାର୍ଯ୍ୟସମ୍ବନ୍ଧରେ ଜିଲ୍ଲା ହାକିମଙ୍କର ନାନାମତ। ଅନ୍ୟାନ୍ୟ ନଗରମଧ୍ୟରେ ଓଡ଼ିଶାର କଟକ ଓ ପୁରୀରେ ମନ୍ଦଫଳ ଘଟିବାର ପ୍ରକାଶ। ଗ୍ରାମପୁଲିସ ଅର୍ଥାତ୍ ଚୌକିଦାରଙ୍କ ମୋଟସଂଖ୍ୟା ୧,୭୦,୮୩୫୯ ଓଡ଼ିଶାର ଚୌକିଦାରୀ ପ୍ରଥା ବଡ଼ ଅସନ୍ତୋଷ ଥିବାର ଜାଣି ଗବର୍ଣ୍ଣମେଣ୍ଟ କମିଟୀ ପ୍ରସ୍ତାବମାନ ବିଚାର କରିବାର ଲେଖିଅଛନ୍ତି ମାତ୍ର ତହିଁର କୌଣସି ଆଭାସ ଏ ବିବରଣରୁ ପାଇଲୁଁ ନାହିଁ।

ପୁଲିସ ପୀଡ଼ା ଦେବା ଓ ଘୁଷ ନେବା ଅପରାଧ ଅନ୍ୟାନ୍ୟବର୍ଷପରି ଅଧିକ ନୁହଇ କିନ୍ତୁ ପୁଲିସବିରୁଦ୍ଧରେ ନାଲିସ କରି କୃତକାର୍ଯ୍ୟ ହେବା କେମନ୍ତ କଠିନ ଏକଥା ବିଚାରକଲେ ଏହା ଆଶ୍ଚର୍ଯ୍ୟ ନୁହେ ଗରିବ ପ୍ରଜାଙ୍କର ଗୁହାରି କରିବାର ସୁବିଧା ଥିଲେ ଏପରି ଅନେକ ନାଲିସ ହେଉଥାନ୍ତା। ପୁଲିସବିଭାଗୀୟ ଦଣ୍ଡର ପରିମାଣ ଗତ ତିନିବର୍ଷରୁ କ୍ରମାଗତ ଊଣା ହୋଇ ଆସିଲେ ହେଁ ଅଦ୍ୟାପି ବିସ୍ତର ଅଛି। ଦଣ୍ଡ ଅତି କଠିନ ହେଲେ ଭଦ୍ରଲୋକ ପୁଲିସରେ ଭରତି ହେବାକୁ ଭୟ କରିବେ ଏ ବିଷୟରେ ଗବର୍ଣ୍ଣମେଣ୍ଟ ସାବଧାନ କରି ଦେଇ ଅଛନ୍ତି।

ଅନ୍ୟାନ୍ୟ ପ୍ରଦେଶସଙ୍ଗେ ତୁଳନା କରି ମାନ୍ୟବର ଛୋଟଲାଟ ଦେଖାଇଅଛନ୍ତି ଯେ ପୁଲିସଧର୍ତ୍ତବ୍ୟ ଅପରାଧର ସଂଖ୍ୟା ଉତ୍ତରପଶ୍ଚିମ ପଞ୍ଜାବ ବମ୍ବେଇପ୍ରଭୃତିଠାରୁ ବଙ୍ଗଳାରେ ଊଣା ଅଟଇ ଅଥଚ ବଙ୍ଗଳାରେ ହରଦର ପୁଲିସସଂଖ୍ୟା ଊଣା। ଏସବୁ ଅପରାଧ ସମ୍ବନ୍ଧରେ ପୁଲିସର ଯୋଗ୍ୟତା ବିଚାର କରିବାର ନୂତନ ନିୟମ ଗବର୍ଣ୍ଣମେଣ୍ଟ କରିଦେଇଅଛନ୍ତି। ତଦନୁସାରେ ଭବିଷ୍ୟତକୁ କାର୍ଯ୍ୟ ହେଲେ ପୁଲିସର କର୍ତ୍ତବ୍ୟାକର୍ତ୍ତବ୍ୟ ଧରାପଡ଼ିବ। ଯାହା ହେଉ ପୁଲିସ ଚାଲାଣୀ ଓ ଅଚାଲାଣୀ ଉଭୟପ୍ରକାର ମୋକଦ୍ଦମା ଏବର୍ଷ ଊଣା ପଡ଼ିଅଛି ଏବଂ ତହିଁମଧ୍ୟରେ ସମ୍ପତ୍ତିଘଟିତ ଅପରାଧ ବିଶେଷ ଊଣା ହୋଇଅଛି। ଏବର୍ଷ ଫସଲ ଭଲ ହୋଇଥିବାରୁ ଏପରି ଘଟିଅଛି।

ପୁଲିସଚାଲାଣୀ ଅନେକ ମୋକଦ୍ଦମା ଦୋଷରେ ଖଲାସ ପାଇବାରୁ ଛୋଟଲାଟ ଆଦେଶ କରିଅଛନ୍ତି କି ପୁଲିସ ଆସିଷ୍ଟାଣ୍ଟସୁପ୍ରିଣ୍ଟ ଦୌରାମିସଲରେ ମୋକଦ୍ଦମା ଚଲାଇବେ ଓ ଆସାମୀ ଅଧିକଦିନ ହାଜତରେ ନ ରହିବା ଉଦ୍ଦେଶରେ ଶୀଘ୍ର ଶୀଘ୍ର ଦୌରା ବସିବାର ବିଚାର ହେଉଅଛି।

ଡକାଇତି ଶ୍ରେଣୀ ଦଙ୍ଗାହଙ୍ଗାମାପ୍ରଭୃତି ସକଳଶ୍ରେଣୀର ମୋକଦ୍ଦମା ପୂର୍ବବର୍ଷଠାରୁ ଊଣା ହୋଇଅଛି ଏବଂ ତହିଁର କାରଣସମ୍ବନ୍ଧରେ ନ୍ୟୁନାଧିକ ତର୍କବିତର୍କ ହୋଇଅଛି। ଡକାଇତିସମ୍ବନ୍ଧରେ ମାନ୍ୟବର ଛୋଟଲାଟ ଏହି କଟକଜିଲ୍ଲାର ଗୋଟିଏ କଠିନ ମୋକଦ୍ଦମାକୁ ଘଟଣାର ପାଞ୍ଚମାସଉତ୍ତାରୁ ବାବୁ ରାସବିହାରୀ ନାୟକ ଡେପୁଟୀ କଲେକ୍ଟର ଧରିବାରୁ ତାହାଙ୍କର ବିଶେଷ ପ୍ରଶଂସା ଲିପିବଦ୍ଧ କରିଅଛନ୍ତି। ଦୁଇଜଣ ସବଇନସ୍ପେକ୍ଟର ଏବଂ ଜଣେ ଇନସ୍ପେକ୍ଟର ଏ ମୋକଦ୍ଦମାର କିଛି ସନ୍ଧାନ ବାହାର କରିପାରି ନ ଥିଲେ। ବୋଧ ହୁଅଇ ଏହା ରଘୁନାଥପୁରର ଡକାଇତି ମୋକଦ୍ଦମା ଅଟଇ ମାତ୍ର ଏଥିରେ ଏକଜଣ ଆସାମୀ ଦୋଷରେ ସଜା ପାଇ ଶେଷରେ ହାଇକୋର୍ଟରେ ଖଲାସ ହେଲା ଏବଂ ସମ୍ପତ୍ତି କିଛି ବାହାରିଲା ନାହିଁ।

ସାମାନ୍ୟ ଅପରାଧ ବିଷୟର ବିଶେଷ କିଛି ଲେଖିବାର ନାହିଁ। ଦାଗି ଅପରାଧୀମାନଙ୍କ ଉପରେ ପୁଲିସର ନଜର ରଖିବାର ନିୟମ ଅଛି। ଏହିଲୋକଙ୍କ ସଂଖ୍ୟା ୪୪୦୪୩ ଅର୍ଥାତ୍ ଜେଲଖାନାରେ ଯେତେଲୋକ ଅଛନ୍ତି ତହିଁର ତିନିଗୁଣ। ଏତେଲୋକଙ୍କ ଉପରେ ଦୃଷ୍ଟି ରଖିବା ସହଜ ନୁହଇ ବୋଲି ପୁଲିସ ଏକାର୍ଯ୍ୟ ଆଂଶିକରୂପେ କରଇ। ଏବିଷୟ ଗବର୍ଣ୍ଣମେଣ୍ଟଙ୍କ ବିଚାରାଧୀନରେ ଅଛି।

ଶ୍ରୀଯୁକ୍ତ ଭ, ସି, ସାହେବ ବିଗତବର୍ଷରେ ପୁଲିସର କର୍ତ୍ତା ଥିଲେ। ସେ ସନ ୫୮୪

Digitized by srujanika@gmail.com

ସାଲରୁ ଏ ବିଭାଗର କାର୍ଯ୍ୟ ସୁଖ୍ୟାତିସହିତ ନିର୍ବାହ କରିଥିବାରୁ ମାନ୍ୟବର ଗ୍ଭର୍ଣ୍ଣମେଣ୍ଟ ତାହାଙ୍କୁ ଧନ୍ୟବାଦ ଦେଇଅଛନ୍ତି । ଗତ ଅପ୍ରେଲମାସରୁ ଶ୍ରୀଯୁକ୍ତ ହେଲଥ୍ ସାହେବ ପୁଲିସର କର୍ତ୍ତା ହୋଇଅଛନ୍ତି ।

---

# ସାପ୍ତାହିକ ସମ୍ବାଦ ।

ଏସପ୍ତାହରେ ପ୍ରଚୁର ବୃଷ୍ଟି ଓ ତହିଁମଧ୍ୟରେ ଗତମଙ୍ଗଳବାର ରାତ୍ରିରେ ପ୍ରବଳଧାରାସଙ୍ଗେ ଅନେକ ବଜ୍ରପାତହେତୁ ଲୋକମାନଙ୍କ ଭୟ ହୋଇଥିଲା । ପୁଣି ବୃଷ୍ଟି ହେଲା ଲଗାଣ ଧରିଅଛି ।

ଅତିଶୟ ବର୍ଷାହେତୁ ଏନଗର ଜଳରେ ଭାସିଯିବ ବୋଲି ଜାଣୁହେବ । ବଡ଼ ପୋଖରୀ ସବୁ ପୂର୍ଣ୍ଣ ଓ ଅନେକ ପୁଷ୍କରଣୀ ଭିତ୍ତିଉପର ତାଣ୍ଡରେ ଜଳ ଗଳୁଅଛି । ମାଟିଘର କେତେକ ନଷ୍ଟ ହୋଇଅଛି ଏବଂ ହେଉଅଛି ।

ଏ ନଗରରେ ସେଣାବାଗ ବାଣ୍ଡରୁ ପାଣି ବୁହା ଯିବାର କେବେ ଦେଖା ନ ଥିଲା । ବର୍ତ୍ତମାନର ଅତିବୃଷ୍ଟି ଏଠା ମିଉନିସିପାଲିଟିକୁ ତାହା କରିବାକୁ ବାଧ କରୁଅଛି । ତଥାଚ ଜଳ ଶୁଖୁନାହିଁ ।ଲୋକେ ତ୍ରାହି ଡାକୁଅଛନ୍ତି ।

ଦଶହରା ପର୍ବ ଉପଲକ୍ଷରେ ଆଗାମି ଶୁକ୍ରବାରଠାରୁ ଏଠା ଦେବାନୀ ଅଦାଲତମାନ ଏକମାସ ଛଅ ଦିନ ବନ୍ଦ ହେବ ।

ଓଡ଼ିଶା କମିସ୍ନରଙ୍କ ପର୍ସୋନାଲ ଆସିଷ୍ଟାଣ୍ଟ ବାବୁ ରାସ ବିହାରୀ ନାୟକ ଗତ ବୁଧବାର ଡେପୁଟି କଲେକ୍ଟର ବାବୁ ଗୋପାଳବଲ୍ଲଭ ଦାସଙ୍କୁ ଚାର୍ଜ ଦେଇ ସଦରମହକୁମାରେ ଦ୍ୱିତୀୟ ପଦରେ ...

ଅଠଗଡ଼ର ମହାରଜା ବାବୁ ଦାମୋଦର ପଟ୍ଟନାୟକଙ୍କୁ ତାଙ୍କ ରାଜ୍ୟର ମାନେଜର ଓ ପୁତ୍ରର ଶିକ୍ଷକ ପଦରେ ମାସିକ ଟ ୧୨୦ ଙ୍କା ବେତନରେ ନିଯୁକ୍ତ କରିଅଛନ୍ତି ବାବୁ ମହୋଦୟ ଅଳ୍ପମଧ୍ୟରେ ପ୍ରାପ୍ତ ଗଡ଼ରେ ପହୁଞ୍ଚିଥିବେ ବାବୁଙ୍କ ନିଯୋଗପୂର୍ବେ ଉକ୍ତ ଗଡରେ ଶିରସ୍ତାଦାର ବାବୁ ଶ୍ୟାମସୁନ୍ଦର ଦାସ ମାନେଜର କାର୍ଯ୍ୟ ଚଳାଉଥିଲେ ଓ ମହାରଜାଙ୍କ ବିଦେଶଭ୍ରମଣ କାଳରେ ତାଙ୍କ ହସ୍ତରେ ସମସ୍ତ ଭାର ଅର୍ପିତ ହୋଇଥିଲା । କିନ୍ତୁ ଶିରସ୍ତାଦାର ଇଂରାଜୀ ଜାଣି ନ ଥିବା ଓ ମହାରଜାଙ୍କ ପୁତ୍ର ସକାଶେ ଇଂରାଜୀ ଶିକ୍ଷକ ଆବଶ୍ୟକ ହେବାରୁ ଏ ବନ୍ଦୋବସ୍ତ ହୋଇଅଛି । ଦାମୋଦରବାବୁଙ୍କ ନିଯୋଗରେ ଆମ୍ଭେମାନେ ସନ୍ତୁଷ୍ଟ ହେଲୁଁ ।

### କଲିକତା--ଗେଜେଟ ।

ଦୁଇଜାତିଆବକ୍ଷସ୍ଥ ଆଇନର ଅ ୧୦ ଧାରାର ୩ ରୁ ୫, ୧୯ ରୁ ୨୭, ୪୧ ରୁ ୪୯, ୫୩ ରୁ ୭୬ ଓ ୧୧୧ ଧାରାମାନ ଓଡ଼ିଶାରେ ପ୍ରଚଳିତ ହେବାର ମଞ୍ଜୁର ହୋଇଅଛି ।

୧୮୭୬ ମସିହାର ଅ ୫ ଆଇନ ଯାଜପୁର ମିଉନିସିପାଲିଟୀରେ ଚଳିବାର ମଞ୍ଜୁର ହୋଇଅଛି ।

ଯାଜପୁର ଡିସ୍ପେନ୍ସରିର ସିଭିଲ ହସ୍ପିଟାଲ ଆସିଷ୍ଟାଣ୍ଟ ଯାଜପୁର ସହରର ହେଲ୍ଥଅଫିସରପଦରେ ନିଯୁକ୍ତ ହୋଇଅଛନ୍ତି ।

---

ସମ୍ବଲପୁର ଓ ବାମଣ୍ଡାରେ ପ୍ରଚୁର ବୃଷ୍ଟି ହେଉଥିବାର ସମ୍ବଲପୁରହିତୈଷିଣୀରୁ ଅବଗତହେଲୁଁ ।

ଦକ୍ଷିଣର ଜମାମସ୍‌ଜିଦର ମରାମତ ସକାଶେ ରାମପୁରର ନବାବ ଏକାବେଳେକେ ଏକଲକ୍ଷ ୫୫ହଜାର ଟଙ୍କା ଦାନ କରିଅଛନ୍ତି । ଶ୍ରୀଜଗନ୍ନାଥ ମନ୍ଦିର ସଂସ୍କାର ନିମନ୍ତେ ଏପରି କେହି ହିନ୍ଦୁରଜା ବାହାରିବେ ନାହିଁ କି ?

ଚୀନଦେଶସ୍ଥ କେଣ୍ଟନନଗରଠାରେ ଗୋଟିଏ ଜଳଘଡ଼ି ଅଛି । ଘଡ଼ିଟି କ ୫୭୦ ବର୍ଷ ହେଲା ଚଳୁଅଛି କଦାପି କୌଣସି ସମୟ ନର୍ଦ୍ଦେଶର ତଫାତ୍ ଘଟି ନାହିଁ । ଘଡ଼ିଟି ଏମନ୍ତ ପ୍ରକାଣ୍ଡ ଦେଖିଲେ ଅଦ୍ଭୁତ କମାକାର ବୋଧ ହେବ । ଘଡ଼ିର ନିର୍ମାଣ କୌଶଳ ଏହିରୂପ--ଗୋଟିଏ ପ୍ରସ୍ତର ଜଳାଧାର ଉପର୍ଯ୍ୟୁପରି ସ୍ଥାପିତ ହୋଇ ପ୍ରତ୍ୟେକ କୁଣ୍ଡର ତଳରେ ଛିଦ୍ର ଅଛି । ସେହି ଛିଦ୍ରସମୂହରୁ ବିନ୍ଦୁ ହୋଇ ଜଳ ଏକ କୁଣ୍ଡରୁ ଅପରକୁଣ୍ଡରେ ପଡ଼ଇ । ସର୍ବ ନିମ୍ନଜଳପାତ୍ରଟିହିଁ କ୍ଷୁଦ୍ରତମ ଅଟେ । ତହିଁରେ ଖଣ୍ଡିଏ କାଷ୍ଠଫଳକରେ ଗୋଟିଏ କାଂସ୍ୟଦଣ୍ଡ ସଂଲଗ୍ନ ଅଛି ସେହି ଦଣ୍ଡରେ ଚୀନା ଅକ୍ଷରରେ ଘଣ୍ଟା ଲେଖାଅଛି । ଘଣ୍ଟା ପୂର୍ଣ୍ଣ ହେଲେ ସେହି ଦଣ୍ଡଟି ଆପେ ଉପରକୁ ଉଠିଯାଏ ଏବଂ ତହିଁରୁ କେତେ ଘଣ୍ଟା ବାଜିଅଛି ସହଜରେ ଜଣାଯାଏ । ଚୀନର ଅଦ୍ଭୁତ ଶିଳ୍ପକୌଶଳ ଜଗଦ୍‌ବିଖ୍ୟାତ ଅଟେ ।

ବଙ୍ଗଳାର ଶସ୍ୟକ୍ଷେତ୍ରର ନଷ୍ଟ ଆଶଙ୍କା କମିଅଛି ସ୍ପେନରେ ଭୟାନକ ଜଳ ବୃଦ୍ଧି ହୋଇଥିଲା ଦୁଇସହସ୍ର ଲୋକ ବିନଷ୍ଟ ହୋଇଥିବାର ସମ୍ବାଦ ଆସିଅଛି । ପୃଥିବୀର ଚତୁର୍ଦ୍ଦିଗରେ ବିପଦ ।

ଆଫ୍ରିକାରେ ଜର୍ମ୍ମାନସେନା ପରାସ୍ତ ହୋଇଅଛି ।

କାଶ୍ମୀରାଧିପତି ଅମରସିଂହ ଏକଦା ମଧ୍ୟାହ୍ନସମୟରେ ପ୍ରଜାଙ୍କ ଗୁହାରି ଶୁଣୁଥିଲେ ରଜାଙ୍କ ଉକ୍ତ ମୋଫସଲ ପରିଦର୍ଶନ ସମୟରେ କୁଲଗ୍ରାମନାମକ ସ୍ଥାନରେ କେତେଜଣ ପ୍ରଜା ଜ୍ୱଳନ୍ତା ମଶାଲ ଘେନି ଉପସ୍ଥିତ । ରଜା ସହସା ଦିନ ଦୁଇପ୍ରହରକେତେ ଏମନ୍ତ ମଶାଲ ଜାଳି ଆସିବା ଅଭିପ୍ରାୟ ପଚାରନ୍ତେ ସେମାନେ ଉତ୍ତର କଲେ କି, ମହାରଜ ଅତ୍ୟାଚାରଅନ୍ଧକାରରେ ଦିନଦୁଇପ୍ରହର ବେଳେ ଆମ୍ଭେମାନେ ପଥ ପାଉ ନାହୁଁ ରଜା ଶୁଣି ତତ୍‌କ୍ଷଣତେ ଅତ୍ୟାଚାରୀଙ୍କ ଉପଯୁକ୍ତ ଦଣ୍ଡ ବିଧାନକଲେ । ନୋହିଲେ କି ଗନ୍ଧର୍ବଗଣ ପାଞ୍ଚସେନା କାଶ୍ମୀରସିଂହାସନରେ ବସିଥାନ୍ତେ ।

ଏକପକ୍ଷ ମଧ୍ୟରେ ଓସ୍ମାନିଆରେ ବହୁ ସଂଖ୍ୟକ ସୈନ୍ୟସମାବେଶ ସକାଶେ ରୁଷୀୟଗବର୍ଣ୍ଣମେଣ୍ଟ ଆଦେଶ କରିଅଛନ୍ତି , ବ୍ୟାପାର କିଛି ଗୁରୁତର ଥିବାର ଜଣାଯାଉଅଛି ।

ବୃଲିଙ୍ଗଗେଟ ଜବଲପୁରଠାରୁ ରେଲଗାଡ଼ି ଚଳେ ଛୁଟି ଅନ୍ୟ ଏକ ଷ୍ଟେସନଯାଏ ଗଲାଆସିଥିଲେ ଇତମଧ୍ୟରେ ରେଲପଣ୍ଟସକଙ୍କ ଦୃଷ୍ଟିରେ ପଡ଼ି ଧୃତହୋଇଅଛନ୍ତି ରେଲମାସୁଲ ଫାଙ୍କିଦେବାପାଇଁ ଏତେ ଦୁଃସାହସ ।

ଖୋଜାକ ଇଉିଇବର୍ଗ୍ ବାଟେ ରେଲଗାଡ଼ି ଯିବା ଆସିବା ଆରମ୍ଭ ହୋଇଅଛି । ଏବେ ଆବଶ୍ୟକ ହେଲେ ଇଂରେଜସୈନ୍ୟ ସ୍ୱଚ୍ଛନ୍ଦରେ ଅଫଗାନିସ୍ଥାନରେ ପ୍ରବେଶ କରିପାରିବେ । ସୌଭେଗସାହେବ ଏହିପଥ ପ୍ରସ୍ତୁତକରିଅଛନ୍ତି ବୋଧ ହୁଏ ସୌଭାଗ୍ୟ ଲକ୍ଷ୍ମୀ ତାଙ୍କପ୍ରତି ସୁପ୍ରସନ୍ନା ।

କ ୧୭ ବର୍ଷ ହେଲା ଏକ ଇସ୍ପୁଟପିପି ଇଂରେଜ ଯୁବକ ସ୍ୱଭାଗ୍ୟ ପରୀକ୍ଷା ଉଦ୍ଦେଶ୍ୟରେ ଅଷ୍ଟ୍ରେଲିଆଖଣ୍ଡରେ ପଦାର୍ପଣକଲେ । ଅତଃପରରେ ମଣିର ଖଣି ଅନ୍ୱେଷଣରେ ବ୍ରହ୍ମଦେଶରେ କ ୪୦ ଣ ମଗଙ୍କ ସଙ୍ଗରେ ଘୋରଅରଣ୍ୟରେ ଭ୍ରମଣକରି ଅବଶେଷରେ ମଣିର ଖଣି ଆବିଷ୍କାର କରି ଏବେ କୋଟିପତି ହୋଇଅଛି । ଦାରୁଣ ପଥକଷ୍ଟ ଓ କ୍ରମେ କ୩୫ଣ ସଙ୍ଗିଙ୍କ

ନିଧନ ଇତ୍ୟାଦି କ୍ଳେଶରେ ବିରତ ନ ହୋଇ କାର୍ଯ୍ୟସିଦ୍ଧି କରିବା ସାମାନ୍ୟ ଅଧ୍ୟବସାୟ ନୁହଇ ।

ବଧୂଭୂଷଣ ନାମକ ଏକବ୍ୟକ୍ତି ତାହାର ସ୍ତ୍ରୀକୁ ଗରମଲୁହା ଦାଗ ଦାଗିଥିବାରୁ ତାହାର ସ୍ତ୍ରୀ ନାଲିସ କରିଥିଲା । ନଷ୍ଟ ର ସ୍ୱାମି ପକ୍ଷର ଓକିଲ ଅପରାଧ ସ୍ୱୀକାରକରି କ୍ଷମାପ୍ରାର୍ଥନା କରିବାରୁ ଅଦାଲତ ଏଥର ଜରିମାନାକାରି ଛାଡ଼ି ଦେଲେ ! କି ଗୁଣବନ୍ତ ସ୍ୱାମୀ !

ବିଲାତର ସ୍ୱାସ୍ଥ୍ୟସମିତିରେ ନିର୍ଦ୍ଧାରିତ ହୋଇଅଛି କି ବାରବର୍ଷର ନ୍ୟୂନ ବାଳକ ଅବିରାମ ୪୫ ମିନିଟରୁ ବେଶି ପରିଶ୍ରମ କରିବା ଉଚିତ ନୁହେ । ୧୦ ମିନିଟ ଅବକାଶ ଉତ୍ତାରୁ ପୁଣି ପରିଶ୍ରମ କରିବ ଏଠା ବାଳକମାନଙ୍କ ସ୍ୱାସ୍ଥ୍ୟପ୍ରତି କେହି ଦୃଷ୍ଟି ରଖନ୍ତି କି ?

ଇସ୍ତାବହସମ୍ବାଦ ଆସିଅଛି ଯେ ରୁସିଆ କନଷ୍ଟାଣ୍ଟିନୋପଲ ଆକ୍ରମଣ କରିବା ନିମନ୍ତେ ଯୁଦ୍ଧସଜ୍ଜା କରୁଅଛନ୍ତି ।

ଆମେରିକାର ସାଲେଭେଡ଼ରଠାରେ ଭୟାନକ ଭୂମିକମ୍ପ ହୋଇଥିଲା । ଅନେକ ନଗର ଓ ଲକ୍ଷ ୨ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଅଛି ଓ ଅନେକ ବ୍ୟକ୍ତି ପୋତହୋଇ ପଡ଼ିଅଛନ୍ତି। ଈଶ୍ୱରଙ୍କ ଲୀଳା ବୁଝିବାକୁ କିଏ ସମର୍ଥ ।

ମାନ୍ଦ୍ରାଜରେ ୨୮୭୫ କୁଲି ରିଲିଫକାର୍ଯ୍ୟରେ ନିଯୁକ୍ତ ହୋଇଅଛନ୍ତି ।

ଫ୍ରାନ୍ସର ବହୁଷ୍ଟୁତ ପ୍ରେସିଡେଣ୍ଟ ଏମ୍, ଜୁଲସ୍ ଗ୍ରେଭିର ମୃତ୍ୟୁ ହୋଇଅଛି ।

ମେଡ଼ିକଲ କଲେଜର ଯେଉଁ ଏକମାତ୍ର ଅଧ୍ୟାପକପଦରେ ଦେଶୀୟଲୋକ ନିଯୁକ୍ତ ହେଉଥିଲେ ତାହା ଏଥର ଜଣେ ଇଂରାଜଙ୍କୁ ପ୍ରଦତ୍ତ ହୋଇଅଛି । ସାର ଗୁର୍ଲିସ ଇଲିୟଟଙ୍କ ଅମଳରେ ଏପରି ହେବାର ଆଶା ନ ଥିଲା ।

ହାଯ୍‌ଦରାବାଦର ଜଣେ ଇଂରେଜବାଳକ ବେଶୀ ପରିମାଣରେ କାକୁଡ଼ି ଖାଇବାରୁ ହାଡ଼ାବାନ୍ତ କଲେରାରେ ମରିଅଛି ।

ହାବଡ଼ାଠାରୁ ମେଦିନୀପୁର ପର୍ଯ୍ୟନ୍ତ ରେଲୱେ ନିମନ୍ତେ ସାର୍ଭେକରାଯ ହେଉଅଛି ।

ଜଣେ ପାରି ଦେଇ ପଇସାକୁ ଅଧୁଲି କରିଥିବା ଅପରାଧରେ ଏକବର୍ଷ କାରାବାସଦଣ୍ଡ ପ୍ରାପ୍ତ ହୋଇଅଛି ।

ମାନ୍ଦ୍ରାଜ ସହରରେ ବସନ୍ତ ଓ ଇନଫ୍ଲୁଏଞ୍ଜା ରୋଗ ମାତିଅଛି । ଏକସପ୍ତାହରେ ବସନ୍ତରେ ୨୪୪ ଜଣ ମରିଅଛନ୍ତି ।

ଜଣେ ଦୋକାନଦାର ଟ ୨୮ କାର ଲୁଗା ବନ୍ଧକରେ ରଖିବାରେ ଲହିଦସ୍ତାଖ ଦେଇ ନ ଥିବାରୁ ବଙ୍ଗଳାରେ ଟ ୨୦ ଙ୍କା ଅର୍ଥଦଣ୍ଡ ହୋଇଅଛି ।

କୃଷ୍ଣନଗରର କୌଣସି ଅବୈତନିକ ମାଜିଷ୍ଟ୍ରେଟ ମୋକ୍ତାରମାନଙ୍କୁ ଭର୍ତ୍ସନା କରିଥିବାରୁ ସେମାନେ ଧର୍ମ୍ମଘଟ କରିଅଛନ୍ତି ଯେ ଅନାହାରିର ଅଦାଲତରେ ଆଉ କେବେ ଉପସ୍ଥିତ ହେବେ ନାହିଁ ।

ଗୋଲପରା ନାମକ ଜଣେ ରକ୍ଷଣକାରକ ବନାତରେ ଯାଇ ବେଶ ଟଙ୍କା ଉପାର୍ଜନ କରୁଅଛି । ଏ ବାହାଦୁରିକଥା ।

ବରିଶାଲର ଏକଜଣ ହେଡ଼କନଷ୍ଟେବଲର ଦଶବର୍ଷ କାରାଦଣ୍ଡ ହୋଇଅଛି । ସେ ଜଣେ ଲୋକକୁ ଅପରାଧ ସ୍ୱୀକାର କରାଇବା ନିମନ୍ତେ ଅଧିକ ପ୍ରହାର କରି ଅବଶେଷରେ ତାହାର ମାତାକୁ ଆଣି ପୁତ୍ର ସମ୍ମୁଖରେ ଉଲଙ୍ଗ କରିଥିଲା । କି ଜଞ୍ଜାଳ ! ଯେପରି କାର୍ଯ୍ୟ ସେପରି ଫଳ ।

Split by PDF Splitter

Digitized by srujanika@gmail.com

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଳ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ !

ଆପଣଙ୍କ ଲବ୍ଧସୁଖ୍ୟାତ ପତ୍ରିକାରେ ଧର୍ମତତ୍ତ୍ୱାନୁସନ୍ଧ ମହାଶୟଙ୍କ ନାନାବିଧ ପତ୍ର ପ୍ରକାଶିତ ହୋଇଥାଏ, ଅତ୍ୟନ୍ତ ସୁଖର ବିଷୟ ବୋଲିବାକୁ ହେବ । ମାତ୍ର ବ୍ୟବସ୍ଥା ଗ୍ରହଣ ସମୟରେ ଧର୍ମତତ୍ତ୍ୱାନୁସନ୍ଧ ମହାଶୟଙ୍କ ତୋଷୟିତ୍ୱା ଦ୍ୱିଜୋତ୍ତମାନ୍ ତତ୍ତ୍ୱଦୃଷ୍ଟିରେ ଇତ୍ୟାଦି ବଚନ ଦେଖିବାର ଉଚିତ, ଏବଂ ବ୍ୟବସ୍ଥା ଲେଖିବା ନିମନ୍ତେ ଉଦ୍ଗ୍ରୀବ ପଣ୍ଡିତମାନଙ୍କର ସ୍ୱଦା ବଙ୍ଗଦେଶୀୟ ସ୍ମାର୍ତ୍ତମାନଙ୍କ ମତ ଅନୁସରଣୀୟ । ନତୁବା ଉକ୍ତ ବ୍ୟବସାୟୀଜୀବମାନଙ୍କ ଗତି କଣ ? ପରନ୍ତୁ ଧର୍ମ ବାଳକ ବାଳିକାମାନଙ୍କ କ୍ରୀଡ଼ନ ସାମଗ୍ରୀ ନୁହଇ ।

ଯେ ଯାହା ହେଉ ମହାଶୟ ନିମ୍ନଲିଖିତ ବିଷୟଟି ପୁସ୍ତକସମାଲୋଚନା ନିମିତ୍ତ ପ୍ରେରିତ ହେଲା ପତ୍ରିକାସ୍ଥ କଲେ ବିଶେଷ ଉପକାର ହୋଇ ପାରେ । ବିଷୟ ଏହି କି ଏତଦ୍ ପ୍ରଦେଶରେ ବୃଷାନ୍ତ ଦିବସଠାରୁ ମିଥୁନର ଦୁଇଦିନ ପ୍ରାତଃକାଳପର୍ଯ୍ୟନ୍ତ ଏବଂ ଦେଶାନ୍ତରରେ ଆର୍ଦ୍ରାର ପ୍ରଥମପାଦାତ୍ମକ ମିଥୁନରାଶିରେ ସୂର୍ଯ୍ୟାବସ୍ଥାନ କାଳରେ ଭୂମି ରଜସ୍ୱଳାବିଧି ପ୍ରତିପାଳିତ । ଦେଶାନ୍ତରୀୟ ସ୍ମୃତିରେ ଜ୍ୟୋତିଷୋକ୍ତ ପ୍ରମାଣଦ୍ୱୟ ଦର୍ଶିତ ଅଛି, ଯଥା, ରଜୋଯୁକ୍ ସ୍ୱାମ୍ବୁବାଚୀ ତ ରୌଦ୍ରପାଦାଦ୍ୟଗେ ରବୌ ... ... ମୃଗଶିରସି ନିବୃତ୍ତେ ରୌଦ୍ରପାଦେଽମ୍ବୁବାଚୀ ଭବତି ଖଳୁ ପୃଥ୍ୱୀ ବର୍ଜୟେତ୍ତ୍ରୀଣ୍ୟହାନି । ... ... ... ...

ଏତଦ୍ଦେଶୀୟ ଶ୍ରୀ ହଳଧରଦୀକ୍ଷିତକୃତ ସ୍ମୃତିଦର୍ପଣ ଓ ଦିବ୍ୟସିଂହମହାପାତ୍ରକୃତ କାଳଦୀପରେ ତଳଲିଖିତ ପ୍ରମାଣର ଉଲ୍ଲେଖ ଅଛି, ଯଥା,

ବୃଷାନ୍ତେ ମିଥୁନସ୍ୟାଦୌ
ଏତଦେବ ଦିନତ୍ରୟଂ ।
ରଜସ୍ୱଳା ସ୍ୟାତ୍ ପୃଥିବୀ
ସର୍ବକର୍ମବିଗର୍ହିତା ।

କିନ୍ତୁ ଏହିବଚନ, ସତ୍ପୂର୍ଣ୍ଣ ଓ ଅଭ୍ରାନ୍ତଚେତା ଋଷିବୃନ୍ଦପ୍ରଣୀତ କୌଣସି ପୁରାଣ ବା ସଂହିତାର ଅନ୍ତର୍ଗତ କି ନା ସନ୍ଦେହ, ଏତତ୍ସନ୍ଦେହଭଞ୍ଜନାର୍ଥ ସପରିଶ୍ରମ ଅନୁସନ୍ଧାନ କରିବାରୁ ପୃଥ୍ୱୀରଜସ୍ୱଳାବିଧିନାମକ ଗୋଟିଏ ଅଧ୍ୟାୟ ମିଳିଲା । ସେଥିରେ ନିମ୍ନନିର୍ଦ୍ଦିଷ୍ଟ ପ୍ରମାଣମାନ ସନ୍ନିବେଶିତ ଅଛି, ଯଥା,

ବାମଦେବ ଉବାଚ ।
ସର୍ବଦା ପୃଥିବୀ ଶୁଦ୍ଧା
ଅଶୁଦ୍ଧା ତୁ ଦିନତ୍ରୟମ୍ ।
ତସ୍ମିନ୍ ଦିନତ୍ରୟେ ବିପ୍ର
ନ କୁର୍ଯ୍ୟାତ୍ ଭୂମିପୀଡ଼ନଂ ।
ବିପ୍ର ଉବାଚ ।
ଦ୍ୱାଦଶସ୍ୱେବ ମାସେଷୁ
କସ୍ମିନ୍ମାସେ ଦିନତ୍ରୟମ୍ ।
ତତ୍ସର୍ବଂ ଶ୍ରୋତୁମିଚ୍ଛାମି
କଥୟସ୍ୱ ମହାମୁନେ !
ବାମଦେବ ଉବାଚ ।
ବୃଷମାସାନ୍ତଦିବସେ
ରଜୋଯୁକ୍ ପୃଥିବୀ ଭବେତ୍ ।
ସା ତୈବାତ୍ର ନ ପୀଡ୍ୟେତ
ତସ୍ମାଦେବ ଦିନତ୍ରୟଂ ।

ଇତ୍ୟାଦି ଗୋ ୧୬ ଟି ବଚନପରିପୂର୍ଣ୍ଣ ଅଧ୍ୟାୟଟି କେଉଁପୁରାଣ ବା ସଂହିତାର ଅନ୍ତଃପାତୀ । ଏହାର ସତ୍ୟତା ନିରୂପଣନିମନ୍ତେ ବାଚସ୍ପତିଙ୍କ ଆଗ୍ନିପ୍ରଦୀପର ୨ୟ ୩ୟ ଓ ୪ର୍ଥଭାଗ ଓ ଅଗ୍ନିସାରପ୍ରଭୃତି ଦେଖିଲି ମାତ୍ର କିଛି ପାଇଲି ନାହିଁ ଅତଏବ କୃତବିଦ୍ୟ ପଣ୍ଡିତମାନଙ୍କଠାରେ କୃତାଞ୍ଜଳିପୁଟରେ ନିବେଦନ ଏହି ଯେ ଆପଣମାନେ ସମାଲୋଚନାପୂର୍ବକ ଉକ୍ତ ସନ୍ଦେହଭଞ୍ଜନ କରି ନିଜଦେଶର ଗୌରବ ରକ୍ଷାନିମନ୍ତେ ବିଶେଷରୂପ ଯତ୍ନବାନ୍ ହେବେ, କିମଧିକମିତି ।

ଯାଜପୁର } ଜିଜ୍ଞାସୋଃ
ଶ୍ରୀ ରୁଦ୍ରନାରାୟଣଶର୍ମ୍ମଣଃ
୫।୯।୯୧ }

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ମୁନସି ସେଖ ଫଏଜୁଲ୍ଲା | ନୈୟାନାଙ୍ଗ | ଟ ୩୧ |
| ବାବୁ ଦାଶରଥି ସାନକ୍ରିଯାବ | ଢାଳଚେର | ଟ ୩୧ |
| " ଚନ୍ଦ୍ରମଣି ପଟ୍ଟନାୟକ | ଚଣାହୁ। | ଟ ୩୧ |
| ମହନ୍ତ ଜଗନ୍ନାଥପୁର ଗୋସାଇଁ କୋଠଦେ। | | ଟ ୩୧ |
| ବାବୁ ସମଲ୍ଲ ବୋଷ | ଭଦ୍ରକ | ଟ ୫୧ |
| ଷଣ୍ଡି ବିଦ୍ୟାଧର ମହାପାତ୍ର | | ଟ ୩୧ |
| ବାବୁ ମାଗୁଣି ବେହେରା | ଶେଖରପୁର | ଟ ୧॥ |
| " ସଚ୍ଚିଦାନନ୍ଦ ନାଗ | ପୁରୀ | ଟ ୧୧ |
| ମହନ୍ତ ବଳରାମ ଦାସ | ପାଃପୁର ମଠ | ଟ ୩୧ |
| ବାବୁ ଲୋକନାଥ ନାୟକ | | ଟ ୩୧ |

ବିଜ୍ଞାପନ ।

**NOTICE.**

Wanted an experienced English knowing compounder on a salary Rs. 8 per month rising to Rs. 10 for the Imperial Druggist Hall Cuttack. Preference should be given to those who write good hand and can produce certificates of good moral character from some persons of respectability.

Apply to
Dr. L. N. Naik
Proprietor
Imperial Druggist Hall
Cuttack.

ବିଜ୍ଞାପନ ।

ଶ୍ରୀ ଶ୍ରୀ ସାରଦୀୟା ପୂଜା ଉପଲକ୍ଷରେ ଉପହାର
ସ୍ୱୟ ଏଣ୍ଡ କୋମ୍ପାନୀଙ୍କ-ପ୍ରସ୍ତୁତ
ବସନ୍ତମାଲତୀ-ତୈଳ ।

ଯୁବକ ଯୁବତିମାନଙ୍କର ଆଦରର ଧନ ଅତ୍ୟୁତ୍କୃଷ୍ଟ ସୁବାସିତ ଗୋଲାପି ନାରକେଳ ତୈଳ । ଆଜିକାଲି ଅନେକ ସୁବାସିତ ତୈଳର ଆମଦାନି ହେଉ ଅଛି ସତ୍ୟ ମାତ୍ର ପରୀକ୍ଷାଦ୍ୱାରା ଦେଖା ଯାଉ ଅଛି ଯେ ସେହି ସବୁ ତୈଳର ସାମାନ୍ୟ ସୌଗନ୍ଧ । ଅଲ୍ପକାଳମଧ୍ୟରେ ନିଃଶେଷ ହୁଏ ନଷ୍ଟ ଏବଂ ତୀବ୍ର ବିକୃତ ଗନ୍ଧ ନିର୍ଗତ ହୋଇ ଶରୀରର ମହା ଅନିଷ୍ଟ ସାଧନ କରଇ । ଏହି ସମସ୍ତ କାରଣରୁ ଅମ୍ଭେମାନେ ବୈଜ୍ଞାନିକ ଉପାୟଦ୍ୱାରା ବିଶୁଦ୍ଧ ନାରିକେଳତୈଳର ସ୍ୱାଭାବିକ ଗନ୍ଧ ଦୂରୀଭୂତ କରି ସର୍ବୋତ୍କୃଷ୍ଟ ମୂଲ୍ୟବାନ୍ ସୁଗନ୍ଧ ଦ୍ରବ୍ୟ ଦେଶୀୟ ଓ ବିଲାତି ଅନ୍ୟୂନ ୪୦ ପ୍ରକାର ଦ୍ରବ୍ୟ ପ୍ରସ୍ତୁତ କରି ଏଥିରେ ମିଶ୍ରିତ କରିଅଛୁଁ । ବରଂ ସନାଦର ପରେ ଏହା ଉତ୍ତରୋତ୍ତର ବୃଦ୍ଧି ପାଇବ ।

ଏହା ବ୍ୟବହାର କଲେ କେଶ ଘନ, ସୂକ୍ଷ୍ମ, ଦୃଢ଼ ହୋଇ ଅକାଳପକ୍ୱତା ଦୂର କରଇ । ମସ୍ତିଷ୍କ ଶୀତଳ ରଖେ ଓ ସ୍ମୃତିଶକ୍ତି ବୃଦ୍ଧି କରେ । ଟାକୁ ଲୁଣ୍ଡିଆ, ଦଦ୍ରୁ ବ୍ରଣାଦି ସର୍ବପ୍ରକାର ଚର୍ମରୋଗ, ଶିରଘୂର୍ଣ୍ଣନ ଶିରଜ୍ୱାଳା ମଥା ଧରିବା ଇତ୍ୟାଦି ସକଳପ୍ରକାର ଶିରୋରୋଗ ଅରୋଗ୍ୟ

Digitized by srujanika@gmail.com

ହୁଏ ଏବଂ ପିତ୍ତରୋଗ ହସ୍ତ-ପଦ ଜ୍ୱାଳା ଇତ୍ୟାଦି ଉପଶମ ହୋଇ ଶରୀରର ଅନେକ ପ୍ରକାର ଉପକାର ସାଧନ କରେ ଏତଦ୍ଵ୍ୟତୀତ ଷ୍ଟୀଲେ କମ୍ପାନୀଙ୍କର କେଶତୈଳଦ୍ୱାରା ଉହାର ହୁଏ ଏବଂ କେଶରେ କୌଣସିପ୍ରକାର ମଇଳା ବା ରୂପି କିମ୍ବା ଉକୁଣି ଜନ୍ମ ହୁଅଇ ନାହିଁ । ଫଳକଥା ଏହି ଯେ ବହୁଦିବସ ବ୍ୟବହାର ଦ୍ୱାରା ସର୍ବପ୍ରକାର ରୋଗ ବିନଷ୍ଟ ହୋଇ ଦେହର କାନ୍ତି ବୃଦ୍ଧି ଓ ପୁଷ୍ଟିସାଧନ କରଇ । ଏବଂ ଦିନକୁଦିନ ଶରୀରର ଲାବଣ୍ୟ ଓ ଉଜ୍ଜ୍ୱଳତା ପ୍ରକାଶ କରି ସ୍ୱାସ୍ଥ୍ୟର ବିଶେଷ ଉନ୍ନତି ସାଧନ କରଇ । ମୂଲ୍ୟ ବଡ଼ ଶିଶିକୁ ଟ ୦ ।୶

ଲାବଣ୍ୟବତୀ ନାମକ ବିଶୁଦ୍ଧ ଗୋଲାପି ତେଲ-ତେଲ ଯେଉଁମାନେ ନାରିକେଳତେଲ ବ୍ୟବହାର ନ କରନ୍ତି ସେମାନଙ୍କ ପକ୍ଷେ ଏହା ଉପଯୋଗୀ ଫଳ ଉପରୋକ୍ତ ତେଲର ସମାନ ଅଟଇ ।

ମୂଲ୍ୟ ୧ ଶିଶିର ଟ ୦ ୫

ପ୍ରକାଶ ଥାଉ କି ଉପରୋକ୍ତ ତେଲ କଟକ-ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକଦୋକାନରେ ଏବଂ ଆରଭବଲଭଙ୍କର କମ୍ପାନୀଙ୍କ ଦୋକାନରେ ପ୍ରାପ୍ତବ୍ୟ ।

ଚଉଧୁରୀ ବଜାର } ସ୍ମିଥ୍ ଏଣ୍ଡ କମ୍ପାନୀ
କଟକ } ୧୬ । ୯ । ୯୧

## ବାଲିକାଗଜ ।

ଉଲ୍ଲିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ କାର୍ଯ୍ୟାଳୟରେ ବାବୁ ଅନ୍ତର୍ଯାମୀ ଦାସ କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉଅଛି ଯଥା —

| | | | | |
|---|---|---|---|---|
| ୧୭ ପଣ୍ଡ | ବାଲି | ଦ ୧୬ ଟ ୨୦/ | ଋ୧୬ ଟ ୦।୶ | |
| ୧୪ ପଣ୍ଡ | " | " ଟ ୨୩ | " | ଟ ୦ ।୷ |
| ୧୨ ପଣ୍ଡ | " | " ଟ ୨୨ | " | ଟ ୦ ।୶ |
| ୨୨ ପଣ୍ଡ ଡବଲପଣ୍ଡ୍ରେପ୍ | " | ଟ ୩ | " | ଟ ୦ ।୶ |

ଶ୍ରୀଯୁତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବସା ନିକଟସ୍ଥ ଅସ୍ମମାନଙ୍କ ଦୋକାନରେ ଚନ୍ଦନବୋଣା ଓ କଳଗା ଓ ରେଶମୀଓଗେର ଲୁଗା ଓ ଷ୍ଟେସନେରୀ ଓ ବନାତ ଇତ୍ୟାଦି ସୁଲଭ ଦରରେ ବିକ୍ରୟ ହେଉଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ତଦ୍ଭିନ୍ନ ଅନେକପ୍ରକାର ଯେଉଁ ଜିନିଷ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ ।

## ବିଜ୍ଞାପନ ।

ଏ ଦୀପକୁ ଯେଉଁଶସି ଖାଇଲେ ଉର୍ଦ୍ଧ ଚାଉଁରେ ଉଠନ୍ତାଇ ହୋଟାଇଙ୍କର ଫାଟକେ ଦେଲେ ଘାଣିଗଲା ବନ୍ଦ ହେବ ଘରର ଶିଶିକୁ ଅଲେ ଲେପିଦେଲେ ମଜବୁତ ହେବ ଓ ଫଲ ଧରିବ ନାହିଁ ।

କଟକ ରମଣ୍ଡା ଓ ଯାଜରେ ନିଶାନଦାର ଜାଲ ମଧ୍ୟ ଅଛି ।

ଅନ୍ତର୍ଯାମୀ ଦାସ କମ୍ପାନୀ

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା :—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦୶ |
| ଅର୍ଦ୍ଧସ୍ତମ୍ଭକୁ | ଟ ୨ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ତହିଁର ଖର୍ଚ୍ଚ ଟ ୦ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମଥରର ଦେଢ଼ା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପକମାନଙ୍କ ପଠାଇବାକୁ ହେବ ।

## ଜଟେକାଭଣ୍ଡାର ।



ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥ ଆଜକୁ ପ୍ରାୟ ପାଞ୍ଚବର୍ଷ ହେବ ସ୍ଥାପିତ ହୋଇ ସୁବନ୍ଦୋବସ୍ତ ସହିତ କାର୍ଯ୍ୟ ଚଳୁଅଛି । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହାଛଡ଼ା ଅନ୍ୟ ଯାହାର ଯେଉଁଦ୍ରବ୍ୟ ପ୍ରୟୋଜନ ହୁଏ ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇ ଦିଆଯାଏ । ମାଦକ ଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ । ଯେଉଁ ଦ୍ରବ୍ୟମାନ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ବଜାର ଦର ଉପରେ କିଣି ପଠାଇବାର ପରିଶ୍ରମନିମନ୍ତେ ଶତକଡ଼ା ଟ ୭ । ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯାଏ । କେବଳ ପ୍ୟାକିଂ ଓ ଡାକଖର୍ଚ୍ଚା ପଠାଇଲେ ଔଷଧ ଓ ଦ୍ରବ୍ୟାଦି ଭାଲ୍ୟୁପେଇବଲ ଡାକରେ ମଧ୍ୟ ପଠାଯାଇ ପାରେ । କେବଳ ବା ଇନସଫିସିଏଣ୍ଟ ପଦ ଗ୍ରହଣ ହୁଏ ନାହିଁ ଏବଂ ରିପ୍ଲାଇକାର୍ଡ ବା ଭିଲପଇସିଆ ଟିକଟ ଖଣ୍ଡେ ନ ପଠାଇଲେ ପତ୍ରର ଉତ୍ତର ଦିଆଯାଏ ନାହିଁ ।

ମଫସଲବାସୀ ଅନେକ ଅନେକ ରାଜା ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କଠାରୁ ସର୍ବଦା ରୋଗର ଚିକିତ୍ସା ଓ ଔଷଧ ପ୍ରେରଣ କରିବାସକାଶେ ପତ୍ରାଦି ପାଉଥାଉଁ । ଅତଏବ ସେମାନଙ୍କ ଓ ସର୍ବସାଧାରଣଙ୍କ ସୁବିଧାର୍ଥ ଜଣାଉଅଛୁଁ କି ଯେଉଁମାନେ ଅସ୍ମଦ୍ଦ୍ୱାରା ଅତଃପର ଚିକିତ୍ସିତ ହେବାକୁ

ଇଚ୍ଛା କରନ୍ତି ସେମାନେ ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି ଲକ୍ଷଣ କି ନା, ରୋଗୀ ପୁରୁଷ କି ସ୍ତ୍ରୀ, ରୋଗିର ପୂର୍ବ ଓ ବର୍ତ୍ତମାନ ଆଚରଣ, ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁ ପ୍ରକୃତି ଇତ୍ୟାଦି ରୋଗର ବୃତ୍ତାନ୍ତ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ । ଟଙ୍କା, କଉଡ଼ି କି ପତ୍ରାଦି ନିମ୍ନ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ ।

କଟକ ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

# ନୂତନ ପୁସ୍ତକ ।

**A KEY TO NEW ROYAL READERS NO. IV MINOR COURSE.**

ସେପ୍ଟେମ୍ବରମାସର ମଧ୍ୟରେ ଗ୍ରାହକହେଲେ ମୂଲ୍ୟ ଟ ୦।୯ ନଭୁବା ପରେ ମୂଲ୍ୟ ବୃଦ୍ଧିହେବ ।

Ditto An Abridged Edition ଟ ୭

ପ୍ରାକୃତିକ ଭୂଗୋଳର ପ୍ରଶ୍ନୋତ୍ତର ଟ ୦।,

ସ୍ୱାସ୍ଥ୍ୟସାଧନର ପ୍ରଶ୍ନୋତ୍ତର ଟ ୦୵ , ଫାଷ୍ଟବୁକର ମାନେ ବହି ( ସ୍ୱଲ୍ପ ଓ ପରିଶୁଦ୍ଧ ) ଟ ୦୵

ଧ୍ରୁବ ଚରିତ ଟ ୦ ୵

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଏବଂ ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ପ୍ରାପ୍ତବ୍ୟ । ପତ୍ରରେ "ଲଳିତମୋହନଙ୍କ ପ୍ରଣୀତ" ବୋଲି ଲେଖିବ । ନଭୁବା ଅନ୍ୟ ଗ୍ରନ୍ଥକାରଙ୍କ ପୁସ୍ତକ ଏହା ବଦଳରେ ପାଇବାର ସମ୍ଭାବନା ।

ସାମ୍ୟବାଦୀ ଇନଷ୍ଟି- } ଶ୍ରୀ ଲଳିତମୋହନ
ଟ୍ୟୁଶନ । କଟକ । } ଚକ୍ରବର୍ତ୍ତୀ ।

## ପ୍ରୟୋଜନୀୟ ଔଷଧ ।

ନିମ୍ନଲିଖିତ ପ୍ରୟୋଜନୀୟ ଓ ନିତ୍ୟବ୍ୟବହାର୍ଯ୍ୟ ପରୀକ୍ଷିତ ଔଷଧମାନ ଅଳ୍ପ ମୂଲ୍ୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ।

୧ । ପାରିଜାତ ତୈଳ—ବହୁ ବିଳମ୍ବରୁ କେଶଶାସ୍ତ୍ର ଅନ୍ୱେଷଣ କରି ଏହି ଔଷଧ ପ୍ରସ୍ତୁତ ହୋଇଅଛି । ଏହା ବ୍ୟବହାର କଲେ, କେଶସ୍ଖଳନତା, କେଶର ଅକାଳପକ୍ୱତା, ଅକାଳପତନ, ଏବଂ ଶିରଃପୀଡ଼ା, ଶିରୋଘୂର୍ଣ୍ଣନ ଇତ୍ୟାଦି ନିବାରିତ, ମସ୍ତକର କଣ୍ଡୁ ଓ ଗାତ୍ରାଦିକଣ୍ଡୁ ହୋଇ ଦେହ ଓ ମସ୍ତିଷ୍କ ସୁଶୀତଳ, କେଶ ବର୍ଦ୍ଧିତ, ଶୋଭାଯୁକ୍ତ ଓ ସୁବାସିତ ହୁଏ । ପ୍ରତି ଶିଶିର ମୂଲ୍ୟ ବାରଅଣା ମାତ୍ର ।

୨ । ଦନ୍ତ ହୁତାଶନ—ନାମ ହୁତାଶନ ପ୍ରତ୍ୟ ଦନ୍ତ ପ୍ରୟୋଗ କାଳେ ଜ୍ୱାଳା ଯନ୍ତ୍ରଣା କଷ୍ଟମାତ୍ର ଜଣା ଯାଏ ନାହିଁ । ମାତ୍ର ଏହା ଦଦ୍ରୁନାଶ ପକ୍ଷରେ ହୁତାଶନ ତୁଲ୍ୟ କାର୍ଯ୍ୟ କରେ ଏବଂ ତାହାକୁ ଏକାବେଳକେ ବିନଷ୍ଟ କରେ, ତହିଁରେ ଆଉ ସନ୍ଦେହ ନାହିଁ । ଏହା ବ୍ୟବହାର କରି ୨୫ ବର୍ଷର ଦଦ୍ରୁ ରୋଗ ଆରୋଗ୍ୟ ହୋଇଅଛି, ପ୍ରତି କୁଡ଼ୁଆର ମୂଲ୍ୟ ଛଅ ଅଣା ମାତ୍ର ।

୩ । ଜ୍ୱରହାରିଣୀ—ଏହା ଯଥାବିଧି ସେବନ କଲେ ନ୍ତନ ପ୍ରାଚୀନ ବା ନୂତନ ସବୁ ପ୍ରକାର ଅମ୍ଳଶୂଳ, ପିତ୍ତଶୂଳ, ବସ୍ତିଶୂଳ ( ଅମାବାତ ), ବମନାଦି ଅତି ଯନ୍ତ୍ରଣାଦାୟକ ଲକ୍ଷଣମାନ ନିବୃତ୍ତ ହୁଏ । ଏକପକ୍ଷ କାଳ ସେବନୀୟ ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୪ । କୋଷ୍ଠଭେଦ ବଟିକା—କୋଷ୍ଠବଦ୍ଧ ସର୍ବପ୍ରକାର ରୋଗର ଉତ୍ପତ୍ତି ଓ ବୃଦ୍ଧିର ପ୍ରଧାନ କାରଣ ଅଟେ । କୋଷ୍ଠଶୁଦ୍ଧି ନ ହେଲେ କୌଣସି ରୋଗ ଆରୋଗ୍ୟ କିମ୍ବା କୌଣସି ଔଷଧ ମଧ୍ୟ କାର୍ଯ୍ୟକାରକ ହୁଏ ନାହିଁ । ଏହି ଔଷଧ ବ୍ୟବହାର କଲେ କି ପ୍ରାଚୀନ କି ନୂତନ ସର୍ବପ୍ରକାର କୋଷ୍ଠବଦ୍ଧ ଏବଂ କୋଷ୍ଠବଦ୍ଧଜନିତ ଅନ୍ୟାନ୍ୟ ପୀଡ଼ା ଯଥା, କୋଷ୍ଠାଶ୍ରିତ ବାୟୁ, ଜ୍ୱର, ଅର୍ଶ, ଅଜୀର୍ଣ୍ଣ, ଶୋଥ, ଉଦରୀ, ଯକୃତ, ପାଣ୍ଡୁ ଓ ତଜ୍ଜନିତ ଶିରଃପୀଡ଼ା ଓ ଘୂର୍ଣ୍ଣନାଦି ନିବାରିତ ହୁଏ ।

ଏହି ନିର୍ଦ୍ଦୋଷ ବିରେଚକ । ସର୍ବପ୍ରକାର ପୀଡ଼ାରେ ଏମନ୍ତ କି ଅନ୍ୟାନ୍ୟ ଔଷଧ ବ୍ୟବହାରର ସଙ୍ଗେ ମଧ୍ୟ ଏହା ବ୍ୟବହାରର ଉପଯୁକ୍ତ ଅଟେ । ସୁସ୍ଥ, ଅସୁସ୍ଥ, ବାଳକ, ବୃଦ୍ଧ, ସ୍ତ୍ରୀ ଓ ପୁରୁଷ ସମସ୍ତେ ଏହା ସେବନ କରି ପାରନ୍ତି । ସପ୍ତାହ କାଳ ସେବନୀୟ, ଔଷଧର ମୂଲ୍ୟ ଏକ ଟଙ୍କା ।

୫ । ହିମସାଗର ଅରିଷ୍ଟ—ଏହା ସେବନ କଲେ ମ୍ୟାଲେରିଆ ବା ଦୂଷିତ ଜଳବାୟୁଜନିତ ଜ୍ୱର, ସର୍ବ ପ୍ରକାର ପାଳିଜ୍ୱର, ଶୁଷ୍କ ଜ୍ୱର, ବିଷମ ଓ ଏକ ଜ୍ୱର, ପ୍ଲୀହା ଯକୃତ, ଅଜୀର୍ଣ୍ଣ, ଅରୁଚି, ଶୀର୍ଣ୍ଣତା, ରକ୍ତହୀନତା, ଅନିୟମିତ କୋଷ୍ଠ, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ଦୂରୀଭୂତ ହୁଏ ଏବଂ ଦେହ, ପରିପୁଷ୍ଟ ହୋଇ ରକ୍ତ ସଞ୍ଚାରିତ ହୁଏ । ଏକ ପକ୍ଷକାଳ ସେବନୀୟ, ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୬ । ଶୋଣିତସଞ୍ଜୀବନୀ ( ସାଲସା )—ଶୋଣିତ ମାନବଦେହର ପ୍ରଧାନ ଉପାଦାନ ଅଟେ । ଏହା ପରିଶୁଦ୍ଧ ଥିଲେ କୌଣସି ପ୍ରକାର ବ୍ୟାଧିର ଉତ୍ପତ୍ତି ହୋଇପାରେ ନାହିଁ । କିନ୍ତୁ ରକ୍ତ ଶୋଣିତ ସାମାନ୍ୟ ମାତ୍ର ଦୂଷିତ ହେଲେ ତହିଁରୁ କ୍ରମେ କ୍ରମେ ଶରୀରର ଭିତରୁ ରକ୍ତ ଦୂଷିତ ହୋଇ ନାନା ପ୍ରକାର ବିଷମ ବ୍ୟାଧିରଉତ୍ପତ୍ତି ହୁଏ । ଅନିୟମିତ ଆହାର, ବିହାର ଅତିରିକ୍ତ ଶାରୀରିକ ଓ ମାନସିକ ପରିଶ୍ରମ, ଦୂଷିତ ଜଳବାୟୁ ପାରଦାଦି ବିଷଦୋଷ, ପ୍ରମେହ, ଉପଦଂଶ ଇତ୍ୟାଦି ହେତୁ ଶରୀରର ରକ୍ତ ଦୂଷିତ ହୋଇ ଉଠେ ଏବଂ ନାନାପ୍ରକାର କ୍ଷତ, କଣ୍ଡୁସା, ଖାଜୁ, ବଣ, ଗଣ୍ଠିବେଦନା, ନେତ୍ର ଓ ନାସିକା ରୋଗ ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ରୋଗ ଓ ଲକ୍ଷଣମାନ ଜାତ ହୋଇ ମନୁଷ୍ୟକୁ ଅକର୍ମଣ୍ୟ କରି ଦିଏ । ଏହି ସୁଧା ବ୍ୟବହାର କଲେ ଉକ୍ତିଖିତ ଉପଦ୍ରବମାନ ତିରୋହିତ ହୋଇ ମାନବଦେହ ନବଜୀବନ ପ୍ରାପ୍ତ ଓ ତେଜଯୁକ୍ତ ହୁଏ । ସୁସ୍ଥଶରୀରରେ ମଧ୍ୟ ବଳାଧାନନିମନ୍ତେ ଏହା ଉପଯୋଗୀ । ନାନାପ୍ରକାର ଚର୍ମରୋଗ, ଡାହୁ କୁଣ୍ଡିଆ ଓ କ୍ଷତାଦି ଏହା ସେବନେ ଆରୋଗ୍ୟ ହୁଏ । ଚାରି ସପ୍ତାହ ସେବନୀୟ ଔଷଧର ମୂଲ୍ୟ ଦୁଇଟଙ୍କା ଆଠଅଣା ।

କାଳୁବଜାର, } ଡାକ୍ତର ।
କଟକ } ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।
ଔଷଧଭଣ୍ଡାର । } V. L. M. S.

Watches! Clocks! Time pieces! Repaired by an efficient workman the premises of the Cuttack Printing Company. Charge moderate.

# ଘଣ୍ଟାମରାମତି ।

ନାନାପ୍ରକାର ଶ୍ରେଷ୍ଠ ବଡ଼ ଘଣ୍ଟାଘଡ଼ି ଉତ୍ତମରୂପେ ମରାମତ ହେବା ଓ ଯଥା ସମୟରେ ପାଇବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଆମ୍ଭେ ଘଡି ମରାମତର କାର୍ଯ୍ୟାରମ୍ଭ କରିଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରିବେ ।

ଘଡିର ଅବସ୍ଥା ଅନୁଯାୟୀ ୬ମାସଠାରୁ ୧ ବର୍ଷ ପର୍ଯ୍ୟନ୍ତ ଗ୍ୟାରେଣ୍ଟି ଦିଆଯିବ ଅର୍ଥାତ୍ ମରାମତି ଦୋଷରୁ ନିୟମିତ ସମୟ ମଧ୍ୟରେ ଘଡି ଖରାପ ହେଲେ ପୁନର୍ବାର ବିନାମୂଲ୍ୟରେ ମରାମତି କରି ଦିଆଯିବ ।

# ଗିଲ୍‌ଟି

ଘଡ଼ିର ଚେଇନ କେଶ, ମୁଦ, ସ୍ମେଲିଂସଲ୍ଟ ଓ ଇନ୍‌କଷ୍ଟେଣ୍ଡର ପ୍ରଭୃତି କମରଦେବାଲି ଓ ଗେର ସାଜ, ( ତମ୍ବାର ଓ ପିତ୍ତଳର ନାନାବିଧ ଅଳଙ୍କାରରେ ରୂପା ଅବା ସୁନାରେ; ରୂପାର ମୁଦ ଓ ଗେର ଅଳଙ୍କାର ସୁନାରେ ) ଗିଲ୍‌ଟି କରି ଦିଆଯିବ ।

କଟକ } ଶ୍ରୀ ଗୌରଶଙ୍କର ରାୟ
୧୫।୯।୧୮୯୧. }

# ମେହରୋଗ ।

ଗତ ୨୫ ବର୍ଷମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୂରନ୍ତ ପ୍ରମେହ ବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ତଳାର୍ଦ୍ଧ ରୋଗ ଏକପ୍ରକାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ଦ୍ୱାରା ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାବିଧିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ଛଅ ସପ୍ତାହ ସେବନ କଲେ ପୁରାତନ ରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ବିଶ୍ୱାସ କରୁଅଛି ଏ ବ୍ୟାଧି ସେମାନଙ୍କ ଅଙ୍ଗରେ ସଙ୍ଗ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ବସ୍ତୁ ପରିବର୍ତ୍ତିତ ନ ହେଲେ ଅଳ୍ପ ଶିଘ୍ର ତାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରେ ପ୍ରକାଶିତ ହେବ କଲିକତା ଅଟୋରଷ୍ଟୋରି ନଂ ମୁକ୍ତ ଭବନରେ ଏ, କେ, ରାୟ କମ୍ପାନୀଙ୍କଠାରେ ଏବଂ କଟକ ବରଷାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶିକୁ ଟ ୨।୫ ଙ୍କା । ପ୍ୟାକିଂ ଓ ଡାକଖର୍ଚ୍ଚା ପୃଥକ

☞ ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter

REGISTERED NO. 1

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

| | | | | |
|---|---|---|---|---|
| ଭାଗ ୨୬ ଶ<br>ସଂ ୪୦ ସଂଖ୍ୟା | ତା ୩ ରିଖ ମାହେ ଅକ୍ଟୋବର | ସନ ୧୮୯୧ ଖ୍ରୀ । ମୃ | ଅଶ୍ୱିନ ୧୯ ନ ସନ ୧୨୯୯ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ୨ ॥୦<br>ପଶ୍ଚାତ୍ ଦେୟ ୨ ୩॥ |


ଦୁର୍ଗାପୂଜା ଉପଲକ୍ଷରେ ଦେବାନୀ ଅଦାଲତ କାଲଠାରୁ ଏକମାସ ବନ୍ଦ ହୋଇଅଛି । ସର୍କାରୀ ଅନ୍ୟାନ୍ୟ କଚେରୀମାନେ ଆସନ୍ତା ଶୁକ୍ରବାରଠାରୁ ଉକ୍ତ ଦନ ସହିତ ୯ ଦନ ବନ୍ଦ ହେବ । ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟ ସେହି ୯ ଦନ ବନ୍ଦ ହେବ । ଅତଏବ ଆଗାମୀ ଦୁଇ ସପ୍ତାହ ଉତ୍କଳଦୀପିକା ବାହାରିବ ନାହିଁ ।

———

ମହାନଦୀର ଦକ୍ଷିଣ ପାର୍ଶ୍ୱରେ ସମ୍ବଲପୁରଠାରୁ କଟକ ପର୍ଯ୍ୟନ୍ତ ରେଲବାଟର ବନ୍ଦୋବସ୍ତ କରିବ କରିବା କାରଣ ଗବର୍ଣ୍ଣମେଣ୍ଟ ବଙ୍ଗଳା ନାଗପୁର କମ୍ପାନୀକୁ ଅନୁମତି ଦେଇ ଅଛନ୍ତି । ଆସନ୍ତା ଶୀତକାଳରେ ଜରିପ କାର୍ଯ୍ୟ ଆରମ୍ଭ ହେବ । ଏରେଲବାଟ ପ୍ରସ୍ତୁତ ହେଲେ ଜଗନ୍ନାଥଯାତ୍ରୀ ଏବଂ ମଧ୍ୟପ୍ରଦେଶର ବାଣିଜ୍ୟଦ୍ରବ୍ୟ କଟକର ବାଟେ ସ୍ୱଦେଶକୁ ପ୍ରେରଣ ହେବା କାରବାର ବିଶେଷ ବୃଦ୍ଧି ହେବା ଦ୍ୱାରା ଅନେକ ଲାଭ ହେବ । ଅତଏବ ଭରସା ହୁଅଇ ବଙ୍ଗଳାନାଗପୁର ରେଲକମ୍ପାନୀ ଏ ବାଟ ଶୀଘ୍ର ପ୍ରସ୍ତୁତ କରିବେ ।

———

ଆମ୍ଭେମାନେ ଆନନ୍ଦସହିତ ଅବଗତ ହେଲୁଁ ଯେ ବଙ୍ଗବାସୀଙ୍କ ବିରୁଦ୍ଧରେ ଗବର୍ଣ୍ଣମେଣ୍ଟ ଆଉ ମୋକଦ୍ଦମା ଚଳାଇବେ ନାହିଁ । ବଙ୍ଗବାସୀର ସ୍ୱତ୍ୱାଧିକାରୀ ଏବଂ ସମ୍ପାଦକ କ୍ଷମା ପ୍ରାର୍ଥନା କରିବାରୁ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ଭାରତଗବର୍ଣ୍ଣମେଣ୍ଟଙ୍କ ଅନୁମତିକ୍ରମେ ମୋକଦ୍ଦମାରୁ ଦସ୍ତବରଦାର ହେଲେ । ବଙ୍ଗବାସୀଙ୍କୁ ଦଣ୍ଡଦେବା ମୋକଦ୍ଦମାର ଅଭିପ୍ରାୟ ନ ଥିଲା କେବଳ ରାଜଦ୍ରୋହସୂଚକଲେଖା ଆଇନାନୁସାରେ ଦଣ୍ଡନୀୟ ଏବଂ ଦଣ୍ଡବିଧିର ଧାରା ୧୨୪ (କ) ରେ କାର୍ଯ୍ୟକର ଏହା ସର୍ବସାଧାରଣଙ୍କୁ ବୁଝାଇ ଦେବା ଅଭିପ୍ରାୟରେ ମୋକଦ୍ଦମା ହୋଇଥିଲା । ତାହା ସିଦ୍ଧ ହୋଇ ଅଛି । ଏଣିକି ସମ୍ପାଦକମାନେ ସାବଧାନ ହେବେ ଏବଂ ଦେଶୀୟ ସମ୍ବାଦପତ୍ରସମ୍ବନ୍ଧରେ ନୂତନ ବ୍ୟବସ୍ଥା ହେବାର ଯେ କଥା ଉଠିଥିଲା ତାହା ହେବ ନାହିଁ ।

———

ଚୂଡ଼ାଚନ୍ଦ୍ରଙ୍କୁ ମଣିପୁରର ରାଜସିଂହାସନରେ ବସାଇ ଭାରତଗବର୍ଣ୍ଣମେଣ୍ଟ ଯେଉଁ ସନନ୍ଦ ତାହାଙ୍କୁ ପ୍ରଦାନ କରିଅଛନ୍ତି ତାହା ଇଣ୍ଡିଆ ଗଜେଟରେ ପ୍ରକାଶିତ ହୋଇଅଛି । ତହିଁର ସଂକ୍ଷେପ ମର୍ମ ଏହିକି ଚୂଡ଼ାଚନ୍ଦ୍ର ଉକ୍ତ ରାଜ୍ୟ ଓ ତୋ ୧୧ ଟି ସମ୍ମାନତୋପ ବଂଶାନୁକ୍ରମେ ଭୋଗ କରିବେ । କେତେବର୍ଷ ପ୍ରଥାକ୍ରମେ ଗବର୍ଣ୍ଣମେଣ୍ଟଙ୍କ ଅନୁମୋଦନ ମତେ ଉତ୍ତରାଧିକାରିତ୍ୱ ସ୍ଥିର ହେବ । ଯେପର୍ଯ୍ୟନ୍ତ ରାଜା ଓ ତାହାଙ୍କ ଉତ୍ତରାଧିକାରୀମାନେ ରାଜ୍ୟର ସୁଶାସନ ପାର୍ବତୀୟଜାତିମାନଙ୍କର ଦମନ ଏବଂ ଅନ୍ୟାନ୍ୟ ଯେ କୌଣସି ବିଷୟରେ ଗବର୍ଣ୍ଣମେଣ୍ଟ ଯାହା ଆଦେଶ କରିବେ ତାହା ପ୍ରତିପାଳନ କରିବେ ସେପର୍ଯ୍ୟନ୍ତ ସନନ୍ଦ ପ୍ରବଳ ରହିବ ଏବଂ ସେମାନେ ଇଂରାଜ ଗବର୍ଣ୍ଣମେଣ୍ଟଙ୍କର ଅନୁଗ୍ରହ ଏବଂ ଆଶ୍ରୟ ଭୋଗ କରିବେ । ରାଜାଙ୍କୁ ଯେତେ କର ଦେବାକୁ ହେବ ତାହା ଅଦ୍ୟାପି ଠିକ ହୋଇ ନାହିଁ । ଏପରେ ତାହା ପ୍ରକାଶ ହେବ ।

———

ପାଲନ୍ଦଡ଼ାର ବନୋବସ୍ତ ଅମୀନ ପତ୍ର ଲେଖିଅଛନ୍ତି କି ଉକ୍ତ ଜିଲ୍ଲାରେ ଗତ ମାସ ତା ୧୭ ରିଖରେ ଯେଉଁ ଡାକ ପହଞ୍ଚିବାର ଥିଲା ତାହା ମରି ପଡ଼ିଅଛି । ସେଠା ମାନେଜର ମହାଶୟ ଅନୁସନ୍ଧାନ କରିବାରେ ପ୍ରକାଶ ହେଲା କି ଅକ୍ଟରଲୋନିର କାଟପୋଲଉପରେ ଦିବା ଦୁଇପହରର ସମୟରେ ହରକରା ଓ ଜଣେ କ ୯ ବର୍ଷର ପିଲା ଯାଉଥିବା ସମୟରେ କାଠସହିତ ନାଳରେ ଖସିପଡ଼ିଲେ । ପିଲାଟି ଗୋଟାଏ ଯାମୁଗଛଡାଳ ଧରି ପକାଇ ସେ ଗଛରେ ଚଢ଼ି ରକ୍ଷା ପାଇଲା ମାତ୍ର ଡାକହରକରା ବୁଡ଼ିମଲା । ପଶ୍ଚାତ୍ ପିଲାର ଡାକ ଶୁଣି ପଥିକମାନେ ତାହାକୁ ଉଦ୍ଧାର କରି ଆଣିଲେ । ହରକରାର ମୃତଦେହ କମରବନ୍ଦ ଓ ଝୁମୁକା ବାଡ଼ିସହିତ ପ୍ରାପ୍ତ ହେଲା ମାତ୍ର ମାନେଜରଙ୍କ ବାବୁଙ୍କ ହୁକୁମରେ ଦୁଇମାଇଲପର୍ଯ୍ୟନ୍ତ ନାଳକୂଳରେ ଉପରକୁ ଉଠାଇଲେ ମଧ୍ୟ ଡାକ ମୁଣାଟି ମିଳିଲା ନାହିଁ । ଏଥିରେ କାହାର କେତେ କ୍ଷତି ହୋଇଅଛି ଜଣାଯାଇ ନାହିଁ । ଗଡ଼କାଟରେ ସଡ଼କବାନ୍ଧ ଓ ପୋଲମାନ ନ ଥିବା ଏପରି ଦୁର୍ଘଟନାର କାରଣ ଅଟଇ ।

Digitized by srujanika@gmail.com

Split by PDF Splitter



ସମୟ୨ରେ କେତେ ବାଣ୍ଟୋଇ ଏହିପରି ମଗାଉଥିବେ । ବର୍ତ୍ତମାନ ତାହା ମଗାଯିବାରୁ କଥା ଜଣାପଡ଼ିଲା । ଅମ୍ଭେମାନେ ଗଡ଼ଜାତ ସୁପ୍ରତିଷ୍ଠଙ୍କୁ ଏ ବିଷୟରେ ମନୋଯୋଗୀ ହେବାକାରଣ ବିଶେଷ ଅନୁରୋଧ କରୁଅଛୁଁ ।

---

ଜଣେ ପତ୍ରପ୍ରେରକ ଲେଖି ଅଛନ୍ତି କି ଏଠା ରେଭେନ୍ଶା କଲେଜଗୃହରେ ସ୍ଥାନ ନଅଣ୍ଟ ହେବା ଏବଂ ପୁରୁଣା କନ୍ତ୍ର ହୋମହଲର ଭାର ସହିବାକୁ ଦମ୍ ନ ଥିବା ଦୃଷ୍ଟିରେ କୋଡ଼ିଏ ହଜାର ଟଙ୍କା ବ୍ୟୟରେ ଗୋଟିଏ ନୂତନ କଲେଜ ଗୃହ ନିର୍ମାଣ କରିବା କାରଣ ଏଠା ପ୍ରିନସିପଲ ସାହେବ ଶ୍ରୀଯୁକ୍ତ ଡାଇରେକ୍ଟର ସାହେବଙ୍କ ନିକଟରେ ପ୍ରାର୍ଥନା କରିବାରୁ ସେ ଉତ୍ତର ଦେଲେ କି ସ୍ଥାନୀୟ ଚେଷ୍ଟାଦ୍ୱାରା ଅର୍ଦ୍ଧେ ଅର୍ଥାତ୍ ଦଶହଜାର ଟଙ୍କା ସଂଗୃହୀତ ହେଲେ ଅବଶିଷ୍ଟ ଦଶହଜାର ଟଙ୍କା ସରକାର ଦେବେ । ଓଡ଼ିଶାର ସ୍ଥାନୀୟ ଚେଷ୍ଟାରେ ଦଶହଜାର ଟଙ୍କା ଉଠିବା ସହଜ କଥା ନ ଥିଲା । ବଡ଼ ଆନନ୍ଦର ବିଷୟ ଯେ ମୟୂରଭଞ୍ଜର ନବୀନ ମହାରାଜା ଉତ୍କଳର ହିତକାମନାରେ ସ୍ୱୟଂ ଉପରଲିଖିତ ଦଶହଜାର ଟଙ୍କା ଦାନ କରିବାକୁ ପ୍ରସ୍ତୁତ ହୋଇ ଅଛନ୍ତି । ଏହାଙ୍କ ସ୍ୱର୍ଗୀୟ ପିତା ଅନୁପମ ବଦାନ୍ୟତା ସହିତ କୋଡ଼ିଏ ହଜାର ଟଙ୍କା ଦାନ କରିବାରୁ ଏହି କଲେଜ ଏଠାରେ ଚିରସ୍ଥାୟୀରୂପେ ସ୍ଥାପିତ ହୋଇଅଛି । ନବୀନ ମହାରାଜା ବର୍ତ୍ତମାନ ଏପରି ପ୍ରଶଂସନୀୟ ଦାନ କରିବାଦ୍ୱାରା ଆପଣା ପିତାଙ୍କର କୀର୍ତ୍ତିର ଉନ୍ନତି କରିବା ସଙ୍ଗେ ସଙ୍ଗେ ଏହି କଲେଜରେ ବିଦ୍ୟା ଅର୍ଜନ କରିବାର ଉତ୍କଣ୍ଠା ପ୍ରକାଶ କରି ଅଛନ୍ତି । ଏହି ମହତ୍ କାର୍ଯ୍ୟ ସକାଶେ ଅମ୍ଭେମାନେ ଏହାଙ୍କୁ ସର୍ବାନ୍ତଃକରଣରେ ଧନ୍ୟବାଦ ଦେଇ ପ୍ରାର୍ଥନା କରୁଅଛୁଁ ପରମେଶ୍ୱର ମହାରାଜାଙ୍କୁ ଦୀର୍ଘଜୀବୀ ଏବଂ ଏହାଙ୍କ ଦ୍ୱାରା ଦରିଦ୍ର ଉତ୍କଳ ଦେଶର ମଙ୍ଗଳ ସାଧନ କରନ୍ତୁ ।

---

ବାଲେଶ୍ୱରବାସିମାନେ ସ୍ୱର୍ଗୀୟ ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ଏବଂ ରାଜା ରାଜେନ୍ଦ୍ରଲାଲ ମିତ୍ରଙ୍କ ସ୍ମରଣାର୍ଥ ଯେଉଁ ସଭା ଗତମାସ ତା ୧୩ ରିଖରେ କରିଥିଲେ ତହିଁର କାର୍ଯ୍ୟ ଉତ୍ତମରୂପେ ନିର୍ବାହ ହୋଇଥିବାର ସେଠା ସମ୍ବାଦପତ୍ରମାନଙ୍କରୁ ଅବଗତ ହେଲୁଁ । ଭେଦା ନସ୍ୱର କମିଟି ଯୋଡ଼ିଏ ସବ୍‌କମିଟି ଗଠିତ ହେଲା । ଏବଂ ନିମ୍ନଲିଖିତ ଦାନ ସ୍ୱୀକୃତ ହୋଇଥିବାର ପ୍ରକାଶ ହେଲା, ଯଥା;—ବାଲେଶ୍ୱରରେ ଯେଉଁ ଶିଳ୍ପଶିକ୍ଷାର ବିଦ୍ୟାଳୟ ସ୍ଥାପିତ ହେବ ତହିଁର ତିନିଜଣ ଛାତ୍ରଙ୍କୁ ରାଜା ବୈକୁଣ୍ଠନାଥ ଦେ ବାହାଦୁର ଏବଂ ଦୁଇଜଣ ଛାତ୍ରଙ୍କୁ, ବାବୁ ଗଙ୍ଗାନାରାୟଣ ଦାସ ମାସିକ ଜଣପ୍ରତି ଟ ୨ଙ୍କାଲେଖାଏ ଛଅବର୍ଷ ବୃତ୍ତି ଦେବେ । ଶ୍ରୀଯୁକ୍ତ ବାବୁ ରାଧାଚରଣ ଦାସ ବିଦ୍ୟାସାଗରଙ୍କର ଖଣ୍ଡିଏ ତୈଳପଟ ପ୍ରଦାନ କରିବେ । ବାବୁ ସଚ୍ଚେନ୍ଦ୍ରନାଥ ଦେ ନଗଦ ଟ ୧୧୦୦ଙ୍କା ଦେବେ ଯେ ତହିଁମଧ୍ୟରୁ ଟ ୫୦୦ଙ୍କା କମ୍ପାନିକାଗଜରେ ଜମା ହୋଇ ତହିଁର ବାର୍ଷିକ ସୁଧ ଟ ୨୦ଙ୍କା ବ୍ୟାୟାମଶିକ୍ଷାର ଉତ୍ସାହଜନ୍ୟ ହିନ୍ଦୁଛାତ୍ରଙ୍କୁ ରାଜା ରାଜେନ୍ଦ୍ରଲାଲ ମିତ୍ରଙ୍କ ନାମରେ ପୁରସ୍କାର ଦିଆଯିବ ଏବଂ ଅବଶିଷ୍ଟ ଟ ୬୦୦ଙ୍କା ସେହିପରି ଜମା ହୋଇ ତହିଁର ସୁଧ ଟ ୨୪ଙ୍କା ଜଣେ ମାଇନର ପରୀକ୍ଷୋତ୍ତୀର୍ଣ୍ଣ ଦରିଦ୍ର ହିନ୍ଦୁଛାତ୍ରକୁ ମାସକୁ ଟ ୨ଙ୍କା ହିସାବରେ ବୃତ୍ତି ଦିଆଯିବ । ଏହାର ନାମ ବିଦ୍ୟାସାଗରବୃତ୍ତି ହେବ । ଶେଷଲିଖିତ ବାବୁଙ୍କ ଦାନ ଅବଶ୍ୟ ପ୍ରଶସ୍ତ ଅଟଇ । ସବ୍‌କମିଟିମାନେ ଯେଉଁ ଅର୍ଥ ସଂଗ୍ରହ କରିବେ ତହିଁର ବ୍ୟବସ୍ଥା ଏ ପରେ ହେବ ।

---

ଖଣ୍ଡିଏ ଇଂରାଜୀସମ୍ବାଦପତ୍ରରେ ଲେଖାଅଛି କି ବର୍ତ୍ତମାନ କାଳରେ କେହି ଜ୍ୟୋତିର୍ବିଦ୍ୟା ଆଲୋଚନା କରିବାକୁ ପ୍ରୟାସ ପାଆନ୍ତି ନାହିଁ ଓ ଏହା ଆଲୋଚନା କଲେ ମଧ୍ୟ କୌଣସି ଲାଭ ନାହିଁ । ଶିକ୍ଷିତଯୁବକମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ଧନ ଉପାର୍ଜନ ହେବା ବ୍ୟବସାୟ ଅବଲମ୍ବନ କରିବା । ଜ୍ୟୋତିର୍ବିଦ୍ୟାରେ ଧନ ଲାଭ ହେଉଥିଲେ ଅନେକେ ଏହି ବିଦ୍ୟାଚର୍ଚ୍ଚାରେ ମନ ଦିଅନ୍ତେ । ପୂର୍ବକାଳରେ ଏ ବିଦ୍ୟାର ବିଶେଷ ଆଦର ଥିଲା ଓ ଅନେକେ ଜ୍ୟୋତିର୍ବିଦ୍ୟାରେ ନିପୁଣ ଥିଲେ । ସମ୍ପ୍ରତି ଅନ୍ୟକଥା ଛାଡ଼ି ଉପାଧିଧାରୀ ଯୁବକମାନେ ସ୍ୱପ୍ନରେ ସୁଦ୍ଧା ଜ୍ୟୋତିର୍ବିଦ୍ୟା ଚିନ୍ତା କରନ୍ତି ନାହିଁ । କଲେଜପଠନକାଳରେ କଲେଜଛାତ୍ରମାନେ ଜ୍ୟୋତିର୍ବିଦ୍ୟା ଏକଖଣ୍ଡ ଅବା ଦୁଇଖଣ୍ଡ ପୁସ୍ତକ ପଠନ କରିଥାଆନ୍ତି ସତ୍ୟ କିନ୍ତୁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସେମାନେ କି କେବେ ଏହି ପୁସ୍ତକକୁ ଆମୋଦ ନିମନ୍ତେ ଅବା ଅବକାଶସମୟରେ ପଠନ କରିଥାଆନ୍ତି ? ପରୀକ୍ଷୋତ୍ତୀର୍ଣ୍ଣ ହେଲା ଉତ୍ତାରୁ ସେମାନଙ୍କର ଉଦ୍ଦେଶ୍ୟ ଭିନ୍ନରୂପ ହୋଇଯାଏ ଆଉ କଲେଜପୁସ୍ତକ ପ୍ରତି ସମ୍ପୂର୍ଣ୍ଣ ହତାଦର ଉପସ୍ଥିତ ହୁଏ । କେବଳ ଧନୋପାର୍ଜନର ଉପାୟ ଅନ୍ୱେଷଣ କରିବାକୁ ଇଚ୍ଛା ବଳବତୀ ହୁଏ । ଅତଏବ ଶିକ୍ଷାପ୍ରତି ମନ ହୁଏ ଅଥବା ସରକାରୀକାର୍ଯ୍ୟ ପ୍ରାପ୍ତ ହେବାର ଚେଷ୍ଟା ଜାତହୁଏ କିନ୍ତୁ ଜ୍ୟୋତିର୍ବିଦ୍ୟା ଶିକ୍ଷାଦିଗକୁ ମନ କେବେହେଁ ଆକର୍ଷିତ ହୁଏ ନାହିଁ କାରଣ ଏତଦ୍ୱାରା କୌଣସି ଟଙ୍କା ଉପାର୍ଜନ ହେବ ନାହିଁ । କେବଳ ମହାରାଣୀଙ୍କ ପ୍ରତିମୂର୍ତ୍ତି ଅଙ୍କିତ ଛବି ପ୍ରାପ୍ତହେବାର ଉପାୟ ମନମଧ୍ୟରେ ସର୍ବଦା ଜାଗ୍ରତ ଥାଏ ଓ ତନ୍ନିମନ୍ତେ ସର୍ବଦା ଉଦ୍ୟୋଗ ହେଉଥାଏ । ଶିକ୍ଷିତ ଯୁବକମାନଙ୍କର ଏପ୍ରକାର ଅବସ୍ଥାସମୟରେ ତାହାଙ୍କୁ ଜ୍ୟୋତିର୍ବିଦ୍ୟା ପ୍ରତି ଆସକ୍ତ ଦେଖିଲେ ଅବଶ୍ୟ ମନ ପୁଲକିତ ହୁଏ । କିନ୍ତୁ ଏପରି ଲୋକ ଅତି ବିରଳ କେବଳ ଜଣେ ଉଚ୍ଚପଦର ବ୍ରାହ୍ମଣପଣ୍ଡିତ ଓ ପ୍ରଧାନ ଗଣିତବିଶାରଦ ତାଙ୍କର ଅନ୍ୟାନ୍ୟ କାର୍ଯ୍ୟମଧ୍ୟରେ ଜ୍ୟୋତିର୍ବିଦ୍ୟାର ଆଲୋଚନାରୁ ମଧ୍ୟ କ୍ଷାନ୍ତ ଥିଲେ ନାହିଁ । ସେ ଗତବର୍ଷମଧ୍ୟରେ ଅତି ଉତ୍ତମରୂପେ ପରଚିତ ତାଙ୍କର ନାମ ସାର, ଟି, ମାଧବରାଓ ସେ ଅନେକ ଗୁଡ଼ିଏ ପ୍ରବନ୍ଧ ଲେଖିଅଛନ୍ତି । ଅନ୍ୟ ବିଦ୍ୟାପ୍ରତି ତାଙ୍କର ଯେରୂପ ଆଦର ଥିଲା ଜ୍ୟୋତିର୍ବିଦ୍ୟାପ୍ରତି ମଧ୍ୟ ତଦନୁରୂପ ଥିଲା । ଶିକ୍ଷିତଉପାଧିଧାରୀ ଯୁବକମାନେ ଏହାଙ୍କର ଜୀବନ ଆଲୋଚନା କରି ତାଙ୍କର ଅନୁଗାମୀ ହେବେ କି ?

---

ଜାପାନର ସ୍ତ୍ରୀ ।

ଜଣେ ମାର୍କିନ ବିବି ଅନେକଦିନ ଜାପାନରେ ରହି ସେଠା ସ୍ତ୍ରୀମାନଙ୍କ ସମ୍ବନ୍ଧରେ ନିମ୍ନଲିଖିତ ମନ୍ତବ୍ୟ ପ୍ରକାଶ କରିଅଛନ୍ତି । ଯଥା ।

ଜାପାନରେ ସ୍ତ୍ରୀଶିକ୍ଷା ପ୍ରଚଳିତ ଅଛି । ବାଳିକାମାନେ ଲେଖାପଢ଼ାସହିତ ସୂଚି ଏବଂ ଶିଳ୍ପକାର୍ଯ୍ୟବିଦ୍ୟାଳୟରେ ଶିକ୍ଷା କରନ୍ତି । ଏହି ଶିଳ୍ପଶିକ୍ଷା ଅନେକ ଅନାଥା ଭଦ୍ରମହିଳାଙ୍କର ଜୀବନୋପାୟ ହୋଇଥାଏ । କନ୍ୟାମାନେ ବିବାହ ହେଲେ ଆଉ ବିଦ୍ୟାଳୟକୁ ଯାଆନ୍ତି ନାହିଁ । ପିତା ବର ସ୍ଥିରକରି କନ୍ୟାର ବିବାହ ଦିଅଇ ଓ ବିବାହଉତ୍ତାରୁ କନ୍ୟା ଶ୍ୱଶୁରଘରକୁ ଯାଇ ଶ୍ୱଶୁର ଶାଶୁପ୍ରଭୃତି ଗୁରୁଜନଙ୍କର ସେବା କରେ । ପ୍ରଣାମପଦ୍ଧତି ଜାପାନରେ ପ୍ରଚଳିତ ଅଛି । ବାଳିକାମାନେ ବିଦ୍ୟାଳୟରେ ତାହା

Digitized by srujanika@gmail.com

ଶିକ୍ଷାକରନ୍ତି। ଜାପାନୀୟ ସ୍ତ୍ରୀମାନେ ସର୍ବତୋଭାବରେ ସ୍ୱାମିର ଅଧୀନ ବୋଲି ଆପଣାକୁ ମନେ କରି ସ୍ୱାମିର ସେବା ଓ ଖାଦ୍ୟଦ୍ରବ୍ୟ ପାକ କରନ୍ତି। ଯୌବନାବସ୍ଥାରେ ଜାପାନୀୟ ସ୍ତ୍ରୀମାନେ ବଡ଼ ବିଳାସିନୀ ମାତ୍ର ଏଥିପାଇଁ ବହୁମୂଲ୍ୟ ଅଳଙ୍କାର ଓ ସାଜ ସଜ୍ଜା ଲୋଡ଼ନ୍ତି ନାହିଁ। ସ୍ୱାମିର ଅନୁରାଗ ପାଇବା ଓ ସ୍ୱାମିପାଖରେ ସୁନ୍ଦର ଦିଶିବା ସେମାନଙ୍କର ଚେଷ୍ଟା। କଳାଦାନ୍ତ ଶୋଭନୀୟ ମନେ କରି ମିଶି ବ୍ୟବହାର କରନ୍ତି। ବୟସ ବୃଦ୍ଧି ହେଲେ ବିଳାସିନତା ତ୍ୟାଗ କରି ଘରଣୀ ହୋଇ ପୁତ୍ର କନ୍ୟା ପୁତ୍ରବଧୂଙ୍କଉପରେ କର୍ତ୍ତୃତ୍ୱ କରନ୍ତି ଓ ଅଧିକ ସ୍ୱାଧୀନଭାବରେ ଲୋକଙ୍କ ସଙ୍ଗରେ କଥାବାର୍ତ୍ତା କରନ୍ତି। ଏଥିରୁ ପାଠକମାନେ ଦେଖିବେ ଯେ ଜାପାନୀୟ ସ୍ତ୍ରୀମାନଙ୍କର ଆଚାର ବ୍ୟବହାର ଅସ୍ମଦ୍ଦେଶୀୟଙ୍କ ପରି ଅଟଇ ଅଥଚ ଜାପାନୀୟମାନେ ଖାଣ୍ଟି ସଭ୍ୟ ବୋଲି ଜଗତରେ ପ୍ରଶଂସିତ। ସଭ୍ୟତାରେ ବାତୁଳ ହୋଇ ଏମାନେ ଆପଣା ଆପଣା ସ୍ତ୍ରୀକୁ ବିବି ସଜାଇବାକୁ ଯତ୍ନବାନ୍ ନୁହନ୍ତି।

---

## ଇନ୍‌କମ ଟିକସ।

ବଙ୍ଗ-ପ୍ରଦେଶର ଗତବର୍ଷର ଇନ୍‌କମ ଟିକସ-ମହକୁମାର କାର୍ଯ୍ୟ ସମାଲୋଚନା କରି ମାନ୍ୟବର ବର୍ଗୀୟ ଲେଫ୍‌ଟେଣାଣ୍ଟ ପରିଶେଷରେ କହିଅଛନ୍ତି ଯେ ବୋର୍ଡଙ୍କ ବିବେଚନାରେ ଏହି ଟିକସ ବଡ଼ ଅସନ୍ତୋଷକର ଅଟଇ ଏବଂ ସର୍ବଦା ଏହିପରି ରହିବ। ଟିକସ ଧାର୍ଯ୍ୟ କରିବାର ଅନୁସନ୍ଧାନକୁ ଲୋକେ ପୀଡ଼ାଜନକ ମନେ କରନ୍ତି ଓ ଅବ୍ୟାହତି ପାଇବାକାରଣ ଅଯଥାର୍ଥ ହିସାବ ପ୍ରସ୍ତୁତ ହୁଅଇ। ମାନ୍ୟବର ଲେଫ୍‌ଟେଣାଣ୍ଟ ଏଥିରେ ଐକ୍ୟ ହୋଇ କହିଅଛନ୍ତି କି ନିତାନ୍ତ ଆର୍ଥିକ ଅନାଟନ ନ ଘଟିଲେ ଏ ଟିକସ ରଖିବା ଉଚିତ ନୁହଇ। କାରଣ ଏହା ଧାର୍ଯ୍ୟ କରିବା ଢେର ଅଧିକରେ କେବଳ ଅନୁମାନ ଉପରେ ନିର୍ଭର କରଇ। ବିଶେଷତଃ ଅଳ୍ପ ଆୟବାନ୍ ଲୋକଙ୍କୁ ଏହି କର ଅଧିକ ବାଧୁଅଛି। ଅନ୍ତତଃ ଟିକସଯୋଗ୍ୟ ଆୟ ନ୍ୟୂନସଂଖ୍ୟା ବାର୍ଷିକ ଟ ୫୦୦ଙ୍କା ବଦଳରେ ଟ୧୦୦୦ ସ୍ଥିର ହେଲେ ଅନେକ ସୁବିଧା ଉପୁଜିବ ହେବ। ବର୍ତ୍ତମାନ ଟିକସ ଦେଉଥିବା ୧୦୪୮୬ ଜଣ ମଧ୍ୟରୁ ୭୦୮୦୭ ଜଣ ମୁକ୍ତ ପାଇବେ ଅଥଚ ଟିକସର ପରିମାଣ ଟ ୩୯,୬୫,୮୦୭୯ ଟଙ୍କା ମଧ୍ୟରୁ କେବଳ ଟ ୭୮୭୬୦୩୯ ଙ୍କା ଊଣା ପଡ଼ିବ। ଏ ପ୍ରସ୍ତାବଟି ବଡ଼ ଯୁକ୍ତିସଙ୍ଗତ ଏବଂ ସର ଇଲିୟଟ ବାହାଦୁରଙ୍କ ଦୟାଳୁହୃଦୟର ପରିଚୟ ଦେଉଅଛି। ଜାତୀୟ ମହାସମିତି ପୁନଃ ପୁନଃ ଏହି ପ୍ରସ୍ତାବ କରି ଆସୁଅଛନ୍ତି ମାତ୍ର ଭାରତ-ଗବର୍ଣ୍ଣମେଣ୍ଟଙ୍କ ଇଚ୍ଛା ଅଟଳ ରହିଅଛି। ଏଥର ସ୍ଥାନୀୟଶାସନକର୍ତ୍ତାଙ୍କ କଥାରେ ଯେବେ ଦୟା ପ୍ରକାଶ କରିବେ ତେବେ ବଡ଼ ପ୍ରଶଂସାର କଥା ହେବ।

ଗତବର୍ଷର କାର୍ଯ୍ୟର ତାଲିକାରୁ ଯେ ସମସ୍ତ ଫଳ ପ୍ରାପ୍ତ ହୋଇ ଅଛି ତାହା ଉପରଲିଖିତ ମନ୍ତବ୍ୟର ସମ୍ପୂର୍ଣ୍ଣ ପୋଷକତା କରୁ ଅଛି। ଗତ ପାଞ୍ଚବର୍ଷରୁ ଆୟ କ୍ରମାଗତ ବୃଦ୍ଧି ହେଉଅଛି ସତ୍ୟ ମାତ୍ର ସେ ବୃଦ୍ଧି ବିଶେଷ ନୁହଇ ଅର୍ଥାତ୍ ଗତବର୍ଷ ପ୍ରାୟ ୩୪ ଲକ୍ଷ ୩୭ ହଜାରଟଙ୍କା ଉସୁଲ ହୋଇ ଥିଲା ଏବର୍ଷ ତହିଁ ଉପରେ କେବଳ ଅଧଲକ୍ଷ ଟଙ୍କା ବଢ଼ିଅଛି। ପ୍ରଥମେ ଏକଲକ୍ଷ ୭ ହଜାର ଲୋକଙ୍କ ଉପରେ ଟିକସ ଧାର୍ଯ୍ୟ ହୋଇ ଥିଲା ମାତ୍ର ତହିଁରୁ ୩ ହଜାରରୁ ଅଧିକ କ୍ଷମା ପାଇଲେ। ୧୩୮୪ ଆପତ୍ତି ଦରଖାସ୍ତ ହୋଇ ଥିଲା ତହିଁମଧ୍ୟରୁ ୫୩୭୧ ସଫଳ ହେଲା। ଜ ୪୪ ଣ ଆସେସର ୭୦୩୮ ଗ୍ରାମ ଭ୍ରମଣ କଲେ ମାତ୍ର ଅଡଗଲ୍ଲୁ ଭ୍ରମଣରେ ଟିକସ ଦେବାଯୋଗ୍ୟ ବ୍ୟକ୍ତି ପାଇଲେ। ଅନେକ ଆପତ୍ତି ସଫଳ ହେବାରୁ ବୋର୍ଡ କହିଅଛନ୍ତି କି ଆସେସରମାନଙ୍କ ପ୍ରଥମ ବନ୍ଦୋବସ୍ତ ଯଥାର୍ଥ ଅନୁସନ୍ଧାନ ଓ ସାବଧାନତାସହିତ ହୋଇ ନ ଥିଲା। ମାତ୍ର ମାନ୍ୟବର ଲେଫ୍‌ଟେଣାଣ୍ଟ ଲେଖିଅଛନ୍ତି କି ଆପତ୍ତି ନିଷ୍ପତ୍ତିକାର ଡେପୁଟୀ-କଲେକ୍ଟରଙ୍କ ଅସାବଧାନତାରୁ ମଧ୍ୟ ଏପରି ଘଟିବାର ସମ୍ଭବ। ଅନେକ ଡେପୁଟୀ-କଲେକ୍ଟର ଆଦୌ ଆସେସରମାନଙ୍କୁ କିଛି ନ ପଚାରି ନିଷ୍ପତ୍ତି କରନ୍ତି। ଏପରି ହେବା ଉଚିତ ନୁହଇ। ଆସେସର କି କାରଣରୁ ଟିକସ ଧାର୍ଯ୍ୟ କରିଥିଲେ ତାହା ଅବଶ୍ୟ ଶୁଣି ବିଚାର କରିବାକୁ ହେବ। ଇନ୍‌କମଟିକସ-କଲେକ୍ଟର ଲେଖିଅଛନ୍ତି କି ଏଣିକି ଆୟକର ପ୍ରମାଣସ୍ୱରୂପ ଅଧିକ ପରିମାଣରେ ହିସାବପତ୍ର ଓ ଖାତା ବହି ଦାଖଲ ହେଉଅଛି। ଏଥିରେ ମାନ୍ୟବର ଲେଫ୍‌ଟେଣାଣ୍ଟ ବ୍ୟସ୍ତ ହୋଇ କହି ଅଛନ୍ତି କି ହିସାବ ଦାଖଲ ବୃଦ୍ଧି ହେବାରୁ ଜଣାଯାଏ ଯେ ବଣିକସମାଜ ସୁସଭ୍ୟ ଅସ୍ତ୍ରଦ୍ୱାରା ଇନ୍‌କମଟିକସ ସଙ୍ଗେ ସଂଗ୍ରାମ କରିବାକୁ ଅଗ୍ରସର ହେଉ ଅଛନ୍ତି। ଅପିଲ ଶୁଣିବା ହାକିମମାନେ ଏ ସବୁ ହିସାବ ଭଲରୂପେ ତଦାରଖ କରିବେ ଯେମନ୍ତ କି ଲୋକେ ଅଯଥାର୍ଥ ହିସାବ ଦେଖାଇ ଫାଙ୍କି ନ ଦେବେ। ବଣିକସମ୍ପ୍ରଦାୟପ୍ରତି ଏ ପ୍ରକାର ସନ୍ଦେହ କରିବା ଆମ୍ଭମାନଙ୍କ ବିବେଚନାରେ ଉଚିତ ନୁହଇ। ହିସାବ ଦେଖାଇବାଭିନ୍ନ ଅନ୍ୟାୟମାନରୁ ରକ୍ଷା ପାଇବାର ଅନ୍ୟ ଉପାୟ ନାହିଁ ବୋଲି ସାଧୁ ମହାଜନମାନେ ଏଣିକି ହିସାବ ରଖିବାପ୍ରତି ଅଧିକ ସାବଧାନ ହୋଇ ଅଛନ୍ତି। ଓ ସାହସପୂର୍ବକ ତାହା ଦାଖଲ କରୁଅଛନ୍ତି ଏପରି ବିଦ୍ରୂପ କରିବା କି ଅଯୌକ୍ତିକ ଅଟଇ? ଆଉ ଯେବେ ଏହି ଟିକସ ହେତୁ ଲୋକେ ବାଧ୍ୟ ହୋଇ ଅଯଥାର୍ଥ ହିସାବ ପ୍ରସ୍ତୁତ କରୁ ଅଛନ୍ତି ତେବେ ଅନ୍ତତଃ ଏହି ଦୁର୍ନୀତିକୁ ପ୍ରଶ୍ରୟ ଦେଉ ଅଛି ବୋଲି ଏ ଟିକସ ଉଠାଇ ଦେବାର ଉଚିତ। ଏହି କରହିସାବରୁ ସରକାରଙ୍କର ଯେତେଟଙ୍କା ଆୟ ହେଉଅଛି ତହିଁର ଅର୍ଦ୍ଧେ ଏକା କଲିକତାନଗରରୁ ଓ ଅବଶିଷ୍ଟ ଅର୍ଦ୍ଧେ ସମସ୍ତ ବଙ୍ଗଳାରୁ ହେଉଅଛି।

ଟିକସଦାତାଙ୍କ ମଧ୍ୟରେ ଟଙ୍କା ଋଣ ଦେବା ମହାଜନମାନେ ସର୍ବାପେକ୍ଷା ଅଧିକ ଅର୍ଥାତ୍ ଶତକଡ଼ା ୧୪ ଜଣ। ତାପରେ ସରକାରୀ ଚାକିରି ଶତକଡ଼ା ୧୦ ଓ ତହିଁ ତଳେ ସାଧାରଣ ବଣିକ୍ ଶତକଡ଼ା ୯ ଲେଖାଏଁ ଦିଅନ୍ତି। ଅନ୍ୟାନ୍ୟ ବ୍ୟବସାୟୀମାନେ ଏହି ତିନଶ୍ରେଣୀର ଅନେକ ତଳେ ପଡ଼ି ଅଛନ୍ତି, ଯଥା; ଲୁଗାବେପାରୀ ବାରିଷ୍ଟର, ମହାଜନ, କୋଠିଘରବାଲା ଶତକଡ଼ା ୩।୪ ଓ ଗୃହଲ ଓ ଛୋଟ ବେପାରୀ ଏବଂ ଘରଭଡ଼ା ଦେବା ବ୍ୟକ୍ତିଙ୍କ ଆୟ ତହିଁରୁ ଊଣା ପ୍ରାୟ ଶତକଡ଼ା ୨୧ ଅଟଇ। କଲିକତାର ବାରିଷ୍ଟରଙ୍କ ମଧ୍ୟରୁ କେବଳ ଏକଜଣର ଆୟ ଏକଲକ୍ଷର ଉପର, ଜ ୭ ଣଙ୍କର ଆୟ ୮୫ହଜାର ଲେଖାଏଁ ଏବଂ ଜ ୪ ଣଙ୍କର ଆୟ ୪୦ ହଜାର ଲେଖାଏଁ ଥିଲା। ବାରିଷ୍ଟରଙ୍କର ସର୍ବାପେକ୍ଷା ନ୍ୟୂନ ଆୟ ୨୧ ହଜାର ଟଙ୍କା ଏବଂ ବେସରକାରୀ ସ୍କୁଲମାଷ୍ଟରଙ୍କ ଉର୍ଦ୍ଧ୍ୱ ଆୟ ଟ ୭୫୦୧ଙ୍କା। କେବଳ ଜ ୯ ଣ ସମ୍ପାଦକର ଅଧିକାରୀ ଇନ୍‌କମ ଟିକସର ଯୋଗ୍ୟ ତହିଁ ମଧ୍ୟରୁ ସର୍ବୋଚ୍ଚ ଏକଜଣର ଅଧଲକ୍ଷ ଦୁଇଜଣଙ୍କର ଦଶହଜାରମଧ୍ୟରେ ଓ ବାକୀ ସମସ୍ତଙ୍କର ଟ୨୫୦ଙ୍କାରୁ ଉର୍ଦ୍ଧ୍ୱ ନୁହେଁ। ବଙ୍ଗପ୍ରଦେଶରେ ଏବେ ଇଂରାଜୀ ଓ ଦେଶୀୟ ସଂବାଦପତ୍ର ପ୍ରଚଳିତ ଥିବା ପ୍ରତ୍ୟେକେ ଖ ୧୧-

Split by PDF Splitter

Digitized by srujanika@gmail.com

Split by PDF Splitter



ସ୍ତ୍ରୀରୁ ଅଧିକର ଭାଗ୍ୟରେ ବର୍ଷରେ ୫୦୦୦ଙ୍କା ସୁଦ୍ଧା ନ ଘଟିବାର ଏଥିର ଅବସ୍ଥା ବିଲକ୍ଷଣ ଜଣା ଯାଉ ଅଛି ।

———

ପାର୍ବତୀ ।

ଶୀର୍ଷାଙ୍କିତ ପୁସ୍ତକ ଖଣ୍ଡିଏ ଆମ୍ଭେମାନେ ବାମଣ୍ଡାର ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ନିକଟରୁ ସମାଲୋଚନାର୍ଥ ପ୍ରାପ୍ତ ହୋଇଅଛୁଁ । ଏହା ଆଧୁନିକ ଉତ୍କଳୀୟ କବି ରାଧାନାଥ ରାୟଙ୍କର ସମସ୍ତ ଲେଖନୀରୁ ଜନିସୃତ । ଗ୍ରନ୍ଥଖଣ୍ଡି ବାରପେଜୀ ପୃ ୧୦୩ ଷ୍ଠା ଅଧିକାର କରିଥିଲେହେଁ ଅସମ୍ପୂର୍ଣ୍ଣ ଭାବ ର ରହିଅଛି ଏମନ୍ତ କି ସର୍ବଶେଷରେ ସେମିକୋଲନ ଭିନ୍ନ ପୂର୍ଣ୍ଣଚ୍ଛେଦର ଅବସ୍ଥାନ ହୋଇ ନାହିଁ ଏବଂ ରହସ୍ୟର ଯବନିକା ଅନ୍ନପୂର୍ଣ୍ଣଙ୍କ ଉକ୍ତି ହେଉଁ ହେଉଁ ବନ୍ଦ ରହିଅଛି । ଏପରି ଅବସ୍ଥାରେ ପୁସ୍ତକ ସମାଲୋଚନା କରିବା ବିଡ଼ମ୍ବନା ମାତ୍ର । ଭୂମିକାରୁ ଜଣାଯାଏ ରାଧାନାଥବାବୁ ଯେତିକି ରଚନା କରିଥିଲେ ତେତିକି ପ୍ରକାଶିତ ହୋଇଅଛି । ସୁଜିର ଅସୁସ୍ଥତା ହେତୁ ସେ ନିତାନ୍ତ ଦୁଃଖିତ ଥିବାରୁ ଅବଶିଷ୍ଟାଂଶ ଶୀଘ୍ର ରଚିତ ହେବାର ଆଶା ନାହିଁ । ଯେତିକି ରଚିତ ହୋଇଅଛି ତହିଁରେ "କବିଙ୍କର କାରିଗରିର ଯଥେଷ୍ଟ ପରିଚୟ ମିଳୁଥିବାରୁ ଅପାତତଃ ଅସମ୍ପୂର୍ଣ୍ଣ ଭାବରେ" ପୁସ୍ତକ ଖଣ୍ଡି ପ୍ରକାଶିତ କରିଥିବାର ପଣ୍ଡିତ ମହାଶୟ ବ୍ୟକ୍ତ କରି ଏଥିରୁ ବୋଧ ହୁଏ କାରିଗରି ଉପର ହୋଇଅଛି କେବଳ ସେହି ସମ୍ବନ୍ଧରେ ଅମ୍ଭମାନଙ୍କର ମତାମତ ଜାଣିବା ପଣ୍ଡିତମହାଶୟଙ୍କ ଅଭିପ୍ରାୟ କିନ୍ତୁ କାରିଗରି ମଧ୍ୟରେ ବିଷୟ ଓ ରଚନା ଉଭୟ ଆସିଥିବାରୁ ସମୁଦାୟ ଆଲୋଚନା କରିବା ଆବଶ୍ୟକ ହେଲା ।

ବିଷୟ ।—ଉତ୍କଳର ସୁବିଖ୍ୟାତ ସମରପ୍ରିୟ ପରାକ୍ରମଶାଳୀ ନୃପତି ଗଙ୍ଗେଶ୍ୱର ଦେବ ସ୍ୱୀୟ କନ୍ୟା ସହବାସଜନିତ ଯେଉଁ ମହାପାପରେ ଲିପ୍ତ ହୋଇଥିଲେ ସେହି ବିଷୟ ଘେନି ଏ ପୁସ୍ତକ ଲିଖିତ ହୋଇଅଛି । ଗଙ୍ଗାବଂଶୀୟ ରାଜାଙ୍କ ପକ୍ଷେ ଏହା ଗୌରବର ବିଷୟ ନୁହଇ ତଥା ସେତିକି ବିଷୟ ଚିରସ୍ମରଣୀୟ ହୋଇ ରହିବାର ଉପଯୁକ୍ତ ନୁହଇ । ରାଧାନାଥବାବୁ କେଉଁ ଉଦ୍ଦେଶ୍ୟ ସାଧନାର୍ଥ ସାରପ୍ରସୂ ଓଡ଼ିଶାର ବିସ୍ତୀର୍ଣ୍ଣ ଇତିହାସରୁ ଏହି ଜଘନ୍ୟ ପାପମୟ ବିଷୟ ଉଦ୍ଧାରକରି କବିତାମୟୀ ପୁସ୍ତିକାରେ ଲିପିବଦ୍ଧ କରିବାକୁ ପ୍ରୟାସ ପାଇଅଛନ୍ତି ତାହା ଅମ୍ଭେମାନେ ଅନୁମାନ ସୁଦ୍ଧା କରିପାରୁ ନାହୁଁ । ଅମ୍ଭେମାନେ କେବଳ ଏତିକି କହିବୁଁ ଯେ ଏପରି ବିଷୟ ଲିପିବଦ୍ଧ କରିବାକୁ ଯାଇ ତାଙ୍କର ସୁନ୍ଦର ଲେଖନୀ କଳଙ୍କିତ ହୋଇଅଛି ।

ରଚନା ।—ରାଧାନାଥବାବୁଙ୍କର ରଚନାଶକ୍ତିର ପରିଚୟ ଅମ୍ଭେମାନେ ତାଙ୍କ ପ୍ରଣୀତ ପୂର୍ବ ପୂର୍ବ କବିତାପୂର୍ଣ୍ଣ ପୁସ୍ତିକାରୁ ପାଇଅଛୁଁ ଏବଂ ପାର୍ବତୀରୁ ତାହା କେବଳ ଦୃଢ଼ୀଭୂତ ହୋଇଅଛି । ପାର୍ବତୀର ରଚନା ବଡ଼ ସୁନ୍ଦର ହୋଇଅଛି । ପୁଣି ସ୍ଥାନେ ସ୍ଥାନେ କବିତା ଏଡ଼େ ସୁକୋମଳ ଏବଂ ରମଣୀୟ ହୋଇଅଛି ଯେ ବାସ୍ତବରେ ପାଠକେ ତହିଁରେ ବିମୋହିତ ହୋଇଯିବେ । ଏପରି ରଚନାକୁ ବିଷୟଟି ଏଡ଼େ ନିକୃଷ୍ଟ ଥିବାର ଦେଖି ବାସ୍ତବରେ ଅମ୍ଭମାନଙ୍କର ଦୁଃଖ ହୋଇଅଛି । ଉପମାଗୁଡ଼ିକ ଯଥାଯୋଗ୍ୟ ଏବଂ ସ୍ଥାନେ ସ୍ଥାନେ ଅତୀବ ଉପଯୁକ୍ତ ହୋଇ ମନୋହରଣ କରୁଅଛି ଗୁଣଭାଗ ଏଥିରେ ଏତେ ଅଧିକ ଯେ ଦୋଷଭାଗ ଧର୍ତ୍ତବ୍ୟ ନୁହଇ । କେବଳ ସୁନ୍ଦର ଶୁକ୍ଳବସ୍ତ୍ରରେ ଠାବେ ଠାବେ ଈଷତ୍ ମସିଦାଗ ସଦୃଶ କାଇ ହୋଇପଡ଼ିଲା ପରି ଜଣା ଯାଉଥିବାରୁ ତହିଁମଧ୍ୟରୁ କେତେଗୁଡ଼ିକର ଅମ୍ଭେମାନେ ଉଲ୍ଲେଖ କଲୁଁ, ଯଥା; "କେତେ ସୁଖେ କେତେ ପଣ୍ଟେ" ଏସ୍ଥଳେ "କେତେ" ସ୍ଥାନରେ "କେତେ" ହେବା ଉଚିତ । "ଅନନ୍ତ ଥାଉ, ପତିତଜନମନ ହୋଇଅଛି ଅପ ଅଥୟ, ଦେଖୁଥିଲେ ଯେଉଁ ବ୍ରହ୍ମମୟ ବିଶ୍ୱ, ଦେଖନ୍ତି ସେ ନାଶ୍ମମୟ"—କବିମାନେ ସୁନ୍ଦରୀଙ୍କି ଦେଖି ପତିତଜନମନ ଟଳିବାର ବର୍ଣ୍ଣନା କରନ୍ତି ମାତ୍ର ଏତେଦୂରକ ପହଞ୍ଚାଟା ଅନ୍ୟାୟ । "ମଦନଶରବିଦ୍ଧ ଦ୍ୱିଜସୀମନ୍ତିନୀ" ପଢ଼ି ଉଚ୍ଛିଷ୍ଟ କାବ୍ୟ ମନେ ପଡ଼ିଗଲା । ଏହା ସୁରୁଚିସଙ୍ଗତ ତଥା ସରଳ ପାଠ୍ୟ ହୋଇ ନାହିଁ । "ପ୍ରବଳେ ବାସନା ଯାଉ ଆଚରଣ ବାଗମା ଛାଡ଼ ହୁଏଲେ" । "ବାସନା" ଓ "ବାଗନା" ଶବ୍ଦ ବ୍ୟାକରଣ ସଙ୍ଗତ କୋଣ ଅମ୍ଭମାନଙ୍କୁ ସନ୍ଦେହ ହେଉଅଛି । "ମାରବଚଲି" ନିତାନ୍ତ ଗ୍ରାମ୍ୟଭାଷା । ଏପରି ଗ୍ରାମ୍ୟ ପ୍ରୟୋଗ ଏ ପୁସ୍ତକର ଅନେକ ସ୍ଥଳରେ ଦେଖାଯାଏ । ସ୍ଥାନେ ସ୍ଥାନେ ଭାବମାନ କିଛିଏ ଜଟିଳ ହୋଇ ଯାଇଅଛି ଏବଂ ଏକ ଏକ ସ୍ଥାନରେ ଭାବ ଗ୍ରହଣକରିବା କଠିନ ହୋଇଅଛି । ଏସବୁ ଦୋଷ ଛାଡ଼ିଦେଲେ ବାକ୍ୟ ବିନ୍ୟାସ କରିବାରେ ରାଧାନାଥବାବୁ ଏ ଗ୍ରନ୍ଥରେ କାରିଗରିର ଚରମ ପରିଚୟ ପ୍ରଦାନ କରିଅଛନ୍ତି । ଗ୍ରନ୍ଥଖଣ୍ଡିକ ଶେଷ ନ ହେଲେ ବିଷୟ ବିଚାରରେ କାରିଗରି କେତେଦୂର ହୋଇଅଛି କୋହିପାର ନ ପାରେ । କୌଶଲ୍ୟାର ପ୍ରେତ-ଆତ୍ମା ଶ୍ୟାମମୟ ରୂପ ଧାରଣ କରି ପାର୍ବତୀଙ୍କ ସମ୍ମୁଖେ ଉପସ୍ଥିତ ହୋଇ ନିଜକାହାଣି ବ୍ୟକ୍ତକରିବା ନିତାନ୍ତ ଅସ୍ୱାଭାବିକ ଓ ଅସମ୍ଭବ ହୋଇଅଛି । ଯେବେ ପାର୍ବତୀ ଆଗନ୍ତୁ ସ୍ୱାମୀଙ୍କର ଏତାଦୃଶ ପାପକଥା ଜାଣିଥାନ୍ତେ ତାହା ହେଲେ ଏହା ନିତାନ୍ତ ସ୍ୱାଭାବିକ ଓ ସମ୍ଭବଯୋଗ୍ୟ ହୋଇଥାନ୍ତା । ଏପରି ବର୍ଣ୍ଣନା ପଢ଼ି ସେକ୍ସପିଅରଙ୍କ 'ହାମଲେଟ' ମନେ ପଡ଼ିଗଲା । ହାମଲେଟର ମୃତ ପିତା ଭୂତରୂପେ ହାମଲେଟ ସମକ୍ଷରେ ଆବିର୍ଭୂତ ହୋଇ ହାମଲେଟ ଯେଉଁ ବିଷୟରେ ନିତାନ୍ତ ଚିନ୍ତିତ ଓ ଚେଷ୍ଟିତ ସେହି ବିଷୟରେ କଥା କହିବା ଅତୀବ ସ୍ୱାଭାବିକ ଓ ସମ୍ଭବଯୋଗ୍ୟ ହୋଇଅଛି ମାତ୍ର ପାର୍ବତୀରେ ତଦ୍ବିପରୀତ । ଯେବେ ଜଗନ୍ନାଥଙ୍କ ମାୟାରେ ସବୁ ହୋଇପାରେ । ତଥାପି ଏପରି ଅସମ୍ଭବ ଓ ଅସ୍ୱାଭାବିକ ଘଟଣା ଘଟାଇବାରେ ଜଗନ୍ନାଥଙ୍କର ବିଶେଷ କୌଣସି ଉଦ୍ଦେଶ୍ୟ ସଫଳ ହେଉ ନ ଥିବାରୁ ତାହା ସଙ୍ଗତ ବୋଲି ବୋଲଯାଇ ନ ପାରେ । ପାର୍ବତୀ ସ୍ୱୟଂ ଆଗନ୍ତୁ ଯାଇଥିଲେ ଜଗନ୍ନାଥଙ୍କ ଆଜ୍ଞା ଓ ଏରୂପ ବର୍ଣ୍ଣନା ଅତୀବ ସ୍ୱାଭାବିକ ଓ ରମଣୀୟ ହୋଇଥାନ୍ତା । ପାର୍ବତୀର ପ୍ରଧାନବିଷୟ ରାଜାଙ୍କ ନିଜ ଦୁହିତ ସହିତ ସହବାସ । ମାତ୍ର ଏବେ ପାର୍ବତୀର ଏହିଅଂଶ କୌଶଲ୍ୟାର କଥାରେ ଭଲରୂପେ ବର୍ଣ୍ଣିତ ହୋଇ ପାରି ନାହାନ୍ତି । ଏମନ୍ତ କି ରାଜା ପ୍ରଥମେ ଆସି କୌଶଲ୍ୟାକୁ ଏ ବିଷୟରେ ପ୍ରଶ୍ନ କରିବାଠାରୁ "ପାପ-ପରାଘାତ" ଯାଏ ଘଟଣାବଳି ପରସ୍ପର ନିତାନ୍ତ ବିରୋଧୀ ହୋଇ ପଡ଼ିଅଛି । କବିତାର ପ୍ରଧାନବିଷୟ ଏପରି ଦୋଷରେ ଦୂଷିତ ହେବା ମହତ୍ ଦୋଷ । ଏହି ଦୁଇବିଷୟର କବିଙ୍କର "କାରିଗରି" ଅମ୍ଭମାନଙ୍କୁ ଭଲ ଲାଗି ନାହିଁ । ଏତଦ୍ଭିନ୍ନ ପ୍ରାକୃତିକ ବର୍ଣ୍ଣନା ଇତ୍ୟାଦିରେ କବିଙ୍କର କାରିଗରି ଚରମ ହୋଇ ଅଛି ।

ଅମ୍ଭେମାନେ ଉପରେ ଯେଉଁ ଦୋଷଗୁଡ଼ିକ ଦେଖାଇଲୁଁ ତାହା କେବଳ ଉତ୍କଳଶିକ୍ଷାବିଭାଗର ଶିର୍ଷସ୍ଥାନୀୟ ଜଣଙ୍କ ଉଚିତ ନୁହେ ବୋଲି ବ୍ୟକ୍ତ କଲୁଁ । ଏହାଙ୍କ ଲେଖା ଯେପରି ବିଶଦ ଓ ରସମୟ ତହିଁରେ ଉପରୋକ୍ତ ଦୋଷମାନ ନ ଥିଲେ "ପାର୍ବତୀ" ଉତ୍କଳ-

Digitized by srujanika@gmail.com

ସାହିତ୍ୟରେ ଗୋଟିଏ ଅତି ଉତ୍କୃଷ୍ଟ ଗ୍ରନ୍ଥ ହୋଇଥାନ୍ତା ସନ୍ଦେହ ନାହିଁ ।

---

# ସାପ୍ତାହିକ ସମ୍ବାଦ ।

ଗତ ଚନ୍ଦ୍ରବାରଠାରୁ ବୃଷ୍ଟି ଛାଡ଼ି ଉତ୍ତମ ଖରାପାଗ ହୋଇଅଛି ଏବଂ ଏଥିରେ ସମସ୍ତେ ଆନନ୍ଦ ଅଛନ୍ତି । ଦୁର୍ଗାପୂଜା କେତେଦିନ ଏହିପାଇଁ ହେଲେ ବଡ଼ସୁଖ ହେବ । ବାଂସାଟରୁ ପାଣି ଶୁଖି ନାହିଁ ଏବଂ ନଦୀମାନେ ମଧ୍ୟ ପୂର୍ଣ୍ଣ ଅଛନ୍ତି ।

ଆମ୍ଭମାନଙ୍କ କଲେକ୍ଟର ସାହେବ ପୂଜା ଛୁଟୀମଧ୍ୟରେ କଲିକତା ଯିବେ ବୋଲି ଶୁଣାଯାଏ କଟେଶ ପିଟ୍ରାସନମୃରେ କନକା କଟେଶ ପରିଦର୍ଶନ କରିବେ ।

କଟକ ନଗରରେ ଗୋମେଷାଦି ପଶୁ ମଣ୍ଡଳରେ ସଦାଶ୍ୱଦା ବଢ଼ିବଣ ଓ ସହରସ୍ଥ ଦ୍ରବ୍ୟ ଓ ଅନ୍ୟାନ୍ୟ ଉଦ୍ଭିଦ ପଦାର୍ଥମାନ ନଷ୍ଟ କରୁଥିବାରୁ କଟକ ମାଜିଷ୍ଟ୍ରେଟ ରିପୋର୍ଟ କରିବାରେ ଛୋଟଲାଟ ଗବର୍ଣ୍ଣମେଣ୍ଟ ୧୮୭୧ ମସିହାର ଏକ ଆଇନର ଧା ୧୨ ରର କ୍ଷମତାନୁସାରେ ଅନୁମତି କରିଅଛନ୍ତି ଯେ ହସ୍ତୀବାଟୀତ ଅନ୍ୟ ଗୋମେଷାଦି କାଞ୍ଜିହାଉସରେ ଦାଖଲ ହେଲେ ପ୍ରତ୍ୟେକ ପଶୁ ନିମନ୍ତେ ଆଇନ ଧାର୍ଯ୍ୟ ଜରିମାନାର ଦ୍ୱିଗୁଣ ନିଆ ଯିବ ଓ ମଧ୍ୟ ୧୮୭୧ ସାଲର ୨୭ ଆଇନ ୧୨ ଧାରାର ସହିତରେ ସମ୍ପର୍କ ଅଛି ବୋଲି ପାଠ କର ଯିବ ଓ ଦଶଟଙ୍କା ଜରିମାନା ସ୍ଥଳରେ ପଚାଶଟଙ୍କା ନିଆ ଯାଇ ପାରିବ ।

ସେନଶେସ ଅମଲାମାନେ ପୂଜାସମୟରେ ଛୁଟୀ ନ ପାଇବାର ଶୁଣି ଏମନ୍ତ ଦୁଃଖିତ ଅଛନ୍ତି ଯେ ଅନେକଙ୍କର କାର୍ଯ୍ୟ-[illegible] ଅମଲାଙ୍କଉପରେ ନିର୍ଦ୍ଦୟ ହେବା ଭଲ ନୁହଇ । ଅଉ ଦ ୧୨ ଦିନ ଛୁଟି ଦେଲେ ବିଶେଷ ଗଣ୍ଡ ହେବ ନାହିଁ ମାତ୍ର ଅମଲାଙ୍କ ମନକୁ ବାଧିଲେ କାର୍ଯ୍ୟରେ ଭ୍ରାନ୍ତି ଓ ବିଶୃଙ୍ଖଳା ଘଟିବାର ସମ୍ଭାବନା ଓ ତାହା ଅଧିକ ଅନିଷ୍ଟକର । ଅଥଚ ଠିକାମଜୁରମା ଥିବାରୁ ବଦ ସମୟର ବେତନ ଦେବାହାରୁ ଅଧିକା ଖର୍ଚ୍ଚ ପଡ଼ିବ ନାହିଁ । ହାକିମମାନଙ୍କର ଏସବୁ ବିଚାର କରିବା ଉଚିତ ।

ପୁରୀ ଗୋବର୍ଦ୍ଧନୀ ସର୍ଭଜନମନ୍ତେ ମହନ୍ତ ଶ୍ରୀ ରଘୁନନ୍ଦନ ରାମାନୁଜ ଦାସ ଟ ୫୧ ମହାଜନ ଶ୍ରୀ ଭିଖାରୀ ମିଶ୍ର ଟ ୨୧ ଓ ଶ୍ରୀ ହରିହର ଖୁଣ୍ଟିଆ ଟ ୧୧ ଚେନ୍ଦା ସ୍ୱାକ୍ଷର କରିଅଛନ୍ତି ବୋଲି ସମ୍ପାଦକ ଲେଖି ପଠାଇଅଛନ୍ତି ।

ମିଉନିସିପାଲିଟୀର ଚନ୍ଦେ ପିଅନ୍ତା ଟ ୨୨୬।/୩ ଅତ୍ମସାତ କରି ଏହା ଅପରାଧରେ ଆଇସ୍ଟାଣ୍ଟ ଡେପୁଟିମେଜିଷ୍ଟ୍ରେଟଙ୍କ କର୍ତ୍ତୃକ ବ ୨ ବର୍ଷ କାରାବାସର ଦଣ୍ଡାଜ୍ଞା ପ୍ରାପ୍ତ ହୋଇଅଛି ।

ଶଶାଖାପଟନର କଲେକ୍ଟର ଲଫନ ସାହେବ ଗତ ସପ୍ତାହରେ ମାନ୍ଦ୍ରାଜ ନଗରରେ ମାନବଲୀଳା ଶେଷ କଲେ । ଏହାଙ୍କର ବୟସ ବ ୩୪ ବର୍ଷ ହୋଇ ଥିଲା ।

ବଙ୍ଗଦେଶର ମାନ୍ୟବର ଲେପ୍ଟନେଣ୍ଟ ଗବର୍ଣ୍ଣର ଗତମାସ ତା ୨୭ ରଖରେ ଦାରଜିଲିଙ୍ଗ ପରିତ୍ୟାଗ କରି କୋହାର ଅଞ୍ଚଳର ନାନାସ୍ଥାନ ଭ୍ରମଣ କରିବାକୁ ଆଗାମୀ ଡିସେମ୍ବରମାସ ତା ୭ ରଖରେ କଲିକତାରେ ପହଞ୍ଚିବାର ବନ୍ଦୋବସ୍ତ କରି ଅଛନ୍ତି ।

ଆମେରିକାର ଚିଲିରାଜ୍ୟର ବିପ୍ଳବ ଭଙ୍ଗରୁ ଯେଉଁ ନୂତନ ଗବର୍ଣ୍ଣମେଣ୍ଟ ସେଠାରେ ସ୍ଥାପିତ ହୋଇଅଛି ତାହାକୁ ଯୁରୋପୀୟଗବର୍ଣ୍ଣମେଣ୍ଟମାନେ ସ୍ୱୀକାର କରିଅଛନ୍ତି । ସେଠାର ଭୂତପୂର୍ବ ସଭାପତି ପଳାଇ ଯାଇଥିବାର ଯେଉଁ କଥା ଉଠିଥିଲା ତାହା ଠିକ ନୁହେ । ସେ ମହାଶୟ ଅନେକଦିନ ଲୁଚିରହି ଅବଶେଷରେ ଗତ ସେପ୍ଟେମ୍ବରମାସ ତା ୧୯ ରଖରେ ଆପଣାର ଅପେ ଗୁଳିକରି ପ୍ରାଣ ହରାଇଅଛନ୍ତି । ଲୋଭରୁ ପାପ ଓ ପାପରୁ ମୃତ୍ୟୁ !

ଫ୍ରାନ୍ସଦେଶର ପ୍ରଧାନ ନଗର ପାରିସ ସହରରେ ଗୋଟିଏ ଜର୍ମାନୀୟ କାବ୍ୟଗୀତ ଗତ ସେପ୍ଟେମ୍ବରମାସ ତା୧୬ ରଖରେ ରଙ୍ଗରେ ଅଭିନୀତ ହୋଇଥିଲା । ଅଭିନୟସ୍ଥଳରେ ଅନେକଲୋକ ଉପସ୍ଥିତ ଥିଲେ ଏବଂ ଅଭିନୟ ମଧ୍ୟ ଅତି ସୁନ୍ଦର ହୋଇଥିଲା । ମାତ୍ର ଉକ୍ତ ଗୀତନାଟ୍ୟ-ରଚୟିତାଙ୍କ ବିପକ୍ଷ ଲୋକେ ଗୋଳମାଳ ଆରମ୍ଭ କରିବାରୁ ଶେଷରୁ ଏମନ୍ତ ହେଲା ଯେ ଅଭିନୟ ବନ୍ଦ ହୋଇଗଲା । ଭାଗ୍ୟରୁ କୌଣସି ଦୁର୍ଘଟନା ହୋଇ ନାହିଁ । ପୁଲିସ ପ୍ରାୟ ସହସ୍ର ଲୋକଙ୍କୁ ଧରିଅଛନ୍ତି । ଏଥିର ଦ୍ୱିତୀୟଅଭିନୟ ଦିନ ତେତେ ଗୋଳ ହୋଇ ନାହିଁ । ବାହାରେ ଯେଉଁମାନେ ଗୋଳ କରୁଥିଲେ ସେମାନଙ୍କମଧ୍ୟରୁ ନ ୧୦୦ ଣ ଧୃତ ହୋଇଅଛନ୍ତି ।

କଥିତହୁଏ ପାର୍ଲମେଣ୍ଟର କମନ୍ସଗୃହରେ ଅଧିବେଶନ ହେଲା ମାତ୍ରକେ ସେଠାରେ ବଙ୍ଗବାସୀସମ୍ବାଦପତ୍ରର ମୋକଦମା ବିଷୟ ଆଗତ ହେବ ।

ଆଲିପୁରମୁନସଫଙ୍କ ଅଦାଲତରେ ପ୍ରତିବାଦୀପକ୍ଷରୁ ଜଣେ ଓକିଲ ଏକ ମୋକଦ୍ଦମାରେ କେତେକ ଦଲ୍ଲିଲ ଦାଖଲ କରିଥିଲେ । ତହିଁମଧ୍ୟରୁ ଗୋଟିକରେ ପ୍ରତିବାଦୀର ଦସ୍ତଖତରେ ଭଲ ହେବ ଏପରି କେତେକ ପରିବର୍ତ୍ତନ ଘଟିଥିବାର ପ୍ରକାଶ ହେବାରୁ ଅବଶେଷରେ ଓକିଲଙ୍କର ମୋହରର ଧରାହୋଇ ଦୌରାସୁପର୍ଦ୍ଦ ହୋଇଅଛି ।

ହାବଡ଼ା ଫୌଜଦାରୀଅଦାଲତରେ ଏକ ପିତୃହତ୍ୟାର ଉଦ୍ଯୋଗ କରୁଥିବା ଅପରାଧର ମୋକଦ୍ଦମା ବିଚାରିତ ହୋଇ-[illegible] ତାହାକୁ ତାହାର ପିତା ସବୁ ବାହାରକରି ଦେବାରୁ ଆସାମୀ ରାଗାନ୍ୱିତ ହୋଇ ପିତୃହତ୍ୟାର ଉଦ୍ଯୋଗ କରୁଥିଲା ! ବିଚାରକାଳରେ ଆସାମୀ ନିର୍ଦ୍ଦୋଷୀ ଥିବାର ବ୍ୟକ୍ତ କରିବାରୁ ବିଚାରରେ ଜୁରିମାନେ ତାହାକୁ ଦୋଷୀ କଲେ ମାତ୍ର କ୍ଷମାକରିବା କାରଣ ବିଚାରପତିଙ୍କି ଅନୁରୋଧ କଲେ । ବିଚାରପତି ଆସାମୀକି ବ ୫ ବର୍ଷ କାରାଦଣ୍ଡ ଦେଇଅଛନ୍ତି । ଘୋର ଦୁର୍ଣ୍ଣୀତର କାଳ ଉପସ୍ଥିତ ।

ସେହି ହାବଡ଼ା ଫୌଜଦାରୀଅଦାଲତରେ ଆଉ ଏକ ମାତୃହତ୍ୟାର ମୋକଦ୍ଦମା ପଡ଼ିଥିଲା ! ଆସାମୀ ମାତାକୁ ଦ୍ୱିତୀୟକରି ଭଉଣି ମଧ୍ୟ ମାରିବାକୁ ବସିଥିଲା । ଏହାର ବିବରଣ ପାଠକେ ଅବଗତଅଛନ୍ତି । ଆସାମୀପ୍ରତି ଫାଶିଦଣ୍ଡର ଅଦେଶ ହୋଇଅଛି ।

ଦକ୍ଷିଣଅଷ୍ଟ୍ରେଲିଆରାଜ୍ୟରେ ବନ୍ୟାଯୋଗୁଁ ମୃଜଲ, ଲେମ୍ବୁ, ଅଙ୍ଗୁର ପ୍ରଭୃତି ଶସ୍ୟର ବିଶେଷ ହାନି ହୋଇଅଛି । ବନ୍ୟାରେ ବୁଡ଼ିମରିଥିବା ୧୬୦୦ ଲୋକଙ୍କ ଖବର ଜଣା ଯାଇଅଛି । ଆଉ କେତେଲୋକ ମରିଅଛନ୍ତି ତହିଁର ଠିକଣା ହୋଇ ନାହିଁ । ବନ୍ୟାପୀଡ଼ିତଲୋକଙ୍କୁ ସାହାଯ୍ୟ କରଣାର୍ଥ ଲଣ୍ଡନନଗରରେ ଚାନ୍ଦା ସଂଗୃହୀତ ହେଉଅଛି ।

ସଭାପତି କାର୍ଣ୍ଣୋଟ ସାହେବ ୧୩୦୦୦୦ ହଜାର ସେନାଙ୍କର ପ୍ରତ୍ୟାଗ୍ରପରେଡ କରି ବଡ଼ ସନ୍ତୁଷ୍ଟ ହୋଇଅଛନ୍ତି । ଏ ପରେଡରେ ସେନାମାନେ ଅତ୍ୟାଶ୍ଚର୍ଯ୍ୟପ୍ରକାର ରଣଶିକ୍ଷା ପ୍ରାପ୍ତ ହୋଇଥିବାର ଦେଖାଗଲା ।

ବମ୍ବାଇ ରଜା-ବୋଇଗ୍ରାସାଦରୁ ପଡ଼ି ନ ୨ ଣ ସ୍ତ୍ରୀ ଲୋକ ମରି ପଡ଼ିଥିବା ସମ୍ବନ୍ଧରେ ପାର୍ସିମାନେ ଅବଧି ନିରସ୍ତ ହୋଇ ନାହାନ୍ତି । ଯେଉଁ ବ୍ୟକ୍ତି ହତ୍ୟାକାରୀର ଠିକଣା କରିଦେବ ତାହାକୁ ଟ ୨୦୦୦୦ ଙ୍କା ସେମାନେ ପୁରସ୍କାର ଦେବା ସ୍ଥିର କରିଅଛନ୍ତି । ଏ ଟଙ୍କାରୁ ଅର୍ଦ୍ଧେ ଗ୍ରାସାଦକମିଟି ଏବଂ ଅର୍ଦ୍ଧେ କାମିକାମସେଦ ନାମକ ପାର୍ଶିସମ୍ବାଦପତ୍ର ପ୍ରଦାନ କରିବେ ।—ପାର୍ଶିମାନଙ୍କ ଅଧ୍ୟବସାୟ ପ୍ରଶଂସନୀୟ ।

ଯେଉଁ ଖାଇକଣ୍ଡ ଦେଇ ହାଇଦରାବାଦର ନିଜାମ ନେକକ୍ଷ ସାହେବଙ୍କ ନାମରେ କଲିକତାରେ ଫୌଜଦାରୀ ମୋକଦ୍ଦମା ଚଳାଉଅଛନ୍ତି ତାହାକୁ ପଚାଶଲକ୍ଷ ଟଙ୍କା ମୂଲ୍ୟରେ ପଟେଶ୍ୱରର ମହାରଜା କିଣି କରିବାର ଇଚ୍ଛା ପ୍ରକାଶ କରିଅଛନ୍ତି ।

ମଣିପୁରର ଯେଉଁଆସାମିମାନଙ୍କ ଦ୍ୱୀପାନ୍ତର ଦଣ୍ଡ ପ୍ରଦତ୍ତ ହୋଇଅଛି ସେମାନେ ସେଠାରେ ଅନ୍ୟ କଏଦୀଙ୍କ ପ୍ରାୟ ବ ୧୦ ବର୍ଷ ଜେଲଖାନାରେ ନ ଥାଇ ଏକାବେଳକେ ସ୍ୱେଚ୍ଛାଧୀନ ରହିବେ ।

ରୁଷୀୟସମ୍ବାଦପତ୍ର ନୋବସ୍ତିରେ ପ୍ରକାଶିତ ହୋଇଅଛି ଯେ ରୁଷିୟାର ସାମ୍ରାଜ୍ୟ ଅତ୍ୟନ୍ତ ବିସ୍ତୃତ ଅଟଇ । ସୁତରାଂ ରୁଷିୟା ସାମ୍ରାଜ୍ୟ ବୃଦ୍ଧି କରିବା କାରଣ ଭାରତବର୍ଷକୁ ନେବାକୁ ଚେଷ୍ଟା ନ କରନ୍ତୁ କେବଳ ଇଂରାଜ ଗବର୍ଣ୍ଣମେଣ୍ଟ ତାଙ୍କପ୍ରତି ଯୁରୋପରେ ବିରୋଧଭାବ ଦେଖାଇଥିବାରୁ ସେ ପ୍ରତିହିଂସା ସାଧନ ନିମିତ୍ତ ଭାରତବର୍ଷକୁ ଆକ୍ରମଣ କରିବାର ଇଚ୍ଛା କରିଅଛନ୍ତି ।

ଆମ୍ଭମାନଙ୍କର ଯୁବରାଜ ପ୍ରିନ୍ସ ଅଫ ଓଏଲସଙ୍କ ଜ୍ୟେଷ୍ଠପୁତ୍ର ଭାରତବର୍ଷକୁ ଆଗମନ କରିଥିବା ବିଷୟ ଚିରସ୍ମରଣୀୟ କରିବା କାରଣ ପଞ୍ଜାବବିଶ୍ୱବିଦ୍ୟାଳୟକୁ ପଟିୟାଲାର ମହାରଜା ଟ ୫୦୦୦୦ ଙ୍କା ପ୍ରଦାନ କରିଅଛନ୍ତି । ତହିଁରେ ଏଲ, ଏଏ ଓ ଏମ୍ ଏ ଉଚ୍ଚଶ୍ରେଣୀର ପିଲାମାନଙ୍କୁ ଗୋଟିଏ ଛାତ୍ରବୃତ୍ତି ପ୍ରଦତ୍ତ ହେବାର ବନ୍ଦୋବସ୍ତ ହୋଇଅଛି । ଏ ଦାନ ଅତି ପ୍ରଶସ୍ତହୃଦୟର ପରିଚାୟକ ।

---

### ପତ୍ରପ୍ରେରକଙ୍କପ୍ରତି ।

କଳ୍ପତରୁ ଦାସ—ଯେଉଁ ବିଷୟାଧୀନ ତହିଁରେ ମତାମତ ପ୍ରକାଶ କରିବା ଅପରାଧ ଅଟଇ । ଯାହାର ଯାହା ବକ୍ତବ୍ୟ ଅଦାଲତକୁ ଜଣାଇ ପାରନ୍ତି ।

---

### ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଳ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ଆପଣଙ୍କ ତା ୨୨ ରଖ ଅଗଷ୍ଟ ଦୀପିକାରେ ଜନୈକ ପତ୍ରପ୍ରେରକ ୨ଟୋଟି ପ୍ରଶ୍ନ କରିଥିବାରୁ ତଦ୍ବିଷୟରେ ଅଳ୍ପ ସଭାର ମତ ନିମ୍ନରେ ଲେଖିଲୁଁ ପତ୍ରିକାରେ ପ୍ରକାଶିତ କରି ବାଧିତ କରିବା ହେବ ।

୧ମ ପ୍ରଶ୍ନର ଉତ୍ତର ଯଥା;—ଦତ୍ତକ ପ୍ରତିଗ୍ରହପ୍ରକାରମାହ, ବଶିଷ୍ଠଃ । ବନ୍ଧୁନାଦୂଷ୍ୟ ଦୂରସ୍ଥାନ୍ ବନଦେବ୍ୟ ମପ୍ରାଳୁତାଂ । ହୁତ୍ୱା ବ୍ୟାହୃତି-

Digitized by srujanika@gmail.com

ଉତ୍ପନ୍ନ ଗୃହୀତ୍ୱା ସୂତକମାପଦ । ଇତି । ଅପବ୍ ମରଣକାଳ ଇତ୍ୟର୍ଥଃ । ଶାସ୍ତ୍ରରେ ଉକ୍ତପ୍ରକାର ଦତ୍ତପୁତ୍ରଗ୍ରହଣର ବିଧି ବିଦ୍ୟମାନ ଥିଲେହେଁ ଅସ୍ମଦ୍ଦେଶରେ ଉକ୍ତ ବିଧାନରେ ଦତ୍ତକ ଗ୍ରହଣ ପ୍ରଚଳିତ ହେଉ ନାହିଁ । କେବଳ ଉପନୟନଦ୍ୱାରା ଦତ୍ତପୁତ୍ର ସିଦ୍ଧ ହେଉଥିବାର ଦେଖାଯାଏ । ବାଲ୍ୟକାଳରୁ ଦତ୍ତକ ଗ୍ରହଣ କରିବାରୀତି ଏଦେଶରେ ଅନେକସ୍ଥଳରେ ଦେଖାଯାଉଥିଲେହେଁ ଉପନୟନ ପୂର୍ବରୁ ତାଦୃଶ ସନ୍ତାନ ମୃତ ହେଲେ କେବଳ ଜନ୍ମପିତା ଅଶୌଚ ପାଳିବାର ଲୋକାଚାରରେ ଦେଖାଯାଉଅଛି । ସୁତରାଂ ପୋଷକପିତା ଅଶୌଚ ପ୍ରତିପାଳନ କରିବା ଦେଶବିରୋଧ ହେବ । ଯଦ୍ୟପି ସିଦ୍ଧଂ ଲୋକବିରୁଦ୍ଧଂ ନାଦରଣୀୟଂ ନାଚରଣୀୟଂ ମିତିପ୍ରମାଣାତ୍ । ଇତି ।

୨ୟ ପ୍ରଶ୍ନର ଉତ୍ତର ଯଥା;—ପ୍ରଶ୍ନୋକ୍ତ ବିଧବାଙ୍କୁ କୁଳରୁ ତ୍ୟାଗକରିବା ବିହିତ ଅଟେ । ଯେହେତୁ ସେ ବିଧବା ପତିତ ହୋଇ ଅଛି । ପତିତେ ପ୍ରମାଣମାତ୍ୱରଷଣ୍ଡେ ।—"ପତିଘ୍ନୀ ପରଜାପତ୍ୟା, ହତାବଶ୍ଚସ୍ତନାସିକାଃ । ଅଗ୍ନିଦୋ ଗରଦଶ୍ଚାପି ପତିତାଃ ପରକୀର୍ତ୍ତିତାଃ । "ଏଥିରୁ ସ୍ପଷ୍ଟ ଜଣାଯାଏ ଯେ "ପରଜାପତ୍ୟା" (ଅର୍ଥାତ୍ ପରପୁରୁଷଦ୍ୱାରା ଯାହାର ସନ୍ତାନ ଜନ୍ମି ଅଛି) ଏପରି ବିଧବାଙ୍କୁ ପତିତ ବୋଲାଯିବ । ସୁତରାଂ ତାହାର ଉକ୍ତ ପାପରୁ ମୁକ୍ତି ହୋଇ ନ ପାରେ । ଯଥା-ପ୍ରମାଣଂ ପ୍ରାୟଶ୍ଚିତ୍ତପ୍ରକରଣେ । ଯଦ୍ ଗର୍ଭ ଦ୍ଦୋଷପ୍ରବୃତ୍ତି ର୍ନିଷ୍କୃତି ର୍ନୈବ ବିଦ୍ୟତେ" ଇତି । ତଥା, ବିଧବାୟାଂ ଇତ୍ୟର୍ଥଃ ପ୍ରାକରଣିକଃ । ଅତଏବ ଉକ୍ତ ପତିତ ବିଧବାଙ୍କୁ ଦାସୀଘଟତ୍ୟାଗ ବିଧାନରେ କୁଳରୁ ତ୍ୟାଗ କରିବାକୁ ବଂଶୀୟମାନେ ବାଧ୍ୟ ହେବେ । ଏପରି ତ୍ୟାଗରେ ସର୍ତ୍ତିବାଦଦ୍ୱାରା ଶୁଦ୍ଧିକ୍ରିୟା କର୍ତ୍ତବ୍ୟ ନୁହଇ ସୁତରାଂ ଅନ୍ତିବାଦ ହୋଇ ନ ପାରେ । ପୁନଶ୍ଚ ସେ ବିଧବା ମଲାବେଳେ ତାହାପାଇଁ ବଂଶୀୟମାନେ ଅଶୌଚ ପାଳିବାର ଆବଶ୍ୟକ ନାହିଁ ।

ଆଉ ତାହାର ପୁତ୍ର ତାଦୃଶ-ମାତାର ଶୁଦ୍ଧିକ୍ରିୟା କରିବ ନାହିଁ (କେବଳ "ଦାସୀଘଟତ୍ୟାଗ" ବିଧିରେ ଶୁଦ୍ଧି ହେବ) ଅଥଚ ଉକ୍ତ ମାତାପାଇଁ ପୁତ୍ର ସାମ୍ବତ୍ସରିକ ପ୍ରଭୃତି ଶ୍ରାଦ୍ଧ କରିବ ନାହିଁ । ଜଳ ତର୍ପଣ ହେବ ନାହିଁ । ଯେବେ କେହି ଅଜ୍ଞାନରେ ଉପରୋକ୍ତ ନିଷିଦ୍ଧକ୍ରିୟାମାନ କରେ ତେବେ ସେ ଦୁଇବାର ତପ୍ତକୃଚ୍ଛ୍ରଚାନ୍ଦ୍ରାୟଣବ୍ରତ କଲେ ସ୍ୱୟଂ ପାପରୁ ମୁକ୍ତ ହେବ ଅନ୍ୟଥା ସ୍ୱୟଂ ପତିତ ହେବ ।

ଏତଦ୍ବିଷୟେ ପ୍ରମାଣଂ ଲିଖ୍ୟତେ ।—

ପତିତାନାଂ ନ ଦାହଃ ସ୍ୟାନ୍ନାନ୍ତ୍ୟେଷ୍ଟି ର୍ନାସ୍ଥିସଞ୍ଚୟଃ । ନଚାଶ୍ରୁପାତଃ ପିଣ୍ଡୋ ବା ନ ଚ କାର୍ଯ୍ୟୋଦକକ୍ରିୟା । ଏତାନି ପତିତାନାଂ ତୁ ଯଃ କରୋତି ବିମୋହିତଃ । ତପ୍ତକୃଚ୍ଛ୍ରଦ୍ୱୟେନୈବ ତସ୍ୟ ଶୁଦ୍ଧି ର୍ନଚାନ୍ୟଥା । ଅର୍ଥଃ ସୁଗମଃ । ଇତି-ଅଲଂ ବହୁନା ।

୧୦-୯-୯୧
ଗାରଜନସିଂହପୁର

ନିବେଦନ
ଶ୍ରୀଯୋଗେନ୍ଦ୍ର ମିଶ୍ର କାବ୍ୟକଣ୍ଠୀରବ
ସମ୍ପାଦକ ଧର୍ମୋନ୍ନତିପ୍ରଦ ସଭା ।

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଗୋପୀନାଥ ଶ୍ରୀଚନ୍ଦନ ସୁନାହାଟ | ତାଲଚେର | ଟ ୩ |
| " ନମାଇବନ୍ଧୁ ଭଣ୍ଡାରୀ | | ଟ ୩ |
| " ଅନନ୍ତବିଦ୍ୟାଭୂଷଣ | ଢେଙ୍କାନାଳ | ଟ ୩ |
| " ମଧୁ ଚେବପରମ ଗୁରୁ | ତାଳଚେର | ଟ ୩ |

## ବିଜ୍ଞାପନ ।

ମାନ୍ୟମାନ୍ୟ ଡିରେକ୍ଟର୍ ସାହେବ ମହୋଦୟଙ୍କ ଆଦେଶକ୍ରମେ ମାଇନର ଵର୍ଣ୍ଣାକ୍ୟୁଲର ଏବଂ ଅପରପ୍ରାଇମେରି ପରୀକ୍ଷାମାନ ସନ ୧୮୯୨ ମସିହା ଜାନୋୟାରୀ ମାସରେ ନ ହୋଇ ସନ ୧୮୯୧ ମସିହାର ନଭେମ୍ବରମାସ ଶେଷରେ ଜମା ଟର୍ମର ଆଦ୍ୟରେ ଗୃହୀତ ହେବାର ଅବଧାରିତ ହୋଇଥିବାରୁ ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି କୌଣସି ଛାତ୍ର କୌଣସି ସ୍କୁଲରେ ଜମା ଡେପୁଟୀଇନ୍ସପେକ୍ଟରଙ୍କ ଅନୁମୋଦନରେ ଉକ୍ତ ସ୍କୁଲରେ ଏକାଦିକ୍ରମେ ମା ୬ ସ ସ୍ଥଳେ ମା ୪ ସ ଅଧ୍ୟୟନ କରିଥିଲେ ତାହାଙ୍କୁ ସନ ୧୮୯୧ ସାଲ ଉକ୍ତ ପରୀକ୍ଷାମାନଙ୍କରେ ସ୍କୁଲର ଛାତ୍ରସ୍ୱରୂପ ଗଣ୍ୟ କରାଯାଇ ପାରେ ।

Sd, R. N, Rai
Joint Inspector of Schools
Orissa Division

## NOTICE.

Wanted a graduate Head master on Rs. 55 for the Jajpur Entrance School. Preference will be given to one who will stick to the post for more than a year. Also a 4th Master on Rs. 20; preference being given to one who has read up to the F. A standard. Both may have private tuitions here. Apply to the undersigned before the 25th October next.

Jajpur School
29—9—91

Rajani Nath Ghosh
Munsif and Vice-President of the Jajpur School Committee.
District Cuttack.

## NOTICE.

Wanted an experienced English knowing compounder on a salary Rs. 8 per month rising to Rs. 10 for the Imperial Druggist Hall Cuttack. Preference should be given to those who write good hand and can produce certificates of good moral character from some persons of respectability.

Apply to
Dr. L. N. Naik
Proprietor
Imperial Druggist Hall
Cuttack.

## ବିଜ୍ଞାପନ ।

ଶ୍ରୀ ଶ୍ରୀ ଶାରଦୀୟା ପୂଜା ଉପଲକ୍ଷରେ ଉପହାର
ସ୍ମିଥ୍ ଏଣ୍ଡ କୋମ୍ପାନୀଙ୍କ ପ୍ରସ୍ତୁତ
ବସନ୍ତମାଲତୀ-ତୈଳ ।

ସୁନ୍ଦର ସୁନ୍ଦରୀମାନଙ୍କର ଆଦରର ଧନ ଅତ୍ୟୁତ୍କୃଷ୍ଟ ସୁବାସିତ ଗୋଲାପି ନାରିକେଳ ତୈଳ । ଆଜିକାଲି ଅନେକ ସୁବାସିତ ତୈଳର ଆମଦାନୀ ହେଉ ଅଛି ସତ୍ୟ ମାତ୍ର ପରୀକ୍ଷାଦ୍ୱାରା ଦେଖାଯାଇ ଅଛି ଯେ ସେହି ସବୁ ତୈଳର ସାମାନ୍ୟ ସୌଗନ୍ଧ । ଅଳ୍ପକାଳମଧ୍ୟରେ ନଷ୍ଟ ହୁଏ ମଧ୍ୟ ଏକ ପ୍ରକାର ବିକୃତ ଗନ୍ଧ ନିର୍ଗତ ହୋଇ ଶରୀରର ମହା ଅନିଷ୍ଟ ସାଧନ କରେ । ଏହି ସମସ୍ତ କାରଣରୁ ଆମ୍ଭେମାନେ ବୈଜ୍ଞାନିକ ଉପାୟଦ୍ୱାରା ବିଶୁଦ୍ଧ ନାରିକେଳତୈଳର ସ୍ୱାଭାବିକ ଗନ୍ଧ ଦୂରୀଭୂତ କରି ସର୍ବୋତ୍କୃଷ୍ଟ ମୂଲ୍ୟବାନ୍ ସୁଗନ୍ଧ ଦ୍ରବ୍ୟ ଦେଶୀୟ ଓ ବିଲାତି ଅନ୍ୟୂନ ୪୦ ପ୍ରକାର ଦ୍ରବ୍ୟ ପ୍ରସ୍ତୁତ କରି ଏଥିରେ ମିଶ୍ରିତ କରୁ ଅଛୁଁ । ବରଂ ପୁରାତନ ହେଲେ ଏହା ଉତ୍ତରୋତ୍ତର ବୃଦ୍ଧି ପାଇବ ।

ଏହା ବ୍ୟବହାର କଲେ କେଶ ଘନ, ସୂକ୍ଷ୍ମ, ଦୃଢ଼ ହୋଇ ଅକାଳପକ୍ୱତା ଦୂର କରଇ । ମସ୍ତିଷ୍କ ଶୀତଳ ରଖେ ଓ ସ୍ମୃତିଶକ୍ତି ବୃଦ୍ଧି କରେ । ଟାକ୍ ଇନ୍ଦ୍ରିଆ, ଦଦ୍ରୁ, ବ୍ରଣାଦି ସର୍ବପ୍ରକାର ଚର୍ମରୋଗ, ଶିରୋଘୂର୍ଣ୍ଣନ ଶିରଜ୍ୱାଳା ମଥା ଧରିବା ଇତ୍ୟାଦି ସକଳପ୍ରକାର ଶିରୋରୋଗ ଅପ୍ରେମ୍ୟ

Split by PDF Splitter



ହୁଏ ଏବଂ ପିତ୍ତରୋଗ ହସ୍ତ-ପଦ ଜ୍ୱାଳା ଇତ୍ୟାଦି ଉପଶମ ହୋଇ ଶରୀରର ଅନେକ ପ୍ରକାର ଉପକାର ସାଧନ କରେ ଏତଦ୍ବ୍ୟତୀତ ସ୍ତ୍ରୀଲୋକମାନଙ୍କର କେଶପତନତା ରହିତ ହୁଏ ଏବଂ କେଶରେ କୌଣସିପ୍ରକାର ମଇଳ ବା ରୂପ କମ୍ପା ଉକୁଣି ଜନ୍ମ ହୁଅଇ ନାହିଁ । ଫଳକଥା ଏହି ଯେ କିଛି ଦିବସ ବ୍ୟବହାର ଦ୍ୱାରା ସର୍ବପ୍ରକାର ରୋଗ ବିନଷ୍ଟ ହୋଇ ଦେହର କାନ୍ତି ବୃଦ୍ଧି ଓ ପୁଷ୍ଟିସାଧନ କରଇ । ଏବଂ ଦିନଦିନ ଶରୀରର ଲାବଣ୍ୟ ଓ ଉଜ୍ଜ୍ୱଳତା ପ୍ରକାଶ କରି ସ୍ୱାସ୍ଥ୍ୟର ବିଶେଷ ଉନ୍ନତି ସାଧନ କରଇ । ମୂଲ୍ୟ ବଡ଼ ଶିଶିକୁ ଟ ୦ ।୵

ଲାବଣ୍ୟବତୀ ନାମକ ବିଶୁଦ୍ଧ ଗୋଲାପି ତେଲ-ତୈଳ ଯେଉଁମାନେ ନାରିକେଳତୈଳ ବ୍ୟବହାର ନ କରନ୍ତି ସେମାନଙ୍କ ପକ୍ଷେ ଏହା ଉପଯୋଗୀ ଫଳ ଉପରୋକ୍ତ ତୈଳର ସମାନ ଅଟଇ ।

ମୂଲ୍ୟ ୧ ଶିଶିର ଟ ୦ ୵

ପ୍ରକାଶ ଥାଉ କି ଉପରୋକ୍ତ ତୈଳ କଟକ-ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକଦୋକାନରେ ଏବଂ ଆରଡିବଲଡକର କମ୍ପାନୀଙ୍କ ଦୋକାନରେ ପ୍ରାପ୍ତବ୍ୟ ।

ଚଉଧୁରୀ ବଜାର କଟକ } ସ୍ମିଥ୍ ଏଣ୍ଡ କମ୍ପାନୀ ୧୫ । ୯ । ୯୧

## ଖାଲିକାଗଜ ।

ଉତ୍କୃଷ୍ଟ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରିଶଙ୍କର ରାୟଙ୍କ ବଖାରୀ ନିକଟସ୍ଥ ବାବୁ ଅଭୟଚରଣ କର କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉଅଛି ଯଥା—

୧୭ ରତି ଗାଡ଼ ୦ ୧୮ ଟ ୨୶ ୦ ୧୬ ଟ ୦।୵
୧୮ ରତି " " ଟ ୨।୵ " ଟ ୦ ।୵
୧୨ ରତି " " ଟ ୨। " ଟ ୦ ୵
୨୨ ରତି ଫୁଲସ୍କେପ୍ " ଟ ୨। " ଟ ୦ ।୵

ଶ୍ରୀଯୁକ୍ତ ବାବୁ ଗୌରିଶଙ୍କର ରାୟଙ୍କର ଚଉଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ତସରଚୋଳା ଓ ଜଲଗ ଓ ରେଶମୀଓଲେର ଲୁଗା ଓ ଷ୍ଟେସନରୀ ଓ ନାନାଂବିଧ ଜିନିଷ ସବୁଦିନର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ତଦ୍ଭିନ୍ନ ଅନେକପ୍ରକାର ଫେନ୍ସି ଜିନିଷ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ ।

## ପିଚଢାଳ ।

ଏ ଢାଳକୁ କେହିହେଲେ ପାଣିରେ ଉଷୁମ କରି ଖାଇଲେ କୋଠାଘରର ଫାଟରେ ଦେଲେ ପାଣିଗଳା ବନ୍ଦ ହେବ ଘରର ମଟିଆ ଅଧେ ଲେପିଦେଲେ ମଜବୁତ ହେବ ଓ ଭଲ ଧରେ ନାହିଁ ।

କଟେଇ ଚମଡ଼ା ଓ ସାଜରେ ଲଗାଇବାର ଚାଲ ମଧ୍ୟ ଅଛି ।

ଅଭୟଚରଣ କର କମ୍ପାନୀ

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚା ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

ଧାଡ଼ିପ୍ରତି ଟ ୦୵
ଅର୍ଦ୍ଧସ୍ତମ୍ଭକୁ ଟ ୨୧
ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩୧

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ତହିଁର ଖର୍ଚ୍ଚା ଟ ୦୮ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚା ପ୍ରଥମଥରର ଦେଢ଼ା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇଥାଉ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନଦାତାଙ୍କ ପଠାଇବାକୁ ହେବ ।

## କଟକ ଭଣ୍ଡାର ।



ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥେ ଆଜକୁ ପ୍ରାୟ ପାଞ୍ଚବର୍ଷ ହେବ ସ୍ଥାପିତ ହୋଇ ସୁବନ୍ଦୋବସ୍ତ ସହିତ କାର୍ଯ୍ୟ ଚଳୁଅଛି । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହାଛଡ଼ା ଅନ୍ୟ ଯାହାର ଯେଉଁଦ୍ରବ୍ୟ ପ୍ରୟୋଜନ ହୁଏ ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇ ଦିଆଯାଏ । ମାଦକ ଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ । ଯେଉଁ ଦ୍ରବ୍ୟମାନ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ବଜାର ଦର ଉପରେ କିଣି ପଠାଇବାର ପରିଶ୍ରମନିମନ୍ତେ ଶତକଡ଼ା ଟ ୨। ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯାଏ । କେବଳ ପ୍ୟାକିଂ ଓ ଡାକଖର୍ଚ୍ଚା ପଠାଇଲେ ଔଷଧ ଓ ଦ୍ରବ୍ୟାଦି ଭାଲ୍ୟୁପେଇବଲ ଡାକରେ ମଧ୍ୟ ପଠାଯାଇ ପାରେ । ବେରଂ ବା ଇନସଫିସିଏଣ୍ଟ ପତ୍ର ଗୃହୀତ ହୁଏ ନାହିଁ ଏବଂ ରିପ୍ଲାଇକାର୍ଡ ବା ଦୁଇପଇସିଆ ଟିକଟ ଖଣ୍ଡେ ନ ପଠାଇଲେ ପତ୍ରର ଉତ୍ତର ଦିଆଯାଏ ନାହିଁ ।

ମଫସଲବାସୀ ଅନେକ ଅନେକ ରାଜା ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କଠାରୁ ସର୍ବଦା ରୋଗର ଚିକିତ୍ସା ଓ ଔଷଧ ପ୍ରେରଣ କରିବାସକାଶେ ଧନ୍ୟବାଦ ପାଇଥାଉଁ । ଅତଏବ ସେମାନଙ୍କ ଓ ସର୍ବସାଧାରଣଙ୍କ ସୁବିଧାର୍ଥେ ଜଣାଉଅଛୁଁ କି ଯେଉଁମାନେ ଆମ୍ଭଦ୍ୱାରା ଅତଃପର ଚିକିତ୍ସିତ ହେବାକୁ

Digitized by srujanika@gmail.com

Split by PDF Splitter



ଇଚ୍ଛା କରନ୍ତି ସେମାନେ ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି ମୂଳକ କି ନା, ରୋଗୀ ପୁରୁଷ କି ସ୍ତ୍ରୀ, ରୋଗିର ପୂର୍ବ ଓ ବର୍ତ୍ତମାନ ଆଚରଣ, ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁ ପ୍ରକୃତି ଇତ୍ୟାଦି ରୋଗର ବୃତ୍ତାନ୍ତ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ । ଟଙ୍କା, କଉଡ଼ି କି ପତ୍ରାଦି ନିମ୍ନ ଠିକଣାରେ ଆମ୍ଭଠାରୁ ପଠାଇବାକୁ ହେବ ।

କଟକ　ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

# ନୂତନ ପୁସ୍ତକ ।

**A KEY TO NEW ROYAL READERS NO. IV MINOR COURSE.**

ସେପ୍ଟେମ୍ବରମାସର ମଧ୍ୟରେ ଗ୍ରାହକ ହେଲେ ମୂଲ୍ୟ ଟ୧ ନଗଦ ପରେ ମୂଲ୍ୟ ବୃଦ୍ଧି ହେବ ।

Ditto An Abridged Edition ଟ ୩

ପ୍ରାକୃତିକ ଭୂଗୋଳର ପ୍ରଶ୍ନୋତ୍ତର ଟ ୦ ।, ସ୍ୱାସ୍ଥ୍ୟସାଧନର ପ୍ରଶ୍ନୋତ୍ତର ଟ ୦୵ , ପାଣ୍ଠୁବୁକର ମାନେ ବହି ( ସ୍ତଲର ଓ ପରଶୁର ) ଟ ୦୵

ଧ୍ରୁବ ଚରିତ　ଟ ୦ /

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଏବଂ ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ପ୍ରାପ୍ତବ୍ୟ । ପତ୍ରରେ "ଲଳିତମୋହନଙ୍କ ପ୍ରଣୀତ" ବୋଲି ଲେଖିବ । ନଚେତ୍ ଅନ୍ୟ ଗ୍ରନ୍ଥକାରଙ୍କ ପୁସ୍ତକ ଏହା ବଦଳରେ ପାଇବାର ସମ୍ଭାବନା ।

ସାମ୍ୟବାଦୀ ଇନଷ୍ଟି-ଟ୍ୟୁସନ । କଟକ । }　ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

## ପ୍ରୟୋଜନୀୟ ଔଷଧ ।

ନିମ୍ନଲିଖିତ ପ୍ରୟୋଜନୀୟ ଓ ନିତ୍ୟବ୍ୟବହାର୍ଯ୍ୟ ପରୀକ୍ଷିତ ଔଷଧମାନ ଅଳ୍ପ ଲାଭରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ।

୧ । ପାରିଜାତ ତୈଳ—ବହୁ ଦିବସରୁ କେଶତତ୍ତ୍ୱ ଅନ୍ୱେଷଣା କରି ଏହି ଔଷଧ ପ୍ରସ୍ତୁତ ହୋଇଅଛି । ଏହା ବ୍ୟବହାର କଲେ, କେଶସ୍ଥଳତା, କେଶର ଅକାଳପକ୍ୱତା, ଅକାଳପତନ, ଏବଂ ଶିରଃପୀଡ଼ା, ଶୀତୋଷ୍ଣସ୍ପର୍ଶଜ ଇତ୍ୟାଦି ନିବାରିତ, ମସ୍ତକର ବର୍ଣ୍ଣ ଓ ଗାଢ଼ଭାବନଷ୍ଟ ହୋଇ ଦେହ ଓ ମସ୍ତିଷ୍କ ସୁଶୀତଳ, କେଶ ବର୍ଦ୍ଧିତ, ଶୋଭାଯୁକ୍ତ ଓ ସୁବାସିତ ହୁଏ । ପ୍ରତି ଶିଶିର ମୂଲ୍ୟ ବାରଅଣା ମାତ୍ର ।

୨ । ଦଦ୍ରୁ ହୁତାଶନ—ନାମ ହୁତାଶନ ସତ୍ୟ କିନ୍ତୁ ପ୍ରୟୋଗ କାଳେ ଜ୍ୱାଳା ଯନ୍ତ୍ରଣା କଣମାତ୍ର ଜଣାଯାଏ ନାହିଁ । ମାତ୍ର ଏହା ଦଦ୍ରୁପକ୍ଷରେ ହୁତାଶନ ତୁଲ୍ୟ କାର୍ଯ୍ୟ କରେ ଏବଂ ତାହାକୁ ଏକାବେଳକେ ବିନଷ୍ଟ କରେ, ତହିଁରେ ଆଉ ସନ୍ଦେହ ନାହିଁ । ଏହା ବ୍ୟବହାର କରି ୨୪ ବର୍ଷର ଦଦ୍ରୁ ରୋଗ ଆରୋଗ୍ୟ ହୋଇଅଛି, ପ୍ରତି ଡବାର ମୂଲ୍ୟ ଚାରି ଅଣା ମାତ୍ର ।

୩ । ଶଳବୀହାରଣୀ—ଏହା ଯଥାବିଧି ସେବନ କଲେ ନ ପ୍ରାଚୀନ ବା ନୂତନ ସବୁ ପ୍ରକାର ଶୂଳ, ପିତ୍ତଶୂଳ, ଜମ୍ବୁ ଶୂଳ ( ଅମ୍ଳଶୂଳ ), ବମନାଦି ଓ ତତ୍‌ସଂଲଗ୍ନ ଅନ୍ୟାନ୍ୟ ଲକ୍ଷଣମାନ ଦୂର ହୁଏ । ଏକପକ୍ଷ କାଳ ସେବନୀୟ ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୪ । କୋଷ୍ଠରେଚକ ବଟିକା—କୋଷ୍ଠବଦ୍ଧ ସର୍ବପ୍ରକାର ରୋଗର ଉତ୍ପତ୍ତି ଓ ବୃଦ୍ଧିର ପ୍ରଧାନ କାରଣ ଅଟେ । କୋଷ୍ଠଶୁଦ୍ଧି ନ ହେଲେ କୌଣସି ରୋଗ ଆରୋଗ୍ୟ କିମ୍ବା କୌଣସି ଔଷଧ ମଧ୍ୟ କାର୍ଯ୍ୟକାରକ ହୁଏ ନାହିଁ । ଏହି ଔଷଧ ବ୍ୟବହାର କଲେ କି ପ୍ରାଚୀନ କି ନୂତନ ସବୁପ୍ରକାର କୋଷ୍ଠବଦ୍ଧ ଏବଂ କୋଷ୍ଠବଦ୍ଧଜନିତ ଅନ୍ୟାନ୍ୟ ପୀଡ଼ା ଯଥା, କୋଷ୍ଠାଶ୍ରିତ ବାୟୁ, ଜ୍ୱର, ଅର୍ଶ, ଅଜୀର୍ଣ୍ଣ, ଶୋଥ, ଉଦରି, ଯକୃତ, ପାଣ୍ଡୁ, ଓ ତଜ୍ଜନିତ ଶିରଃପୀଡ଼ା ଓ ଘୂର୍ଣ୍ଣାଦି ନିବାରିତ ହୁଏ ।

ଏହି ନିର୍ଦ୍ଦୋଷ ବିରେଚକ । ସର୍ବପ୍ରକାର ପୀଡ଼ାରେ ଏବଂ ଅନ୍ୟାନ୍ୟ ଔଷଧ ବ୍ୟବହାରର ସଙ୍ଗେ ମଧ୍ୟ ଏହା ବ୍ୟବହାରର ଉପଯୁକ୍ତ ଅଟେ । ଯୁବା, ଅପ୍ରାପ୍ତ, ବାଳକ, ବୃଦ୍ଧ, ସ୍ତ୍ରୀ ଓ ପୁରୁଷ ସମସ୍ତେ ଏହା ସେବନ କରି ପାରନ୍ତି । ସପ୍ତାହ କାଳ ସେବନୀୟ, ଔଷଧର ମୂଲ୍ୟ ଏକ ଟଙ୍କା ।

୫ । ଜ୍ୱରସାଗର ଅଗସ୍ତ୍ୟ—ଏହା ସେବନ କଲେ ମ୍ୟାଲେରିଆ ବା ଦୂଷିତ ଜଳବାୟୁଜନିତ ଜ୍ୱର, ସର୍ବ ପ୍ରକାର ପାଳିଜ୍ୱର, ପୁରାତନ, ନୂତନ ଓ ଏକ ଜ୍ୱର, ପ୍ଲୀହା ଯକୃତ, ଅଜୀର୍ଣ୍ଣ, ଅରୁଚି, ଶୀର୍ଣ୍ଣତା, ରକ୍ତହୀନତା, ଅପରିମିତ ଦୋଷ, ଶାରୀରିକ ଓ ମାନସିକ ଅବସନ୍ନତା ନିବାରିତ ହୁଏ ଏବଂ ଦେହ, ପରିପୁଷ୍ଟ ହୋଇ ରକ୍ତ ସଞ୍ଚାରିତ ହୁଏ । ଏକ ପକ୍ଷକାଳ ସେବନୀୟ, ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୬ । ଶୋଣିତସଞ୍ଜୀବନୀ ( ସାଲସା )—ଶୋଣିତ ମାନବଦେହର ପ୍ରଧାନ ଉପାଦାନ ଅଟେ । ଏହା ପରିଶୁଦ୍ଧ ନ ହେଲେ କୌଣସି ପ୍ରକାର ବ୍ୟାଧିର ଉପଶମ ହୋଇପାରେ ନାହିଁ । କିନ୍ତୁ ରକ୍ତ ଶୋଣିତ ସାମାନ୍ୟ ମାତ୍ର ଦୂଷିତ ହେଲେ ତହିଁରୁ କ୍ରମେ କ୍ରମେ ଶରୀରର ଯାବତୀୟ ରକ୍ତ ଦୂଷିତ ହୋଇ ନାନା ପ୍ରକାର ଭୀଷଣ ବ୍ୟାଧିର ଉତ୍ପତ୍ତି ହୁଏ । ଅପରିମିତ ଆହାର, ବିହାର ଅତିରିକ୍ତ ଶାରୀରିକ ଓ ମାନସିକ ପରିଶ୍ରମ, ଦୂଷିତ ଜଳବାୟୁ ପାରଦାଦି ଧାତୁଦୋଷ, ପ୍ରମେହ, ଉପଦଂଶ ଇତ୍ୟାଦି ହେତୁ ଶରୀରର ରକ୍ତ ଦୂଷିତ ହୋଇ ଉଠେ ଏବଂ ନାନାପ୍ରକାର କ୍ଷତ, କଣ୍ଡୁରା, ଖାଦୁ, ବଣ, ଗଣ୍ଠିବେଦନା, ନେତ୍ର ଓ କାନିକା ରୋଗ ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ରୋଗ ଓ ଲକ୍ଷଣମାନ ଜାତ ହୋଇ ମନୁଷ୍ୟକୁ ଅକର୍ମଣ୍ୟ କରି ଦିଏ । ଏହି ସୁଧା ବ୍ୟବହାର କଲେ ଉଲ୍ଲିଖିତ ଉପଦ୍ରବମାନ ଦୂରୀଭୂତ ହୋଇ ମାନବଦେହ ନବଜୀବନ ପ୍ରାପ୍ତ ଓ ଶୋଭାଯୁକ୍ତ ହୁଏ । ଗ୍ରୀଷ୍ମଋତୁରେ ମଧ୍ୟ ବଳାଧାନ ନିମନ୍ତେ ଏହା ଉପଯୋଗୀ । ନାନାପ୍ରକାର ଚର୍ମ୍ମରୋଗ, ବାତ ବୃଦ୍ଧି ଓ ଖଜୁରୀ ଏହା ସେବନରେ ଆରୋଗ୍ୟ ହୁଏ । ବାର ଦିବସ ସେବନୀୟ ଔଷଧର ମୂଲ୍ୟ ଦୁଇଟଙ୍କା ଆଠଅଣା ।

ବାଲୁବଜାର, କଟକ ଔଷଧଭଣ୍ଡାର । }　ଡାକ୍ତର । ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ । V. L. M. S.

Watches! Clocks! Time pieces! Repaired by an efficient workman the premises of the Cuttack Printing Company. Charge moderate.

# ଘଣ୍ଟିମରାମତି ।

**ନାନାପ୍ରକାର ଘଣ୍ଟା ବଡ଼ ଘଣ୍ଟି ଶକ୍ତିସମ୍ପନ୍ନ** ଉତ୍ତମରୂପେ ମରାମତ ହେବା ଓ ଯଥା ସମୟରେ ପାଇବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଆମ୍ଭେ ଘଡ଼ି ମରାମତର କାର୍ଯ୍ୟାରମ୍ଭ କରିଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରିବେ ।

ଘଡ଼ିର ଅବସ୍ଥା ଅନୁଯାୟୀ ୬ମାସଠାରୁ ୧ ବର୍ଷ ପର୍ଯ୍ୟନ୍ତ ଗ୍ୟାରେଣ୍ଟି ଦିଆଯିବ ଅର୍ଥାତ୍ ମରାମତି ଦୋଷରୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଘଡ଼ି ଖରାପ ହେଲେ ପୁନର୍ବାର ଦୂରସ୍ତ କରିଦିଆଯିବ ।

## ଗିଲ୍‌ଟି

ଘଡ଼ିର ଚେଇନ ବେଶ, ମୁଦି, ସୁଇଷ ସ୍ଵର୍ଣ୍ଣଜନିତ ଓ ଇନସେକ୍ଟରଙ୍କର ଉମର ହେବାରୁ ଓ ସେଗୁଡ଼ିକ, (ଉମାର ଓ ଚିଣ୍ଡିକର ନାନାବିଧ ଅଲଙ୍କାରାଦି ରୂପା ଅବା ସୁନାରେ; ରୂପାର ମୁଦି ଓ ସେର ଅଲଙ୍କାର ସୁନାରେ ) ଗିଲ୍‌ଟି କରି ଦିଆଯିବ ।

କଟକ ୧୭।୧୧।୮୯. }　ଶ୍ରୀ ଗୌରଚନ୍ଦ୍ର ଦେ

# ମେହରୋଗ ।

ସମସ୍ତ ସ୍ଥାନରେ ସମସ୍ତ ଜ୍ୱାଳା ପରିଣାମ ନାହିଁ ହେବ । ତୁରନ୍ତ ପ୍ରମେହ ରୋଗ ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଜୀବନ ଗୌରବ ନାଶ ହେବ ସାମାନ୍ୟ ଅର୍ଥବ୍ୟୟ କରିବେ ଜୀବନର ଆୟୁ ପରିତ୍ୟାଗ କରନ୍ତୁ ।

ଏହି ଔଷଧ ପରୀକ୍ଷାରେ ଏକପ୍ରକାର ସେବା କଲେ ନୂତନ ରୋଗ ଏବଂ ପୁରାତନ ପ୍ରମେହ ରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଷ୍ପ୍ରଭ ରହିଅଛନ୍ତି ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ଉପସର୍ଗରେ ପରିଣତ ନ ହେଲେ ଆଉ ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଆଜକାଲରେ ପୁସ୍ତକାକାରେ ପ୍ରକାଶ ହେବ କଲିକତା ଅବୈତନିକ ନମ୍ବର ବଜାରରେ ସି, କେ, ବଜ କମ୍ପାନୀଙ୍କଠାରେ ଏବଂ କଟକ କରସାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶିକୁ ଟ୨୲ ଙ୍କା । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନୀର ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେବ

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୫୭ ଶ | ... ସଂ ୪୧ ସଂଖ୍ୟା | ତା ୨୪ ... [illegible] ... | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩, ପଶ୍ଚାତ୍ ଦେୟ ଟ ୪,

ବାର୍ଷିକ ଦୁର୍ଗୋତ୍ସବ ମା ଦୁର୍ଗାଙ୍କ କୃପାରୁ ନିର୍ବିଘ୍ନରେ ଅତି ଆନନ୍ଦରେ ସମ୍ପନ୍ନ କରି ଅମ୍ଭେମାନେ ଅମ୍ଭମାନଙ୍କର ଗ୍ରାହକ ଅନୁଗ୍ରାହକ ଓ ପାଠକମାନଙ୍କୁ ପ୍ରୀତିସମ୍ଭାଷଣରେ ସାଦରେ ଯଥାବିଧିରେ ଅଭିବାଦନ କରି ପୁଣି କାର୍ଯ୍ୟ କ୍ଷେତ୍ରରେ ପ୍ରବେଶ କରୁଅଛୁଁ । ଆଶା କରୁଁ [illegible] କ୍ଷମା କରି ଉତ୍କଳଦୀପିକା ପ୍ରତି ପୂର୍ବାନୁରୂପ ସ୍ନେହ ଓ କୃପା ଅକ୍ଷୁର୍ଣ୍ଣ ରଖିବେ, ଅମ୍ଭେମାନେ ଜଗନ୍ମାତା ମହିଷମର୍ଦ୍ଦିନୀ ସିଂହବାହିନୀ ସର୍ବମଙ୍ଗଳା ନାରାୟଣୀଙ୍କ ନିକଟରେ ଏତିକି ନିବେଦନ କରୁଅଛୁଁ ଯେ ଅମ୍ଭେମାନେ ସ୍ୱକର୍ତ୍ତବ୍ୟକାର୍ଯ୍ୟରେ ବ୍ରତୀ ଥାଇ ଦୈନିକ ଉତ୍ସାହରେ ପୁଣି ତାଙ୍କ ସେବାରେ ଉପସ୍ଥିତ ହେଉଁ । ମା ଦୁର୍ଗାଙ୍କ କୃପାରୁ ହିନ୍ଦୁମାନଙ୍କ ଦଶହରାପର୍ବ ଅତି ସମାରୋହରେ ଓ କଲ୍ୟାଣରେ ସମାପ୍ତ ହେଲା । ଦଶହରା ଦିବସ ଆକାଶ ପରିଚ୍ଛନ୍ନ ଓ ... ଥିଲା । ମାଙ୍କ ସନ୍ତାନ ସନ୍ତତିମାନେ ଅତି ଉଲ୍ଲାସରେ ତାଙ୍କ ଚରଣସେବାରେ ନିମଗ୍ନ ଥିଲେ । ମାତାଙ୍କ ଦର୍ଶନ ଧନୀ, ଦୁଃଖୀ, ବୃଦ୍ଧ, ବୃଦ୍ଧା, ବାଳକ, ବାଳିକା, ଯୁବକ ଓ ଯୁବତୀ ସମସ୍ତେ ନିର୍ବିଘ୍ନରେ ପ୍ରୀତିପ୍ରଫୁଲ୍ଲମନରେ ପ୍ରାପ୍ତ ହୋଇଅଛନ୍ତି । ଆଶା କରୁଁ ତାଙ୍କର ପୁନରାଗମନ ପ୍ରତୀକ୍ଷାରେ ସମସ୍ତେ ଆନନ୍ଦଚିତ୍ତରେ କାଳକ୍ଷେପଣ କରିବେ ।

---

ବାଲେଶ୍ୱରରେ ଜିଲ୍ଲାସ୍କୁଲର ବାର୍ଷିକ ପୁରସ୍କାର ବିତରଣରେ ଉପସ୍ଥିତ ଭଦ୍ରଲୋକମାନଙ୍କ ମଧ୍ୟରୁ କେତେକ ଭଦ୍ରବ୍ୟକ୍ତି ଶିକ୍ଷକମାନଙ୍କୁ ପାରିତୋଷିକ ଦେଇଥିଲେ । ଏପରି ଉଦାହରଣ କେବଳ ବାଲେଶ୍ୱରରେ ଦୃଷ୍ଟ ହୁଏ । କଟକ-କଲେଜରେ ଏପରି ଦୃଷ୍ଟାନ୍ତ ଅନେକ ଥର [illegible] ପ୍ରଶଂସାର୍ହ ।

---

ସମ୍ବାଦପତ୍ରମାନଙ୍କରୁ ପ୍ରକାଶ ଯେ ତ୍ରିବାଙ୍କୁର ମହାରାଜା ଆଗାମୀ ବର୍ଷ ଆରମ୍ଭରେ ତୁଲା-ଭାରମ ଯଜ୍ଞ କରିବେ । ଏ ଯଜ୍ଞର ପ୍ରଧାନ କାର୍ଯ୍ୟ ଏହି କି ମହାରାଜାଙ୍କର ଦେହର ଓଜନ ଯେତେ ସୁବର୍ଣ୍ଣ ତୁଲ ହେବ ତାହା ସମସ୍ତ ଦାନ କରିବେ । ତ୍ରିବାଙ୍କୁରର ପ୍ରତ୍ୟେକ ମହାରାଜା ଏକଥର ଏ ଯଜ୍ଞ କରନ୍ତି ଏବଂ ଧନାଗାରର ଗର ଅନେକ ଊଣା ହୁଏ । ଏପରି ଅତି ଦାନଦ୍ୱାରା ସେଠା ଦୁଃସ୍ଥଲୋକଙ୍କର ଅନେକ ଉପକାର ହେଉଥିବ ।

---

ମଣିପୁରର ପଦଚ୍ୟୁତ ବା ପଦତ୍ୟାଗୀ ରାଜା ଶୂରଚନ୍ଦ୍ର ସିଂହ ଓ ତାହାଙ୍କର ବଂଶଧରମାନେ ରାଜ୍ୟରୁ ବଞ୍ଚିତ ହେଲେ । ଏଣିକି ରାଜା କେବଳ ଖୋରାକ ପାଇବେ । ପ୍ରଥମେ ମାସିକ ଟ ୧୦୦ ଙ୍କା ବୃତ୍ତି ଦେବାର କଥା ହୋଇଥିଲା ଖାଲି ଗବର୍ଣ୍ଣମେଣ୍ଟ ଅନୁଗ୍ରହ କରି ମାସିକ ଟ ୧୫୦ ଙ୍କା ଧାର୍ଯ୍ୟ କରିଅଛନ୍ତି । ସେ କେଉଁଠାରେ ରହିବେ ସ୍ଥିର ହୋଇ ନାହିଁ । ଏଥିରୁ ଅଧିକ କିଛି ଦେଇଥିଲେ ଭଲ ହୋଇଥାନ୍ତା । ଜଣେ ରାଜାପକ୍ଷରେ ଟ ୧୫୦ ଙ୍କା ଯଥେଷ୍ଟ ନୁହଇ ।

---

[illegible] ଏଥିପୂର୍ବେ ଘୋଷଣା ହୋଇଥିଲେ କି ଶିବପୁର ଇଞ୍ଜିନିୟରିଂ କଲେଜରୁ ଉତ୍ତୀର୍ଣ୍ଣ ହେବା ଛାତ୍ରମାନଙ୍କ ମଧ୍ୟରୁ ପ୍ରତି ବର୍ଷ ଜଣ ୪ ଙ୍କୁ ସରକାରୀ କାର୍ଯ୍ୟରେ ନିଯୁକ୍ତ କରିବେ । ପ୍ରତିବର୍ଷ ୪ ଟା କାର୍ଯ୍ୟ ଖାଲି ହେବାର ସମ୍ଭବ ମନେ କରି ଉକ୍ତ ଘୋଷଣା ପ୍ରଚାରିତ ହୋଇଥିଲା ମାତ୍ର ଏଥିରୁ ଜଣା ଗଲା ଯେ ପ୍ରତିବର୍ଷ ସେତେ ଲୋକ ପ୍ରୟୋଜନ ହୁଅନ୍ତି ନାହିଁ । ଅତଏବ ଉକ୍ତ ଘୋଷଣା ପରିବର୍ତ୍ତରେ ବର୍ତ୍ତମାନ ପ୍ରକାଶ କରିଅଛନ୍ତି କି ଯେତେ କାର୍ଯ୍ୟ ଖାଲି ହେବ ସେତେ ଜଣଙ୍କୁ ନିଯୁକ୍ତ କରିବେ ।

---

ଏଠା କଟକ ରେଭେନ୍ସାକଲେଜର ଅସିଷ୍ଟାଣ୍ଟ ପ୍ରୋଫେସର ବାବୁ ଅଟଳାନନ୍ଦ ଚଟ୍ଟୋପାଧ୍ୟାୟ ଚଟ୍ଟଗ୍ରାମ କଲେଜର ପ୍ରଧାନ ଶିକ୍ଷକପଦରେ ନିଯୁକ୍ତ ହୋଇଅଛନ୍ତି । ଦଶହରା ଛୁଟି ଉତ୍ତାରେ ସେ ସେଠାରେ ଉପସ୍ଥିତ ହେବେ । ବାବୁ ମହୋଦୟ ଏଠା ପ୍ରିନ୍ସିପଲ ଏଜର ସାହେବଙ୍କର ପ୍ରଧାନ ଅଙ୍ଗ ଥିଲେ । ତାଙ୍କର ବଦଳଆଜ୍ଞା ପାଠ କରି

Digitized by srujanika@gmail.com

Split by PDF Splitter



କେହି୨ ବଡ଼ ଦୁଃଖିତ ହୋଇଥିବେ କିନ୍ତୁ ସାଧାରଣର ଅସନ୍ତୋଷର କାରଣ କିଛି ନାହିଁ ଓ ଏକବ୍ୟକ୍ତି ଏକସ୍ଥାନରେ ବିଂଶତ ବର୍ଷରୁ ଅଧିକ କାର୍ଯ୍ୟ କରି ଅବଶେଷରେ ସ୍ଥାନାନ୍ତରିତ ହେବାରୁ ଜଣାଯାଉଅଛି ଯେ ଏ ।ଉ। ଅବଶ୍ୟ କୌଣସି ବିଶେଷ କାରଣ ଅଛି ଅମ୍ଭେମାନେ ସେଥିନିମନ୍ତେ ବଡ଼ ଦୁଃଖିତ ହେଲୁଁ ।

ପରିଶେଷରେ ଅମ୍ଭମାନଙ୍କର ପ୍ରାର୍ଥନା ଯେ ଡାଇରେକ୍ଟର ମହୋଦୟ ଏଠାକୁ ଗୋଟିଏ ଉତ୍ତମ କର୍ମଚାରୀ ପ୍ରେରଣ କରି ଏଠା କଲେଜର ଉନ୍ନତ କରନ୍ତୁ ।

---

ସଞ୍ଜିବନୀରେ ପାଠକଲୁଁ କି କଲିକତା ମିର୍ଜାପୁର ନ ୧୬ ର ଭବନନିବାସୀ ବାବୁ ବିନୋଦବିହାରୀ ଚକ୍ରବର୍ତ୍ତୀ "କୁଷ୍ଠାଦି ସେବନ ତୈଳ ଏବଂ ଔଷଧ" ବିକ୍ରୟ କରୁଅଛନ୍ତି ଏବଂ ତଦ୍ଦ୍ୱାରା ଉପକାର ହେଉଅଛି । ଏକଜଣ ସମ୍ଭ୍ରାନ୍ତ ବ୍ୟକ୍ତି ଦୀର୍ଘକାଳ ଏହି ଔଷଧ ବ୍ୟବହାରଦ୍ୱାରା ଆରୋଗ୍ୟ ଲାଭ କରିଅଛନ୍ତି । ଏହାଙ୍କର ଗଳିତ କୁଷ୍ଠରୋଗ ହୋଇଥିଲା । ଏବ୍ୟକ୍ତି ସହଯୋଗୀ କାର୍ଯ୍ୟାଳୟକୁ ଆସି ଔଷଧର ପ୍ରତ୍ୟକ୍ଷ ଗୁଣ ଦେଖାଇଥିଲେ । ଏପରି ସିଟିକଲେଜର ପ୍ରିନସିପାଲ ବାବୁ ଉମେଶଚନ୍ଦ୍ର ଦତ୍ତ ମହାଶୟ ସହଯୋଗୀଙ୍କୁ କହିଅଛନ୍ତି ଯେ ତାହାଙ୍କର ଜଣେ ପରିଚିତ ବ୍ୟକ୍ତି ଏହି ଔଷଧଦ୍ୱାରା ଆରୋଗ୍ୟଲାଭ କରିଅଛନ୍ତି । ଅତଏବ କୁଷ୍ଠରୋଗାକ୍ରାନ୍ତବ୍ୟକ୍ତିଙ୍କୁ ଏହି ଔଷଧ ପରୀକ୍ଷା କରିବା କାରଣ ଅମ୍ଭେମାନେ ଅନୁରୋଧ କରୁଅଛୁଁ ।

---

ଜଗତସିଂହପୁର ଅଞ୍ଚଳରେ ଅନାବୃଷ୍ଟି ହେତୁ ଶସ୍ୟହାନିର ଆଶଙ୍କା ହେଉଅଛି । ଯେଉଁଜମିକୁ ନାଳପାଣି ଦିଆ ଅସମ୍ଭବ, ସେହିପରି ଜମିମାନ ସମ୍ପୂର୍ଣ୍ଣରୂପେ ଶୁଖିଯାଇ ଅଛି । ବୃଷ୍ଟି ହେଲେ ଯେଉଁ ମଉଜାର ନାଳଜଳ ପ୍ରୟୋଜନ ହୁଅନ୍ତା ନାହିଁ, ବୃଷ୍ଟିଅଭାବରୁ ସେରୂପ ଅନେକ ମଉଜାର ଚାଷିମାନେ ନାଳଜଳ କବୁଲିୟତ କରୁଅଛନ୍ତି । ଏକସପ୍ତାହ ମଧ୍ୟରେ ସେ ଅଞ୍ଚଳରେ ବୃଷ୍ଟି ନହେଲେ ଅଧିକାଂଶ ଜମିର ସମ୍ପୂର୍ଣ୍ଣରୂପେ ଶସ୍ୟ ନଷ୍ଟ ହେବ । ଗୋଟିଏ ପ୍ରଦେଶମଧ୍ୟରେ ଦଶ ପାଞ୍ଚ କୋଶ ଅନ୍ତରବିଶିଷ୍ଟ ସ୍ଥାନରେ ଶସ୍ୟହାନି ହେଲେ ସେଠାରେ ଦୁର୍ଭିକ୍ଷର ଆଶଙ୍କା କରଯାଇ ନପାରେ କିନ୍ତୁ ଖାଦ୍ୟଦ୍ରବ୍ୟ ମହାର୍ଘ୍ୟ ହେବ ଓ ଅନେକଲୋକ କଷ୍ଟ ଭୋଗ କରିବେ ଏଥିରେ ସନ୍ଦେହ ନାହିଁ । ଜଗତସିଂହପୁର ଅଞ୍ଚଳର ଯେରୂପ ଦଶା ଉପସ୍ଥିତ ହୋଇଅଛି, ଆଉ ଅନେକ ସ୍ଥାନରେ ମଧ୍ୟ ନ୍ୟୂନାଧିକ ପରିମାଣରେ ତଦ୍ରୂପ ଦଶା । ମୋଫସଲର ନାନାସ୍ଥାନରୁ ଲୋକ ଆସି ଏନଗରରୁ ଗ୍ରସି୨ ସେଣା ପାଣି କୃହା-ବା ନିମନ୍ତେ କ୍ରୟ କରି ନେଉଅଛନ୍ତି ।

---

ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ଜଷ୍ଠା ବାମଣ୍ଡା ବ୍ରିଟିସଗଭର୍ଣ୍ଣମେଣ୍ଟର ନୁହଇ ବୋଲି ସରକାରୀ ଡାକଘର ଆଇନ ସେଠାରେ ପ୍ରଚଳିତ ନାହିଁ । ବାମଣ୍ଡାର ରାଜା ଆପେ ଡାକଘର ବସାଇ ଚିଠିପତ୍ର ଓ ପାର୍ସଲ ଇତ୍ୟାଦି ଉପରେ ଆପଣା ଇଚ୍ଛାମତେ ମାସୁଲ ଆଦାୟ କରନ୍ତି । ଚିଠିପତ୍ରର ମାସୁଲ ସରକାରୀ ଡାକଠାରୁ ଭଲରେ ନ୍ୟୁନ ଯାଏ ମାତ୍ର ପାରସଲ ଇତ୍ୟାଦିର ଭଡ଼ା କିଛି ଉଣା ଅଟଇ । ବାମଣ୍ଡା କଟକର ସୀମାମଧ୍ୟରେ ଯେ ସବୁ ଚିଠିପତ୍ର ଗତାୟାତ କରଇ ତହିଁ ପାଇଁ ସେଠାଲୋକଙ୍କୁ ଅଧିକ ମାସୁଲ ପଡ଼ଇ ନାହିଁ ମାତ୍ର ବାମଣ୍ଡାବାସିମାନେ ଅନ୍ୟାନ୍ୟ ସ୍ଥାନକୁ ଡାକରେ କିଛି ପଠାଇଲେ କିମ୍ବା କିଛି ପାଇଲେ ତହିଁ ସକାଶେ ସେମାନଙ୍କ ସରକାରୀ ଏବଂ ରାଜାଙ୍କର ଏପରି ଦୋହରା ଡାକମାସୁଲ ଦେବାକୁ ପଡ଼ଇ । ଓଡ଼ିଶା ଗଡ଼ଜାତ ରାଜାମାନେ ସରକାରୀ ଡାକମହଲମାନଙ୍କୁ ଖର୍ଚ୍ଚା ଦେଇ ଆପଣା୨ ରାଜ୍ୟରେ ସରକାରୀ ଡାକ ବସାଇ ଥିବାରୁ ସେମାନଙ୍କ ପ୍ରଜାମାନଙ୍କୁ ଅଧିକା ଡାକମାସୁଲ ଦେବାକୁ ହୁଅଇ ନାହିଁ । ଏ ଅଂଶରେ ବାମଣ୍ଡାର ଲୋକଙ୍କଠାରୁ ଏଠା ଗଡ଼ଜାତଲୋକଙ୍କର ଅବସ୍ଥା ଭଲ ବୋଲିବାକୁ ହେବ । ବାମଣ୍ଡା ଗୋଟିଏ ଉନ୍ନତ ରାଜ୍ୟ ବୋଲି ଖ୍ୟାତ । ସେଠାରେ ଡାକଘରର ବ୍ୟବସ୍ଥା ଏପରି ହେବା ଶୋଭନୀୟ ନୁହଇ । ରାଜା ଇଚ୍ଛା କଲେ ଡାକଘରର ସାମାନ୍ୟ ବ୍ୟୟ ଆପେ ବହାଇ ଲୋକଙ୍କୁ ଦୋହରା ମାସୁଲରୁ ଅନାୟାସରେ ଅବ୍ୟାହତି ଦେଇ ପାରନ୍ତି ।

---

ଅମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ସମ୍ବଲପୁରହିତୈଷିଣୀରେ ପାଠକଲୁଁ କି ସୋନପୁରର ରାଜା ନୀଳାଧର ସିଂହ ଦେବ ବାହାଦୁର ଗତମାସ ତା ୧୧ ରିଖରେ କାଳଗ୍ରାସରେ ପତିତ ହେଲେ । ଏହାଙ୍କର ବୟଃକ୍ରମ ୭୫।୭୬ ବର୍ଷ ହୋଇଥିଲା । କିନ୍ତୁ ଅତ୍ୟନ୍ତ ବଳିଷ୍ଠ ଏବଂ ଦ୍ୟା-ଯାମପନ୍ତ ସ୍ୱଭାବ ଦେଖିବାରେ ତହିଁରୁ ଅଳ୍ପ ବୟସପରି ଜଣାଯାଉଥିଲେ । ମୃତ୍ୟୁର ପ୍ରାୟ ଛମାସ ପୂର୍ବରୁ ସେ ପୀଡ଼ିତ ଥାଇଁ ଶେଷରେ ଜ୍ୱର ଏବଂ ଅତିସାର ରୋଗରେ ପ୍ରାଣ ହରାଇଲେ । ଏ ରାଜା ବଡ଼ ସୁଖ୍ୟାତି ସହିତ ରାଜ୍ୟଶାସନ କରୁଥିଲେ । ଏବଂ ଇଂରାଜୀଭାଷାରେ ଲିଖନ ପଠନ ଓ କଥୋପକଥନ କରି ପାରୁଥିବାରୁ ଇଂରାଜହାକିମମାନଙ୍କ ସଙ୍ଗେ, ଅଧିକ ମିଶି ପାରୁଥିଲେ । ଧର୍ମ ପ୍ରତି ଏହାଙ୍କର ଆସ୍ଥା ନ ଥିଲା । ଏବଂ ସ୍ୱେଚ୍ଛାଚାରରୂପେ ବ୍ୟୟ କରୁଥିବାରୁ ଅନେକଙ୍କର ଅଶ୍ରଦ୍ଧାର ସ୍ଥଳ ହୋଇଥିଲେ । ଏପରି ରାଜାଙ୍କର ପରଲୋକଗମନ ଅତୀବ ଅଧିକ ଦୁଃଖର ବିଷୟ ଅଟଇ ।

ଏହାଙ୍କର ଜ୍ୟେଷ୍ଠପୁତ୍ର ଅର୍ଥାତ୍ ଯୁବରାଜ ପ୍ରତାପରୁଦ୍ର ସିଂହ ସୋନପୁରର ରାଜସିଂହାସନ ଅଧିରୋହଣ କରିଅଛନ୍ତି । ଏହାଙ୍କର ମାତୃଭାଷା ଛଡ଼ା ସଂସ୍କୃତ ଓ ଇଂରାଜୀଭାଷାରେ ଅଧିକାର ଅଛି ଏବଂ ପିତାଙ୍କ ସମୟରୁ ମାନେଜମେଣ୍ଟର କାର୍ଯ୍ୟ କରି ଆସୁଥିବାରୁ ଶାସନକାର୍ଯ୍ୟରେ ମଧ୍ୟ ପାରଦର୍ଶୀ ହୋଇଅଛନ୍ତି । ଅମ୍ଭେମାନେ ପରମେଶ୍ୱରଙ୍କଠାରେ ପ୍ରାର୍ଥନା କରୁଅଛୁଁ କି ନୂତନ ରାଜା ଦୀର୍ଘଜୀବୀ ହୋଇ ସ୍ୱରାଜ୍ୟର ସୁଶାସନ ଏବଂ ସାଧାରଣ ହିତକାର୍ଯ୍ୟରେ ରତ ହେବାହେତୁ ଯଶୋଲାଭ କରନ୍ତୁ ଏବଂ ଏହାଙ୍କଯୋଗେ ଉତ୍କଳର ମୁଖ ଉଜ୍ଜ୍ୱଳ ହେଉ ।

---

ଏଠା ଦେୱାନୀ ଅଦାଲତର ଜଣେ ବଡ଼ ଓକିଲ ବାବୁ ନଗେନ୍ଦ୍ରନାଥ ଭଟ୍ଟାଚାର୍ଯ୍ୟ ହନନାର ଜଣେ ଯକ୍ତାର ଓକିଲ ସ୍ୱରୂପ ଇଂରାଜୀରେ ଏକ ଦରଖାସ୍ତ କଲିକତାର ରେଭେନ୍ୟୁବୋର୍ଡକୁ ପଠାଇ ଥିଲେ । ଉକ୍ତ ଦରଖାସ୍ତରେ ଦରଖାସ୍ତକାରୀର ଜମିଦାରୀର ଗୁଡ଼ାଏ ସଙ୍ଗେ ଜନକାର୍ଯ୍ୟଣୀଙ୍କର କଥା ଲେଖାଥିଲା । ଏଦରଖାସ୍ତ ସ୍ଥାନୀୟ ତଦନ୍ତ ନିମନ୍ତେ ଆସିବାରୁ ଦରଖାସ୍ତକାରୀ ଦରଖାସ୍ତଲିଖିତ କଥାମାନ ଓକିଲଙ୍କୁ କହିଥିବାର ନାମଞ୍ଜୁର । ଓକିଲ ମହାଶୟ ମକ୍କେଲର ଅଜ୍ଞାତସାରରେ ଏପରି ଦରଖାସ୍ତ ପଠାଇବାରୁ ସେ ଓକିଲ ମୁକ୍ତାର-ସମ୍ବନ୍ଧୀୟ ଆଇନାନୁସାରେ କାହିଁକି ଦୋଷୀ ନ ହେବେ ଏଥିର କାରଣ ନିମନ୍ତେ ଏଠାର କଲେକ୍ଟର ସାହେବ ତାଙ୍କ ନାମରେ ନୋଟିସ ଜାରି କରି ମୋକଦ୍ଦମା ଦାଏର କଲେ ଏକ ସାକ୍ଷିଙ୍କ ଯୋବାନବନ୍ଦି ଓ ଉଭୟପକ୍ଷର ଓକିଲଙ୍କ

Digitized by srujanika@gmail.com